

ସଚିନଙ୍କ ବିଶାଳ ରେକର୍ଡ ଭାଙ୍ଗିଲେ ଜୋ ରୁଟ୍ ପୃଷ୍ଠା ୭

# ସଂଚାର
THE SANCHAR

ପ୍ରତିଷ୍ଠାତା: ଡାକ୍ତର ଦାମୋଦର ରାଉତ

Website: sanchar.live mail Id: sancharodisha@gmail.com
RNI NO :ODIODI/2001/04811 Postal Regd No : BN/249/15-17

Vol. 32 | ISSUE 248 | ଭାଗ ୩୨ | ସଂଖ୍ୟା ୨୪୮ | Bhubaneswar | Monday 2 December 2024 | Page 8 Rs. 4.00 | ଭୁବନେଶ୍ୱର | ସୋମବାର ୨ ଡିସେମ୍ବର ୨୦୨୪ | ୮ ପୃଷ୍ଠା, ମୂଲ୍ୟ ୪ ଟଙ୍କା




୩୫ ତମ କୋଣାର୍କ ଉତ୍ସବକୁ ପ୍ରଦୀପ ପ୍ରଜ୍ଜ୍ୱଳନ କରି ଉଦ୍‌ଘାଟନ କରୁଛନ୍ତି ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ।

## ଇ-ଚାଲାଣ କଟିଥିବା ଗାଡ଼ି ମାଲିକଙ୍କୁ ଆଶ୍ୱସ୍ତି

**ଭୁବନେଶ୍ୱର,୧।୧୨ (ସଂଚାର ବ୍ୟୁରୋ):** ଟ୍ରାଫିକ୍ ନିୟମ ଉଲ୍ଲଂଘନ ଅଭିଯୋଗରେ ଇ-ଚାଲାଣ କଟିଥିବା ଗାଡ଼ି ମାଲିକଙ୍କୁ ମିଳିପାରେ ଆଶ୍ୱସ୍ତି। ସରକାର ଆଣିପାରନ୍ତି ୱାନ୍ ଟାଇମ୍ ସେଟେଲମେଣ୍ଟ (ଓଟିଏସ୍) ବ୍ୟବସ୍ଥା। ଓଟିଏସ୍ ପରେ କଡ଼ାକଡ଼ି ହେବ ନିୟମ। ଚାଲାଣ ଅର୍ଥ ଆଦାୟ ପାଇଁ କୋର୍ଟରୁ ପଠାଯିବ ସମନ। ପରିବାହନ ବିଭାଗର ତଥ୍ୟ ଅନୁସାରେ ୨୦୨୦ରୁ



୨୦୨୪ ମଧ୍ୟରେ ରାଜ୍ୟରେ ଇ-ଚାଲାଣ ବାବଦକୁ ଆଦାୟ ହୋଇ ନ ପାରି ପଡ଼ି ରହିଛି ୧୨ ଶହ ୧୫ କୋଟି ଟଙ୍କା। ୨୯ ଲକ୍ଷ ୭୭ ହଜାର ୭୧୮ଟି ଇ-ଚାଲାଣ ବାବଦକୁ ପରିବହନ ବିଭାଗରେ ଜରିମାନା ଦାଖଲ କରି ନାହାନ୍ତି ଗାଡ଼ି ମାଲିକ। ଏତେ ପରିମାଣର ଅନାଦାୟ ଜରିମାନ ଅର୍ଥ ଆଦାୟ କରିବାକୁ ଏବେ ୱାନ୍ ଟାଇମ୍ ସେଟେଲମେଣ୍ଟ ➪ପୃଷ୍ଠା-୬

### ମୋଦୀ ମନ୍ତ୍ର

- ସ୍ମାର୍ଟ ହେଉ ଦେଶର ପୋଲିସ ବ୍ୟବସ୍ଥା
- ସାଇବର କ୍ରାଇମ୍ ମୁକାବିଲା ପାଇଁ ଡବଲ ଏଆଇର ବ୍ୟବହାର କରନ୍ତୁ
- ବିକଶିତ ଭାରତ ଢାଞ୍ଚାରେ ପୋଲିସ ଆଧୁନିକୀକରଣକୁ ଗୁରୁତ୍ୱ

## ଚ୍ୟାଲେଞ୍ଜକୁ ସୁଯୋଗରେ ପରିଣତ କର

**ଭୁବନେଶ୍ୱର,୧।୧୨ (ସଂଚାର ବ୍ୟୁରୋ):** ସାଂପ୍ରତିକ ସମୟରେ ଡିଜିଟାଲ ଠକେଇ, ସାଇବର ଅପରାଧ ଓ ଅପରାଧୀଙ୍କ ଦ୍ୱାରା ଏଆଇ ଟେକ୍ନୋଲୋଜିର ବ୍ୟବହାର ପୋଲିସ ବ୍ୟବସ୍ଥା ପାଇଁ ଏକ ବଡ଼ ଚ୍ୟାଲେଞ୍ଜ। ଏପରିକି ଡିପ-ଫେକ ଦ୍ୱାରା ଅପରାଧୀମାନେ ପାରିବାରିକ ଓ ସାମାଜିକ ସମ୍ପର୍କକୁ ପ୍ରଭାବିତ କରୁଛନ୍ତି ଅପରାଧୀ। ଏଭଳି ସମୟରେ ପୋଲିସ ବ୍ୟବସ୍ଥାର ନେତୃତ୍ୱ ନେଉଥିବା ଅଧିକାରୀମାନେ ଏହି ଚ୍ୟାଲେଞ୍ଜକୁ




ଏକ ସୁଯୋଗ ଭଳି ବ୍ୟବହାର କରିବାକୁ ପରାମର୍ଶ ଦେଇଛନ୍ତି ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି। ଏଥିପାଇଁ ପୋଲିସ ଦେଶର ଡବଲ ଏଆଇ ଶକ୍ତି- ଏଆଇ ଓ ଆକାଂକ୍ଷୀ ଭାରତର ବ୍ୟବହାର କରି ଅପରାଧୀଙ୍କ ମୁକାବିଲା କରିବାକୁ ପ୍ରଧାନମନ୍ତ୍ରୀ ଡିଜିପି ସମ୍ମିଳନୀର ଉଦ୍‌ଯାପନୀ ସନ୍ଧ୍ୟାରେ କହିଛନ୍ତି।

ତିନି ଦିନ ଧରି ଭୁବନେଶ୍ୱରରେ ଚାଲିଥିବା ଡିଜିପି ସମ୍ମିଳନୀରେ ଦେଶର ସୁରକ୍ଷାକୁ ନେଇ ରଣନୀତି ପ୍ରସ୍ତୁତ ହୋଇଛି। ଉଭୟ ପ୍ରଧାନମନ୍ତ୍ରୀ ଓ ଗୃହମନ୍ତ୍ରୀ ଅମିତ ଶାହ ସବୁ ରାଜ୍ୟର ସୁରକ୍ଷା ମୁଖ୍ୟଙ୍କ ସହ ଆଲୋଚନା କରିଛନ୍ତି। ଦେଶର ଆଭ୍ୟନ୍ତରୀଣ ଓ ବର୍ହି ସୁରକ୍ଷାକୁ ନେଇ ଦେଖାଇଥିବା ବିପଦ ଏବଂ ଏହାର ମୁକାବିଲା ପାଇଁ ପ୍ରସ୍ତୁତ ହୋଇଥିବା ରଣନୀତି ବାବଦରେ ବିଷଦ ଭାବେ ଆଲୋଚନା ହୋଇଛି।

ଉଦ୍‌ଯାପନୀ ଅଧିବେଶନରେ ପ୍ରଧାନମନ୍ତ୍ରୀ ଗୁଇନ୍ଦା ବିଭାଗର ଅଧିକାରୀମାନଙ୍କୁ ଉଲ୍ଲେଖନୀୟ ସେବା ପାଇଁ ରାଷ୍ଟ୍ରପତି ପୁଲିସ ପଦକ ବଣ୍ଟନ କରିଛନ୍ତି।

ପ୍ରଧାନମନ୍ତ୍ରୀ ତାଙ୍କ ଅଭିଭାଷଣରେ ସ୍ମାର୍ଟ ପୁଲିସ ପ୍ରଶାସନର ମନ୍ତ୍ରକୁ ଅଧିକ ବିସ୍ତାର କରିବା ସହ ପୁଲିସକୁ ରଣନୀତିକ, ନିଷ୍ଠାପର, ଅନୁକୂଳ, ବିଶ୍ୱସନୀୟ ଓ ସ୍ୱଚ୍ଛ ହେବାକୁ ଆହ୍ୱାନ ଦେଇଛନ୍ତି। ସହରାଞ୍ଚଳ ପୁଲିସ ବ୍ୟବସ୍ଥାରେ ଗ୍ରହଣ ଯାଇଥିବା ପଦକ୍ଷେପକୁ ପ୍ରଶଂସା କରି ଦେଶର ୧୦୦ଟି ସହରରେ ପ୍ରତ୍ୟେକ ପଦକ୍ଷେପକୁ ସମ୍ପୂର୍ଣ୍ଣ ରୂପେ କାର୍ଯ୍ୟକାରୀ କରିବାକୁ ସେ ପରାମର୍ଶ ଦେଇଥିଲେ। ପୁଲିସ ବାହିନୀର କାର୍ଯ୍ୟଭାର ହ୍ରାସ କରିବା ନିମନ୍ତେ ପ୍ରଯୁକ୍ତିର ବ୍ୟବହାର ପାଇଁ ସେ ଆହ୍ୱାନ ଦେବା ସହ ଥାନାକୁ ସମ୍ବଳ ଆବଣ୍ଟନର କେନ୍ଦ୍ର ବିନ୍ଦୁ କରିବାକୁ ପରାମର୍ଶ ଦେଇଥିଲେ। ପ୍ରଧାନମନ୍ତ୍ରୀ ଏକ ଜାତୀୟ ପୁଲିସ ହାକାଥନ ଆୟୋଜନ, ବନ୍ଦର ସୁରକ୍ଷାକୁ ଗୁରୁତ୍ୱ ଏବଂ ଏଥିପାଇଁ ଭବିଷ୍ୟତ କାର୍ଯ୍ୟ ଯୋଜନା ପ୍ରସ୍ତୁତ କରିବାର ଆବଶ୍ୟକତା ଉପରେ ମଧ୍ୟ ଆଲୋକପାତ କରିଥିଲେ।ସ୍ୱରାଷ୍ଟ୍ର ମନ୍ତ୍ରଣାଳୟ ପ୍ରତି ସର୍ଦ୍ଦାର ବଲ୍ଲଭଭାଇ ପଟେଲଙ୍କ ଅତୁଳନୀୟ ଅବଦାନକୁ ପ୍ରଧାନମନ୍ତ୍ରୀ ସ୍ମରଣ କରିଥିଲେ। ସମଗ୍ର ସୁରକ୍ଷା ପ୍ରତିଷ୍ଠାନରେ ଆସନ୍ତା ବର୍ଷ ତାଙ୍କର ୧୫୦ତମ ଜୟନ୍ତୀରେ ଶ୍ରଦ୍ଧାଞ୍ଜଳି ଅର୍ପଣ କରିବାକୁ ଆହ୍ୱାନ ଦେଇ ସେ କହିଥିଲେ, ପୁଲିସ ଭାବମୂର୍ତ୍ତି, ପେସାଦାର ମନୋଭାବରେ ସୁଧାର ଏବଂ ସାମର୍ଥ୍ୟ ବିକାଶ ପାଇଁ ଲକ୍ଷ୍ୟ ନିର୍ଦ୍ଧାରଣ ଓ ହାସଲ କରାଯାଇପାରିଲେ ସର୍ଦ୍ଦାର ➪ପୃଷ୍ଠା-୬

## ୨୦୩୦ ସୁଦ୍ଧା ରାଜ୍ୟ ହେବ ଏଡ୍ସ ମୁକ୍ତ



**ଭୁବନେଶ୍ୱର,୧।୧୨ (ସଂଚାର ବ୍ୟୁରୋ):** ରାଜ୍ୟରେ ଏଡ୍ସ ରୋଗୀଙ୍କୁ ନେଇ ଚିନ୍ତା ଘାରିଛି। ରାଜ୍ୟରେ ବର୍ତ୍ତମାନ ସକ୍ରିୟ ଏଡ୍ସ ଆକ୍ରାନ୍ତଙ୍କ ସଂଖ୍ୟା ୫୦ ହଜାର ରହିଛି ବୋଲି ସ୍ୱାସ୍ଥ୍ୟମନ୍ତ୍ରୀ ମୁକେଶ ମହାଲିଙ୍ଗ ସୂଚନା ଦେଇଛନ୍ତି।

ବିଶ୍ୱ ଏଡ୍ସ ଦିବସ ଅବସରରେ ରବିବାର ସ୍ୱାସ୍ଥ୍ୟ ମନ୍ତ୍ରୀ ଡ. ମହାଲିଙ୍ଗ କହିଛନ୍ତି, ଗଞ୍ଜାମ ଜିଲାରେ ସର୍ବାଧିକ ୨୦ ହଜାର ଏଡ୍ସ ରୋଗୀ ଥିବାବେଳେ ସୁବର୍ଣ୍ଣପୁରରେ ସର୍ବନିମ୍ନ ୧୫୦ ଏଡ୍ସ ରୋଗୀ ଅଛନ୍ତି। ଗଞ୍ଜାମ ବ୍ୟତିତ କଟକ, ଖୋର୍ଦ୍ଧା ସମେତ ୪ ଜିଲ୍ଲାରେ ଅଧିକ ଏଡ୍ସ ରୋଗୀ ଅଛନ୍ତି। ଆଉ ରାଜ୍ୟରେ ବିଶେଷ ଏଡ୍ସ ରୋଗୀ ଚିହ୍ନଟ ହେଉନାହାନ୍ତି। ୨୦୩୦ ସୁଦ୍ଧା କେହି ଏଡ୍ସ ଆକ୍ରାନ୍ତ ଯେପରି ନ ହୁଅନ୍ତି ସେଥିପ୍ରତି ଧ୍ୟାନ ଦିଆଯିବ ବୋଲି ମନ୍ତ୍ରୀ ସୂଚନା ଦେଇଛନ୍ତି।ଏହାସହିତ ଚଳିତ ଆର୍ଥିକ ବର୍ଷରେ ରାଜ୍ୟରେ ଲାଗୁ ହେବ ଆୟୁଷ୍ମାନ ଭାରତ ଯୋଜନା। ସ୍ୱାସ୍ଥ୍ୟମନ୍ତ୍ରୀ ମହାଲିଙ୍ଗ କହିଛନ୍ତି, ଗୋପବନ୍ଧୁ ଆରୋଗ୍ୟ ଯୋଜନା ସହ ଆୟୁଷ୍ମାନ ଭାରତ ଯୋଜନା ପାଇଁ ମିଳିତ ଭାବେ ଏମଓୟୁ ସ୍ୱାକ୍ଷର କରାଯିବ। ପ୍ରାୟ ସାଢେ ୩ କୋଟି ଲୋକଙ୍କୁ ସ୍ୱତନ୍ତ୍ର କାର୍ଡ ଦିଆଯିବ। ଆୟୁଷ୍ମାନ ହିତାଧିକାରୀ କାଶ୍ମୀରରୁ କନ୍ୟାକୁମାରୀ ପର୍ଯ୍ୟନ୍ତ ୨୭ ହଜାର ହସ୍ପିଟାଲରେ ଚିକିତ୍ସା ସୁଯୋଗ ପାଇବେ। ଏତଦ୍‌ଭିନ୍ନ ସରକାରୀ ହସ୍ପିଟାଲରେ ରେଡିଓଗ୍ରାଫର୍ ରହିବେ ବୋଲି ମନ୍ତ୍ରୀ ସୂଚନା ଦେଇଛନ୍ତି। ୨୫୦ ଜଣ ରେଡିଓଗ୍ରାଫରଙ୍କୁ ଦିଆଯିବ ନିଯୁକ୍ତିପତ୍ର। ରେଡିଓଗ୍ରାଫି ଦ୍ୱାରା ସ୍ୱାସ୍ଥ୍ୟ କ୍ଷେତ୍ରରେ ଉନ୍ନତି ହେବ।

ଆଗାମୀ ଦିନରେ ଅଧିକ ପଦବୀ ବାହାର କରିବାକୁ ଲକ୍ଷ୍ୟ ରଖିଛି ବିଭାଗ। ସର୍ଭିକାଲ କ୍ୟାନସର ସଚେନତନତା ଆଗାମୀ ଦିନରେ ବଡ଼ କାର୍ଯ୍ୟକ୍ରମ କରିବ ସ୍ୱାସ୍ଥ୍ୟ ବିଭାଗ। ସ୍କୁଲ କଲେଜରେ କ୍ୟାମ୍ପ ସହ ଟୀକାକରଣ ବ୍ୟବସ୍ଥା ହେବ। ସର୍ଭିକଲ କ୍ୟାନ୍ସର କେମିତି କିଶୋରୀମାନଙ୍କ କ୍ଷେତ୍ରରେ ରୋକାଯାଇ ପାରିବ ତାକୁ ନେଇ ବ୍ୟାପକ ଟିକାକରଣ ହେବ । ଏହା ସହ ସମ୍ପୂର୍ଣ୍ଣ ଦେୟ ମୁକ୍ତ କ୍ୟାମ୍ପ ଓ ଟୀକାକରଣ କରାଯିବ। ସ୍କୁଲ ଓ କଲେଜରେ ଟୀକା ଦେବାକୁ ବ୍ୟବସ୍ଥା କରାଯିବ ବୋଲି ମନ୍ତ୍ରୀ ସୂଚନା ଦେଇଛନ୍ତି ।

**ଚଳିତ ଆର୍ଥିକ ବର୍ଷରେ ଲାଗୁ ହେବ ଆୟୁଷ୍ମାନ ଭାରତ**

## ୩୦ ବର୍ଷର ରେକର୍ଡ ଭାଙ୍ଗିଲା ବର୍ଷା

**ପଣ୍ଡିଚେରୀ,୧।୧୨:** ବାତ୍ୟା ଫେଙ୍ଗାଲ ଶନିବାର ରାତିରେ ପଣ୍ଡିଚେରୀରେ ସ୍ଥଳଭାଗ ଛୁଇଁବା ପରେ ଅଭୂତପୂର୍ବ ବର୍ଷା ସାଙ୍ଗକୁ ବ୍ୟାପକ କ୍ଷୟକ୍ଷତି ଘଟିଛି। ଫଳରେ ଅଞ୍ଚଳରେ ସାଧାରଣ ଜୀବନଯାତ୍ରା ବ୍ୟାହତ ହୋଇଛି। ୩ ଦଶନ୍ଧି ମଧ୍ୟରେ ପଣ୍ଡିଚେରୀରେ ଏଭଳି ବର୍ଷା ହୋଇ ନ ଥିଲା ବୋଲି ବରିଷ୍ଠ ନାଗରିକମାନେ କହିଛନ୍ତି। ଚାରିଆଡ଼ ଜଳାର୍ଣ୍ଣବ ହୋଇଥିବା ବେଳେ ଉଦ୍ଧାର ଓ ରିଲିଫ୍ କାର୍ଯ୍ୟରେ ସେନା ଯବାନଙ୍କୁ ନିୟୋଜିତ କରାଯାଇଛି। ତାମିଲନାଡୁର ଭିଲ୍ଲୁପୁରମ୍‌ରେ ମଧ୍ୟ ଅତି ପ୍ରବଳ ବର୍ଷା ହୋଇଛି। ପଣ୍ଡିଚେରୀରେ ଗତ ୨୪ ଘଣ୍ଟା ମଧ୍ୟରେ ୪୬ ସେଣ୍ଟିମିଟର ବର୍ଷା ରେକର୍ଡ କରାଯାଇଛି। ବାତ୍ୟା ପ୍ରଭାବରେ ବିଭିନ୍ନ ସ୍ଥାନରେ ଗଛ ଉପୁଡ଼ି ପଡ଼ିଛି। ଫସଲ ପାଣିରେ ବୁଡ଼ିରହିଥିବାରୁ ଚାଷୀ କ୍ଷତିଗ୍ରସ୍ତ ହୋଇଛନ୍ତି। ରାସ୍ତାଗୁଡ଼ିକରେ ପାଣି ଚାଲୁଥିବାରୁ ଗାଡ଼ି ଚଳାଚଳ ବନ୍ଦ ରହିଛି।

## ବିନା ଖାଦ୍ୟ-ପାଣିରେ ୧୩ ଘଣ୍ଟା
### କୁଏତ୍ ବିମାନବନ୍ଦରରେ ଫସିଲେ ଭାରତୀୟ



**ନୂଆଦିଲ୍ଲୀ,୧।୧୨:** ମୁମ୍ବାଇରୁ ମଞ୍ଚେଷ୍ଟରକୁ ଯାଉଥିବା ଭାରତୀୟ ଯାତ୍ରୀମାନେ କୁଏଟ ବିମାନବନ୍ଦରରେ ପ୍ରାୟ ୧୩ ଘଣ୍ଟା ଧରି ଅଟକି ରହିଛନ୍ତି। ଯାତ୍ରୀମାନେ ଖାଦ୍ୟ କିମ୍ବା ସହାୟତା ନ ପାଇଥିବା ଅଭିଯୋଗ କରିଛନ୍ତି। ସୋସିଆଲ ମିଡିଆରେ ଭାଇରାଲ ହୋଇଥିବା ଏକ ଭିଡିଓରେ ଗଲ୍ଫ ଏୟାର ଯାତ୍ରୀମାନେ ବିମାନବନ୍ଦର ଅଧିକାରୀଙ୍କ ସହ ଯୁକ୍ତିତର୍କ କରୁଥିବା ଦେଖିବାକୁ ମିଳିଥିଲା। ତେବେ ଗଲ୍ଫ ଏୟାର ଏପର୍ଯ୍ୟନ୍ତ ➪ପୃଷ୍ଠା-୬

## ଲଲଙ୍କ ନାଁରେ ଜାତିଆଣ ମାମଲା: ଆଜି ଶୁଣାଣି

**ଯାଜପୁର, ୧।୧୨ (ସଂଚାର ବ୍ୟୁରୋ):** ବିରଜା ହାଟକୁ ନେଇ ଘଟିଥିବା ହିଂସା ଘଟଣାରେ ଗିରଫ ହୋଇଥିବା ପୂର୍ବତନ ବିଧାୟକ ପ୍ରଣବ ପ୍ରକାଶ ଦାସଙ୍କ ଭାଇ ଭବ ପ୍ରସାଦ ଦାସ (ଲଲ)ଙ୍କ ଅଡୁଆ ବଢ଼ିଛି। ୨୦ ତାରିଖ ସନ୍ଧ୍ୟାରେ ବିଜେଡି କର୍ମୀଙ୍କ ରାସ୍ତାରୋକୋ ସମୟରେ ଧର୍ମଶାଳା ବିଧାୟକ ହିମାଂଶୁ ଶେଖର ସାହୁଙ୍କୁ ଆକ୍ରମଣ ହୋଇଥିଲା। ସେହିପରି ୨୧ ତାରିଖରେ ବିଜେଡି କର୍ମୀମାନେ ବିରଜା ହାଟରେ ବ୍ୟବସାୟୀ ଓ ଚାଷୀମାନଙ୍କୁ ଧମକାଇବା, ଆକ୍ରମଣ କରିବା ଏବଂ ଟଙ୍କା ଛଡ଼ାଇନେବା ନେଇ ଅଭିଯୋଗ ହୋଇଥିଲା। ଏନେଇ ଲଲଙ୍କ ସମେତ ୧୯ଜଣଙ୍କୁ ଗିରଫ କରାଯାଇଥିବା ବେଳେ ଟାଉନ ଓ ସଦର ଥାନାରେ ୧୭ଟି ମାମଲା ରୁଜୁ ହୋଇଛି। ମାମଲାର ଶୁଣାଣି ଯାଜପୁର ଜିଲା ଦୌରାଜଜ୍‌ଙ୍କ କୋର୍ଟରେ ଚାଲିଛି। ତେବେ ଲଲଙ୍କ ନାଁରେ ଗୋଟିଏ ଜାତିଆଣ ମାମଲା ଥିବା ନେଇ ଏସ୍‌ଡିପିଓ କୈଳାସ ଚନ୍ଦ୍ର ସେଠୀ ଶନିବାର କୋର୍ଟକୁ ଜଣାଇଛନ୍ତି। ଏହାକୁ ଭିତ୍ତିକରି କୋର୍ଟ ସୋମବାର ତାହାର ଶୁଣାଣି କରିବାକୁ ଦିନଧାର୍ଯ୍ୟ କରିଛନ୍ତି। ଲଲ ଏବେ ଜେଲରେ ଥିବାବେଳେ ତାଙ୍କ ବିରୋଧରେ ରୁଜୁ ହୋଇଥିବା ୪ଟି ମାମଲା ମଧ୍ୟରୁ ଗୋଟିଏରେ ଜିଲା ଦୌରାଜଜ୍ ଜାମିନ ମଞ୍ଜୁର କରିଛନ୍ତି। ଏବେ ତାଙ୍କ ନାଁରେ ଆଉ ଏକ ମାମଲା ଯୋଡ଼ିହୋଇଯାଇଛି। ଅଭିଯୋଗ ଅନୁଯାୟୀ ଗତ ୨୧ ତାରିଖରେ ବିରଜା ହାଟକୁ ଯାଇଥିବା ମହିଳା ଗ୍ରାହକ ଖୁଣ୍ଟିଆ ସାମଲଙ୍କୁ ଲଲଙ୍କ ସମେତ ୭ଜଣ ବ୍ୟକ୍ତ ଅସଭ୍ୟ ଭାଷା ସମେତ ଜାତିକୁ ➪ପୃଷ୍ଠା-୬

## ଫେରିବେ ପୁରୁଖା ; ମିଳିବ ଲିଡ୍ ରୋଲ





**ଭୁବନେଶ୍ୱର,୧।୧୨(ସଂଚାର ବ୍ୟୁରୋ):** ସରିଛି ଡିଜିପି ସମ୍ମିଳନୀ। କମିଶନରେଟ ପୋଲିସର ସାହାଯୋଗରେ ଓଡିଶା ପୋଲିସ ସାରା ଦେଶରେ ତିଆରି କରିପାରିଛି ନିଜର ସ୍ୱତନ୍ତ୍ର ପରିଚୟ। ଆଉ ଏହା ସମ୍ଭବ ହୋଇଛି କିଛି ଦକ୍ଷ ଅଫିସରଙ୍କ ପାଇଁ। ଯାହାଙ୍କ ମୁଣ୍ଡରେ ପ୍ରଧାନମନ୍ତ୍ରୀ, ଗୃହମନ୍ତ୍ରୀଙ୍କ ସୁରକ୍ଷା ସହ ଆୟୋଜନର ଦାୟିତ୍ୱ ଥିଲା। ସମ୍ମିଳନୀକୁ ସୁରୁଖୁରୁରେ ସାରିବା ପାଇଁ ଅନେକ ଅଫିସରଙ୍କୁ ପ୍ରସଂଶାରେ ପୋତିଛନ୍ତି ଡିଜିପି ୱାଇବି ଖୁରାନିଆ। ଠିକ ସେହିଭଳି ଭୁବନେଶ୍ୱରରେ ଏହି ବିରାଟ କାର୍ଯ୍ୟକ୍ରମ ହେଉଥିବାରୁ ପୋଲିସ କମିଶନର ଏସ୍ ଦେବଦତ୍ତ ସିଂ, ଅତିରିକ୍ତ କମିଶନର ଉମାଶଙ୍କର ଦାସଙ୍କ ତୀକ୍ଷ୍ଣ ନଜର ଭିଭିଆଇପିଙ୍କ ସୁରକ୍ଷା ଉପରେ ଥିଲା। କମିଶନରଙ୍କ ନିର୍ଦ୍ଦେଶ କ୍ରମେ ଏସବୁକୁ ମିନିଟ ଟୁ ମିନିଟ ମନିଟର କରିଥିଲେ ଡିସିପି ପିନାକ ମିଶ୍ର। ଆଉ ଶେଷରେ ସଫଳ ମଧ୍ୟ ହୋଇଥିଲେ ପିନାକ।

କିନ୍ତୁ ପିନାକ ଏବେ ସଫଳତାର ଶ୍ରେୟ ଅନ୍ୟକୁ ବାଣ୍ଟିବା ପାଇଁ ବସିଛନ୍ତି। ଫଳସ୍ୱରୂପ ଅପାରଗଙ୍କୁ ବାହାରକୁ ତଡିବା ସହ ଯୋଗ୍ୟ ଅଫିସରଙ୍କୁ କମିଶନରେଟକୁ ଆଣିବାକୁ ଚାହୁଁଥିବା ଜଣାପଡ଼ିଛି। ଏକଦା ଭୁବନେଶ୍ୱରରେ ସିଂଘମ ଅଫିସର ଭାବେ ଜଣାଶୁଣା ଆଲୋକ ଜେନାଙ୍କୁ ଭୁବନେଶ୍ୱର ଆଣିବାକୁ କୁଆଡେ ଇଚ୍ଛୁକ ଅଛନ୍ତି ଡିସିପି। ଆଲୋକ ଏବେ ଭୁବନେଶ୍ୱର ଷ୍ଟେଟ ପୋଲିସ ଏକାଡେମୀରେ ➪ପୃଷ୍ଠା-୬

## ମୁରୁଗେସନ ନୂଆ ପିସିସିଏଫ୍



**ଭୁବନେଶ୍ୱର,୧।୧୨ (ସଂଚାର ବ୍ୟୁରୋ):** ଓଡ଼ିଶା ରାଜ୍ୟ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡ (ଓଏସ୍‌ପିସିବି)ର ସଦସ୍ୟ ସଚିବ ତଥା ବରିଷ୍ଠ ଆଇଏଫ୍‌ଏସ୍ ଅଫିସର ଡ. କେ ମୁରୁଗେସନଙ୍କୁ ପ୍ରମୁଖ ମୁଖ୍ୟ ବନ ସଂରକ୍ଷକ (ପିସିସିଏଫ୍-ନୋଡାଲ) ଭାବେ ଅତିରିକ୍ତ ଦାୟିତ୍ୱ ଦିଆଯାଇଛି। ପରିବେଶବିତ୍ ଡ. ମୁରୁଗେସନ ଓଏସ୍‌ପିସିବି ଦାୟିତ୍ୱ ସଫଳତାର ସହ ନିର୍ବାହ କରି ଆସୁଛନ୍ତି ଏବଂ ତାଙ୍କୁ ପିସିସିଏଫ୍ (ନୋଡାଲ) ଦାୟିତ୍ୱ ଦିଆଯାଇଛି, ଯାହା ଏକ ଗୁରୁତ୍ୱପୂର୍ଣ୍ଣ ଦାୟିତ୍ୱ। ପିସିସିଏଫ୍ (ନୋଡାଲ) ଏହି ପ୍ରକଳ୍ପଗୁଡ଼ିକୁ ମଞ୍ଜୁରୀ ଦେବା ଦାୟିତ୍ୱରେ ଥିବା ବେଳେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କ ଅଧ୍ୟକ୍ଷତାରେ ଓଡ଼ିଶା ସରକାର ରେଳବାଇ, ଦୂରସଂଚାର, ସଡ଼କ ଓ ରାଜପଥର ଭିତ୍ତିଭୂମି ପ୍ରକଳ୍ପଗୁଡ଼ିକୁ ଶୀଘ୍ର ମଞ୍ଜୁରି ଦେବା ଉପରେ ଗୁରୁତ୍ୱାରୋପ କରୁଥିବାରୁ ଏହି ପଦବୀ ➪ପୃଷ୍ଠା-୬



### କାନ ଡେରିଥା

ବିଧାନସଭାରେ ବାଧ୍ୟ
ବାଧକରେ
ନବୀନ ପକାଏ ହାଜର
ବିରୋଧୀ ଭୂମିକାରେ
ବସିଲାପରେ ବି
ମୁହେଁ ନାହିଁ ଭାଷା ବିରୋଧୀର

## ଗଳାବାଟରେ କାମ ନ ହେବାରୁ ଗାଳି

**ଜଗିଛନ୍ତି ମୋହନଙ୍କ ଟିମ୍**

**ଭୁବନେଶ୍ୱର,୧।୧୨ (ସଂଚାର ବ୍ୟୁରୋ):** ରାଜ୍ୟର ନୂଆ ସରକାର ଛଅମାସ ପୂରଣ କରିବାକୁ ଯାଉଥିବାବେଳେ ଏବେ ଦଳର କର୍ମୀମାନେ ବିକ୍ଷୋଦଗାର ଆରମ୍ଭ କରିଛନ୍ତି। ଯେଉଁମାନେ ଗଳାବାଟରେ କାମ କରିବାରେ ସଫଳ ହେଉନାହାନ୍ତି ସେମାନେ ଧିରେ ଧିରେ ନିଜ ନିଜ ବିଧାୟକଙ୍କ ସହିତ ଦଳୀୟ ନେତାଙ୍କୁ ବି ଗାଳିଦେବାକୁ ପଛାଉ ନାହାନ୍ତି।

ନୂଆ ସରକାର ଗଠନ ପରେ କର୍ମୀମାନେ ଉତ୍ସାହିତ ହେବା ସହିତ ତୁରନ୍ତ ସେମାନଙ୍କର କାମ ହୋଇଯିବ ବୋଲି ବିଚାରିଥିଲେ। ବିଶେଷକରି ପୂର୍ବ ସରକାର ଚଳାଉଥିବା ଦଳର କର୍ମୀମାନେ ଯେଭଳି ଗାଁ ଗହଳରେ ହାକିମାତି କରି ସବୁ କାମ ନିଜେ କରୁଥିଲେ ସେହି ଢାଞ୍ଚାରେ କାମତକ ବିଜେପି କର୍ମୀମାନେ ହାତେଇ ନେବେ ବୋଲି ସ୍ଥିର କରିଥିଲେ। ଏଥିପାଇଁ ସେମାନେ ନିଜ ନିଜ ବିଧାୟକଙ୍କଠାରୁ ଆରମ୍ଭ କରି ବିଭିନ୍ନ ସ୍ତରରେ ଲବି ବି କରୁଥିଲେ। ହେଲେ ନୂଆ ସରକାର ପୂର୍ବ ସରକାରଙ୍କର ଯେଉଁ ସବୁ ଦୁର୍ନୀତିକୁ ଲୋକଙ୍କ ସାମ୍ନାରେ ରଖି ନିର୍ବାଚନ ଜିତି ଆସିଛନ୍ତି ସେହି ପଙ୍କରେ ଆଉ ନିଜେ ପଶିବାକୁ ଚାହୁଁନାହାନ୍ତି। ମୁଖ୍ୟମନ୍ତ୍ରୀଙ୍କ ଠାରୁ ଆରମ୍ଭ କରି ଦଳର ମନ୍ତ୍ରୀ ଓ ବିଧାୟକମାନେ ଏଥିପ୍ରତି ବେଶ୍ ସଚେତନ ଅଛନ୍ତି। ମୋହନ ଓ ତାଙ୍କ ଟିମ୍ ଏହାକୁ ଜଗିଛନ୍ତି। ଦଳ ଏବେ ବ୍ୟକ୍ତିଗତ ସ୍ୱାର୍ଥ ଅପେକ୍ଷା ଜନସ୍ୱାର୍ଥକୁ ଅଧିକ ଗୁରୁତ୍ୱ ଦେବାରେ ଲାଗିଛି।




ତେଣୁ ଗାଁ ଗହଳରୁ ସଚିବାଳୟ ପର୍ଯ୍ୟନ୍ତ ଗଳାବାଟରେ ପଶିବାକୁ ଚାହୁଁଥିବା ଲୋକଙ୍କ ପାଇଁ ବାଟ ସମ୍ପୂର୍ଣ୍ଣ ବନ୍ଦହୋଇ ଯାଇଛି।

ଏଥିରେ ଉତ୍‌କ୍ଷିପ୍ତ ହୋଇ କିଛି କର୍ମୀ ଏବେ ବୁଲି ବୁଲି ନିଜ ନେତା ଓ ଦଳକୁ ଗାଳିଦେବା ଆରମ୍ଭ କରିଥିବାବେଳେ ସେମାନଙ୍କୁ ବି ଆଉ କିଛି ଉସକାଉଛନ୍ତି। ହେଲେ ଏହାର ସେଭଳି କୌଣସି ପ୍ରଭାବ ଦଳ କିମ୍ବା ସରକାରଙ୍କ ଉପରେ ପଡୁଥିବା ଲକ୍ଷ୍ୟ କରାଯାଉ ନାହିଁ। ଛଅ ମାସ ଭିତରେ କୌଣସି ଚାପ କାମ କରିନଥିବାବେଳେ ଆଗାମୀ ଦିନରେ ଏହା ବଜାୟ ରଖିବାପାଇଁ ମୋହନ ସରକାର ନିଷ୍ପତ୍ତି ନେଇଥିବାରୁ ହତାଶ କର୍ମୀଙ୍କ ଗାଳି ପରିମାଣ ଆହୁରି ବଢ଼ିବାର ଆଶଙ୍କା କରାଯାଉଛି। ତେବେ ଦଳର ମଙ୍ଗୁଆଳମାନେ ଏହାକୁ କେତେଦୂର ପ୍ରତିହତ କରୁଛନ୍ତି ତାହା ଉପରେ ଏବେ ସମସ୍ତଙ୍କର ନଜର।

### ଟ୍ରେଣ୍ଡିଂ ନ୍ୟୁଜ୍

ଭାରତକୁ ବିଶ୍ୱସ୍ଥ ବନ୍ଧୁ ବୋଲି କହିଲେ ଫରାସୀ ବୈଦେଶିକ ବାଣିଜ୍ୟ ମନ୍ତ୍ରୀ ସୋଫି ପ୍ରାଇମାଜ୍। ବିମାନ, ପରିବହନ, ଶକ୍ତି ଓ ପ୍ରଯୁକ୍ତି କ୍ଷେତ୍ରରେ ସହଯୋଗ ପାଇଁ ଫ୍ରାନ୍ସ ଓ ଭାରତ ରାଜି ଥିବା ଦର୍ଶାଇଲେ।

ସରକାରୀ ନିୟନ୍ତ୍ରଣାଧୀନ ତୈଳ କମ୍ପାନୀ ବିମାନ ଇନ୍ଧନ(ଏଟିଏଫ) ୧.୪୫% ଓ ବ୍ୟବସାୟିକ ଗ୍ୟାସ ସିଲିଣ୍ଡର ପିଛା ୧୬.୫୦ ଯଙ୍କା ବୃଦ୍ଧି କଲେ।

ଜାତିସଂଘ ପକ୍ଷରୁ ବୁଶାନରେ ଅନୁଷ୍ଠିତ ପ୍ଲାଷ୍ଟିକ୍ ନିଷିଦ୍ଧ ବୈଠକରେ ଶତାଧିକ ଦେଶ ପ୍ଲାଷ୍ଟିକ ବ୍ୟବହାର ନିଷିଦ୍ଧ ଲାଗି ସହମତି ପ୍ରକାଶ କରିଛନ୍ତି।

ପର୍ଣ୍ଣଗ୍ରାଫି ଓ ଆଡଲ୍ଟ ଫିଲ୍ମ ବଣ୍ଟନ ଏବଂ ମନିଲଣ୍ଡରିଂ ମାମଲାରେ ଶିଲ୍ପା ଶେଟ୍ଟୀଙ୍କ ସ୍ୱାମୀ ରାଜ କୁନ୍ଦ୍ରାଙ୍କୁ ପୁଣି ଜେରା କରିବ ଇଡି। ଏଥିପାଇଁ ତାଙ୍କୁ ସମନ କରାଯାଇଛି।

ପୁଡୁଚେରୀ କରାଇକାଲ ଓ ତାମିଲନାଡୁର ମହାବଳୀପୁରମ ମଧ୍ୟବର୍ତ୍ତୀ ଉପକୂଳ ଅଞ୍ଚଳରେ 'ଫେଙ୍ଗାଲ' ସ୍ଥଳଭାଗ ଛୁଇଁବା ପରେ ତାମିଲନାଡୁରେ ୪ ଘଣ୍ଟା ତାଣ୍ଡବ ରଚିଛି। ଏହା ପ୍ରଭାବରେ ତାମିଲନାଡୁରେ ଏକାଧିକ ଲୋକଙ୍କ ମୃତ୍ୟୁ ଘଟିଛି ଏବଂ ପୁଡୁଚେରୀରେ ବନ୍ୟା ପରିସ୍ଥିତି ସୃଷ୍ଟି ହୋଇଛି।

# ଭୋକ

ଡଃ ତାନଶ୍ରୀ ପାଣିଗ୍ରାହୀ





ସହରରେ ରଙ୍ଗ ବେରଙ୍ଗର ଆଲୋକର ରୋଷଣୀ... ଦୁଇ ଦିନ ପୂର୍ବରୁ ଦୁର୍ଗାପୂଜା ବେଶ ଧୁମଧାମରେ ସରିଛି...ଆଜି ଭସାଣି ପର୍ବ... ପ୍ରତ୍ୟେକ ପୂଜା ମଣ୍ଡପ ଚଳଚଞ୍ଚଳ ହୋଇଛନ୍ତି ମାଆ ଦୁର୍ଗାଙ୍କୁ ବିଦାୟ ଦେବା ପାଇଁ... ବାଜା... ରୋଷଣୀ... ଡିଜେ ପ୍ରଭୃତିର କାନଫଟା ଶବ୍ଦ ଛାତି ଥରେଇ ଦେଉଥାଏ...। ସ୍ୱାମୀ ମହାପାତ୍ର ବାବୁଙ୍କ ସାଙ୍ଗରେ ବାଇକରେ ମାର୍କେଟ ଯାଉଥିଲି ଲକ୍ଷ୍ମୀପୂଜା ପାଇଁ କିଛି ପୂଜା ସାମଗ୍ରୀ କିଣିବା ପାଇଁ... ରାସ୍ତା କଡ଼ରେ ଗୋଟିଏ ଦୃଶ୍ୟ ଦେଖି ହଠାତ ପାଟି କରି ଉଠିଲି... ଏ...ଗାଡି ରଖ ତ...

କଣ ହେଲା...? ଏତେ ଜୋର ପାଟି କରୁଛ...

ରାସ୍ତା ମଝିରେ ପୁଣି ଭିଡ଼ରେ

ସାମାନ୍ୟ ବିରକ୍ତ ହେଲେ ମହାପାତ୍ର ବାବୁ...

ଗାଡିରୁ ଓହ୍ଲାଇବା କ୍ଷଣି ତିନି/ ଚାରି ଜଣ ଯୁବକ ଦୌଡ଼ି ପଳାଇ ଗଲେ... ଆଉ ଦୁଇ ଜଣ ନିଶାସକ୍ତ ଯୁବକ ଜଣେ ଅଳ୍ପ ବୟସ୍କା ସ୍ତ୍ରୀ ଲୋକଟିକୁ ଅମାନୁଷିକ ଭାବରେ ବିଧା ଗୋଇଠା...ପିଟିବାରେ ଲାଗିଥାନ୍ତି... ଗୋଡ଼ରୁ... ହାତରୁ... ଓଠରୁ ସବୁଠି ରକ୍ତ ଝରୁଥାଏ... ସମସ୍ତେ ନୀରବଦର୍ଶକ... କେହି ଜଣେ ବି ପାଟି ଖୋଲୁ ନାହାନ୍ତି...

ମୁଁ କିନ୍ତୁ ଧୈର୍ଯ୍ୟ ଧରି ରହି ପାରିଲିନି... ସାମ୍ନାକୁ ଆଗେଇ ଯାଇ... ରୁହ ରୁହ ବୋଲି କହି... ଏମିତି ପିଟିବାର କାରଣ ପଚାରିଲି...

ଜଣେ କହିଲା - ଠାକୁରଙ୍କ ଥାଳିରୁ ପୁଣି ପଇସା ଚୋରି...ମୁଁ ପଚାରିଲି କେତେ ଟଙ୍କା...ଲୋକଟି କହିଲା... ଦୁଇ ଶହ ଟଙ୍କା ଭ୍ୟାନିଟରୁ ଦୁଇ ଶହ କାଢି କହିଲି... ଏଇ ନିଅ... ଆଉ ତାକୁ ଛାଡି ଦିଅ... ଟଙ୍କା ପାଇ ସେମାନେ ପଳାଇ ଗଲେ...।

ସ୍ତ୍ରୀ ଲୋକଟିକୁ ପଚାରିଲି, ଆରେ ଚୋରି କରୁଥିଲୁ କାହିଁକି... ସେ ଉତ୍ତର ଦେବା ପାଇଁ ସମର୍ଥ ନ ଥିଲା ବୋଧେ... ଦୁଇ ହାତରେ ଲୁହକୁ ପୋଛି କହିଲା... ମୋତେ ଆଉ ମାରନି...ତା ତଣ୍ଟି ଶୁଖି ଯାଉଥାଏ... ପାଖରେ ଥିବା ପାଣି ବୋତଲରୁ ପାଣି ପିଇବାକୁ ଦେଲି...ସେ ଭୟରେ ଗୋଟାପଣେ ଥରୁଥିଲା...। ତାକୁ ସାହସ ଦେଇ କହିଲି... କିଛି ଡରିବାର ନାହିଁ... ଚାଲ ଏଇ ପାଖ ମେଡ଼ିସିନ ଦୋକାନ ...

ତୋ ଗୋଡ଼ରୁ ହାତରୁ ରକ୍ତ ଝରୁଛି...ଔଷଧ କିଣି ଲଗେଇ ଦେବି...କଣ ଖାଇଛୁ...? ଏଥର ସ୍ତ୍ରୀ ଲୋକଟି ମନ ଖୋଲା ଭୋ ଭୋ ହୋଇ କାନ୍ଦିଲା... ଦୁଇ ଦିନ ହେଲା ମୁଁ କି ମୋ ଛୁଆ କିଛି ବି ଖାଇନୁ। ତୋର ପିଲାଟେ ବି ଅଛି? ଆଉ ତୋର ସ୍ୱାମୀ...?

କାନ୍ଦି କାନ୍ଦି ଉତ୍ତର ଦେଲା କଣ ଅଜଣା ରୋଗରେ ବର୍ଷ ଟିଏ ହେବ ମରିଯାଇଛି। ଡାକ୍ତର ରୋଗ ଚିହ୍ନି ପାରିଲେ ନାହିଁ... ସେ ଗଲା ଦିନଠାରୁ ଛୋଟ ପିଲାଟିକୁ ଦୁଇ ଓଳି ଖାଇବାକୁ ଦେଇ ପାରୁନି... ଯେଉଁ ଦିନ କାମ ପାଉଛି ଖାଉଛୁ... ନ ହେଲେ ଓପାସରେ ଦିନ ଯାଉଛି...ଆଜି ଦୁଇଦିନ ଧରି ମୋତେ ଜ୍ୱର... କିଛି କାମ କରି ପାରୁନି...କହି ପୁଣି କାନ୍ଦିଲା। ତୋର ଘର କେଉଁଠି...?ତୋର ଆତ୍ମୀୟ କେହି ଅଛନ୍ତି କି...?

ହାତ ଦେଖାଇ କହିଲା, ସେଇ କେନାଲ ପାଖ ଝୁମ୍ପୁଡି ହେଉଛି ଆମ ଘର... ସେଇ ପାଖ କେତେ ଜଣ ମୋର ଆତ୍ମୀୟ...କେତେବେଳେ କିଏ ମୋର ଛୋଟ ଛୁଆଟିକୁ ଦିନସାରା ରଖନ୍ତି...ଆଉ ମୁଁ କାମକୁ ଯାଏ...

ଆଉ ଧୈର୍ଯ୍ୟ ନ ଥିଲା ଶୁଣିବା ପାଇଁ... ତାର କଥା ଶୁଣି ମୋ ଆଖିରୁ ମଧ୍ୟ ଧାର ଧାର ହୋଇ ଲୁହ ବୋହିଗଲା। ତାର ଚିକିତ୍ସା କରାଇ...କିଛି ଶୁଖିଲା ଖାଦ୍ୟ କିଣି ଦେଲି...ପାଖରେ ଯାହା ଟଙ୍କା ଥିଲା ତାକୁ ସବୁ ଦେଇ ଆମେ ସ୍ୱାମୀ ସ୍ତ୍ରୀ ତାକୁ ତା ଘରେ ଛାଡି ଆସିଲୁ। ସେଇ ଘଟଣାଟିକୁ ନେଇ ମନଟା ବହୁତ ଆନ୍ଦୋଳିତ ହେଉଥିଲା। ଭାବିଲି ମୁଁ ଦେଇଥିବା ଖାଦ୍ୟ ତ ମାତ୍ର କେତେଦିନ ପାଇଁ କିନ୍ତୁ ବାକି ସବୁଦିନ...? କେବେ କାମ ନ ପାଇଲେ...?? ମୋ ଆଖିରେ ଦେଖାଯାଉଥିଲା... ତାର ନିରୀହ ଆଖିଦୁଇଟି ଭିତରେ ଭୋକର ଚିତ୍ର... ll

ବାଲେଶ୍ୱର
ମୋବାଇଲ୍: ୯୩୩୭୩୦୪୨୯୫

# ମଶାଣି

ପୁଷ୍ପଲତା ମିଶ୍ର





ମଶାଣି ଭୁଇଁରେ କୋଳାହଳ ସହ କରୁଣ କାନ୍ଦର ଶବ୍ଦରେ ଫାଟିପଡୁଛି ଗଗନ ପବନ। ଛାତି ଫାଟିପଡୁଛି ସେ ବିକଳ କାନ୍ଦଣାକୁ ଶୁଣି। ଆକାଶରେ ମିଶିଯାଉଛି ସେ ଜୁଇର ଧୁଆଁ, ହଲି ହଲି ସେ ଧୁଆଁ ଯେତେ ଉପରକୁ ଯାଉଛି ସୂଚେଇ ଦଉଛି ଏଠି ସମସ୍ତେ ସମାନ। ସମସ୍ତେ ଏକାକାର କାହାରି ଭିତରେ ଭେଦ ଭାବ ନାହିଁ। କ୍ରନ୍ଦନର ସ୍ୱର ବଢ଼ି ବଢ଼ି ଚାଲିଛି। ମୁଣ୍ଡ ବାଡେଇ କାନ୍ଦି ଚାଲିଛି ମୋନିକା। ତାକୁ ମଶାଣି ପଦାର ବାହାରକୁ ନେଇ ଆସିଲା ବେଳେ ମୋନିକା କାନ୍ଦି କାନ୍ଦି ସେଇ ମଶାଣି ଧୂଳିରେ ଗଡିଯାଉଛି। ଆଉ କହୁଛି, ମୋତେ ଏଠୁ କୁଆଡେ ନିଅ ନାହିଁ "ମୁଁ ତାଙ୍କୁ ଛାଡ଼ି ରହି ପାରିବି ନାହିଁ, ତାଙ୍କୁ ଛାଡି ମୁଁ ଯାଇ ପାରିବି ନାହିଁ।" ମୁଁ ଏଇଠି ରହିବି। ତାଙ୍କୁ ଛାଡି କୁଆଡେ ଆଉ ଯିବି ତାଙ୍କ ବିନା ମୋ ପରିଚୟ କଣ ? ସୁଖରେ ଥିଲା ବେଳେ ବୁଝି ପାରୁ ନ ଥିଲି କଷ୍ଟ କଣ! ସ୍ୱପ୍ନ ରେ ବୁଝି ହୁଏନି ବାସ୍ତବତା କଣ ! କିନ୍ତୁ ସ୍ୱାର୍ଥପର ଲୋକେ ବୁଝି ପରୁ ନାହାନ୍ତି ସମ୍ପର୍କ କଣ! ମନୋଜ ଆଉ ମୋର ସମ୍ପର୍କ କୁ ମୁଁ ଭୁଲିବି କିପରି ଏତେ ସୁଖ ଦେଇ ଅବେଳ ରେ ମତେ ଛାଡ଼ି ସେ ଯାଇ ପାରିବେ ନାହିଁ ।ମୋତେ କେଉଁ ଆଡେ ନିଅ ନାହିଁ,ସେ ମୋତେ କଥା ଦେଇଥିଲେ ମୋର ସବୁ ବିପଦ ଆପଦ ରେ ମୋ ସହ ରହିବେ। କିଛି ନ ଶୁଣି ଲୋକମାନେ ମୋନିକା କୁ ଟାଣି ଟାଣି ନେଇ ଗଲେ ମଶାଣି ର ବାହାରକୁ ତାକୁ ବିଧବା କରି ହାତ ରୁ ଶଙ୍ଖା ଖୋଲି ଦେଇ ମଥା ରୁ ସିନ୍ଦୁର କୁ ଲିଭେଇ ଦେଲେ ।

ନିରବି ଗଲା ମୋନିକା କାନ୍ଥକୁ ଆଉଜି ଆକାଶକୁ ଚାହିଁ ରହିଛି। ଏହା ଦେଖି ଲୋକମାନେ କୁହା କୁହି ହେଲେ ମୋନିକା କାନ୍ଦୁ ସେ ନ କାନ୍ଦିଲେ ପାଗଳୀ ହୋଇଯିବ ଯେ ...। ଏତେ ଭଲ ପାଇବା ଦୁଇ କଣ ଙ୍କ ମଧ୍ୟ ରେ ଯିଏ ଦେଖିଛି ସିଏ ହିଁ ଜାଣିଛି। ମନୋଜ ବ୍ୟତୀତ ମୋନିକା କେମିତି ରହିବ ?? ଭଲ ପାଇବାକୁ ଏକାଧିକ ମଧ୍ୟ ରେ ତୁଳନା କରା ଯାଏ ନାହିଁ କାରଣ ପ୍ରେମ କେବଳ "ଏକ" ଠିକ୍ ଗଣିତ ର ପ୍ରଥମ ଗଣନା ସଂଖ୍ୟା ଏକ ପରି ଯିଏ ମୌଳିକ ନୁହେଁ ନା ଯୁଗ୍ମ ନୁହେଁ କି ଆଯୁଗ୍ମ ନୁହେଁ କେବଳ ସ୍ୱତନ୍ତ୍ର ପରିଚୟ ଥାଏ । ମନୋଜ ବ୍ୟତୀତ ମୋନିକା ର କିଛି ପରିଚୟ ବି ନାହି। ଭଲ ପାଇବା ଆଉ ମୃତ୍ୟୁ ସମସ୍ତ ଙ୍କ ଜୀବନ ରେ ଅଜଣା ଅତିଥି ହୋଇ ଆସିଥାଏ, ଆଉ ମୃତ୍ୟୁ ପ୍ରାଣ ଛଡେଇ ନେଇ ଥାଏ ସେମିତି ବସିଛି ମୋନିକା କାନ୍ଥକୁ ଆଉଜି, ପୁରୁଣା ଦିନର ସ୍ମୃତିକୁ ଭାବି ଚାଲିଛି। ମୋନିକା, ମୋନୋକ ଡାକି ଡାକି ଘର ଭିତର କୁ ପଶି ଆସିଲେ ମନୋଜ। ଆରେ ମୋନିକା ତୁମେ ଏଇଠି ବସିଛ। ମୁଁ ଏତେ ଡାକିଲିଣି କଣ ହେଇଛି ତୁମର! ନାଁ ନାଁ ସେମିତି କିଛି ନାଇଁ ମୁଁ ଗୋଟେ ସ୍ୱପ୍ନ ଦେଖିଲି ତ ତେଣୁ ଡର ଲାଗୁଥିଲା। ତୁମକୁ ସ୍ୱପ୍ନ ଦେଖୁଥିଲି ତୁମେ ମତେ ଛାଡ଼ି ବହୁତ ଦୂରକୁ ଚାଲି ଯାଉଛ । ତୁମେ ମତେ ପର କରି ଦବନି ତ ! ହଁ ମନୋଜ ତୁମେ ମୋଠାରୁ ଦୂରେଇ ଯାଉଛ ଆଉ ମୋ ବାପା ମା ମତେ କୁଆଡ଼େ ନେଇ ଯାଉଛନ୍ତି। ତୁମେ ସବୁବେଳେ ଭାଓ୍ୱୁଛ ତ ସେଥି ପାଇଁ ଏମିତି କିଛି ସ୍ୱପ୍ନ ଦେଖୁଛ। ଶୁଣ ମୋନିକା ମତେ ଭଲ ପାଇ ମୋ ସହ ପଳେଇ ଆସିଲ ତା ବୋଲି କଣ ତୁମ ବାପା ମା ଙ୍କ ଅନ୍ତର ରୁ ଦୂରେଇ ଗଲ? ଆସ ମୋନିକା ସେମାନେ ଏବେ ବି ତୁମକୁ ଝୁରୁଛନ୍ତି । ବାପାମାଙ୍କର ରକ୍ତର ସମ୍ପର୍କ କଣ କିଏ କାଟି ପାରେ ଆସ ମୋନିକା ତୁମ ଘରକୁ ଯିବା। ମନୋଜ ମୋତେ ଡର ଲାଗୁଛି ସେମାନେ ସେ ଅପମାନ ଭୁଲି ନ ଥିବେ। ବାପାମାଙ୍କର ରକ୍ତର ସମ୍ପର୍କ କଣ କିଏ କାଟି ପାରେ ଆସ ମୋନିକା ତୁମ ଘରକୁ ଯିବା। ନାଇଁ ମନୋଜ ବାପା ଯେମିତି ରାଗିଛନ୍ତି ନା ମୋ ମୁହଁକୁ ଚାହିଁ ବେନି। ନାଇଁ ମୋନିକା କିଛି ସେମିତି ହବନି ମୁଁ ଅଛି ନା !ତୁମ ଗୋଡରେ କଣ୍ଟା ଫୁଟିବାକୁ ଦେବିନି। ଶୁଣ ମୋନିକା ତୁମେ ଏତେ ଭାଙ୍ଗି ପଡ଼ିଲେ କଣ ଚଳିବ। ଥରେ ରାଧା ହେଇ କି ଦେଖ ପ୍ରେମ ର ସୁଖ ଆଉ ବିରହର ଜ୍ୱାଳା ଅନୁଭବ କରି ପାରିବ। ମୁଁ ସାରା ଜୀବନ ତୁମ ପାଖରେ ଅଛି।

ମୋନିକାକୁ କୋଳକୁ ନେଇ ତାର ମୁଣ୍ଡକୁ ଆଉଁସି ଦେଲେ ତାର ମାଆ। ଆଖି ଖୋଲି ଦେଖିଲା ମୋନିକା ମା କୋଳରେ ଶୋଇଛି ବାପା ତା ପାଖରେ ଠିଆହୋଇ କାନ୍ଦୁଛନ୍ତି ବାପା। ମନୋଜ ମତେ ତୁମ ପାଖକୁ ନେଇ ଆସିଛନ୍ତି ଏବେ ସେ ମତେ ତୁମ ପାଖକୁ ନେଇ ଆସିଲେ ହେଲେ ସେ କୁଆଡ଼େ ଗଲେ? ତୁମେ ଏମିତି କାନ୍ଦୁଛ କଣ ପାଇଁ ମନୋଜ କୁଆଡ଼େ ଗଲେ। ତୁମେ ମୋ ଉପରେ ରାଗି ନ ତ ବାପା ସେ ମତେ ବୁଝେଇ ସୁଝେଇ ତୁମ ପାଖକୁ ନେଇ ଆସିଲେ ହେଲେ ସେ କୁଆଡ଼େ ଗଲେ? କୁଆଡ଼େ ଗଲେ କହି ମୋନିକା ଦୌଡୁଛି ସେଇ ମଶାଣି ଭୁଇଁକୁ ତୁମେ ମତେ ଠକି ଦେଲ ମନୋଜ! ମୋ ବାପା ଙ୍କ ପାଖରେ ଛାଡି ତୁମେ କୁଆଡେ ବି ଯାଇ ପାରିବନି ମନୋଜ। ମନୋଜ ତୁମେ ରୁହ ମନୋଜ, ପଛରେ ଯେତେ ଲୋକ ଦୌଡ଼ିଲେ ବି

କେହି ମୋନିକା ପାଖରେ ପହଁଚିପାରୁ ନ ଥାଆନ୍ତି। ମୋନିକା ଦୌଡୁ ଦୌଡୁ ପଡ଼ିଯାଇ ପଥରରେ ମୁଣ୍ଡ ମାଡ଼ ହେଇଯାଇଛି। ସବୁ ସେଇଠି ଶେଷ। ମନୋଜର ଯୁଇ ପାଖରେ ଆଉ ଗୋଟିଏ ଜୁଇ ଜଳେଇ ଦେଲେ ତାର ବାପାମା। ମଶାଣି ମା କୋଳରେ ଶୋଇଗଲେ ମନୋଜ ଆଉ ମୋନିକା।

ଭୁବନେଶ୍ୱର
ମୋବାଇଲ୍: ୯୩୩୮୨୯୪୬୫୭

# ବସ୍ ଯାତ୍ରା

ରଞ୍ଜିତା ପଣ୍ଡା





ଆଜି ଦୁଇଦିନର ଛୁଟି ଏପ୍ଲାଏ କଲି..। ମୋ ଭଉଣୀ ପୁଅର ବ୍ରତଘର। ଯିବାକୁ ହେବ। ସେ କହିଲେ, 'ତମକୁ ଆଗଦିନ ବସ୍‌ରେ ବସେଇଦେବି, ଚାଲିଯିବ,.ମୁଁ ବ୍ରତଦିନ ସକାଳୁ ଯିବି।' 'ହଁ ...' ବହୁତ ଦିନରୁ ବସ୍‌ରେ ଯାଇନି କୁଆଡ଼େ। ବସ୍‌ରେ କୁଆଡ଼େ ଯିବାକୁ ମତେ ଭଲ ଲାଗେ। ଭଲ ଲାଗନ୍ତି ଅଚିହ୍ନା ଅଜଣା ସହଯାତ୍ରୀମାନେ। ଅଚିହ୍ନା ସଡ଼କରେ ଚାଲିବାକୁ କେବେ କେବେ ଇଚ୍ଛା ହୁଏ କି ନାଇଁ କୁହ ତ !!! ଆଜି ସହକର୍ମୀ ଜଣେ ମୁଣ୍ଡରେ କଟନ୍ ଶାଢ଼ୀ ଓଢ଼ଣା ଦେଇ ସହଳ ସହଳ ବାହାରିଲେ ଅଫିସ୍‌କୁ। ମୁଁ ମୁଣ୍ଡରେ ହେଲମେଟ୍ ଗଳେଇ ମୋ ସ୍କୁଟିକୁ ମୋଡୁଥିଲି। ତାଙ୍କୁ ପଚାରିଲି, ଏତେ ହରବରରେ କାହିଁ ଚାଲିଲ ହିରୋଇନ୍? ସେ କହିଲେ, 'ଲକ୍ଷ୍ମୀ ବସ୍‌ରେ ଯିବିରେ...'

'ଏଁ କେତେବେଳେ ଆସୁଚି ବସ୍?'

'ସକାଳ ଛଟାରୁ ,ପାଞ୍ଚ ଟଙ୍କା ଭଡ଼ା ହୋ, ତମେ ବି ଆସୁନ, ସାଙ୍ଗ ହେଇ ଯିବା!!' 'ହେଃ ହୋ ସକାଳୁ ଉଠି ଘରକାମ କରି ଭାତରାନ୍ଧି ଆସିପାରିବି କି କୁହ ତ ଛ'ଟା ବେଳୁ? ଭାତ ତିଅଣ ନ ରାନ୍ଧିଆସିଲେ ମୋ ଛୁଆମାନେ ଖାଇବେ କ'ଣ? ପୋଡୁ ପଛକେ ତେଲ.. ସ୍କୁଟି ଜିନ୍ଦାବାଦ ହୋ। ମୋ ଲାଗି...ଘରକାମ ସାରି ଉଡ଼େଇଲ ଗାଡ଼ି..ହାହା...!!' କେଜାଣି କେତେବର୍ଷେ ହେଇଯିବ ଏ ଘଟଣା? ବସ୍‌ରେ ବହୁତ ଭିଡ଼ ଥାଏ,. ମୋର୍ ଖାରୀରେ ଓହ୍ଲାଇବାର ଥାଏ, ଆଉ ସେମାନଙ୍କର ବଇରାସର ଷ୍ଟପେଜ୍। ପାଖାପାଖି ବସିଥିଲୁ ଆମେ। କଥା ହେଲି ତ' ଜାଣିଲି ତା' କୋଳରେ ଥିବା ପୁଅଟି ତା' ନାତି ହେବ। ବସିଥାଏ ଚୁପ୍ ଚାପ୍ ଛୋଟ ପିଲାଟି। ହସୁ ନ ଥାଏ କି କିଛି କହୁ ନ ଥାଏ, ଛୋଟ ଛୁଆମାନେ ଯେମିତି ଚଞ୍ଚଳ ଓ ଦୁଷ୍ଟ ଥାଆନ୍ତି.ସେ ବିଲକୁଲ୍ ନ ଥିଲା। ତା' ଆଈର କୋଳରେ ସେମିତି ନୀରବ ଚାହିଁଥାଏ। 'କିଛି ଦୁଷ୍ଟାମି ନାଇଁ ତମ ନାତିର ତ ସୁନାପୁଅଟେ'। 'ହଁ ରେ ମାଆ ,ଦୁଷ୍ଟ ଥିଲା ହେଲେ ଅଚାନକ୍ ତୁନି ପଡ଼ିଗଲା।'

'କିନ୍ତୁ କାହିଁକି?' 'ତା' ମାଆ ମରିଗଲା ଦିନୁ... ଏମିତି ବୋଧେ ଖୋଜୁଚି ମନେମନେ ମାଆକୁ...'

'ଓହ..ଭଗବାନ୍...' 'ଝରକା ବାଟେ ଦୌଡୁଥିଲେ ଗଛଲତା, ରାସ୍ତା ଦିଶୁଥିଲା ଖଣ୍ଡାଧାର ପରି ଚିକ୍କଣ...' ମୁଁ ଆଉ କିଛି କହିପାରିଲିନି... ଛୁଆଟିର ମୁହଁରେ ମତେ ଦିଶିଲା ଗୋଟେ ଭଙ୍ଗା ଜୀବନର ଚିତ୍ର, ଯାହାକୁ ଯୋଡ଼ିବା କଥା ଭୁଲିଯାଇଥିବ ନିୟତି... ଓହ୍ଲାଇଲାବେଳେ ଶହେଟଙ୍କା ଧରାଇ ଦେଲି, ସେ ମନା କରୁଥିଲେ.. ମୁଁ କହିଲି ବଇରାସର୍ ବଜାରରୁ ଚକଲେଟ୍ କିଣିଦେବ ଛୁଆ ପାଇଁ, ମନାକରନି...। କେତେବର୍ଷ ବିତିଗଲାଣି... ମହାନଦୀରୁ ଶୁଖିଗଲାଣି କେତେ କେତେ ପାଣିଚହଲା... ଅଥଚ ଆଜି ବି ସ୍ପଷ୍ଟ ଦିଶିଯାଏ କେବେ କେମିତି ନିରୀହ ସେ ମୁହଁ..ତୁନିପଡ଼ି ମାଆକୁ ଖୋଜୁଥିବା ମୁହଁ।

ସୋନପୁର





# ଭାରାକ୍ରାନ୍ତ ଜହ୍ନରାତି

ରବିପ୍ରିୟ ଦାଶ



ଅନେକ ଦିନ ଧରି ଜହ୍ନବିନା
ହଜିଥିଲା ରାତିର ମହକ
ଏବେ ଏବେ
ଦି' ତିନି ଘଣ୍ଟା ଆଗରୁ
ମେଘ ପଣତରୁ ଫେରିଥିଲା ଜହ୍ନ।

ସଞ୍ଜ ଆସିବାର କିଛି ସମୟ ପୂର୍ବରୁ
ଆକାଶରେ
ବୁଲିବା ଆରମ୍ଭ କରିଥିଲା,
ଛେଲା ଛେଲା ବାଦଲକୁ ଆଡ଼େଇ
ଦଖଲ କରିଥିଲା ଖାଲି ପଡ଼ିଥିବା ଗାଦି।

ସବୁ ଦିଗକୁ ଆଖି ପହଁରେଇ
ଖୁବଶୀଘ୍ର ପାଖରେ ପହଞ୍ଚିବାର
ଇସାରା ଦେଉଥିଲା।

ସମ୍ଭୋଗ ଯନ୍ତ୍ରଣାରେ ମାସମାସ ଧରି
ଛଟପଟ ହେଉଥିଲେ
ଯୌବନରେ ଭାରାକ୍ରାନ୍ତ
ଗଛ, ପତ୍ର, ନଦୀ ଓ
ରୂପବତୀ ନାରୀ
ଚାହିଁ ଚାହିଁ ସେମାନଙ୍କୁ
ନିଜର କରିଥିଲା।

ଜୋଛନାରେ ସ୍ୱପ୍ନ ବୁଣି
ବଶୀଭୂତ କରୁଥିଲା କାମିନୀଙ୍କ ଇନ୍ଦ୍ରିୟକୁ
ଉତ୍‌ଫୁଲ୍ଲିତ ହେଉଥିଲେ
ଅପେକ୍ଷାରେ ଥିବା ଫୁଲ ଏବଂ
ଫୁଲ ପରି ଦିଶୁଥିବା ଦେହ।

ବଢୁଥିବା ରାତିର ବାସ୍ନା
ବିଭୋରିତ କରିଥିଲା ପୃଥିବୀକୁ,
ଚେଇଁଥିବା ସମୁଦ୍ରର ଢ଼େଉ
ଜହ୍ନ ସହ
ଜଳକ୍ରୀଡ଼ାରେ ମାତିଥିଲା।

ରାତିସାରା ଘୂରିବୁଲି
ଫୁଙ୍ଗୁଳା ଦେହ ଉପରେ
ପରସ୍ତେ ପରସ୍ତେ ଆଲୁଅ ବିଛେଇ
ଫେରିବାର ରାସ୍ତା ଖୋଜୁଥିଲା।

ପାହାନ୍ତା ବେଳକୁ
କାନ୍ଧରେ ମରି ନଥିବା ଇଚ୍ଛାର
ଓଜନିଆ ବୋଝ ଧରି
ଆକାଶକୁ ପଡ଼ିଥିବା ପାହାଚରେ
ପାଦ ରଖିଥିଲା ଜହ୍ନରାତି।

ମୋବାଇଲ୍: ୯୪୩୭୧୮୬୦୫୨

# ଭାବବନ୍ଧନରେ ବାନ୍ଧିଛ ମୋତେ

ସ୍ୱାଗତିକା ସାହୁ



ଦାରୁବ୍ରହ୍ମ ରୂପ ସୌନ୍ଦର୍ଯ୍ୟ ସ୍ୱରୂପ
ଅଛ ମାନସ ଗୋଚରେ
ଆତ୍ମୀୟ ଡୋରୀରେ ପ୍ରୀତି ସିଞ୍ଚି ଥାଅ
ଭାବ ଭକ୍ତିର ଆକାରେ ।।

ବିଭୁ ପ୍ରେମ ଭାବ ବିଭୂତି ବୈଭବ
ଶାଶ୍ୱତର ଅନୁଭବ
ଭାବ ପାଶେ ବନ୍ଧା ଭକ୍ତିର ଅମୃତ
ନୈବେଦ୍ୟ ଅବା ସେ ଭାବ ।।

କେଉଁ ଭାବ ପଣେ ବାନ୍ଧିଅଛ ମୋତେ
ବୁଝି ପାରୁ ନାହିଁ କାହିଁ ?
ବ୍ୟାକୁଳ ମନକୁ କର ଆକର୍ଷଣ
ନିତ୍ୟ ଝୁରାଇବା ପାଇଁ ।।

ତୁମେ ତ ଆଶାର କ୍ଷୀଣ ବାରି ଧାରା
ମନ ମୋର ଜାଣି ଅଛ
ତୁମ ଭାବନାରେ ହଜି ଯାଉଅଛି
ଅଧିର ଭାବରେ ଆଜି ।।

ପାପୀ ହୁଏ ତାପୀ ତୁମ ନାମ ଜପି
ସଂସାରୁ ତାରି ସେ ଯାଏ
ତୁମ ଭାବ ଡୋରି ବାନ୍ଧୁଅଛି ସତେ
ଦର୍ଶନେ ପାପ ଉଭାଏ ।।

ଦୀନ ଦୁଃଖୀ ଜନେ ଉଦ୍ଧାରଣ ପଣେ
ଉଡ଼ାଅ ପତିତ ବାନା
କାହା ଡାକ ଶୁଣି ଆହେ ଚକ୍ରପାଣି
କେମିତି ବୁଝ ଭାବନା ?

ଯେତେ ଅନୁକୂଳ ସ୍ଥିତି ଆସିଲେବି
ଛାଡିବିନି ପାଖ ତିଳେ
ଚିରଦିନ ପ୍ରଭୁ ବାନ୍ଧି ରଖିବାକୁ
କାହିଁ ମୋ ଭାଗ୍ୟରେ ମିଳେ ।।

ଭାବବନ୍ଧନରେ ବାନ୍ଧି ଅଛ ମୋତେ
ପ୍ରଶସ୍ତ ବାହୁ ବିସ୍ତାରି
ସେ ବାହୁରେ ଥାଏ ଆଜନ୍ମ ଭରଷା
କୋଳେଇ ନିଅ ଶ୍ରୀ ହରି ।।

ତୁମ ବନ୍ଧନ ଯେ ସବୁଠାରୁ ଶ୍ରେଷ୍ଠ
ସର୍ବୋତ୍ତମ ଏ ସଂସାରେ
ଭରେ ସୁଖ ଶାନ୍ତି ମୁଠାଏ ଆରକ୍ତି
ମୁକ୍ତି ପଥ ଯେ ପ୍ରେମରେ

ମୁଗ୍ଧ ଭାବନାରେ ଚେତନାର ତୀରେ
ପ୍ରଭୁ ରୂପେ ହୁଏ ଭେଦ
ଦିବ୍ୟ ଦରଶନ କାମନାରେ ମନ
ତନ୍ମୟ ସଦା ଏ ହୃଦ ।।

ଉମରକୋଟ, ନବରଙ୍ଗପୁର

# ମନର କଥା

ଜୟଶ୍ରୀ ପଟ୍ଟନାୟକ





ଅମାନିଆ ହୁଏ ଆଜି ମନ କାହିଁ ବାର ବାର
ତୁମକୁ ଦେଖିଲା ପରେ, ହଁ ତୁମକୁ ଦେଖିଲା ପରେ
ଭୁଲିଯାଏ ସବୁ କଥା,ଏଣୁତେଣୁ ଗପୁଥାଏ
ତୁମକୁ ଦେଖିଲା ପରେ, ହଁ ତୁମକୁ ଦେଖିଲା ପରେ।
ଯାଯାବର ମନ ମୋର ତୁମ ହୃଦୟରେ ଘର
କରିନେଲା ଯେବେଠାରୁ
ଉଡ଼ିବୁଲେ ଆକାଶରେ ତୁମ ପ୍ରେମ ସାହାରାରେ
ହଜାଇ ମୋତେ ମୋଠାରୁ
ମିଠା ତୁମ କଥା ସ୍ୱରେ,ଭଲ ପାଇବା କଥାରେ
ବାନ୍ଧିଦେଲା ପ୍ରୀତି ଡୋରେ
ତୁମକୁ ଦେଖିଲା ପରେ ,ହଁ ତୁମକୁ ଦେଖିଲା ପରେ।
ଆଜି କାହିଁ ଭଲ ଲାଗେ, ଏ ଝରଣା ପରବତ
ଦେଖିଦେଲେ ତୁମ ଗାଆଁ
ଗୋଲାପ ବଗିଚା ପରି, ଲାଗ ମୋତେ ସୁନ୍ଦରୀ
ମନହୁଏ ଅମାନିଆ
ଶୀତୁଆ ସଞ୍ଜ ନଇଁଲେ, ତୁମ ପାଉଁଜି ଶୁଭିଲେ
ମନ ମତୁଆଲା କରେ
ତୁମକୁ ଦେଖିଲା ପରେ, ହଁ ତୁମକୁ ଦେଖିଲା ପରେ।

ଗଙ୍ଗନଗର ଛକ, ଭୁବନେଶ୍ୱର
ମୋବାଇଲ୍: ୭୯୭୮୧୧୦୪୭୪



# ମାଆ ପରି କିଏ ହେବ

ସନ୍ତୋଷ କୁମାର ସାହୁ

ମାଆ ପରି କିଏ ଜଗତରେ ନାହିଁ
ସରଗ ଠାରୁ ବି ବଡ଼
ଗର୍ଭରେ ସାଇତି ଦେଇଛି ଜନମ
ରକ୍ତ ମାଂସ ପ୍ରାଣ ହାଡ଼...
କୋଳଟି ତାହାର ସରଗ ପରିକା
ଆଶାର ଆଶ୍ରୟ ଶାଳା
କଥାଟି ମାଆର ଭାରି ମିଠା ମିଠା
ଡାକ ତା'ର ସ୍ନେହବୋଳା...
ନିଜର ଯନ୍ତ୍ରଣା ହସି ସହିଯାଏ
ନୀରବରେ ସବୁ କିଛି
ସନ୍ତାନ ଆଖିରେ ଦେଖିଦେଲେ ଲୁହ
ପଣତରେ ଦିଏ ପୋଛି...
ନାହିଁ ତାହା ଚିତ୍ତେ ଛଳନା କପଟ
ହୃଦୟେ ହିଂସା କି ସ୍ୱାର୍ଥ
ମାଆ ବିନା ସତେ ସନ୍ତାନ ଜୀବନେ
ନଥାଏ କିଛିବି ଅର୍ଥ....
କୋଟି ଆଶିଷର ସେ ଅଧିକାରିଣୀ
ଅବର୍ଣ୍ଣନୀୟ ଗୁଣ ଗାଥା
ରକ୍ତ ତା'ର ପ୍ରାଣ କ୍ଷୀର ଯେ ଅମୃତ
ସହିଷ୍ଣୁତା ସର୍ବ ହିତା...
ଭରସା ବିଶ୍ୱାସ ଆତ୍ମୀୟତାପଣ
ମମତାର ପ୍ରୀତି ଝର
ଧରିତ୍ରୀ ସମାନ ସହନଶୀଳତା
ଶୁଭମୟୀ ସମାଦର....
ମୁକ୍ତାର ସ୍ୱରୂପ ସ୍ୱଚ୍ଛତା ହୃଦୟ
ଦେଇ ମାଗେ ନାହିଁ କିଛି
ହୁଏ ସିନା ପେଷି କୋଟି ଯନ୍ତ୍ରଣାରେ
ସୁଖ ଆଣିଦିଏ ବାଛି....
ତାଙ୍କରି କୃପାରେ ସଫଳତା ପାଇ
ଭଲ ମଣିଷଟିଏ ହେବି
ତାଙ୍କ ପରି ସତେ ଆଉ କିଏ ହେବ
ମାଆ ମୋ ଚଳନ୍ତି ଦେବୀ...

ଗାନ୍ଧୀ ନଗର, କୋରାପୁଟ
ମୋବାଇଲ୍: ୯୪୩୭୪୩୩୬୫୭



# ଆରମ୍ଭରୁ ଶେଷ

ବିଷ୍ଣୁ ପ୍ରସାଦ ମିଶ୍ର

ଅତୀତ ଭିତରେ ସ୍ମୃତୀର ପସରା
ଭବିଷ୍ୟତ ପତ୍ତା ହୀନ ,,
ବର୍ତ୍ତମାନ ଏଠି ଗଣିତ କସୁଛି
ସଜଡ଼ା ଉଜଡା ମାନ ।।
ଗଢ଼ିବାର ଆଶା ଜଡ଼ିବାର ପାଇଁ
ବିଭୀଷିକା ସତ୍ତା ମୟ ,,
ତଥାପି କାହିଁକି ମନ ଟା ଅବୁଝା
ପଣରେ ଏକଦା ଲୟ ।।
ଟାଣ ଦେଖାଇଲେ ଜାଣିବ"ବା କିଏ
ଅଜଣା ନିଜ ଠିକଣା ,,
କର୍ତ୍ତବ୍ୟ ରତରେ ଉଦାସ ରହିତେ
ଭ୍ରମେ କିଆଁ ହେବି ବଣା ।।
ଜଣା ନାହିଁ ଏଠି କେ"ନିଜ କେ"ପର
କାହାର ଅଟେ ଏ ଦେହ ,,
ଭାବିବାରେ ଖାଲି ଅନ୍ତର ବିଦାରେ
ଥମେନା ମନର କୋହ ।।
ଲୁହ ଯେତେବେଳେ ଅମାନିଆ ସାଜେ
ମୋହ ଭରା ଆଖି ତୀରେ ,,
ନିଦ ହଜିଯାଏ ବେଳ ଅଜାଣତେ
ଜାଗରିତେ ବିଛଣାରେ ।।
ସରିସରି ଯାଏ ଅଜଣା ବୟସ
ସମୟ'ଟା କହେ ମୂଳ ,,
କରିବା କରମ ରହିବଟି ସାକ୍ଷୀ
କରିଲେ ତୁଲ ତଉଲ ।।
ବୁଝି ବିଚାରିକି ସୁଝିବାକୁ ହେବ
ଯୁଝିଯୁଝି ଜୀବନରେ ,,
ଅନ୍ତୁଡ଼ି ନିଆଁରୁ ଖେଳ"ତ" ଆରମ୍ଭ
ସରିବ ଯୁଇ ନିଆଁରେ ।।

ରଥଶର୍ମା କଲୋନୀ
କୋରାପୁଟ
ମୋବାଇଲ୍: ୯୧୨୪୦୪୯୧୨୯



# ଆଶୀର୍ବାଦ

ଡଃ ନାରାୟଣ ଚନ୍ଦ୍ର ସେନାପତି

ତୁମେ ଚାରି ଅକ୍ଷରରେ ଗଢ଼ା
ଏମିତି ଚିଜ ଟିଏ
ଥରେ ମଥା ଛୁଇଁଦେଲେ
ସବୁ ଦୁଃଖ କଷ୍ଟ
ନିମିଷକେ ଉଭେଇ ହୋଇଯାଏ।

ତୁମେ ମହାନଙ୍କ ହୃଦୟରେ ଲୁଚିଥିବା
ଛୋଟ ଶ୍ରଦ୍ଧାଟିଏ
କୋଉଠି ଥାଅ କେଜାଣି
ଆଚାର ବ୍ୟବହାର ସମ୍ମାନ ପାଇଲେ
ତୁମ ଗଭୀର ଭଲପାଇବା
ତାଙ୍କ ଉପରେ ଆପେ ଆପେ
ଅଜାଡ଼ି ହୋଇଯାଏ।

ନମସ୍କାର ଜୁହାର ପ୍ରଣାମ ଆଦି ସୁଇଚ ଟିପିଲେ
ତୁମେ ଉଜ୍ଜ୍ୱଳ ବତୀ ହୋଇ ଜଳ
କିଏ ଭକ୍ତି ପ୍ରେମ ଅଜାଡ଼ିଲେ
ତୁମେ ପ୍ରୀତି ହୋଇ ବହିଚାଲ
ତୁମକୁ ଯିଏ ବି କାଖେଇଛି
ତୁମେ ତାକୁ କରିଦିଅ ସବଳ
ଆଉ କୁହ
କରି ଚାଲ କାମ
ନିଶ୍ଚେ କାଟି ହୋଇପାରିବ ସଫଳ।

ଗୁରୁ ଗୁରୁଜନ ପିତାମାତାଙ୍କର ତୁମେ
ଗେହ୍ଲା ନନ୍ଦନ
ଈଶ୍ୱରଙ୍କର ତ ତୁମେ ସୁବାସିତ ଚନ୍ଦନ
ତୁମକୁ ଟିକେ ପାଇବାକୁ
କେତେ ବିକଳ ହେଉଥାନ୍ତି
ଛାତ୍ର ଭକ୍ତ ଆଉ ସନ୍ତାନ
ତୁମେ ଏମିତି କୁହୁକୀ ଛୁଆଁ ଟିଏ ଯେ
ଯିଏ ପାଏ ସେ ନିଜକୁ ମଣେ ସବୁଠୁ ଭାଗ୍ୟବାନ।

ଜମ୍ପରା, କେନ୍ଦୁଝର

## ପୁଅ ବୋହୂଙ୍କୁ ପେଟ୍ରୋଲ ଢାଳି ପୋଡ଼ିବା ଉଦ୍ୟମ

# ଆଖିବୁଜିଲେ ବୋହୂ, ପୁଅ ଗୁରୁତର

**କଟକ,୧।୧୨ (ସଂଚାର ବ୍ୟୁରୋ):** ବାରଙ୍ଗ ଗୋଡ଼ିସାହିରେ ଅଞ୍ଚଳରେ ପୁଅ ବୋହୂଙ୍କୁ ପେଟ୍ରୋଲ ଢାଳି ଜାଳିଦେବାକୁ ଉଦ୍ୟମ କରିଥିଲେ ବାପା। ରବିବାର କଟକର ଏକ ଘରୋଇ ହସ୍ପିଟାଲରେ ଚିକିତ୍ସାଧୀନ ଅବସ୍ଥାରେ ଆଖି ବୁଜିଛନ୍ତି ବୋହୂ। ପୁଅର ଅବସ୍ଥା ଗୁରୁତର ଥିବା ବେଳେ ଆଇସିୟୁରେ ଚାଲିଛି ଚିକିତ୍ସା। ବାପାଙ୍କୁ ମଧ୍ୟ ଏସ୍‌ସିବିରେ ଭର୍ତ୍ତି କରାଯାଇଛି। ସୂଚନା ଅନୁସାରେ, ଶନିବାର ଗୋଡିସାହି ବାରସିଙ୍ଗା ଗାଁରେ ପାରିବାରିକ କଳହକୁ କେନ୍ଦ୍ରକରି ବୃଦ୍ଧ ବାପା ଗୋବର୍ଦ୍ଧନ ରାଉତ ପୁଅ ଓ ବୋହୁଙ୍କୁ ପେଟ୍ରୋଲ ଢ଼ାଳି ନିଆଁ ଲଗାଇ ଦେଇଥିବା ଅଭିଯୋଗ ହୋଇଥିଲା। ଗୁରୁତର ଅବସ୍ଥାରେ ପୁଅ ବୋହୂଙ୍କୁ କଟକର ଏକ ଘରୋଇ ହସ୍ପିଟାଲରେ ଭର୍ତ୍ତି କରାଯାଇଥିଲା। ପୁଅ ଦୀନବନ୍ଧୁ ରାଉତଙ୍କ ଶରୀରର ୫୦%ରୁ ଅଧିକ ପୋଡ଼ି ଯାଇଥିବା ବେଳେ ବୋହୂଙ୍କ ଶରୀରର ପ୍ରାୟ ୭୦%ରୁ ଅଧିକ ପୋଡ଼ି ଯାଇଥିଲା। ଉଭୟଙ୍କୁ ଆଇସିୟୁରେ ରଖି ଚିକିତ୍ସା କରାଯାଉଥିବା ବେଳେ ଚିକିତ୍ସାଧିନ ଅବସ୍ଥାରେ ଆଖି ବୁଜିଛନ୍ତି ବୋହୂ। ବାରଙ୍ଗ ପୋଲିସ ମାମଲା ତଦନ୍ତ ଚଳାଇଛି।

## ବୟାଳିଶମୌଜା ମୁଖ୍ୟ ରାସ୍ତା ସମସ୍ୟା ସମାଧାନ ଦାବି



**କଟକ, ୧।୧୨(ସଂଚାର ବ୍ୟୁରୋ):** ବୟାଳିଶମୌଜା ମୁଖ୍ୟ ରାସ୍ତାର ପିଚୁ କାମ ଅଧା ପନ୍ତରିଆ ଭାବେ ଏବେ ବି ପଡ଼ି ରହିଛି। ବେଣ୍ଟକାର ବଜାର ଠାରୁ କିଛି ଦୂରରେ ପ୍ରାୟ ଏକ ଶହ ମିଟର ରାସ୍ତା କାମ ସମ୍ପୂର୍ଣ୍ଣ ନ ହେବାରୁ ରାସ୍ତାଟି ତଳ ଉପର ହୋଇ ରହିଛି। ଫଳରେ ଯାତାୟାତର ବହୁ ଅସୁବିଧା ଭୋଗୁଛନ୍ତି ବାସିନ୍ଦା। ଦୁର୍ଘଟଣା ଘଟିବାର ସମ୍ଭାବନା ମଧ୍ୟ ରହିଛି। ଏଥିପ୍ରତି ବିଭାଗୀୟ ଅଧିକାରୀ ଦୃଷ୍ଟି ଦେବାକୁ ବରିଷ୍ଠ ସମାଜସେବୀ ଇଂ. ଅଶୋକ ବିଶ୍ୱାଳ, ଅଭିରାମ ଦଳାଇ, ଶିବ ବେହେରା, ବାଇନ ନାୟକ, ରମେଶ ମଲିକ, ସମୀର ଦଳାଇ, ପ୍ରକାଶ ସାହୁ, କୁଲୁ ସେନାପତି, ପ୍ରମୋଦ ଲେଙ୍କା ପ୍ରମୁଖ ଦାବି କରିଛନ୍ତି।

# ରୋଜଗାରଭିତ୍ତିକ ତାଲିମ: ଯୁବବର୍ଗ ଅନାଗ୍ରହୀ



**ଭୁବନେଶ୍ୱର, ୧।୧୨:** ପ୍ରଧାନମନ୍ତ୍ରୀ କୌଶଳ ବିକାଶ ଯୋଜନା (ପିଏମକେଭିୱାଇ) ଅଧିନରେ ଚଳାଯାଉଥିବା ବିଭିନ୍ନ ରୋଜଗାର ଭିତ୍ତିକ ସ୍ୱତନ୍ତ୍ର ପ୍ରକଳ୍ପରେ ତାଲିମ ନେବାପାଇଁ ଓଡ଼ିଶାର ଯୁବକ ଯୁବତୀ ସେତେଟା ଆଗ୍ରହ ପ୍ରକାଶ କରୁନାହାନ୍ତି। ଆଠବର୍ଷ ମଧ୍ୟରେ ସ୍ୱତନ୍ତ୍ର ତାଲିମଧାରୀଙ୍କ ସଂଖ୍ୟା ୬ହଜାରରୁ କମ୍ ରହିଛି।

ତାଲିମ ପାଇଲା ପରେ ତୁରନ୍ତ କର୍ମସଂସ୍ଥା ପାଇବାପାଇଁ ପିଏମକେଭିୱାଇରେ କେନ୍ଦ୍ର ସରକାର ୩୩ ପ୍ରକାରର ତାଲିମ ସ୍ୱତନ୍ତ୍ର ପ୍ରକଳ୍ପ ଜରିଆରେ ପ୍ରଦାନ କରୁଛନ୍ତି। ଏଥିରେ ସିଲାଇ ଶିକ୍ଷା ଠାରୁ ଆରମ୍ଭ କରି ମୋବାଇଲ ଫୋନ୍ ମରାମତି, ସୋଲାର ପିଭି ମେକାନିକ୍, ସିସିଟିଭି ମେକାନିକ, ଗହଣା ପ୍ରସ୍ତୁତ, ଡିଟିଏଚ୍ ଲଗାଇବା ତାଲିମ, ବିଦ୍ୟୁତ୍ ମରାମତି, ବିୟୁଟି ଥେରାପିଷ୍ଟ ଆଦି ବିଭିନ୍ନ ତାଲିମ ରହିଛି।

ହେଲେ ଓଡ଼ିଶାର ଯୁବକ ଯୁବତୀମାନେ ଏଥିପ୍ରତି ସେତେଟା ଆଗ୍ରହୀ ନୁହନ୍ତି। କାରଣ ୨୦୧୭-୧୮ବର୍ଷରୁ ବର୍ତ୍ତମାନ ସୁଦ୍ଧା ଏହି ଯୋଜନାରେ ମାତ୍ର ୫୯୧୮ ଜଣ ତାଲିମ ପାଇଛନ୍ତି। ୨୦୧୯-୨୦ ବର୍ଷରେ ସର୍ବାଧିକ ୩୨୨୩ ଜଣ ତାଲିମ ପାଇଥିବାବେଳେ ୨୦୨୨-୨୩ ବର୍ଷରେ ଜଣେ ହେଲେ କେହି କୌଣସି ବର୍ଗରେ ତାଲିମ ପାଇନଥିଲେ। ତେବେ ୨୦୨୩-୨୪ ବର୍ଷରେ ୩୬୭ ଜଣ ତାଲିମ ପାଇଛନ୍ତି। ଏଥିରେ ସର୍ବାଧିକ ୨୦୨ ଜଣ ସୁରକ୍ଷାକର୍ମୀ ତାଲିମ ନେଇଥିବାବେଳେ ୯୦ ଜଣ ସୌରଶକ୍ତି ପିଭି ସ୍ଥାପନ ତାଲିମ ନେଇଛନ୍ତି। ୬୦ ଜଣ ରବର ନର୍ସରୀରେ କାମକରିବାର ତାଲିମ ପାଇଛନ୍ତି। ସେହିଭଳି ୨୦୨୪-୨୫ ବର୍ଷରେ ଦୁଇଟି ବିଭାଗରେ ମାତ୍ର ୭୯ଜଣ ତାଲିମ ନେଇଥିବା ଜଣାଯାଇଛି। ଏଥି ମଧ୍ୟରେ ସୋଲାର ପିଭି ସ୍ଥାପନ ପାଇଁ ୩୦ ଜଣ ତାଲିମ ନେଇଥିବାବେଳେ ୪୯ଜଣ କଲସେଣ୍ଟରରେ କାର୍ଯ୍ୟ କରିବାର ତାଲିମ ପାଇଛନ୍ତି।

ଏହି ସୂଚନାରୁ ଜଣାଯାଇଛି ଯେ ବିଗତ ୫ବର୍ଷ ଧରି ଏହି କେନ୍ଦ୍ରୀୟ ତାଲିମ ଯୋଜନାରେ ଜଣେ ହେଲେ କେହି ସିଲାଇ ତାଲିମ ପାଇ ନାହାନ୍ତି। ସେହିଭଳି ବିୟୁଟି ଥେରାପିଷ୍ଟ, ସିସିଟିଭି ଟେକ୍ନିସିଆନ, ଡିଟିଏଚ୍ ସେଟଅପ୍ ବକ୍ସ ସ୍ଥାପନ, ମୋବାଇଲ ଫୋନ୍ ମରାମତି ଆଦିରେ ଜଣେ ହେଲେ କେହି ତାଲିମ ପାଇ ନାହାନ୍ତି।

ଇତି ମଧ୍ୟରେ ପିଏମକେଭିୱାଇ ୪.୦ରେ ସମଗ୍ର ଦେଶରେ ଦେଢ଼ କୋଟି ଯୁବକ ଯୁବତୀଙ୍କୁ ତାଲିମ ପ୍ରଦାନ ପାଇଁ ଲକ୍ଷ୍ୟ ରଖାଯାଇଛି। ଏହି କାର୍ଯ୍ୟକ୍ରମ ୨୦୨୨-୨୩ ରୁ ୨୦୨୫-୨୬ ପର୍ଯ୍ୟନ୍ତ କାର୍ଯ୍ୟ ହେଉଛି। ବଜାରରେ ନିଯୁକ୍ତି ଚାହିଦାକୁ ଦୃଷ୍ଟିରେ ରଖି ଯୁବକ ଯୁବତୀମାନଙ୍କୁ ବିଭିନ୍ନ ତାଲିମ ପ୍ରଦାନର ଲକ୍ଷ୍ୟ ରଖାଯାଇଛି। ଶିଳ୍ପସଂସ୍ଥା ଓ ଶିକ୍ଷାନୁଷ୍ଠାନ ସହିତ ପରାମର୍ଶ କରି ବର୍ତ୍ତମାନ ଚଳାଯାଉଥିବା ବିଭିନ୍ନ ତାଲିମ ସହିତ ନୂଆ ନୂଆ ତାଲିମ ପ୍ରଦାନ ପାଇଁ କେନ୍ଦ୍ର ସରକାର ପଦକ୍ଷେପ ଗ୍ରହଣ କରୁଛନ୍ତି।

ଉଲ୍ଲେଖନୀୟ ଯେ କେନ୍ଦ୍ର ଦକ୍ଷତା ବିକାଶ ଏବଂ ଉଦ୍ୟମିତା ମନ୍ତ୍ରଣାଳୟ ୨୦୧୫ ମସିହାର ତାହାର ଫ୍ଲାଗସିପ୍ ଯୋଜନା ଭାବେ ପିଏମକେଭିୱାଇକୁ କାର୍ଯ୍ୟକା।ରୀ କରୁଛନ୍ତି। ଏହି ଯୋଜନାରେ ସମଗ୍ର ଦେଶରେ ସ୍ୱଳ୍ପ ମିଆଦୀ ତାଲିମ ସହିତ ଦକ୍ଷତା ବୃଦ୍ଧି ପାଇଁ ଯୁବକ ଯୁବତୀମାନଙ୍କୁ ତାଲିମ ଦେବାର ବ୍ୟବସ୍ଥା ରହିଛି। (ତଥ୍ୟ)

# ଧାନ ଫସଲକୁ ନଷ୍ଟ କଲେ ହାତୀପଲ



**ବୈଶିଙ୍ଗା, ୧।୧୨ (ସଂଚାର ବ୍ୟୁରୋ):** ବେତନଟୀ ରେଞ୍ଜ ଅଧୀନରେ ଏକ ମାସରୁ ଉର୍ଦ୍ଧ୍ୱ ହେବ ଝାଡଖଣ୍ଡୀ ହାତୀପଲଙ୍କର ପ୍ରାଦୁର୍ଭାବ ବଢ଼ି ଚାଲିଥିବା ବେଳେ ଏଥି ନେଇ ଚାଷୀକୂଳ ବ୍ୟାପକ କ୍ଷତି ସହୁଥିବାର ପରିଲକ୍ଷିତ ହୋଇଛି । ବେତନଟୀ ରେଞ୍ଜ ଅଧୀନର ବିଭିନ୍ନ ଜଙ୍ଗଲରେ ଝାଡଖଣ୍ଡୀ ଦନ୍ତା ହାତୀ ରହୁଥିବା ବେଳେ ଦିନ ସମୟରେ ଜଙ୍ଗଲ ମଧ୍ୟରେ ରହୁଥିବା ବେଳେ ସନ୍ଧ୍ୟା ସମୟ ପାଖରୁ ସେମାନେ ପାଚିଲା ଧାନ ଫସଲକୁ ଦଳି ଚକଟି ନଷ୍ଟ କରିବା ସହ ଧନଜୀବନ ପ୍ରଭାବିତ ହେଉଛି । ରେଞ୍ଜ ଅଧୀନ ବୈଶିଙ୍ଗା ଥାନା ଅଧୀନ ଦଲକି ଏବଂ ଫୁଲଝରି ଜଙ୍ଗଲରେ ୧୫ଟି ହାତୀ ଥିବା ବେଳେ ମମତାପାଳ ପାଖ ଜଙ୍ଗଲରେ ୪୦ଟି ହାତୀ ରହିଥିବା ନେଇ ସୂଚନା ମିଳିଛି । ହାତୀମାନେ ଅମଳ ହେବାକୁ ଥିବା ଧାନଚାଷକୁ ନଷ୍ଟ କରୁଥିବା ବେଳେ ଏହି ହାତୀ ପ୍ରଭାବିତ ଅଞ୍ଚଳ ମାନଙ୍କରେ ଚାଷୀ ମାନେ ଯଥା ଶୀଘ୍ର ଧାନକୁ ସଂଗ୍ରହ କରି ସୁରକ୍ଷିତ ଯାଗାକୁ ନେଇ ଯାଉଥିବାର ପରିଲକ୍ଷିତ ହୋଇଛି ।

ଶନିବାର ଫୁଲଝରି ଗ୍ରାମର ଚାଷୀ ଅଜୟ କୁମାର ମହାକୁଡ, ପୁଅ କିଶାନ ଚନ୍ଦ୍ର ମହାକୁଡ ଦୁହେଁ ମିଶି ମେସିନ ସାହାଯ୍ୟରେ ଧାନ ପିଟି ବୁରା କରୁଥିବା ସମୟରେ ସନ୍ଧ୍ୟା ହୋଇ ଆସିଥିବାରୁ ଏକାଧିକ ହାତୀ ଏକା ସଙ୍ଗରେ ତାଙ୍କ ଆଡ଼କୁ ମାଡି ଆସିଥିଲେ। ଏହା ଦେଖି ତରବର ଭାବେ ସେମାନେ ସମସ୍ତ ଅମଳ ହୋଇ ସାରିଥିବା ଧାନ ଭର୍ତ୍ତୀ ବୁରାକୁ କୁଟା ଦ୍ୱାରା ଢାଙ୍କି ଦେଇ ଜୀବନ ବିକଳରେ ଦୌଡି ପଳାଇଥିଲେ । ସକାଳ ସମୟରେ ବିଲକୁ ଯାଇ ଦେଖିବା ବେଳକୁ ୨୫ କ୍ୱିଣ୍ଟାଲରୁ ଉର୍ଦ୍ଧ୍ୱ ଧାନ ବୁରାକୁ ଚିରି ଧାନ ନଷ୍ଟ କରିଦେଇଥିଲେ । ବର୍ଷକର ଅମଳ କରିସାରିଥିବା ଧାନକୁ ନଷ୍ଟ ହୋଇ ଥିବାର ଦେଖି ଦୁଇ ବାପ ପୁଅ ଦୁଃଖରେ ଭାଙ୍ଗି ପଡିବା ସହ ସରକାରୀ ସହାୟତା ପାଇଁ ନିବେଦନ କରିଛନ୍ତି। ସେହି ଗ୍ରାମର ଅନ୍ୟ ଜଣେ ଚାଷୀ ସନ୍ତୋଷ କୁମାର ମହାନ୍ତି ଅମଳ ଧାନକୁ ଟ୍ରାକ୍ଟର ଯୋଗେ ଘରକୁ ଆଣିବା ପାଇଁ ପ୍ରସ୍ତୁତି ହେଉଥିବା ବେଳେ ହାତୀପଲ ଡଲାରେ ଭର୍ତ୍ତୀ ହୋଇଥିବା ଧାନକୁ ନଷ୍ଟ କରି ଦେଇଥିଲେ । ହାତୀ ମାନଙ୍କର ପ୍ରାଦୁର୍ଭାବ ବଢ଼ି ଚାଲିଥିବା ବେଳେ ବନବିଭାଗ ସେମାନଙ୍କର ଗତିପଥ ଉପରେ ନଜର ରଖିଛି। ପ୍ରତ୍ୟେକ ବର୍ଷ ଏହି ପ୍ରକ୍ରିୟା ଚାଲିଥିବା ବେଳେ ବାଜିରେ ଲାଗୁଛି ଲୋକଙ୍କର ଧନଜୀବନ, ତେଣୁ ସରକାର ଏଥି ପ୍ରତି ଦୃଷ୍ଟି ଦେବା ସହ ସ୍ୱତନ୍ତ୍ର ପଦକ୍ଷେପ ନେବାକୁ ସାଧାରଣରେ ଦାବି ହୋଇଛି ।

## ଓଲଟିଲା ଗୋରୁ ବୋଝେଇ ପିକଅପ ଭ୍ୟାନ,୩ ଷଣ୍ଢ ମୃତ

**ବାଲେଶ୍ୱର,୧।୧୨ (ସଂଚାର ବ୍ୟୁରୋ):** ବେଆଇନ ଗୋଚାଲାଣ ବେଳେ ବାଲେଶ୍ୱର ସଦର ଥାନା ଅନ୍ତର୍ଗତ ନିମିକି ସଡ଼କ ସୁନ୍ଦରୀ ଠାରେ ଆଜି ଭୋର୍ ସମୟରେ ଏକ ଗୋରୁ ବୋଝେଇ ପିକ୍‌ଅପ୍ ଓଲଟି ୩ ଷଣ୍ଢଙ୍କର ମୃତ୍ୟୁ ହୋଇଛି ଏବଂ ୧୦ଟି ଷଣ୍ଢଙ୍କୁ ଗୁରୁତର ଅବସ୍ଥାରେ ଉଦ୍ଧାର କରାଯାଇ ବାମପଦାସ୍ଥିତ ଗୋଶାଳାକୁ ପଠାଯାଇଛି। ଦୁର୍ଘଟଣାର ନିର୍ଦ୍ଦିଷ୍ଟ କାରଣ ଜଣା ପଡ଼ିନଥିଲେ ମଧ୍ୟ ଏହାକୁ ନେଇ ସ୍ଥାନୀୟ ଅଞ୍ଚଳବାସୀଙ୍କ ମଧ୍ୟରେ ତୀବ୍ର ଉତ୍ତେଜନା ପ୍ରକାଶ ପାଇଥିଲା। ପିକ୍‌ଅପ୍ ଭ୍ୟାନ୍‌ର ଡ୍ରାଇଭର ଏବଂ ହେଲପର୍ ମଧ୍ୟ ଏହି ଦୁର୍ଘଟଣାରେ ଗୁରୁତର ଆହତ ହୋଇଥିଲେ। ଘଟଣା ସ୍ଥଳରେ ପୁଲିସ ବାଲେଶ୍ୱର ସିଟି ଡିଏସ୍‌ପି ଶୁଭ୍ରାଂଶୁ ଶେଖା ନାୟକ ଏବଂ ସଦର ଥାନା ଆଇଆଇସି ଦୟାନିଧି ଦାସ ପହଞ୍ଚି ଉତ୍ତ୍ୟକ୍ତ ଲୋକଙ୍କୁ ବୁଝାସୁଝା କରି ଗୁରୁତର ଡ୍ରାଇଭର ଏବଂ ହେଲପର୍‌ଙ୍କୁ ବାଲେଶ୍ୱର ଜିଲ୍ଲା ମୁଖ୍ୟ ଡାକ୍ତରଖାନାରେ ଭର୍ତ୍ତି କରିଛନ୍ତି। ପୁଲିସ ଦୁର୍ଘଟଣାଗ୍ରସ୍ତ ପିକ୍‌ଅପ୍ ଭ୍ୟାନ୍ (ଓଆର୍-୦୨ଏଏମ୍-୬୯୨୫)ଟିକୁ ଜବତ କରି ତଦନ୍ତ ଆରମ୍ଭ କରିଛି। ଏନେଇ ୪୮୩/୨୪ରେ ଏକ ମାମଲା ରୁଜୁ କରାଯାଇଛି। ମିଳିଥିବା ସୂଚନା ମୁତାବକ, ଏହି ଷଣ୍ଢ ବୋଝେଇ ପିକ୍‌ଅପ୍ ଗୋପାଳପୁର ଥାନା ସାହାସପୁରା ଅଞ୍ଚଳରୁ ଆସୁଥିଲା। ସ୍ଥାନୀୟ ଉତ୍ତ୍ୟକ୍ତ ଲୋକଙ୍କ ମାଡରେ ଗୁରୁତର ହେଲ୍ପର ଡ୍ରାଇଭର କୁ ଚିକିତ୍ସା ପାଇଁ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରାଯାଇଛି

# ଅଧିବକ୍ତା ପରିଷଦର ୭୫ତମ ସମ୍ବିଧାନ ଦିବସ



**କେନ୍ଦ୍ରାପଡ଼ା, ୧।୧୨ (ସଂଚାର ବ୍ୟୁରୋ):** ଆଜି କେନ୍ଦ୍ରାପଡ଼ା ଜିଲ୍ଲା ଅଧିବକ୍ତା ପରିଷଦରର ୭୫ତମ ସମ୍ବିଧାନ ସପ୍ତାହ ପାଳନ କରାଯାଇଛି।ଏହି ଅବସର ରେ ରାଜ୍ୟ ଅଧିବକ୍ତା ପରିଷଦ ର ସମ୍ପାଦକ ମୁଖ୍ୟ ବକ୍ତା ଦେବାଶିଷ ତ୍ରିପାଠୀଙ୍କ ଉପସ୍ଥିତ ରେ ଉଦ୍ଘାଟନ କରାଯାଇଥିଲା। ଏହି ସଭାରେ କେନ୍ଦ୍ରାପଡା ଜିଲ୍ଲା ର ଅଧିବକ୍ତା ବହୁ ସଂଖ୍ୟାରେ ଉପସ୍ଥିତ ରହି ସମ୍ବିଧାନର ମହତ୍ୱ ଐତିହାସିକ ଦୃଷ୍ଟି କୋଣ ବିଚାର ବିଷୟରେ ଆଲୋଚନା ଏବଂ ପ୍ରଜ୍ୟାଲୋଚନ କରାଯାଇଥିଲା। ରାଷ୍ଟ୍ର ହିତ ଏବଂ ରାଷ୍ଟ୍ର ପରିଚାଳନାରେ ଅଧିବକ୍ତାଙ୍କ ମୁଖ୍ୟ ଭୂମିକା ରହିଅଛି। ଏହି ସଭାରେ କେନ୍ଦ୍ରାପଡା ଜିଲ୍ଲାର ବରିଷ୍ଠ ଅଧିବକ୍ତା ଅକ୍ଷୟ ମହାନ୍ତି, ଧ୍ରୁବ ଚରଣ ଜେନା, ଭୀମସେନ ଭୂୟାଁ, ସରୋଜ ରାଜ ସିଂହଙ୍କୁ ମାନପତ୍ର ସହ ସମ୍ମାନୀତ କରାଯାଇଥିଲା। ଏବଂ ଜିଲ୍ଲାରେ ଦୁଇ ଜଣ ସେବା କାର୍ଯ୍ୟରେ ନିବୃତ ରହି ବିନା ଦ୍ୱିଧାରେ ସେବା କାର୍ଯ୍ୟକୁ ନିଜର ବ୍ରତ ରୂପେ ପାଥେୟ କରି ଆସୁଅଛନ୍ତି। ଏହି କାର୍ଯ୍ୟ ଶୈଳୀକୁ ସମ୍ମାନ ଦେଖାଇ କେନ୍ଦ୍ରାପଡ଼ା ଜିଲ୍ଲା ଅଧିବକ୍ତା ପରିଷଦ ତରଫରୁ ମହାତ୍ମା ବିଦୁର ସମ୍ମାନ ପାଇଁ ସମ୍ମାନିତ କରାଯାଇଛି। ସେମାନଙ୍କ ମଧ୍ୟରେ ଜିଲ୍ଲା ନାୟାଳୟର କୃତିବାସ ସ୍ୱାଇଁ, ଶିବ ପ୍ରସାଦ ଦଳେଇ । ଉକ୍ତ କାର୍ଯ୍ୟକ୍ରମକୁ ଜିଲ୍ଲା ଅଧିବକ୍ତା ପରିଷଦ ର ସମ୍ପାଦକ ସାରଦା ପ୍ରସନ୍ନ ନାୟକ,ପରିଚାଳନା କରିବା ସହ ମଞ୍ଚାସୀନ ଅତିଥି ମଧ୍ୟରେ ଜିଲ୍ଲା ଅଧିବକ୍ତା ପରିଷଦ ସଭାପତି କାର୍ତ୍ତିକ ଚନ୍ଦ୍ର ତ୍ରିପାଠୀ , ବରିଷ୍ଠ ଅଧିବକ୍ତା ସଞ୍ଜୟ ପତ୍ରୀ ଉପସ୍ଥିତ ରହି ସମ୍ବିଧାନ ସପ୍ତାହ ପାଳନ ର ମହତ୍ତ୍ୱ ବିଷୟରେ ଆଲୋଚନା କରିଥିଲେ।ଏଥି ସହ ଜିଲ୍ଲା ର ଅଧିବକ୍ତା ପରିଷଦ ସଦସ୍ୟ ସମର କେଶରୀ ମହାପାତ୍ର, ୱିନୋଦ ବେହେରା,ମାନସ ରଞ୍ଜନ ଶତପଥୀ,ଶାନ୍ତି ସ୍ୱରୂପ ଭୂୟାଁ,ନେହେରୁ କୁମାର୍ ସାହୁ,ଭବାନୀ ପଣ୍ଡା, ପଟ୍ଟନାୟକ, ଓ ଶତାଧିକ ଅଧିବକ୍ତା ଉପସ୍ଥିତି ରହିଥିଲେ।

## ନଳୀପୁର ଛକରେ ଗଳି ପୋଲ ନିର୍ମାଣ ଦାବି

# କାର୍ଯ୍ୟ ବନ୍ଦ କଲା ଆଞ୍ଚଳିକ ନାଗରିକ ସୁରକ୍ଷା କମିଟି



**ବାଲିଚନ୍ଦ୍ରପୁର, ୧।୧୨ (ସଂଚାର ବ୍ୟୁରୋ):** ଚଣ୍ଡିଖୋଲ-ପାରାଦୀପ ୫୩ ନମ୍ବର ଜାତୀୟ ରାଜପଥର ୮ ଲେନ ପାଇଁ କାମ ଚାଲୁଅଛି। ଏହି ରାଜପଥର ନଳୀପୁର ଛକ ଠାରେ ରାସ୍ତା ପାର ହେବା ପାଇଁ ବିଭାଗ ତରଫରୁ କୌଣସି ବ୍ୟବସ୍ଥା କରାନଯାଇ କାର୍ଯ୍ୟ କରାଯାଉଛି। ଏକଥା ଜଣାପଡ଼ିବା ପରେ ଅଞ୍ଚଳବାସୀଙ୍କ ପକ୍ଷରୁ ଜାତୀୟ ରାଜପଥ କର୍ତ୍ତୃପକ୍ଷଙ୍କୁ ବାରମ୍ବାର ଅବଗତ କରାଇଲେ ମଧ୍ୟ କୌଣସି ସୁଫଳ ମିଳୁନାହିଁ। ଫଳରେ ଆଞ୍ଚଳିକ ନାଗରିକ ସୁରକ୍ଷା କମିଟି ନାମରେ ଚାରିନଙ୍ଗଳ ଓ ନଳୀପୁର ଗ୍ରାମ ପଞ୍ଚାୟତର ଜନସାଧାରଣ ଏକ ମଞ୍ଚ ଗଠନ କରି ଆଜି ରବିବାର ଜାତୀୟ ରାଜପଥରେ ନଳୀପୁର ଛକ ଠାରେ ଏକତ୍ରିତ ହୋଇ କାର୍ଯ୍ୟ ବନ୍ଦ କରିଛନ୍ତି।

ଆନ୍ଦୋଳନକାରୀ ଅଭିଯୋଗ ମୁତାବକ ନଳୀପୁର ନୋଡ଼ାଲ ସ୍କୁଲ ଠାରୁ ଗହରନଗର ଭାୟା ଆଜାଦ ନଗର ଗ୍ରାମ୍ୟଉନ୍ନୟନ ବିଭାଗ ରାସ୍ତାଟି ୫୩ ନମ୍ବର ଜାତୀୟ ରାଜପଥର ନଳୀପୁର ଛକଦେଇ ଅତିକ୍ରମ କରିଛି। ଏହି ଜାତୀୟ ରାଜପଥର ଗୋଟିଏ ପାର୍ଶ୍ୱରେ ସ୍କୁଲ, କଲେଜ, ଡାକ୍ତରଖାନା, ବ୍ୟାଙ୍କ ରହିଥିବା ବେଳେ ଅପରପାର୍ଶ୍ୱରେ ଚକ୍ଷୁ ଚିକିତ୍ସାୟଳ, ପଶୁ ଚିକିତ୍ସାଳୟ, ଡ଼ାକଘର, ଚାରିନଙ୍ଗଳ ସରକାରୀ ଉଚ୍ଚ ବିଦ୍ୟାଳୟ ଏବଂ ପଞ୍ଚାୟତ କାର୍ଯ୍ୟାଳୟମାନ ରହିଅଛି। ଉକ୍ତ ସ୍ଥାନରେ ଓଭରବ୍ରିଜ୍ କିମ୍ବା ଗଳି ପୋଲର ବ୍ୟବସ୍ଥା କରାନଗଲେ ପଞ୍ଚାୟତର ଭୌଗଳିକସ୍ଥିତି ବିଗିଡ଼ିଯିବ। ଫଳରେ ବୟସ୍କ ବୃଦ୍ଧ ବୃଦ୍ଧା, ସାରିରିକ ଭିନ୍ନକ୍ଷମ, ଗର୍ଭବତୀ ମହିଳା ଶିଶୁମାନେ ପଞ୍ଚାୟତ କାର୍ଯ୍ୟାଳୟ ଓ ସ୍ୱାସ୍ଥ୍ୟ କେନ୍ଦ୍ରକୁ ଯିବାଆସିବାରେ ଘୋର ସମସ୍ୟା ସୃଷ୍ଟି ହେବ।

ଏପରିକି ଉଭୟ ପାର୍ଶ୍ୱରେ ଥିବା ଗ୍ରାମ ଗୁଡ଼ିକର ଚାଷି ମାନେ ଜଟିଳ ସମସ୍ୟାର ସମ୍ମୁଖିନ ହେବେ। ଏହିପରି ଆହୁରି ଅନେକ ଦାବି ନେଇ ଆଜି ଆଞ୍ଚଳିକ ନାଗରିକ ସୁରକ୍ଷା କମିଟି ପକ୍ଷରୁ ଶତାଧିକ କର୍ମକର୍ତ୍ତା କାର୍ଯ୍ୟ ବନ୍ଦ କରିବା ସହିତ ଜାତୀୟ ରାଜପଥ ପ୍ରକଳ୍ପନିର୍ଦ୍ଦେଶକ, ଜିଲ୍ଲାପାଳ ଯାଜପୁର, ଯାଜପୁର ସାଂସଦ ଓ ବଡ଼ଚଣା ବିଧାୟକଙ୍କୁ ଲିଖିତ ଅଭିଯୋଗ କରି ଘଟଣାର ସ୍ଥାୟୀ ପ୍ରତିକାର ଦାବି କରିଛନ୍ତି।

## ଭାରସ୍ୟାମ ହରାଇ ରାସ୍ତା କଡକୁ ଓଲଟିଲା ବାଲି ବୋଝେଇ ହାଇୱା

**ନାଉଗାଁ, ୧।୧୨ (ସଂଚାର ବ୍ୟୁରୋ):** ନାଉଗାଁ ଥାନା ଅନ୍ତର୍ଗତ ସାରେଇକୁଳ ଠାରେ ଏକ ମର୍ମନ୍ତୁକ ସଡ଼କ ଦୁର୍ଘଟଣା ଦେଖିବାକୁ ମିଳିଛି। ସୂଚନା ଅନୁସାରେ ରବିବାର ଭୋର ୫ସମୟରେ ସମୟରେ ଏକ ବାଲି ବୋଝେଇ ହାଇୱା ଶିଖରଘାଟ ସେତୁ ଦେଇ ଦ୍ରୁତ ଗତିରେ ଆସୁଥିବା ସମୟରେ ଭାରଶ୍ୟାମ ହରାଇ ନାଉଗାଁ ଥାନା ଅନ୍ତର୍ଗତ ସାରେଇକୂଳ ନିକଟରେ



ରାସ୍ତା କଡକୁ ଓଲଟି ପଡିଥିଲା। ବାଲି ହାଇୱା ଟି କେଉଁଠୁ ବାଲି ଆଣି କେଉଁଠିକି ଯାଉଥିଲା ତାହା ସ୍ପଷ୍ଟ ହୋଇ ପାରିନଥିବା ବେଳେ ଗାଡ଼ି ଚାଳକ ଗାଡିରୁ ଡେଇଁ ଫେରାର ହୋଇଯାଇଥିବା ଜଣାଯାଇଛି। ତେବେ ନାଉଗାଁ ପୁଲିସ ଘଟଣା ସ୍ଥଳରେ ପହଞ୍ଚି ଅଧିକ ତଦନ୍ତ କରୁଥିବା ଦେଖିବାକୁ ମିଳିଛି।

## ବାଲି ଖାଦାନରେ ମାଫିଆ ଆତଙ୍କ

# ସଂଘବଦ୍ଧ ଆକ୍ରମଣରେ ୪ ଗୁରୁତର

**କେନ୍ଦ୍ରାପଡ଼ା, ୧।୧୨ (ସଂଚାର ବ୍ୟୁରୋ):** କେନ୍ଦ୍ରାପଡ଼ା ଜିଲ୍ଲାରେ ଦିନକୁ ଦିନ ବାଲି ଘାଟରେ ବାଲି ମାଫିଆଙ୍କ ଆତଙ୍କରାଜ ବୃଦ୍ଧି ପାଇବାରେ ଲାଗିଛି । ବାଲି ଲୁଟ୍ ପାଇଁ ବିଭିନ୍ନ ଗୋଷ୍ଟିଙ୍କ ମଧ୍ୟରେ ଛକପଞ୍ଝା ସହ ମାରପିଟ କରିବାକୁ ପଛାଉନାହାନ୍ତି । ବାଲି ଘାଟର ଅବଧି ଶେଷ ପରେ ମଧ୍ୟ ମାଫିଆରାଜ ଚାଲିଛି । ବାଲି ଚୋରିକୁ ଯଦି କେହି ବିରୋଧ କରେ ତେବେ ତାଙ୍କୁ ଆକ୍ରମଣ କରିବେ । ନହେଲେ ପୋଲିସକୁ ଲଗାଇ ମିଥ୍ୟା ମାମଲାରେ ଫସାଇବେ । ବିଗତ ଦିନରେ କେନ୍ଦ୍ରାପଡ଼ା ଜିଲ୍ଲାରେ ଏହିଭଳି ଅନେକ ଘଟଣା ଦେଖିବାକୁ ମିଳିଛି । ଏହିଭଳି ଏକ ଘଟଣା ପୁଣିଥରେ ଶନିବାର ବିଳମ୍ବିତ ରାତିରେ ଦେଖିବାକୁ ମିଳିଛି । ବାଲି ମାଫିଆଙ୍କ ଆକ୍ରମଣରେ ଗରଦପୁର ଅଞ୍ଚଳର ୪ ଜଣ ଯୁବକ ଗୁରୁତର ଆହତ ହୋଇଛନ୍ତି । ମାଫିଆ ଦୈନିକ ବାଲି ଚୋରୀ କରିବେ । ଏହାକୁ ବିରୋଧ କରି ଗରଦପୁର ଅଞ୍ଚଳର କେତେଜଣ ଯୁବକ ବାଲି ଉଠାଇବାକୁ ଚିତ୍ରୋତ୍ପଳା ନଦୀରେ ପହଞ୍ଚିଥିଲେ । ପୂର୍ବ ପ୍ରସ୍ତୁତି ଅନୁଯାୟୀ ମାଫିଆମାନେ ବନ୍ଧୁକ, ବୋମା, ବିଭିନ୍ନ ମାରଣାସ୍ତ୍ର ଧରି ବାଲି ଉଠାଉଥିବା ଯୁବକଙ୍କ ନିକଟକୁ ଧାଇଁ ଆସିଥିଲେ । ଏହାପରେ ଦୃର୍ବୃତ୍ତମାନେ ପ୍ରଥମେ ୩ଟି ବୋମା ଫିଙ୍ଗି ଭୟଭିତ କରାଇଥିଲେ । ୬ ଜଣ ଦୁର୍ବୃତ୍ତ ଯୁବକମାନଙ୍କ ମୁଣ୍ଡରେ ବନ୍ଧୁକ ଲଗାଇ ବିଭିନ୍ନ ମାରଣାସ୍ତ୍ରରେ ଆକ୍ରମଣ କରିଥିଲେ । ଆତଙ୍କ ସୃଷ୍ଟି କରିବାକୁ ବାଲି ମାଫିଆ ଫାଙ୍କ ଫାୟାରିଂ କରିଥିଲେ । ସମୁଦାୟ ୧୮ ଜଣ ଦୃର୍ବୃତ୍ତ ଚିତ୍ରୋତ୍ପଳା ନଦୀରେ ୨ ଘଣ୍ଟା ଆତଙ୍କ ରଚାଇଥିଲେ । ଏମିତିକି ବାଲି ଲୋଡ କରୁଥିବା ଜଣଙ୍କୁ ବ୍ରିଜ ଉପରୁ ତଳକୁ ଫିଙ୍ଗି ଦେଇଥିଲେ । ଅଳ୍ପକେ ସେହି ବ୍ୟକ୍ତି ଜଣଙ୍କ ବଞ୍ଚି ଯାଇଛନ୍ତି । ସେହିପରି ଅନ୍ୟ ଜଣକ ଆଖି ଫୁଟାଇ ଦେଇଛନ୍ତି । ଆଉ ଜଣଙ୍କ ଗୋଡ ହାତ ଭାଙ୍ଗି ଦେଇଛନ୍ତି । ସେହିପରି ବଞ୍ଚିବା ଆଶାରେ ଆଉ ଜଣେ ଦୌଡି ପଳାଇବା ବେଳେ ବ୍ରିଜ କଡ଼ରେ ଥିବା ଏକ ଦୋକାନ ଭିତରେ ପଶିଯାଇଥିଲେ । ସେହି ଦୋକାନ ଭିତରେ ଥିବା ଜଣେ ମହିଳାଙ୍କ ପଛରେ ଲୁଚି ଯିବାରୁ ମହିଳାଙ୍କୁ ଦୁର୍ବୃତମାନେ ମାଡ ମାରିବାରୁ ସେ ବେହୋସ ହୋଇଯାଇଥିଲେ । ମହିଳା ତଳେ ପଡ଼ିଯିବା ପରେ ଲୁଚିଥିବା ବ୍ୟକ୍ତିଙ୍କୁ ମାଡ ମାରି ରକ୍ତାତ କରିଥିଲେ । ପାଟକୁରା ଥାନା ପୋଲିସ ସବୁ ଜାଣି ଏପର୍ଯ୍ୟନ୍ତ ଚୁପ ରହିବାକୁ ନେଇ ସାଧାରଣରେ ପ୍ରଶ୍ନ ସୃଷ୍ଟି ହୋଇଛି ।

## ଦାଦାବଟି ପାଇଁ ହୋଟେଲ ମାଲିକଙ୍କୁ ହତ୍ୟା ଉଦ୍ୟମ

# ମୁଖ୍ୟ ଅଭିଯୁକ୍ତ ଗିରଫ

**ବାଲେଶ୍ୱର, ୧।୧୨ (ସଂଚାର ବ୍ୟୁରୋ)** ଶିଳ୍ପାଞ୍ଚଳ ଥାନା ଅନ୍ତର୍ଗତ ସମଲପୁର ଅଞ୍ଚଳର ହୋଟେଲ ମାଲିକ ସଞ୍ଜିବ କୁମାର ମହାପାତ୍ରଙ୍କୁ ଗତ ୨୯ ତାରିଖରେ ଦାଦାବଟିକୁ କେନ୍ଦ୍ର କରି ମରଣାନ୍ତକ ଆକ୍ରମଣ ହୋଇଥିଲା । ୬ ରୁ ୭ ଜଣ ଯୁବକ ତେଲେଙ୍ଗା କଟୁରୀ ଓ ଖଣ୍ଡାରେ ହାଣି ହତ୍ୟା ଉଦ୍ୟମ କରିଥିଲେ। ଏହି ମାମଲାର ମୁଖ୍ୟ ଅଭିଯୁକ୍ତ ଶିଳ୍ପାଞ୍ଚଳ ଥାନା କାରଗିଲ ନଗରର ଟେରୁ ଓରଫ୍ କାହ୍ନୁ ନାୟକଙ୍କୁ ଗିରଫ କରାଯାଇଛି ବୋଲି ଏସ୍‌ପି ଅଫିସ ଠାରେ ଆୟୋଜିତ ସାମ୍ବାଦିକ ସମ୍ମିଳନୀରେ ଏସ୍‌ପି ରାଜ ପ୍ରସାଦ ସୂଚନା ଦେଇଛନ୍ତି ।

ସୂଚନା ଥାଉକି, ଗିରଫ ଟେରୁ ନିଜର ସହଯୋଗୀଙ୍କ ସହ ଏକ ଲାଲ ରଙ୍ଗର କାର ଯୋଗେ ସକାଳ ସମୟରେ ସମଲପୁର ସ୍ଥିତ ହୋଟେଲ ମାଲିକଙ୍କ ଘରକୁ ଯାଇ ୪୦ ହଜାର ଟଙ୍କା ଦାଦାବଟି ମାଗିଥିଲେ । ସେ ଏଥିରେ ରାଜି ନ ହେବାରୁ ଦୁର୍ବୃତ୍ତମାନେ ତାଙ୍କୁ ହତ୍ୟା ଧମକ ଦେଇ ଫେରିଥିଲେ। ହୋଟେଲ ମାଲିକ ଜଣକ ଘରୁ କାର ଯୋଗେ ହୋଟେଲ ଯିବା ବେଳେ ସେହିଦିନ ପୂର୍ବାହ୍ନ ୯ଟା ସମୟରେ ସମଲପୁର ସ୍ଥିତ ଏସ୍‌ବିଆଇ ଏଟିଏମ୍ ଛକରେ ଦୁର୍ବୃତ୍ତମାନେ ତାଙ୍କ କାର୍‌କୁ ଅଟକାଇ ଖଣ୍ଡା



ଓ ତେଲେଙ୍ଗା କଟୁରୀରେ ଅତର୍କିତ ଆକ୍ରମଣ କରିଥିଲେ। ଆକ୍ରମଣ କରି ଆକ୍ରମଣକାରୀ ମାନେ ଘଟଣାସ୍ଥଳରୁ ଚମ୍ପଟ ମାରିଥିଲେ । ହୋଟେଲ ମାଲିକଙ୍କ କାର ଡ୍ରାଇଭର ଘଟଣା ସମ୍ପର୍କରେ ମାଲିକଙ୍କ ପରିବାରକୁ ଜଣାଇବା ସହ ତାଙ୍କୁ ଜିଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରାଇଥିଲେ । ଅବସ୍ଥା ସଙ୍କଟାପନ୍ନ ଥିବାରୁ ତାଙ୍କୁ କଟକ ମେଡ଼ିକାଲକୁ ସ୍ଥାନାନ୍ତର କରାଯାଇଥିଲା । ଏ ନେଇ ହୋଟେଲ ମାଲିକଙ୍କ ସ୍ତ୍ରୀଙ୍କ ଅଭିଯୋଗ କ୍ରମେ ଶିଳ୍ପାଞ୍ଚଳ ଥାନାରେ କେଶ ନଂ ୨୦୭/୨୪ ମୂଳେ ମାମଲା ରୁଜୁ କରାଯାଇ ତଦନ୍ତ ଜାରି ରହିଥିଲା । ଏସ୍‌ପିଙ୍କ ନିର୍ଦ୍ଦେଶକ୍ରମେ ଏକ ସ୍ୱତନ୍ତ୍ର ଟିମ୍ ଚଢ଼ାଉ କରି ମୁଖ୍ୟ ଅଭିଯୁକ୍ତଙ୍କୁ ଗିରଫ କରିବା ସହ ବ୍ୟବହୃତ ତେଲେଙ୍ଗା କଟୁରୀ ଜବତ କରାଯାଇଛି । ମୁଖ୍ୟଅଭିଯୁକ୍ତଙ୍କ ନାମରେ ପୂର୍ବରୁ ଜିଲାର ବିଭିନ୍ନ ଥାନାରେ ୨୮ଟି ଅପରାଧିକ ମାମଲା ରହିଥିବା ଏସ୍‌ପି ସୂଚନା ଦେଇଥିଲେ ।

# ଯନ୍ତ୍ରୀ ଓ ଠିକାଦାରଙ୍କ ମଧୁଚନ୍ଦ୍ରିକାରେ ହେଉଛି କୋଟି କୋଟି ଟଙ୍କାର ରାସ୍ତା କାମ

**ବାଲିଆପାଳ, ୧।୧୨ (ସଂଚାର ବ୍ୟୁରୋ):** ବାଲେଶ୍ୱର ଜିଲ୍ଲା ବାଲିଆପାଳ ବ୍ଲକ ପୂର୍ତ୍ତ ବିଭାଗ ଅଧିନରେ ହେଉଥିବା କୋଟି କୋଟି ଟଙ୍କାର ରାସ୍ତା କାମରେ ନା ଅଛି ଫଳକ ନା କାମବେଳେ ଦେଖାଅଛି ବିଭାଗୀୟ ଯନ୍ତ୍ରୀ ନା ଠିକାଦାରଙ୍କ। ସବୁକିଛି ବିଭାଗୀୟ ଯନ୍ତ୍ରୀ ଓ ଠିକାଦାରଙ୍କ ମଧୁଚନ୍ଦ୍ରିକାରେ ହେଉଥିବାର ସାଧାରଣରେ ଆଲୋଚନା ହେଉଛି ।



ସୂଚନାଯୋଗ୍ୟ ବାଲିଆପାଳ ବ୍ଲକ ପୂର୍ତ୍ତ ବିଭାଗ ଅଧିନରେ ସିମୁଳିଆ ରଥଖଳା ଠାରୁ ମାନଧାତା ପର୍ଯ୍ୟନ୍ତ ରାସ୍ତା କାମ ୨୦ କୋଟି ଟଙ୍କା ବ୍ୟୟରେ ହେଉଛି।କଣ୍ଟ୍ରାକ୍ଟର ପ୍ରଭାତ ବିଶ୍ୱାଳଙ୍କ ନାମରେ କାର୍ଯ୍ୟାଦେଶ ଥିବାବେଳେ ସ୍ଥାନୀୟ ପେଟି କଣ୍ଟ୍ରାଟର ସୌମ୍ୟଦୀପ ଚକ୍ରବର୍ତ୍ତୀ ଓରଫ ଦିପୁନନା କାମ କରୁଥିବାର ଶୁଣିବାକୁ ମିଳୁଛି। ରାସ୍ତା କାମରେ ଫଳକ ନ ଥାଇ କାମ ହେଉଥିବା ବେଳେ ବିଭାଗୀୟ କନିଷ୍ଠଯନ୍ତ୍ରୀ ସୁନିଲ କୁମାର ଦାସଙ୍କର ଦେଖା ମିଳୁନାହିଁ। ରାସ୍ତା କାମ ହେବା ସମୟରେ ରାସ୍ତା ସଫା ହେଉନାହିଁ, ପାଣି ପଡୁନାହିଁ, ସିମେଣ୍ଟ ଘୋଳା ପାଣି ପଡୁନାହିଁ। ସାଧାସିଧା ଭାବରେ ପଲିଥିନ ବିଛାଇ ଢଳେଇ କାର୍ଯ୍ୟ ହେଉଛି। ଏହି ରାସ୍ତାରେ ପୂର୍ବରୁ ମେଟାଲ ଓ ଅନେକ ଯାଗାରେ ପିଚୁ ହୋଇଥିବାରୁ ବର୍ତ୍ତମାନ ସାମାନ୍ୟ ପିଚକୁ ତାଡି ତା ଉପରେ କାର୍ଯ୍ୟ ହେଉଛି। ଦିପୁନନାର ସିମେଣ୍ଟ, ରଡ ଓ ଚିପସ ଡିପୋ ରହିଛି। ସ୍ଥାନୀୟ ସୁବର୍ଣ୍ଣରେଖା ନଦୀର ଲୁଣିବାଲି ସାଙ୍ଗକୁ ଢଳେଇରେ ଅଳ୍ପ ଦାମର ସିମେଣ୍ଟରେ ମନଇଚ୍ଛା ଭାଗମାପ ପଡି କାମ ହେଉଥିବାର ଅଭିଯୋଗ ହେଉଛି । କାମ ତଦାରଖରେ ବିଭାଗୀୟ ଅଧିକାରୀ ଓ ଠିକାଦାର କେହି ଆସୁ ନ ଥିବାରୁ ପେଟି କଣ୍ଟ୍ରାଟର ମନଇଚ୍ଛା କାମ କରୁଛି। କାମରେ ଫଳକ ନ ଥିବାରୁ କାମର ସବିଶେଷ ତଥ୍ୟ କେହି ଜାଣିପାରୁନାହାନ୍ତି।

## ସୂଚନାଫଳକ ନ ଥିବା ଅଭିଯୋଗ

ଏ ବିଷୟରେ ବିଭାଗର କନିଷ୍ଠ ଯନ୍ତ୍ରୀ ସୁନୀଲ କୁମାର ଦାସଙ୍କୁ ପଚାରିଲେ କହୁଛନ୍ତି ଫଳକ ଲାଗୁଛି ଲୋକେ ଭାଙ୍ଗି ଦେଉଛନ୍ତି କିନ୍ତୁ ଲଜ୍ଜାର କଥା ଶ୍ରୀ ଦାସ ବାଲିଆପାଳ ବ୍ଲକରେ ରହଣି ଭିତରେ କୋଟି କୋଟି କାମ ହୋଇଥିବାବେଳେ କୌଣସି କାମରେ ଆଜି ଯାଏଁ ସୁଚନା ଫଳକ ଲାଗିନାହିଁ। ଏତଦବ୍ୟତୀତ କିଛି ମାସ ତଳେ ବାଲିଆପାଳ ଓ କମର୍ଦ୍ଦା ରାସ୍ତାରେ ଯାଉଥିବା ବେଆଇନ ବାଲି ବୋଝେଇ ଡମ୍ପରକୁ ଭୋଗରାଇ ଅତିରିକ୍ତ ତହସିଲଦାର ଧରିବା ଘଟଣାରେ ଦିପୁନନା ତାଙ୍କର କିଛି ଲୋକଙ୍କୁ ନେଇ ତାଙ୍କୁ ମାଡ ମାରିଥିଲେ। ଏ ବିଷୟରେ ଜିଲ୍ଲାପାଳ ଜାଣିବା ପରେ ଦିପୁନନାର ବେଆଇନ ବାଲି ଖାଦାନ ଉପରେ ପ୍ରଶାସନ ଦ୍ୱାରା ଚଢାଉ ହେବା ସହିତ ତାଙ୍କର ଡମ୍ପର,ଜେସିପି ଓ ଟ୍ରାକ୍ଟର ଜବତ ହୋଇ ତାଙ୍କ ନାମରେ ମାମଲା ରୁଜୁ ହୋଇଥିଲା। ଏଭଳି ବ୍ୟକ୍ତିଙ୍କୁ ପୂର୍ତ୍ତବିଭାଗର ଅଧିକାରୀ ଅନେକ କାମ ପରୋକ୍ଷରେ ଦେଉଥିବାରୁ ବିଭାଗର ସ୍ୱଚ୍ଛତା ଉପରେ ପ୍ରଶ୍ନବାଚୀସୃଷ୍ଟି ହୋଇଛି। ଏ ଦିଗରେ ବାଲେଶ୍ୱର ଜିଲ୍ଲାପାଳ, ଗ୍ରାମ୍ୟ ଉନ୍ନୟନ ମନ୍ତ୍ରୀ ଓ ବିଭାଗୀୟ ସଚିବ ଦୃଷ୍ଟି ଦେବା ସହିତ କାର୍ଯ୍ୟରେ ସ୍ୱଚ୍ଛତା ଆଣିବା ସାଙ୍ଗକୁ କନିଷ୍ଠ ଯନ୍ତ୍ରୀଙ୍କୁ ତୁରନ୍ତ ବଦଳି ପାଇଁ ସାଧାରଣରେ ଦାବୀ ହୋଇଛି।

# ସିନ୍ଦେଙ୍କ ପୁଅ ହେବେ ମହାରାଷ୍ଟ୍ର ଉପମୁଖ୍ୟମନ୍ତ୍ରୀ!

**ମୁମ୍ବାଇ, ୧।୧୨:** ପୁଅ ଶ୍ରୀକାନ୍ତ ସିନ୍ଦେ ଉପମୁଖ୍ୟମନ୍ତ୍ରୀ ହେବା ନେଇ ଚାଲିଥିବା ଚର୍ଚ୍ଚା ମଧ୍ୟରେ ପ୍ରତିକ୍ରିୟା ରଖିଛନ୍ତି ମହାରାଷ୍ଟ୍ରର କାର୍ଯ୍ୟନିର୍ବାହୀ ମୁଖ୍ୟମନ୍ତ୍ରୀ ଏକନାଥ ସିନ୍ଦେ। ଗଣମାଧ୍ୟମକୁ ପ୍ରତିକ୍ରିୟା ଦେଇ ସିନ୍ଦେ କହିଛନ୍ତି, ବର୍ତ୍ତମାନ ଆଲୋଚନା ଚାଲିଛି, ଏଯାଏ କୌଣସି ନିଷ୍ପତ୍ତି ଚୂଡ଼ାନ୍ତ ହୋଇନାହିଁ।

ସେ କହିଛନ୍ତି, "ଏ ଉପରେ ଆଲୋଚନା ଚାଲେ, ବିଶେଷକରି ସାମ୍ବାଦିକମାନେ ଏହି ପ୍ରକାର ଆଲୋଚନା କରନ୍ତି। ଅମିତ ଶାହଙ୍କ ସହ ଆମର ଏକ ବୈଠକ ହୋଇଥିଲା। ମୁଁ ଅଜିତ ପାୱାର ଏବଂ ଦେବେନ୍ଦ୍ର ଫଡନାଭିସଙ୍କ ମଧ୍ୟରେ ମୁମ୍ବାଇରେ ଆଉ ଏକ ବୈଠକ ବସିବ। ଆମେ ଏ ଉପରେ ବିସ୍ତୃତ ଭାବରେ ଆଲୋଚନା କରିବୁ, ତା'ପରେ ନିଷ୍ପତ୍ତିଗୁଡ଼ିକ ଚୂଡ଼ାନ୍ତ ହେବ। ଜନତା ଆମକୁ ଏକ ବଡ଼ ସମର୍ଥନ ଜଣାଇଛନ୍ତି, ଆମେ ସେମାନଙ୍କ ନିକଟରେ ଉତ୍ତରଦାୟୀ।" କିଏ କେଉଁ ପଦବୀ ପାଇବ, ତାହା ଗୁରୁତ୍ୱପୂର୍ଣ୍ଣ ନୁହେଁ। ଜନତା ଆମକୁ ଭୋଟ୍ ଦେଇଛନ୍ତି ଏବଂ ପ୍ରତିଶ୍ରୁତି ପାଳନ କରିବା ଆମର କର୍ତ୍ତବ୍ୟ ବୋଲି ସିନ୍ଦେ କହିଛନ୍ତି। ସେ ଆହୁରି କହିଛନ୍ତି ଯେ ବିଗତ ଅଢ଼େଇ ବର୍ଷ ମଧ୍ୟରେ ତାଙ୍କ ସରକାର ନେଇଥିବା ବିକାଶମୂଳକ କାର୍ଯ୍ୟ "ଲେଡକି ବେହନା" ଭଳି ଯୋଜନା ଲୋକମାନଙ୍କ ପାଇଁ ଲାଭଦାୟକ ହୋଇଛି। ଆମେ ଏପରି କଲ୍ୟାଣକାରୀ ଯୋଜନା କାର୍ଯ୍ୟକାରୀ କରିଛୁ, ଯାହା ପୂର୍ବରୁ ଲାଗୁ ହୋଇନଥିଲା। ଏହା ମହାରାଷ୍ଟ୍ର ଇତିହାସରେ ରେକର୍ଡ ହୋଇ ରହିବ। ସିନ୍ଦେ ଆହୁରି କହିଛନ୍ତି, "ମୁଁ ମୋ ଗାଁକୁ ଆସିଛି କାରଣ ମୋତେ ଏଠାକୁ ଆସିଲେ ଖୁସିଲାଗେ।



ମୁଁ ଏକ ସାଧାରଣ ପରିବାରରୁ ଆସିଛି ଏବଂ ଲୋକଙ୍କ ଭାବନାକୁ ବୁଝିପାରେ। ସେଥିପାଇଁ ଆମେ ଏକ ଇକୋସିଷ୍ଟମ ସୃଷ୍ଟି କରିଛୁ ଯେଉଁଠାରେ ଗୋଟିଏ ପରିବାରର ପ୍ରତ୍ୟେକ ସଦସ୍ୟ ଆମର ଯୋଜନା ମାଧ୍ୟମରେ କିଛି ଲାଭ ପାଆନ୍ତି।"

କିଏ ରାଜ୍ୟର ମୁଖ୍ୟମନ୍ତ୍ରୀ ହେବେ, ସେ ଉପରେ ଚାଲିଥିବା କଳ୍ପନା ଜଳ୍ପନା ଉପରେ ପ୍ରତିକ୍ରିୟା ରଖି ସିନ୍ଦେ କହିଛନ୍ତି, "ମୁଖ୍ୟମନ୍ତ୍ରୀ ପଦ ଉପରେ ନିଷ୍ପତ୍ତି ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଓ ଅମିତ ଶାହ ନିଷ୍ପତ୍ତି ନେବେ। ଶିବସେନା ସେମାନଙ୍କ ନିଷ୍ପତ୍ତିକୁ ସମର୍ଥନ କରିବ। ମୁଁ ପୂର୍ବରୁ ସାମ୍ବାଦିକ ସମ୍ମିଳନୀ କରି ମୋର ଆଭିମୁଖ୍ୟ ସ୍ପଷ୍ଟ କରିଛି।" ତାଙ୍କ ଅସୁସ୍ଥତାକୁ ନେଇ ସିନ୍ଦେ କହିଛନ୍ତି, "ବର୍ତ୍ତମାନ ମୋର ସ୍ୱାସ୍ଥ୍ୟ ଭଲ ଅଛି। ମୁଁ ଟିକିଏ ଆରାମ ନେବାକୁ ମୋ ଗାଁକୁ ଆସିଥିଲି। ନିର୍ବାଚନ ସମୟରେ ଟିକିଏ ଅସୁସ୍ଥ ହୋଇ ପଡ଼ିଥିଲି, ସେଥିପାଇଁ।" ତେବେ ମହାରାଷ୍ଟ୍ର ବିଜେପି ମୁଖ୍ୟ ଚନ୍ଦ୍ରଶେଖର ବାୱନକୁଲେଙ୍କ ଘୋଷଣା ଅନୁସାରେ, ଡିସେମ୍ବର ୫ରେ ମୁମ୍ବାଇରେ ନୂଆ ସରକାରଙ୍କ ଶପଥ ଗ୍ରହଣ ସମାରୋହ ଅନୁଷ୍ଠିତ ହେବ। ଏହା ପୂର୍ବରୁ ଡିସେମ୍ବର ୨ରେ ବିଧାୟକଦଳ ବୈଠକ ବସିବ। ବୈଠକରେ ମନ୍ତ୍ରୀପଦ ନେଇ ଚୂଡ଼ାନ୍ତ ନିଷ୍ପତ୍ତି ହେବ।

# ଦିଲ୍ଲୀରେ ମେଣ୍ଟ ହେବନି ଏକା ଲଢ଼ିବ ଆପ୍



**ନୂଆଦିଲ୍ଲୀ, ୧।୧୨:** ଦିଲ୍ଲୀରେ କୌଣସି ପ୍ରକାର ମେଣ୍ଟ କରିବନି ଆମ୍ ଆଦମୀ ପାର୍ଟି (ଆପ୍)। ଦିଲ୍ଲୀ ବିଧାନସଭା ନିର୍ବାଚନରେ ଆପ୍ ଏକା ଲଢ଼ିବ ବୋଲି ଦଳର ମୁଖ୍ୟ ଅରବିନ୍ଦ କେଜ୍ରିୱାଲ କହିଛନ୍ତି। ଏନେଇ ଆଜି ଏକ ଘୋଷଣା କରି କେଜ୍ରିୱାଲ କହିଛନ୍ତି, ଦିଲ୍ଲୀ ବିଧାନସଭା ନିର୍ବାଚନରେ ଆପ୍ କୌଣସି ମିଳିତ ମଞ୍ଚ ଗଠନ କରିବ ନାହିଁ। ସମସ୍ତ ଆସନରେ ଆପ୍ ଏକା ହିଁ ଲଢ଼ିବ। କଂଗ୍ରେସ ନେତୃତ୍ୱାଧୀନ ଇଣ୍ଡିଆ ମିଳିତ ମଞ୍ଚର ଆପ୍ ଏକ ସଦସ୍ୟ ଥିଲେ ମଧ୍ୟ ଦିଲ୍ଲୀରେ ଦଳ କୌଣସି ପ୍ରକାର ମେଣ୍ଟ କରିବ ନାହିଁ ବୋଲି କେଜ୍ରିୱାଲ ସ୍ପଷ୍ଟ କରିଛନ୍ତି। ଆସନ୍ତା ବର୍ଷ ଫେବୃଆରୀରେ ଦିଲ୍ଲୀ ବିଧାନସଭା ନିର୍ବାଚନ ଅନୁଷ୍ଠିତ ହେବା ମାତ୍ର ନିର୍ବାଚନ କମିଶନ ବର୍ତ୍ତମାନ ସୁଦ୍ଧା ତାରିଖ ଘୋଷଣା କରିନାହାନ୍ତି। ଏହା ପୂର୍ବରୁ ଆପ୍ ୧୧ ଜଣିଆ ପ୍ରଥମ ପ୍ରାର୍ଥୀ ତାଲିକା ଘୋଷଣା କରିସାରିଛି। ପ୍ରକାଶ ଥାଉକି, ବର୍ତ୍ତମାନ ଦିଲ୍ଲୀରେ ଆପ୍ ସରକାର ଚାଲିଛି। ୭୦ ଆସନ ବିଶିଷ୍ଟ ଦିଲ୍ଲୀ ବିଧାନସଭା ନିର୍ବାଚନରେ ସର୍ବାଧିକ ୬୨ଟି ଆସନ ପାଇ ସରକାରରେ ଅଛି ଆପ୍। ଗତ ବିଧାନସଭା ନିର୍ବାଚନରେ ଅରବିନ୍ଦ କେଜ୍ରିୱାଲ ଦିଲ୍ଲୀ ମୁଖ୍ୟମନ୍ତ୍ରୀ ହୋଇଥିଲେ। କିନ୍ତୁ ଅବକାରୀ ନୀତି ଦୁର୍ନୀତି ମାମଲାରେ ଇଡି ଏବଂ ସିବିଆଇ ତାଙ୍କୁ ଗିରଫ କରିବା ପରେ ଜେଲରୁ ଆସି ମୁଖ୍ୟମନ୍ତ୍ରୀ ପଦରୁ ଇସ୍ତଫା ଦେଇଥିଲେ କେଜ୍ରିୱାଲ। ବର୍ତ୍ତମାନ ଆତିଶୀ ଦିଲ୍ଲୀର ମୁଖ୍ୟମନ୍ତ୍ରୀ ଅଛନ୍ତି। କିନ୍ତୁ ଆଗାମୀ ନିର୍ବାଚନରେ ମୁଖ୍ୟମନ୍ତ୍ରୀ ଚେହେରା ଭାବେ କେଜ୍ରିୱାଲ ହିଁ ମୈଦାନକୁ ଓହ୍ଲାଇବେ ବୋଲି ପୂର୍ବରୁ ସ୍ପଷ୍ଟ କରି ସାରିଛନ୍ତି।

## ମଦ ପିଇ ୪୦ ବରଯାତ୍ରୀ ଗିରଫ

**ପାଟନା, ୧।୧୨:** ବିହାରରେ ଏକ ବିବାହ ଉତ୍ସବରେ ଯୋଗଦେବାକୁ ଆସିଥିବା ୪୦ ଜଣ ବରଯାତ୍ରୀଙ୍କୁ ଗିରଫ କରିଛି ପୁଲିସ। ଏମାନଙ୍କୁ ବ୍ୟାଣ୍ଡପାର୍ଟିରେ 'ନାଗିନ' ଡାନ୍ସ ମଦ ପିଇଥିବା ଅଭିଯୋଗରେ ଗିରଫ କରାଯାଇଛି। ବିହାରରେ ମଦ ଉପରେ ବ୍ୟାନ ଲଗାଯାଇ ଥିବାରୁ ଏହି କାର୍ଯ୍ୟାନୁଷ୍ଠାନ ନେଇଛି ପୁଲିସ।

ପ୍ରକାଶ ଥାଉକି, ବିହାରରେ ୨୦୧୬ ମସିହାରୁ ମଦ୍ୟପାନ, ବିକ୍ରି ଏବଂ ଚାଲାଣ ସବୁକିଛି ବ୍ୟାନ କରାଯାଇଛି। ଏହା ସତ୍ତ୍ୱେ ଅଧିକାଂଶ ସମୟରେ ମଦମୃତ୍ୟୁର କରୁଣ ଚିତ୍ର ସାମ୍ନାକୁ ଆସେ। ଏହାକୁ ରୋକିବା ପାଇଁ ପୁଲିସ ଏବଂ ଅବକାରୀ ବିଭାଗ ବିଭିନ୍ନ ସମୟରେ ଚଢ଼ାଉ କରୁଛନ୍ତି। ଏହି କ୍ରମରେ ଅବକାରୀ ବିଭାଗକୁ ଏକ ବଡ଼ ସଫଳତା ମିଳିଛି। ପୁଲିସର କହିବା ଅନୁସାରେ, ୪୦ ଜଣ ବରଯାତ୍ରୀଙ୍କ ବ୍ୟତୀତ ଅନ୍ୟ ସାତ ଜଣ ମଦ ବ୍ୟବସାୟୀ ମଧ୍ୟ ଗିରଫ ହୋଇଛନ୍ତି। ବରଯାତ୍ରୀମାନେ ସେମାନଙ୍କ ଠାରୁ ମଦ ଆଣିଥିଲେ। ସେମାନେ ମଦ ପିଇବା ପରେ ଅନ୍ୟମାନଙ୍କୁ ଦେବା ପାଇଁ ମଧ୍ୟ ମଦ ବୋତଲ ଆଣିଥିଲେ। ପୁଲିସ ସେମାନଙ୍କୁ ଗିରଫ କରାଯିବା ସହ ୨ଟି ଗାଡ଼ି ଜବତ କରିଛି ପୁଲିସ। ଅବକାରୀ ଇନ୍ସପେକ୍ଟର ଶିବେନ୍ଦ୍ରା କହିଛନ୍ତି, "ଅବକାରୀ ବିଭାଗ କ୍ରମାଗତ ଭାବେ ମଦ ଚୋରା ଚାଲାଣକାରୀ ଏବଂ ମଦ୍ୟପମାନଙ୍କ ବିରୋଧରେ ଅଭିଯାନ ଚଳାଉଛି। ଆମ ଟିମ୍ ସେମାନଙ୍କ ଉପରେ କଡ଼ା ନଜର ରଖିଛନ୍ତି। ବରଯାତ୍ରୀରେ ମଦ ପିଇ ଆସିଥିବା ଲୋକଙ୍କୁ ଧରିବା ପାଇଁ ଅବକାରୀ ବିଭାଗ ଅଧିକାରୀମାନେ ଛଦ୍ମବେଶରେ ଯାଇଥିଲେ।"

## ପ୍ରବଳ ପବନରେ ଲ୍ୟାଣ୍ଡ୍ କରିପାରିଲାନି ପ୍ଲେନ୍

**ଚେନ୍ନାଇ, ୧।୧୨:** ବାତ୍ୟା 'ଫେଙ୍ଗଲ୍' ପୁଡୁଚେରୀ ଓ ତାମିଲନାଡୁ ଉପକୂଳ ଅତିକ୍ରମ କରିସାରିଛି। ଏହି ବାତ୍ୟା ପ୍ରଭାବରେ ଗତକାଲି ଦିନ ତମାମ ତାମିଲନାଡୁ ଓ ପୁଡୁଚେରୀରେ ପ୍ରବଳ ବର୍ଷା ଓ ପବନ ଲାଗି ରହିଥିଲା। ଏହି ବାତ୍ୟା ସ୍ଥଳଭାଗ ଛୁଇଁବା ପୂର୍ବରୁ ପ୍ରବଳ ପବନ ପ୍ରଭାବରେ ଚେନ୍ନାଇ ଏୟାରପୋର୍ଟରେ ଏକ ପ୍ଲେନ୍ ରନୱେରେ ସୁରକ୍ଷିତ ଭାବରେ ଲ୍ୟାଣ୍ଡ କରିପାରିନଥିଲା। ଯାହାର ଭୟଙ୍କର ଭିଡିଓ ସୋଶାଲ ମିଡିଆରେ ଭାଇରାଲ ହେଉଛି।

ଭାଇରାଲ ହେଉଥିବା ଭିଡିଓରେ ଦେଖିବାକୁ ମିଳୁଛି ଯେ ଇଣ୍ଡିଗୋ ପ୍ଲେନଟି ରନୱେରେ ଲ୍ୟାଣ୍ଡ୍ କରିବାକୁ ଚେଷ୍ଟା କରୁଛି, ହେଲେ ପ୍ରବଳ ପବନ ବାରମ୍ବାର ଏହାକୁ ଉଡ଼ାଇ ନେଉଛି। ଶେଷରେ ପାଇଲଟ୍ ପ୍ଲେନକୁ ଲ୍ୟାଣ୍ଡ ନକରି ପୁଣିଥରେ ଟେକ୍-ଅଫ୍ କରିଥିଲେ। ଫଳରେ ପ୍ଲେନରେ ଥିବା ଶତାଧିକ ଯାତ୍ରୀଙ୍କ ଜୀବନ ବଞ୍ଚିଯାଇଥିଲା। ସାଧାରଣତଃ ପ୍ଲେନ ଗୁଡ଼ିକ ସୁରକ୍ଷିତ ଭାବେ ଲ୍ୟାଣ୍ଡ ହୋଇନପାରିଲେ ଯାତ୍ରୀଙ୍କ ସୁରକ୍ଷା ପାଇଁ ଏହାକୁ ପୁଣିଥରେ ଟେକ୍-ଅଫ୍ କରାଯାଏ। ତେବେ ଏହି ସମସ୍ତ ଘଟଣାକୁ ନେଇ 'ଇଣ୍ଡିଗୋ' ଏୟାରଲାଇନ୍ସ ପକ୍ଷରୁ ବିବୃତ୍ତି ଜାରି କରାଯାଇଛି। ଏୟାରଲାଇନ୍ସ ପକ୍ଷରୁ କୁହାଯାଇଛି ଯେ ପ୍ଲେନଟି ମୁମ୍ବାଇରୁ ଚେନ୍ନାଇ ଆସୁଥିଲା। ହେଲେ ଖରାପ ପାଗ ଓ ବାତ୍ୟା ପ୍ରଭାବରେ ପ୍ରବଳ ପବନ କାରଣରୁ ଏହା ଲ୍ୟାଣ୍ଡ କରିବା ସମୟରେ ବାରମ୍ବାର ପବନରେ ଝୁଲି ରହିଲା। ଫଳରେ ଏହାକୁ ପୁଣିଥରେ ଟେକ୍-ଅଫ୍ କରି ନେଇଥିଲେ ପାଇଲଟ। ସୁରକ୍ଷିତ ଲ୍ୟାଣ୍ଡିଂ ଯେତେବେଳେ ହୋଇନପାରେ, ସେତେବେଳେ ପୁଣିଥରେ ଟେକ୍-ଅଫ୍ କରି କିଛି ସମୟ ପରେ ଆଉଥରେ ଲ୍ୟାଣ୍ଡ କରାଯାଏ। ଏହାକୁ ଏକ 'ଗୋ-ଆରାଉଣ୍ଡ' କୁହାଯାଏ। ଏଭଳି ପ୍ରତିକୂଳ ପରିସ୍ଥିତିରୁ ବର୍ତ୍ତିବା ପାଇଁ ଆମ ପାଇଲଟ ବେଶ୍ ସକ୍ଷମ। ଆମ ଯାତ୍ରୀ, ବିମାନ ଓ କ୍ରୁ ସଦସ୍ୟଙ୍କ ସୁରକ୍ଷା ଆମର ପ୍ରାଥମିକତା ବୋଲି ଇଣ୍ଡିଗୋ ପକ୍ଷରୁ କୁହାଯାଇଛି।

## ନିର୍ମାଣାଧୀନ ଟନେଲ ଭୁଶୁଡ଼ି ଜଣେ ମୃତ

**ନୂଆଦିଲ୍ଲୀ, ୧।୧୨:** ରାଜସ୍ଥାନର ଦିଲ୍ଲୀ-ମୁମ୍ବାଇ ଏକ୍ସପ୍ରେସୱେରେ ଏକ ନିର୍ମାଣାଧୀନ ଟନେଲ ଭୁଶୁଡି ପଡିଛି। ଏଥିରେ ଚାରିଜଣ ଶ୍ରମିକ ଚାପି ହୋଇଯାଇ ଥିବାବେଳେ ସେମାନଙ୍କ ମଧ୍ୟରୁ ଜଣଙ୍କର ମୃତ୍ୟୁ ଘଟିଛି। ଅନ୍ୟ ତିନି ଜଣଙ୍କୁ ଗୁରୁତର ଅବସ୍ଥାରେ ଉଦ୍ଧାର କରାଯାଇ ଡାକ୍ତରଖାନାରେ ଭର୍ତ୍ତି କରାଯାଇଛି। ସୂଚନା ଅନୁସାରେ, ଏହି ଦୁର୍ଘଟଣା ରାଜସ୍ଥାନର କୋଟା ରାମଗଞ୍ଜମଣ୍ଡିର ମୋଡକ୍ ଅଞ୍ଚଳରେ ଘଟିଛି। ଦିଲ୍ଲୀ-ମୁମ୍ବାଇ ଏକ୍ସପ୍ରେସୱେରେ ନିର୍ମାଣାଧୀନ ଟନେଲରେ କାମ ଚାଲି ଥିବାବେଳେ ହଠାତ୍ ଟନେଲ୍ ଭୁଶୁଡି ପଡିଥିଲା। ଏଥିରେ ଚାରି ଜଣ ଶ୍ରମିକ ଭଗ୍ନାବଶେଷ ତଳେ ଚାପି ହୋଇ ଯାଇଥିଲେ। ଖବର ପାଇ ପୁଲିସ ଏବଂ ଜାତୀୟ ରାଜପଥ ପ୍ରାଧିକରଣ ଅଧିକାରୀମାନେ ତୁରନ୍ତ ସେମାନଙ୍କୁ ଉଦ୍ଧାର କରି ଡାକ୍ତରଖାନାରେ ଭର୍ତ୍ତି କରିଥିଲେ। ମାତ୍ର ସେଠାରେ ଜଣଙ୍କର ମୃତ୍ୟୁ ଘଟିଛି। ଅନ୍ୟ ତିନି ଜଣଙ୍କର ଚିକିତ୍ସା ଚାଲିଛି। ମୃତକଙ୍କ ଘର ଉତ୍ତରାଖଣ୍ଡ ଡେରାଡୁନରେ, ତାଙ୍କ ନାମ ଶମଶେର ସିଂହ ରାବତ (୩୩)। ଆହତଙ୍କ ପରିଚୟ ମିଳିପାରି ନାହିଁ।

## ଦୌଡ଼ିବାବେଳେ ହୃଦ୍‌ଘାତରେ ଟଳି ପଡ଼ିଲେ ନାବାଳକ

**ଲକ୍ଷ୍ନୌ, ୧।୧୨:** ଆଜି କାଲି ଦେଶରେ ହୃଦ୍‌ଘାତ ମାମଲା। ଅକାଳରେ ଟଳି ପଡୁଛନ୍ତି ବୟସ୍କ ଠାରୁ ପିଲା। ଏଭଳି କିଛି ମାମଲା ଏବେ ପୁଣି ଥରେ ସାମ୍ନାକୁ ଆସିଛି। ଜଣେ ନାବାଳକ ସ୍କୁଲରେ ଆୟୋଜିତ ହେବାକୁ ଥିବା କ୍ରୀଡା ଇଭେଣ୍ଟ ପାଇଁ ପ୍ରାକ୍ଟିସ୍ କରୁଥିବା ବେଳେ ଟଳି ପଡିଛନ୍ତି। ହୃଦ୍‌ଘାତରେ ଚାଲି ଯାଇଛି ତାଙ୍କ ଜୀବନ। ଉତ୍ତରପ୍ରଦେଶର ଆଲିଗଡରୁ ଏଭଳି କିଛି ଆଶ୍ଚର୍ଯ୍ୟଜନକ ଘଟଣା ସାମ୍ନାକୁ ଆସିଛି। ୧୪ ବର୍ଷୀୟ ନାବାଳକ ମୋହିତ ଚୌଧୁରୀ। ଶୁକ୍ରବାର ସେ ସ୍କୁଲ ଆସିଥିଲା। ଏହାପରେ ସ୍କୁଲରେ ଆୟୋଜିତ ହେବାକୁ ଥିବା କ୍ରୀଡା ଇଭେଣ୍ଟରେ ଭାଗ ନେବା ପାଇଁ ଆରମ୍ଭ କରିଥିଲା ଅଭ୍ୟାସ୍। ନିଜ ସାଙ୍ଗମାନଙ୍କ ସହ ମିଶି ସେ ପଡିଆ ଦୌଡିବାକୁ ଲାଗିଥିଲା। ତେବେ କିଛି ସମୟ ପରେ ସେ ହଠାତ୍ ଚେତାଶୂନ୍ୟ ହୋଇ ପଡିଯାଇଥିଲା। ଏହାପରେ ତୁରନ୍ତ ମୋହିତକୁ ନିକଟସ୍ଥ ହସ୍ପିଟାଲକୁ ନିଆଯାଇଥିଲା। ସେଠାରେ ଡାକ୍ତର ତାକୁ ମୃତ ଘୋଷଣ କରିଥିଲେ। ହୃଦ୍‌ଘାତ ଯୋଗୁ ତା'ର ମୃତ୍ୟୁ ହୋଇଥିବା ଡାକ୍ତରମାନେ କହିଥିଲେ। ପୁଲିସ ସୂଚନା ମୁତାବକ, ଡିସେମ୍ବର ୭ ତାରିଖରେ ସ୍କୁଲରେ କ୍ରୀଡା ପ୍ରତିଯୋଗୀତା ହେବାର ଥିଲା। ଏଥିପାଇଁ ମୋହିତ ପ୍ରାକ୍ଟିସ୍ କରୁଥିଲା। ତେବେ ଏତିକି ବେଳେ ହୃଦ୍‌ଘାତରେ ତା'ର ମୃତ୍ୟୁ ହୋଇଛି। ଅଗଷ୍ଟ ମାସରେ ମୋହିତଙ୍କ ବାପା ସଡକ ଦୁର୍ଘଟଣାରେ ପ୍ରାଣ ହରାଇଥିଲେ। ପୁଲିସ ମୃତଦେହକୁ ଜବତ କରି ବ୍ୟବଚ୍ଛେଦ ପାଇଁ ପଠାଇବା ସହ ତଦନ୍ତ ଜାରି ରଖିଛି। ସେପଟେ ଏହି ଖବର ସାମ୍ନାକୁ ଆସିବା ସ୍ଥାନୀୟ ଅଞ୍ଚଳରେ ଶୋକର ଛାୟା ଖେଳି ଯାଇଛି। ପାରିବାର ଲୋକେ ଦୁଃଖରେ ଭାଙ୍ଗି ପଡିଛନ୍ତି। ଗତ ୨୫ ଦିନ ମଧ୍ୟରେ ଆଲିଗଡରେ ଅତି କମରେ ତିନି ଜଣ ଲୋକ ହୃଦଘାତର ଶିକାର ହୋଇଛନ୍ତି। ଗତ ମାସରେ ଆଲିଗଡର ଅରାନା ଗାଁରେ ଦୌଡୁଥିବା ବେଳେ ମମତା ନାମକ ଜଣେ ୨୦ ବର୍ଷର ଝିଅ ମଧ୍ୟ ହୃଦଘାତରେ ମୃତ୍ୟୁ ବରଣ କରିଥିଲେ।

**ପୁଣି ହିନ୍ଦୁଙ୍କ ଉପରେ ଅତ୍ୟାଚାର**

# ଗିରଫ ହେଲେ ଆଉ ୨ ଇସ୍କନ ସାଧୁ

**ଢାକା, ୧।୧୨:** ବାଂଲାଦେଶରେ ସୁଧୁରୁନି ସ୍ଥିତି। ଏଠାରେ ଅଲ୍ପସଂଖ୍ୟକଙ୍କ ଅବସ୍ଥା ଦିନକୁ ଦିନ ଖରାପ ହେବାରେ ଲାଗିଛି। ହିନ୍ଦୁମାନଙ୍କୁ ଟାର୍ଗେଟ୍ କରାଯାଉଛି। ସେମାନଙ୍କ ଘରେ ଆକ୍ରମଣ କରାଯାଉଛି। ଏଥିସହ ତାଙ୍କୁ ଗିରଫ କରାଯାଉଛି। ଏହାକୁ ନେଇ ବ୍ୟାପକ ବିରୋଧ ପ୍ରଦର୍ଶନ ଭିତରେ ଆଉ ଦୁଇ ଜଣ ଇସ୍କନ ସାଧୁଙ୍କୁ ଗିରଫ କରାଯାଇଛି। ଏନେଇ ଇଣ୍ଟରନ୍ୟାସନାଲ ସୋସାଇଟି ଫର କୃଷ୍ଣ ଚେତନା (ISKCON) କୋଲକାତା ମୁଖପାତ୍ର ରାଧାରମଣ ଦାସ ଦାବି କରିଛନ୍ତି। ସେ କହିଛନ୍ତି ଯେ, ବାଂଲାଦେଶ ପୁଲିସ ଇସ୍କନର ଆଉ ଦୁଇ ବ୍ରହ୍ମଚାରୀଙ୍କୁ ଗିରଫ କରିଥିବା ନେଇ ସୂଚନା ମିଳିଛି। ଚିନ୍ମୟ ପ୍ରଭୁଙ୍କୁ ଭେଟିବାକୁ ଦୁଇ ଜଣ ସାଧୁ ଜେଲ୍ ଯାଇଥିଲେ। ସେମାନେ ଫେରିବା ପରେ ତାଙ୍କୁ ଗିରଫ କରାଯାଇଛି। ଚିନ୍ମୟ ପ୍ରଭୁଙ୍କ ସଚିବ ବି ନିଖୋଜ ଅଛନ୍ତି। ଦୟାକରି ତାଙ୍କ ପାଇଁ ପ୍ରାର୍ଥନା କରନ୍ତୁ ବୋଲି ସେ ନିବେଦନ କରିଛନ୍ତି। ଗିରଫ ଦୁଇ ଜଣ ସାଧୁ ହେଲେ ରୁଦ୍ରପ୍ରୋତି କେଶବ ଦାସ ଓ ରଙ୍ଗାନାଥ ଶ୍ୟାମ ସୁନ୍ଦର ଦାସ। ଏମାନେ ଦୁଇ ଜଣ ଚିନ୍ମ ଦାସ ପ୍ରଭୁଙ୍କୁ ଖାଦ୍ୟ, ମେଡିସିନ୍ ଓ ଟଙ୍କା ଦେବା ପାଇଁ ଜେଲ୍ ଯାଇଥିଲେ। ସେଠାରୁ ଫେରିବା ପରେ ଉଭୟଙ୍କୁ ଗିରଫ କରାଯାଇଥିବା ସୂଚନା ମିଳିଛି। ବାଂଲାଦେଶ ସ୍ଥିତ ସନାତନ ଜାଗରଣ ଜ୍ୟୋତର ମୁଖପାତ୍ର ଚିନ୍ମୟ ଦାସଙ୍କୁ ସୋମବାର ଢ଼ାକା ସ୍ଥିତ ହଜରତ ଶାହାଜାଲ ଅନ୍ତର୍ଜାତୀୟ ବିମାନବନ୍ଦରରେ ଏକ ରାଲିରେ ଭାଗ ନେବାକୁ ଯାଉଥିବା ବେଳେ ଗିରଫ କରାଯାଇଥିଲା। ମଙ୍ଗଳବାର ଚଟଗାଁଓ କୋର୍ଟ ତାଙ୍କ ଜାମିନ ନାମଞ୍ଜୁର କରି ଜେଲକୁ ପଠାଇ ଦେଇଥିଲା। ଏପରେ ବାଂଲାଦେଶରେ ହିନ୍ଦୁମାନେ ଏହାକୁ ବିରୋଧ କରି ରାସ୍ତାକୁ ଓହ୍ଲାଇଥିଲେ। ବ୍ୟାପକ ହିଂସାତ୍ମକ ସ୍ଥିତି ଉପୁଜିଥିଲା।

# ଶପଥ ପୂର୍ବରୁ ଭାରତକୁ ଖୋଲା ଧମକ ଦେଲେ ଟ୍ରମ୍ପ

**ୱାଶିଂଟନ, ୧।୧୨:** ହ୍ୱାଇଟ୍ ହାଉସ୍‌ରେ ଏଣ୍ଟ୍ରି ପୂର୍ବରୁ ନାଲି ଆଖି ଦେଖାଇଲେଣି ଡୋନାଲ୍ଡ ଟ୍ରମ୍ପ। ଶପଥ ପୂର୍ବରୁ ସେ ଭାରତକୁ ଖୋଲାଖୋଲି ଭାବେ ଧମକ ଦେଇଛନ୍ତି। ଏହାକୁ ନେଇ ଭାରତର ଚିନ୍ତା ବଢ଼ି ଯାଇଛି। ବ୍ରିକ୍ସ ସମ୍ମିଳନୀରେ ସାମିଲ ହୋଇଥିବା ଦେଶକୁ ଧମକ ଦେଇ ଟ୍ରମ୍ପ କହିଛନ୍ତି ଯେ, ଯଦି ଆମେରିକୀୟ ଡଲାରକୁ ଦୁର୍ବଳ କରିବା କିମ୍ବା ବଦଳାଇବା ପାଇଁ କୌଣସି ପ୍ରୟାସ କରାଯାଏ, ତେବେ ସେ ଏହି ଦେଶଗୁଡିକ ଉପରେ ୧୦୦% ଟିକସ ଲାଗୁ କରିବେ। ଶନିବାର ସୋଶାଲ ମିଡିଆ ହ୍ୟାଣ୍ଡେଲରେ ଏକ ପୋଷ୍ଟ ସେୟାର କରି ଟ୍ରମ୍ପ ଏହି ଧମକ ଦେଇଛନ୍ତି। ସେ ଏଥିରେ କହିଛନ୍ତି, ବ୍ରିକ୍ସ ଦେଶଗୁଡିକ ଡଲାର ବଦଳରେ ଅନ୍ୟ ମୁଦ୍ରା ପ୍ରଚଳନ କରିବାକୁ ଚେଷ୍ଟା କରୁଛନ୍ତି। ଯଦି ବ୍ରିକ୍ସ ଦେଶଗୁଡିକ ଏଭଳି କିଛି କରନ୍ତି ତେବେ ଆମେରିକା ଚୁପ୍ ବସିବ ନାହିଁ। ଟ୍ରମ୍ପ



କହିଛନ୍ତି ଯେ ଆମେ ଚାହୁଁଛୁ ସେହି ଦେଶଗୁଡିକ ପ୍ରତିଜ୍ଞା କରନ୍ତୁ ଯେ ସେମାନେ ନୂତନ ବ୍ରିକ୍ସ ମୁଦ୍ରା ସୃଷ୍ଟି କରିବେ ନାହିଁ କିମ୍ବା ଶକ୍ତିଶାଳୀ ଆମେରିକୀୟ ଡଲାର ବଦଳରେ ଅନ୍ୟ କୌଣସି ମୁଦ୍ରାକୁ ସମର୍ଥନ କରିବେ ନାହିଁ, ନଚେତ୍ ସେମାନଙ୍କୁ ୧୦୦% ଶୁଳ୍କ ଲାଗୁ କରାଯିବ। ଏଥିସହ ଆମେରିକୀୟ ବଜାରରେ ସେମାନଙ୍କ ଜିନିଷ ଉପରେ ବ୍ୟାନ୍ ଲଗାଯିବ। ସୂଚନାଯୋଗ୍ୟ, ବ୍ରିକ୍ସ ହେଉଛି ୯ଟି ଦେଶର ଏକ ଗୋଷ୍ଠୀ, ଯେଉଁଥିରେ ଭାରତ ମଧ୍ୟ ସାମିଲ ଅଛି। ଭାରତ ବ୍ୟତୀତ ଏହି ଗୋଷ୍ଠୀର ସଦସ୍ୟ ଦେଶଗୁଡ଼ିକ ହେଉଛି ଚାଇନା, ରୁଷିଆ, ଦକ୍ଷିଣ ଆଫ୍ରିକା, ଇରାନ, ଇଜିପ୍ଟ, ଇଥିଓପିଆ ଏବଂ ସଂଯୁକ୍ତ ଆରବ ଏମିରେଟ୍ସ। ୨୦୦୯ରେ ଗଠିତ ବ୍ରିକ୍ସ ହେଉଛି ଏକମାତ୍ର ପ୍ରମୁଖ ଅନ୍ତର୍ଜାତୀୟ ଗୋଷ୍ଠୀ ଯେଉଁଥିରେ ଆମେରିକା ନାହିଁ। ବ୍ରିକ୍ସର କିଛି ସଦସ୍ୟ ଦେଶ, ବିଶେଷତଃ ରୁଷିଆ ଏବଂ ଚାଇନା, ଆମେରିକୀୟ ଡଲାରର ବିକଳ୍ପ ଖୋଜୁଥିଲେ କିମ୍ବା ନିଜର ବ୍ରିକ୍ସ ମୁଦ୍ରା ସୃଷ୍ଟି କରିଥିଲେ। ଭାରତ ଏପର୍ଯ୍ୟନ୍ତ ଏହି ପଦକ୍ଷେପର ଅଂଶ ହୋଇନାହିଁ।

**ଭାରତୀୟ ଏଜେଣ୍ଟ ଅଭିଯୋଗ**

# ବାଂଲାଦେଶରେ ସାମ୍ବାଦିକ ହଟହଟା



**ଢାକା, ୧।୧୨:** ବାଂଲାଦେଶର ଜଣେ ବିଶିଷ୍ଟ ମହିଳା ସାମ୍ବାଦିକଙ୍କୁ କିଛି ସ୍ଥାନୀୟ ଲୋକ ଅଟକ ରଖିଥିବା ଖବର ସାମ୍ନାକୁ ଆସିଛି। ଭାରତୀୟ ଏଜେଣ୍ଟ ଅଭିଯୋଗରେ ତାଙ୍କୁ ରାଜଧାନୀ ଢାକାରେ କିଛି ଲୋକ ଅଟକ ରଖିଥିଲେ। ପୁଲିସ ଘଟଣାସ୍ଥଳରେ ପହଞ୍ଚି ତାଙ୍କୁ ଉଦ୍ଧାର କରିଛି। ଗତକାଲି ମୁନ୍ନି ଶାହା ମିଡିଆ ଅଫିସ୍ ଛାଡ଼ି ଫେରୁଥିଲେ। ଏହି ସମୟରେ ଢାକାର କରୱାନ ବଜାର ଅଞ୍ଚଳରେ କିଛି ଲୋକ ତାଙ୍କୁ ଘେରି ଯାଇଥିଲେ। ଏଥିସହ ତାଙ୍କୁ ଜଣେ ଭାରତୀୟ ଏଜେଣ୍ଟ ଏବଂ ଦେଶ ଛାଡ଼ି ଚାଲି ଆସିଥିବା ପୂର୍ବତନ ପ୍ରଧାନମନ୍ତ୍ରୀ ଶେଖ ହାସିନାଙ୍କ ସମର୍ଥକ ବୋଲି ଅଭିଯୋଗ କରିଥିଲେ। ସ୍ଥାନୀୟ ଗଣମାଧ୍ୟମର ରିପୋର୍ଟ ଅନୁସାରେ, ମୁନ୍ନି ଶାହ ଯେତେବେଳେ ଘରକୁ ଫେରୁଥିଲେ କିଛି ଲୋକ ତାଙ୍କ କାରକୁ ଅଟକାଇଥିଲେ। ତାଙ୍କୁ ଘରକୁ ଯିବାକୁ ଦେଇନଥିଲେ। ସେ କିଛି ସମୟ ସେଠାରେ ଅଟକି ରହିବା ପରେ ପୁଲିସ ତାଙ୍କୁ ସେଠାରୁ ଉଦ୍ଧାର କରିଛି। ପୁଲିସ ମୁନି ଶାହାଙ୍କୁ ଆଣିବା ସମୟରେ ଲୋକମାନେ ତାଙ୍କ ବିରୁଦ୍ଧରେ ନାରାବାଜି ଦେଉଥିବା ଶୁଣିବାକୁ ମିଳୁଛି।

ଅନ୍ୟପଟେ, ପୁଲିସ ଶାହାଙ୍କୁ ନେବାକୁ ନେଇ ଆଉ ଏକ ଗୁଜବ ସୃଷ୍ଟି ହୋଇଥିଲା। ପୁଲିସ ତାଙ୍କୁ ଗିରଫ କରିଥିବା ଖବର ସାମ୍ନାକୁ ଆସିଥିଲା। ମାତ୍ର ପରେ ସ୍ପଷ୍ଟ ହୋଇଛି ଯେ ପୁଲିସ ତାଙ୍କୁ ଥାନାକୁ ନେବା ପରେ ସୁରକ୍ଷିତ ଭାବେ ଅଫିସରେ ଛାଡ଼ିଛି।

## ସେକ୍ସ ୱାର୍କରଙ୍କୁ ମିଳିବ ପେନସନ ଓ ମାତୃତ୍ୱ ଛୁଟି

**ବ୍ରସେଲ୍ସ, ୧।୧୨:** ୨୦୨୨ରେ ଯୌନ କାର୍ଯ୍ୟକୁ ଅପରାଧମୁକ୍ତ ଘୋଷଣା କରିବାର ଦୁଇ ବର୍ଷ ପରେ ଆଉ ଏକ ବଡ଼ ନିଷ୍ପତ୍ତି ନେଇଛନ୍ତି ବେଲଜିୟମ ସରକାର। ବେଲଜିୟମ ସରକାର ଦେଶରେ ସେକ୍ସ ୱାର୍କର ବା ଯୌନ କର୍ମୀ ବା ଦେହଜୀବୀଙ୍କ ପାଇଁ ପେନସନ (ଭତ୍ତା) ସୁବିଧା ଆଣିବାକୁ ଯାଉଛନ୍ତି। କେବଳ ପେନସନ ନୁହେଁ, ଦେହଜୀବୀ ମହିଳାଙ୍କୁ ସ୍ୱାସ୍ଥ୍ୟ ସେବା ଏବଂ ମାତୃତ୍ୱ ଛୁଟି ଦେବାକୁ ମଧ୍ୟ ନିଷ୍ପତ୍ତି ନେଇଛନ୍ତି ବେଲଜିୟମ ସରକାର। ଏହା ବ୍ୟତୀତ ନୂଆ ନିୟମରେ ଯୌନ କର୍ମୀଙ୍କ ସୁରକ୍ଷା ମାନଦଣ୍ଡ ଏବଂ ସେମାନଙ୍କ ଅଧିକାରକୁ ସମ୍ମାନ ଦେବା ଉପରେ ଗୁରୁତ୍ୱ ଦିଆଯାଇଛି। ନୂଆ ନିୟମ ଅନୁସାରେ, ଏଣିକି ବେଲଜିୟମର ସେକ୍ସ ୱାର୍କରମାନେ ଗ୍ରାହକମାନଙ୍କୁ ପ୍ରତ୍ୟାଖ୍ୟାନ କରିପାରିବେ। ସେମାନଙ୍କ ସ୍ୱୀକୃତି ବିନା କୌଣସି ଗ୍ରାହକ ସେମାନଙ୍କ ସହ ଶାରୀରିକ ସମ୍ପର୍କ ରଖିପାରିବେ ନାହିଁ, ଏହା ସେମାନଙ୍କ ଅଧିକାର ଶ୍ରେଣୀଭୁକ୍ତ ରହିବ ବୋଲି ନୂଆ ନିୟମରେ ଉଲ୍ଲେଖ କରାଯାଇଛି। ଏହି ପଦକ୍ଷେପଗୁଡ଼ିକ ଅନ୍ୟ ଦେଶମାନଙ୍କ ପାଇଁ ଏକ ଉଦାହରଣ ସୃଷ୍ଟି କରି ଯୌନ କର୍ମୀଙ୍କ ପାଇଁ ଏକ ନିରାପଦ ଏବଂ ସମାନ କାର୍ଯ୍ୟ ପରିବେଶ ଯୋଗାଇବାକୁ ଲକ୍ଷ୍ୟ ରଖିଛି। ଏହା ବ୍ୟତୀତ ଏହି ନୂଆ ନିୟମ ଯୌନ କର୍ମୀଙ୍କ ପ୍ରତି ଥିବା ଆଇନଗତ ଢାଞ୍ଚାରେ ଭେଦଭାବକୁ ଦୂର କରିବା ସହ ଏହି ବୃତ୍ତିରେ ଥିବା କଳଙ୍କକୁ ହ୍ରାସ କରିବ ଏବଂ ଯୌନ କର୍ମୀଙ୍କ ପାଇଁ ସମାନତା ଓ ସ୍ୱୀକୃତି ଦିଗରେ ଏକ ଗୁରୁତ୍ୱପୂର୍ଣ୍ଣ ପଦକ୍ଷେପ ସୃଷ୍ଟି କରିବ ବୋଲି ସରକାର ଲକ୍ଷ୍ୟ ରଖିଛନ୍ତି। ବାସ୍ତବରେ ବେଲଜିୟମ ସରକାରଙ୍କ ଏହି ନିଷ୍ପତ୍ତି ସମସ୍ତ ବୃତ୍ତି ପାଇଁ ସମ୍ମାନ, ସୁରକ୍ଷା ଏବଂ ସମାନତାର ଗୁରୁତ୍ୱକୁ ଗୁରୁତ୍ୱାରୋପ କରିଛି। ଅନ୍ୟ ଦେଶମାନଙ୍କ ଉପରେ ଏହାର ପ୍ରଭାବ କେତେ ପଡୁଛି ତା' ଉପରେ ନଜର।

# ବଢ଼ିଲା ରାଜ କୁନ୍ଦ୍ରାଙ୍କ ଅଡୁଆ, ସମନ ପଠାଇଲା ଇଡି

**ମୁମ୍ବାଇ, ୧।୧୨:** ବଢ଼ିଲା ବଲିଉଡ ଅଭିନେତ୍ରୀ ଶିଲ୍ପା ଶେଟ୍ଟୀଙ୍କ ସ୍ୱାମୀ ରାଜ କୁନ୍ଦ୍ରାଙ୍କ ଅଡୁଆ। ପୁଣି ଜେରା କରିବ ପ୍ରବର୍ତ୍ତନ ନିର୍ଦ୍ଦେଶାଳୟ ପର୍ଣ୍ଣଗ୍ରାଫି ଓ ଆଡଲ୍ଟ ଫିଲ୍ମ ବଣ୍ଟନ ଅଭିଯୋଗର ମନିଲଣ୍ଡରିଂ ମାମଲାରେ ଇଡି ତାଙ୍କୁ ସମନ ପଠାଇଛି। ତାଙ୍କୁ ପଚରାଉଚରା କରିବା ପାଇଁ ମୁମ୍ବାଇ ଇଡି ଅଫିସକୁ ଡକାଯାଇଛି। କୁନ୍ଦ୍ରାଙ୍କୁ ଚଳିତ ସପ୍ତାହରେ ହିଁ ତଦନ୍ତକାରୀ ଏଜେନ୍ସିରେ ହାଜର ହେବାକୁ କୁହାଯାଇଛି। ଇଡି ମୁମ୍ବାଇ ଏବଂ ଉତ୍ତରପ୍ରଦେଶର କେତେକ ସହରର ୧୫ଟି ସ୍ଥାନରେ ଚଢ଼ାଉ କରିଥିଲା। ଏଥିରେ ୪୯ ବର୍ଷିୟ କୁନ୍ଦ୍ରାଙ୍କ ଘର ଏବଂ ଅଫିସ ସମେତ ଅନ୍ୟ କେତେକ ସ୍ଥାନ ମଧ୍ୟ ସାମିଲ ଥିଲା। ଚଢ଼ାଉ କରିବା ପରେ ଏହି ସମନ ଜାରି କରାଯାଇଛି। ଏହି ମାମଲା ସହ ଜଡିତ ଅନ୍ୟ ଲୋକଙ୍କୁ ମଧ୍ୟ ଇଡି ସମନ ଜାରି କରି ପଚରାଉଚରା ପାଇଁ ଡାକିଛି। ରାଜ କୁନ୍ଦ୍ରଙ୍କୁ ସୋମବାର ସକାଳ ୧୧ଟାରେ ଇଡି



କାର୍ଯ୍ୟାଳୟରେ ହାଜର ହେବାକୁ କୁହାଯାଇଛି।

ରାଜ କୁନ୍ଦ୍ରାଙ୍କ ଓକିଲ ପ୍ରଶାନ୍ତ ପାଟିଲ କହିଛନ୍ତି ଯେ ରାଜ କୁନ୍ଦ୍ରା କୌଣସି ଅପରାଧ କରିନାହାଁନ୍ତି। ମୁଁ ଏପର୍ଯ୍ୟନ୍ତ ତାଙ୍କ ସହ କଥା ହୋଇନାହିଁ। କିନ୍ତୁ ସେ ନିର୍ଦ୍ଦୋଷ। ମୁମ୍ବାଇ ପୁଲିସର ଚାର୍ଜସିଟ ଅନୁଯାୟୀ ରାଜ କୁନ୍ଦ୍ରାଙ୍କ କାରବାର ଆଇନଗତ ଅଟେ। ସେ ଟିକସ ଦେଇଛନ୍ତି। ରାଜ କୁନ୍ଦ୍ରା ଟଙ୍କା ହେରଫେର ଭଳି କୌଣସି ଅପରାଧ କରିନାହାଁନ୍ତି। ଏହି ମନିଲଣ୍ଡରିଂ ମାମଲା ମେ' ୨୦୨୦ରେ ରାଜ କୁନ୍ଦ୍ରା ଓ ଅନ୍ୟମାନଙ୍କ ବିରୋଧରେ ରୁଜୁ ହୋଇଥିବା ଦୁଇଟି ଏଫ୍‌ଆଇଆର୍ ଓ ମୁମ୍ବାଇ ଦ୍ୱାରା ଦାଖଲ ହୋଇଥିବା ଚାର୍ଜସିଟରୁ ଆସିଛି। ଏହି ମାମଲାରେ ବ୍ୟବସାୟୀ ଏବଂ ଅନ୍ୟ କେତେକଙ୍କୁ ଗିରଫ ମଧ୍ୟ କରାଯାଇଥିଲା, ଯାହା ପରେ ସେମାନେ କୋର୍ଟରୁ ଜାମିନ ପାଇଥିଲେ। କୁନ୍ଦ୍ରାଙ୍କ ବିରୋଧରେ ଅର୍ଥ ହେରଫେରର ଏହା ହେଉଛି ଦ୍ୱିତୀୟ ମାମଲା।

ଏହାପୂର୍ବରୁ, କ୍ରିପ୍ଟୋ କରେନ୍ସି ମାମଲାରେ ଇଡି ରାଜ କୁନ୍ଦ୍ରା ଏବଂ ଶିଲ୍ପା ଶେଟ୍ଟୀଙ୍କ ୯୮କୋଟି ଟଙ୍କାର ସମ୍ପତ୍ତି ଜବତ କରିଥିଲା। ତେବେ ଏହାକୁ ବିରୋଧ କରି ସେମାନେ ବମ୍ବେ ହାଇକୋର୍ଟର ଦ୍ୱାରସ୍ଥ ହୋଇଥିଲେ। ଏଠାରୁ ତାଙ୍କୁ ଆଶ୍ୱସ୍ତି ମିଳିଥିଲା।

## ଏନ୍‌କାଉଣ୍ଟର ପୁଲିସ ଗୁଳିରେ ଟଳିଲେ ୭ ମାଓବାଦୀ

**ହାଇଦ୍ରାବାଦ, ୧।୧୧:** ତେଲଙ୍ଗାନା ପୁଲିସକୁ ମିଳିଲା ବଡ଼ ସଫଳତା। ଏନ୍‌କାଉଣ୍ଟରରେ ଟଳିଲେ ୭ ମାଓବାଦୀ। ମୁଲୁଗୁ ଜିଲ୍ଲା ଏତୁରଙ୍ଗାରମ ଜଙ୍ଗଲରେ ଏହି ଏନ୍‌କାଉଣ୍ଟର ହୋଇଛି। ମୁଲୁଗୁ ଏସ୍‌ପି ଡକ୍ଟର ସବାରିଶ ଏହି ସୂଚନା ଦେଇଛନ୍ତି। ଆଜି ସକାଳୁ ଏହି ଏନ୍‌କାଉଣ୍ଟର ହୋଇଛି। ମୁଲୁଗୁ ଜିଲ୍ଲାର ଏତୁରଙ୍ଗାରମ ମଣ୍ଡଳର ଚଲପାକା ଜଙ୍ଗଲରେ ତେଲେଙ୍ଗାନା ପୁଲିସ ଏବଂ ମାଓବାଦୀଙ୍କ ମଧ୍ୟରେ ଗୁଳିବିନିମୟ ହୋଇଥିଲା। ଏହି ଏନକାଉଣ୍ଟରରେ ୟେଲାଣ୍ଡୁ-ନରସମ୍ପେଟ୍ ଅଞ୍ଚଳର ଅଞ୍ଚଳର କମିଟି କମାଣ୍ଡର ବଦ୍ଦୁ ଓରଫ ପାପନ୍ନା ନିହତ ହୋଇଥିବା ସୂଚନା ମିଳିଛି। ତେବେ ଏପର୍ଯ୍ୟନ୍ତ ଆନୁଷ୍ଠାନିକ ଭାବେ କିଛି ନିଶ୍ଚିତ ହୋଇନାହିଁ। ଏହି ଏନକାଉଣ୍ଟର ସମ୍ପର୍କରେ ପୋଲିସ ପ୍ରଶାସନ ଏପର୍ଯ୍ୟନ୍ତ କୌଣସି ବିବୃତ୍ତି ଦେଇନାହିଁ। କହିରଖୁ ଯେ, ଏହା ପୂର୍ବରୁ ସେପ୍ଟେମ୍ବର ମାସରେ ତେଲଙ୍ଗାନାର ଭଦ୍ରାଦ୍ରି କୋଠାଗୁଡେମ ଅଞ୍ଚଳରେ ତେଲେଙ୍ଗାନା ପୁଲିସ ଓ ମାଓବାଦୀଙ୍କ ମଧ୍ୟରେ ଏନ୍‌କାଉଣ୍ଟର ହୋଇଥିଲା। ଏଥିରେ ୬ ଜଣ ମାଓବାଦୀ ନିହତ ହୋଇଥିଲେ। ମୃତକଙ୍କ ମଧ୍ୟରେ ଜଣେ ମହିଳା ମାଓବାଦୀ ମଧ୍ୟ ଥିଲେ। ସେହିପରି ଦୁଇ ଜଣ ପୁଲିସକର୍ମୀ ଆହତ ମଧ୍ୟ ହୋଇଥିଲେ।

# ପୁଣି ଜଣେ ଭାରତୀୟଙ୍କୁ ବଡ଼ ଦାୟିତ୍ୱ ଦେଲେ ଟ୍ରମ୍ପ

**ଏଫ୍‌ବିଆଇର ନିର୍ଦ୍ଦେଶକ ହେଲେ କଶ୍ୟପ**

**ୱାଶିଂଟନ୍, ୧।୧୨:** ଟ୍ରମ୍ପ ସରକାରରେ ହେଲା ପୁଣି ଭାରତୀୟଙ୍କ ଏଣ୍ଟ୍ରି। ନବନିର୍ବାଚିତ ଆମେରିକାର ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ ଆଉ ଜଣେ ଭାରତୀୟଙ୍କୁ ଦେଲେ ବଡ଼ ଦାୟିତ୍ୱ। ଭାରତୀୟ ବଂଶୋଦ୍ଭବ କଶ୍ୟପ ତଥା କାଶ ପଟେଲଙ୍କୁ ସେ ଏଫବିଆଇ ନିର୍ଦ୍ଦେଶକ ଭାବେ ମନୋନୀତ କରିଛନ୍ତି। ଶନିବାର ରାତିରେ ଡୋନାଲ୍ଡ ଟ୍ରମ୍ପ ଖୋଦ୍ ନିଜ ସୋଶାଲ ମିଡିଆ ହ୍ୟାଣ୍ଡେଲରେ ଏନେଇ ଏକ ପୋଷ୍ଟ ସେୟାର କରି ସୂଚନା ଦେଇଛନ୍ତି। ସେ ଏଥିରେ ଲେଖିଛନ୍ତି, ମୁଁ ଏହା ଘୋଷଣା କରି ବେଶ୍ ଗର୍ବିତ ଅନୁଭବ କରୁଛି ଯେ, କଶ୍ୟପ ତଥା କାଶ ପଟେଲ ଫେଡେରାଲ ବ୍ୟୁରୋ ଅଫ୍ ଇନଭେଷ୍ଟିଗେସନ୍‌ର ପରବର୍ତ୍ତୀ ନିର୍ଦ୍ଦେଶକ ଭାବରେ କାର୍ଯ୍ୟ କରିବେ। କାଶ୍ ଜଣେ ଭଲ ଆଇନଜୀବୀ, ଅନୁସନ୍ଧାନକାରୀ ଏବଂ 'ଆମେରିକା ପ୍ରଥମ' 'ସଂଗ୍ରାମୀ, ଯିଏ ଦୁର୍ନୀତିକୁ ଉନ୍ମୋଚନ କରିବା, ନ୍ୟାୟ ରକ୍ଷା କରିବା ଏବଂ ଆମେରିକାର ଲୋକଙ୍କୁ ସୁରକ୍ଷା ଦେବାରେ ନିଜର କ୍ୟାରିୟର ଅତିବାହିତ କରିଛନ୍ତି। ବଢ଼ୁଥିବା ଅପରାଧ, ଅପରାଧିକ ଗ୍ୟାଙ୍ଗ ଓ ସୀମା ପାର୍ ଡ୍ରଗ୍ ଚୋରା ଚାଲାଣ ଭଳି ସମସ୍ୟାର ସମାଧାନ ପାଇଁ



ଟ୍ରମ୍ପ ପଟେଲଙ୍କୁ ଦାୟିତ୍ୱ ଦେଇଛନ୍ତି। ସେ ଆଟର୍ଣ୍ଣି ଜେନେରାଲ ପାମ ବୋଣ୍ଡିଙ୍କ ଅଧୀନରେ କାର୍ଯ୍ୟ କରିବେ। କାଶ ପଟେଲ ଟ୍ରମ୍ପଙ୍କ ଅତି ନିକଟତର ବୋଲି କୁହାଯାଏ। ପଟେଲ ୨୦୧୭ରେ ଗୃହ ସଂସଦୀୟ ଚୟନ କମିଟିର ସଦସ୍ୟ ଥିଲେ। କାଶ ପଟେଲ ପୂର୍ବରୁ ଟ୍ରମ୍ପ ପ୍ରଶାସନରେ ପ୍ରତିରକ୍ଷା ବିଭାଗର ମୁଖ୍ୟ, ନ୍ୟାସନାଲ ଇଣ୍ଟେଲିଜେନ୍ସର ଡେପୁଟି ଡାଇରେକ୍ଟର ଏବଂ ଜାତୀୟ ସୁରକ୍ଷା ପରିଷଦରେ ଆତଙ୍କବାଦ ନିରୋଧୀ ବରିଷ୍ଠ ନିର୍ଦ୍ଦେଶକ ଭାବେ କାର୍ଯ୍ୟ କରିଛନ୍ତି। କେବଳ ସେତିକି ନୁହେଁ ଭାରତରେ ରାମ ମନ୍ଦିର ନିର୍ମାଣ ସମ୍ପର୍କରେ ଦେଇଥିବା ବିବୃତ୍ତି ପାଇଁ ମଧ୍ୟ ପଟେଲ ବେଶ୍ ଚର୍ଚ୍ଚାରେ ଥିଲେ।

ଚାମ୍ପିୟନ୍ସ ଟ୍ରଫି ବିବାଦ

# ଆଇସିସି ଅଧ୍ୟକ୍ଷ ଦାୟିତ୍ୱ ନେଲେ ଜୟ ଶାହ



**ମୁମ୍ବାଇ, ୧।୧୨:** ବିସିସିଆଇର ପୂର୍ବତନ ସମ୍ପାଦକ ଜୟ ଶାହ ଆଜି ବିଧିବଦ୍ଧ ଭାବେ କ୍ରିକେଟର ସର୍ବୋଚ୍ଚ ସଂସ୍ଥା ଆଇସିସିର ଅଧ୍ୟକ୍ଷ ଭାବେ ଦାୟିତ୍ୱ ନେଇଛନ୍ତି। ତାଙ୍କ କାର୍ଯ୍ୟକାଳ ଆଜି ଠାରୁ ଆରମ୍ଭ ହୋଇଛି। ୨୦୨୫ ଚାମ୍ପିୟନ୍ସ ଟ୍ରଫିକୁ ନେଇ ବିସିସିଆଇ ଓ ପିସିବି ମଧ୍ୟରେ ବିବାଦ ଚରମସୀମାରେ ପହଞ୍ଚିଥିବା ବେଳେ ହାଇବ୍ରିଡ ମଡେଲ ଉପରେ ଆଲୋଚନା ଚାଲିଛି। ଏସବୁ ଭିତରେ ଜୟ ଶାହ ଆଇସିସିର ଅଧ୍ୟକ୍ଷ ଭାବେ ଦାୟିତ୍ୱ ଗ୍ରହଣ କରିଛନ୍ତି। କୁହାଯାଉଛି ଯେ ପାକିସ୍ତାନ କ୍ରିକେଟ ବୋର୍ଡ କୌଣସି ଉପାୟ ନ ପାଇ ହାଇବ୍ରିଡ ମଡେଲ ଆପଣାଇବାକୁ ରାଜି ହୋଇଛି। ଆଇସିସି ପକ୍ଷରୁ ହିଁ ପିସିବିକୁ ହାଇବ୍ରିଡ ମଡେଲର ପ୍ରସ୍ତାବ ଦିଆଯାଇଥିଲା। ତେବେ ଚାମ୍ପିୟନ୍ସ ଟ୍ରଫିର ହୋଷ୍ଟିଂକୁ ନେଇ ଏଯାଏ କୌଣସି ସ୍ପଷ୍ଟତା ଆସିନାହିଁ।

୨୦୨୦ରୁ ଆଇସିସି ଅଧ୍ୟକ୍ଷ ଭାବେ କାମ କରୁଥିବା ନ୍ୟୁଜିଲ୍ୟାଣ୍ଡର ଗ୍ରେଗ ବାର୍କଲେଙ୍କ କାର୍ଯ୍ୟକାଳ ନଭେମ୍ବର ୩୦ରେ ଶେଷ ହୋଇଥିଲା। ଏହାପରେ ଜୟ ଶାହ ଆଜି ଏହି ପଦ ଅଳଙ୍କୃତ କରିଛନ୍ତି। ଶାହ ମାତ୍ର ୩୫ ବର୍ଷ ବୟସରେ ଆଇସିସି ଅଧ୍ୟକ୍ଷ ହେବାର ରେକର୍ଡ କରିଛନ୍ତି। ସେ ସବୁଠାରୁ କନିଷ୍ଠ ବ୍ୟକ୍ତି ଭାବେ କ୍ରିକେଟର ସବୁଠାରୁ ବଡ଼ ସଂସ୍ଥାର ମୁଖ୍ୟ ହୋଇଛନ୍ତି। ଏହାବାଦ ଶାହ ୫ମ ଭାରତୀୟ ଭାବେ ଏହି ପଦରେ ଅଳଙ୍କୃତ କରିଛନ୍ତି। ଏହା ପୂର୍ବରୁ ଜଗମୋହନ ଡାଲମିଆ, ଶରଦ ପାୱାର, ଏନ ଶ୍ରୀନିବାସନ ଓ ଶଶାଙ୍କ ମନୋହର ଆଇସିସିର ମୁଖ୍ୟ ପଦରେ ରହିଥିଲେ। ଆଇସିସି ଅଧ୍ୟକ୍ଷ ପ୍ରତ୍ୟେକ ଦୁଇ ବର୍ଷ ଲେଖାଏ ତିନି ଟର୍ମ ପାଇଁ କାର୍ଯ୍ୟଭାର ସମ୍ଭାଳନ୍ତି। ନ୍ୟୁଜିଲ୍ୟାଣ୍ଡର ଗ୍ରେଗ ବାର୍କଲେ ୨୦୨୦ରେ ଆଇସିସିର ଅଧ୍ୟକ୍ଷ ଭାବରେ ନିଯୁକ୍ତ ହୋଇଥିଲେ। ୨୦୨୨ରେ ମଧ୍ୟ ପୁନର୍ବାର ତାଙ୍କୁ ଦାୟିତ୍ୱ ମିଳିଥିଲା। ଆଜି ଆଇସିସି ଅଧ୍ୟକ୍ଷ ଭାବେ ଦାୟିତ୍ୱ ନେବା ପରେ ଜୟ ଶାହ କହିଛନ୍ତି ଯେ ୨୦୨୮ ଲସ ଆଞ୍ଜେଲ୍ସ ଅଲିମ୍ପିକ୍ସରେ କେମିତି କ୍ରିକେଟ ସାମିଲ ହୋଇପାରିବ, ତା' ଉପରେ ସେ ଫୋକସ କରିବେ। ସେହିପରି ମହିଳା କ୍ରିକେଟ କେମିତି ଅଧିକ ଲୋକାଦୃତ ହେବ, ସେଥିପାଇଁ ମଧ୍ୟ କାମ କରିବେ ବୋଲି ଜୟ ଶାହ କହିଛନ୍ତି। କ୍ରିକେଟର ପ୍ରଶାସନିକ ବ୍ୟବସ୍ଥାରେ ସ୍ୱରାଷ୍ଟ୍ର ମନ୍ତ୍ରୀ ଅମିତ ଶାହଙ୍କ ପୁଅ ଜୟ ଶାହଙ୍କ ଅଭିଜ୍ଞତା ଯଥେଷ୍ଟ ରହିଛି। ସେ ୨୦୦୯ରେ ଗୁଜରାଟ କ୍ରିକେଟ ଆସୋସିଏସନରୁ ନିଜ ଯାତ୍ରା ଆରମ୍ଭ କରିଥିଲେ। ଅହମଦାବାଦରେ ଥିବା ବିଶ୍ୱର ସର୍ବୋବୃହତ୍ତ କ୍ରିକେଟ ଷ୍ଟାଡିୟମ ନିର୍ମାଣରେ ସେ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିଥିଲେ। ୨୦୧୯ରେ ଜୟ ଶାହ ବିସିସିଆଇର ସମ୍ପାଦକ ପଦ ସମ୍ଭାଳିବରେ ସର୍ବକନିଷ୍ଠ ସଦସ୍ୟ ହୋଇଥିଲେ। ସେ ଏସିଆନ କ୍ରିକେଟ କାଉନସିଲର ଅଧ୍ୟକ୍ଷ ଓ ଆଇସିସିର ଅର୍ଥ ଓ ବ୍ୟବସାୟିକ ବ୍ୟାପାର କମିଟର ଅଧ୍ୟକ୍ଷତା କରିବାର ଅଭିଜ୍ଞ ମଧ୍ୟ ରଖିଛନ୍ତି।




# ସଚିନ ତେନ୍ଦୁଲକରଙ୍କ ବିରାଟ ରେକର୍ଡକୁ ଭାଙ୍ଗିଲେ ରୁଟ୍

**ନୂଆଦିଲ୍ଲୀ, ୧।୧୨:** କିମ୍ବଦନ୍ତୀ କ୍ରିକେଟର ସଚିନ ତେନ୍ଦୁଲକରଙ୍କ ନାଁରେ ରହିଥିବା ସର୍ବକାଳୀନ ବିରାଟ ରେକର୍ଡକୁ ଭାଙ୍ଗି ଦେଇଛନ୍ତି ଇଂଲଣ୍ଡର ଷ୍ଟାର ବ୍ୟାଟର ଜୋ ରୁଟ। ଟେଷ୍ଟ କ୍ରିକେଟର ୪ର୍ଥ ଇନିଂସରେ ସର୍ବାଧିକ ରନ କରିବାର ରେକର୍ଡ ଏବେ ଜୋ ରୁଟଙ୍କ ନାଁରେ ଯୋଡ଼ି ହୋଇଯାଇଛି। ପୂର୍ବରୁ ଏହି ରେକର୍ଡ ଗ୍ରେଟ ସଚିନଙ୍କ ନାଁରେ ରହିଥିଲା। ରୁଟ ନ୍ୟୁଜିଲ୍ୟାଣ୍ଡ ବିପକ୍ଷ ପ୍ରଥମ ଟେଷ୍ଟରେ ଦମଦାର ବ୍ୟାଟିଂ କରି ତାଲିକାର ୧ନଂ ସ୍ଥାନରେ ପହଞ୍ଚି ଯାଇଛନ୍ତି। ଇଂଲଣ୍ଡ ମଧ୍ୟ ପ୍ରଥମ ଟେଷ୍ଟକୁ ୮ ୱିକେଟରେ କବଜା କରିନେଇଛି। ନ୍ୟୁଜିଲ୍ୟାଣ୍ଡ ବିପକ୍ଷ ପ୍ରଥମ ଇନିଂସରେ ରୁଟ କୌଣସି ପ୍ରଭାବ ଦେଖାଇ ପାରି ନଥିଲେ।

ସେ କୌଣସି ରନ ନ କରି ଆଉଟ ହୋଇଥିଲେ। ତେବେ ଦ୍ୱିତୀୟ ଇନିଂସରେ ଇଂଲଣ୍ଡ ୧୦୪ ରନର ଟାର୍ଗେଟକୁ ପିଛା କରୁଥିବା ବେଳେ ରୁଟ ୧୫ ବଲରେ ୨୩ ରନ କରି ଅପରାଜିତ ରହିଥିଲେ। ଏହି ୨୩ ରନର ଇନିଂସ ପରେ ସଚିନଙ୍କ ସର୍ବକାଳୀନ ୪ର୍ଥ ଇନିଂସ ରେକର୍ଡକୁ ରୁଟ ଭାଙ୍ଗି ଦେଇଛନ୍ତି। ନ୍ୟୁଜିଲ୍ୟାଣ୍ଡ ବିପକ୍ଷ ଟେଷ୍ଟ ଆରମ୍ଭ ହେବା ପୂର୍ବରୁ ଟେଷ୍ଟ ମ୍ୟାଚ୍‌ର ୪ର୍ଥ ଇନିଂସରେ ସର୍ବାଧିକ ରନ ହାସଲ କରିବାର ରେକର୍ଡ ସଚିନଙ୍କ ନାଁରେ ଥିଲା। ସେ ତାଙ୍କ ଟେଷ୍ଟ କ୍ୟାରିୟରରେ ମୋଟ ୧୬୨୫ ରନ କରିଥିଲେ। ହେଲେ ରୁଟ ଇତି ମଧ୍ୟରେ ଟେଷ୍ଟ ମ୍ୟାଚର ୪ର୍ଥ ଇନିଂସରେ ୧୬୩୦ ରନ କରିସାରିଲେଣି। ରୁଟ ଓ ସଚିନଙ୍କ ପରେ ୧୬୧୧ ରନ ସହ ଆଲିଷ୍ଟର କୁକ ଓ ସମାନ ୧୬୧୧ ରନ ସହ ଗ୍ରେମ ସ୍ମିଥ ଯୁଗ୍ମ ଭାବେ ତୃତୀୟ ସ୍ଥାନରେ ରହିଛନ୍ତି। ୪ର୍ଥ ସ୍ଥାନରେ ୧୫୮୦ ରନ ସହ ୱେଷ୍ଟଇଣ୍ଡିଜର ଶିବନାରାୟଣ ଚନ୍ଦ୍ରପଲ ଅଛନ୍ତି।

# ଅଭ୍ୟାସ ମ୍ୟାଚ୍‌ରେ ଫେଲ ମାରିଲେ ରୋହିତ ଶର୍ମା




**ମୁମ୍ବାଇ, ୧।୧୨:** ପ୍ରଧାନମନ୍ତ୍ରୀ ଏକାଦଶ ବିପକ୍ଷ ପିଙ୍କ ବଲରେ ଖେଳା ଯାଉଥିବା ଅଭ୍ୟାସ ମ୍ୟାଚ୍‌ରେ ଫେଲ ମାରିଛନ୍ତି ଭାରତୀୟ ଟିମର ଅଧିନାୟକ ରୋହିତ ଶର୍ମା। ନିକଟରେ ବାପା ହୋଇଥିବା ରୋହିତ ଅଷ୍ଟ୍ରେଲିଆ ବିପକ୍ଷ ପ୍ରଥମ ମ୍ୟାଚ୍ ଖେଳି ନଥିଲେ। ହେଲେ ଦ୍ୱିତୀୟ ଟେଷ୍ଟ ପୂର୍ବରୁ ଆଜି ସେ ଅଭ୍ୟାସ ମ୍ୟାଚ୍‌ରେ ନଜର ଆସିଛନ୍ତି। କିନ୍ତୁ ଆଜି ସେ ମାତ୍ର ୩ ରନ କରିବାକୁ ସକ୍ଷମ ହୋଇଛନ୍ତି। ରୋହିତ ବ୍ୟାଟରେ କିଛି ବି କମାଲ କରି ପାରି ନଥିଲେ ହେଁ ଅଭ୍ୟାସ ମ୍ୟାଚ୍‌ରେ ନିଜର ମହାନତା ଦେଖାଇଛନ୍ତି। ରୋହିତ ନିଜର ମହାନତା ଦେଖାଇ ଇନିଂସ ଆରମ୍ଭ କରିନାହାନ୍ତି। ସବୁବେଳେ ଓପନ କରୁଥିବା ରୋହିତ ଆଜି କେଏଲ ରାହୁଲଙ୍କ ପାଇଁ ୪ନଂରେ ବ୍ୟାଟିଂ କରିଛନ୍ତି। ଅଷ୍ଟ୍ରେଲିଆ ବିପକ୍ଷ ପର୍ଥ ଟେଷ୍ଟରେ ରୋହିତଙ୍କ ଅନୁପସ୍ଥିତିରେ ରାହୁଲ ଓ ଯଶସ୍ୱୀ ଜୈସୱାଲ ଇନିଂସ ଆରମ୍ଭ କରିଥିଲେ। ଏହି ସମୟରେ ରାହୁଲ ଦମଦାର ବ୍ୟାଟିଂ କରି ନିଜ ଦକ୍ଷତାର ପରିଚୟ ଦେଇଥିଲେ। ହେଲେ ରୋହିତ ଦଳକୁ ଫେରିଥିବାରୁ ରାହୁଲ କେଉଁଠି ବ୍ୟାଟିଂ କରିବେ, ତା'କୁ ନେଇ ସସପେନ୍ସ ଜାରି ରହିଥିଲା। ଅଭ୍ୟାସରେ ମ୍ୟାଚ୍‌ରେ କିନ୍ତୁ ରୋହିତ ନିଜ ନାଁକୁ ଓପନିଂ ତାଲିକାରୁ କାଢ଼ି ୫ନଂରେ ରଖିଥିଲେ। ତେବେ ସେ ୪ନଂରେ ବ୍ୟାଟିଂ କରିଛନ୍ତି। ଜୈସୱାଲ ଓ ରାହୁଲ ଓପନିଂ କରିଛନ୍ତି। ଜୈସୱାଲ ୪୫ ରନରେ ଆଉଟ ହୋଇଥିବା ବେଳେ ଶୁବମନ ଗିଲ ୩ନଂରେ ଆସିଥିଲେ। ରାହୁଲ ୨୭ ରନ କରି ରିଟାୟାର ହେବାରୁ ରୋହିତଙ୍କୁ ମୈଦାନରେ ଦେଖିବାକୁ ମିଳିଥିଲା। କିନ୍ତୁ ୪ନଂରେ ବ୍ୟାଟିଂ କରିଥିବା ରୋହିତ ୧୧ ବଲରେ ୩ ରନ କରି ଚାର୍ଲି ଆଣ୍ଡରସନଙ୍କ ବଲରେ ସ୍ଲିପ ଅଞ୍ଚଳରେ ଆଉଟ ହୋଇଯାଇଛନ୍ତି। ଗିଲ ୫୦ ରନ କରି ରିଟାୟର ହୋଇଥିବା ବେଳେ ନୀତୀଶ ରେଡ୍ଡୀ ୩୨ ବଲରେ ୪୨ ରନର ଇନିଂସ ଖେଳି କ୍ଲିନବୋଲ୍ଡ ହୋଇଛନ୍ତି। ବର୍ଷା ଯୋଗୁ ଅଭ୍ୟାସ ମ୍ୟାଚର ପ୍ରଥମ ଦିନ ଖେଳ ହୋଇପାରି ନଥିଲା। ଦ୍ୱିତୀୟ ଦିନରେ ଭାରତର ଅଧିନାୟକ ରୋହିତ ଶର୍ମା ଟସ୍ ଜିତି ପ୍ରଥମେ ବୋଲିଂ ନିଷ୍ପତ୍ତି ନେଇଥିଲେ। ହର୍ଷିତ ରାଣାଙ୍କ ୪ ୱିକେଟ ବଳରେ ପ୍ରଧାନମନ୍ତ୍ରୀ ଏକାଦଶକୁ ଭାରତୀୟ ଟିମ ୨୪୦ ରନରେ ଅଲଆଉଟ କରି ଦେଇଥିଲା।

୪୬ ଓଭରରେ ୨୪୧ ରନର ଟାର୍ଗେଟ ପାଇଥିବା ଭାରତୀୟ ଟିମ ପାଇଁ ରୋହିତଙ୍କୁ ଛାଡ଼ି ଆଉ ସବୁ ବ୍ୟାଟର ଦମଦାର ପ୍ରଦର୍ଶନ କରିଛନ୍ତି। ରିପୋର୍ଟ ଲେଖା ହେବା ବେଳକୁ ଭାରତ ୩୯ ଓଭରରେ ୩ ୱିକେଟ ହରାଇ ୨୧୬ ରନ କରି ନେଇଛି। ଏବେ ଦଳକୁ ଅଭ୍ୟାସ ମ୍ୟାଚ୍‌କୁ ଜିତିବା ପାଇଁ ୨୫ ରନର ଆବଶ୍ୟକ ରହିଛି।

# ଗ୍ୟାରୀ ସୋଭର୍ସଙ୍କ ନାଁରେ ୫୨ବର୍ଷ ହେଲା ଥିବା ରେକର୍ଡ ଭାଙ୍ଗିଲା

**ନୂଆଦିଲ୍ଲୀ, ୧।୧୨:** ୱେଷ୍ଟଇଣ୍ଡିଜର କିମ୍ବଦନ୍ତୀ କ୍ରିକେଟର ଗ୍ୟାରୀ ସୋଭର୍ସଙ୍କ ନାଁରେ ୫ ଦଶନ୍ଧି ହେଲା ରହିଥିବା ରେକର୍ଡ ଭାଙ୍ଗିଛି। ୱେଷ୍ଟଇଣ୍ଡିଜ୍‌ର କ୍ରେଗ ବ୍ରାଥୱେଟ ୫୨ ବର୍ଷର ପୁରୁଣା ରେକର୍ଡକୁ ଭାଙ୍ଗି ଦେଇଛନ୍ତି। ୱେଷ୍ଟଇଣ୍ଡିଜ ପାଇଁ କ୍ରମାଗତ ଭାବେ ସର୍ବାଧିକ ଟେଷ୍ଟ ମ୍ୟାଚ୍ ଖେଳିଥିବା ରେକର୍ଡ ଗ୍ୟାରୀ ସୋଭର୍ସଙ୍କ ନାଁରେ ରହିଥିଲା। ହେଲେ ୩୨ ବର୍ଷୀୟ ବ୍ରାଥୱେଟ ଏହି ରେକର୍ଡକୁ ଏବେ ଅତିକ୍ରମ କରି ଯାଇଛନ୍ତି। ସେ ବାଂଲାଦେଶ ବିପକ୍ଷ ଘରୋଇ ସିରିଜର ଦ୍ୱିତୀୟ ମ୍ୟାଚ୍ ଖେଳିବାକୁ ମୈଦାନକୁ ଓହ୍ଲାଇବା ମାତ୍ରେ ସୋଭର୍ସଙ୍କୁ ଅତିକ୍ରମ କରି ଯାଇଛନ୍ତି।




୨୦୧୪ ଜୁନ ମାସରୁ ଇତି ମଧ୍ୟରେ ବ୍ରାଥୱେଟ କ୍ରମାଗତ ଭାବେ ୱେଷ୍ଟଇଣ୍ଡିଜ ପାଇଁ ଟେଷ୍ଟ ମ୍ୟାଚ ଖେଳି ଚାଲିଛନ୍ତି। ୧୦ ବର୍ଷ ମଧ୍ୟରେ ସେ ଗୋଟିଏ ବି ମ୍ୟାଚ୍ ମିସ କରି ନାହାନ୍ତି। ସୋଭର୍ସ ୧୯୫୫ ଏପ୍ରିଲରୁ ୧୯୭୨ ଏପ୍ରିଲ ମଧ୍ୟରେ କ୍ରମାଗତ ୮୫ଟି ଟେଷ୍ଟ ମ୍ୟାଚ୍ ଖେଳିଥିଲେ। ବ୍ରାଥୱେଟଙ୍କ ମ୍ୟାଚ୍ ସଂଖ୍ୟା ଏବେ ୮୬ରେ ପହଞ୍ଚି ଯାଇଛି। ଏମାନଙ୍କ ବ୍ୟତୀତ ତାଲିକାର ତୃତୀୟ ସ୍ଥାନରେ ଡେସମଣ୍ଡ ହାୟନେସ ୭୨ଟି, ବ୍ରାଏନ ଚାର୍ଲସ ଲାରା ୬୪ଟି, ରୋହନ କାନହେଁ ୬୧ଟି, ସାର ଭିଭ ରିଚାର୍ଡର୍ସ ୬୧ଟି ଓ ୱାଲ୍‌ଶ ୫୩ଟି ମ୍ୟାଚ୍ କ୍ରମାଗତ ଭାବେ ୱେଷ୍ଟଇଣ୍ଡିଜ ପାଇଁ ଖେଳିଛନ୍ତି। ତେବେ ଓଭର ଅଲ ରେକର୍ଡ କଥା ଦେଖିଲେ ତାଲିକାର ୧ନଂ ସ୍ଥାନରେ ଇଂଲଣ୍ଡର ପୂର୍ବତନ ଅଧିନାୟକ ଆଲିଷ୍ଟର କୁକ ରହିଛନ୍ତି। ସେ ସେ ୨୦୦୬ ମେ' ମାସରୁ ୨୦୧୮ ସେପ୍ଟେମ୍ବର ମଧ୍ୟରେ ୧୫୯ଟି ଟେଷ୍ଟ ଖେଳିଛନ୍ତି। ତାଙ୍କ ପଛକୁ ଆଲାନ ବର୍ଡର ୧୫୩ଟି, ମାର୍କ ୱ ୧୫୩ଟି, ସୁନୀଲ ଗାଭାସ୍କର ୧୦୬ଟି, ବ୍ରେଣ୍ଡନ ମ୍ୟାକକୁଲମ ୧୦୧ଟି ଓ ନାଥନ ଲାୟନ ୧୦୦ଟି ମ୍ୟାଚ୍ କ୍ରମାଗତ ଭାବେ ଖେଳିଛନ୍ତି।

## ଶେଷ ହେଲା ୩ ଭାରତୀୟ ଖେଳାଳିଙ୍କ ଆଇପିଏଲ କ୍ୟାରିୟର

ନୂଆଦିଲ୍ଲୀ,୧।୧୨: ଇଣ୍ଡିଆନ ପ୍ରିମିୟର ଲିଗ ୨୦୨୫ ମେଗା ନିଲାମରେ ଖେଳାଳିଙ୍କ ଉପରେ ବହୁ ଟଙ୍କା ବର୍ଷା ହୋଇଛି। ଦଳ ପ୍ରାୟ ୬୪୦କୋଟି ଟଙ୍କା ଖର୍ଚ୍ଚ କରି ୧୮୩ ଖେଳାଳି କିଣିଥିଲେ। ଆଇପିଏଲ ଇତିହାସରେ ଋଷଭ ପନ୍ତ ସବୁଠାରୁ ମହଙ୍ଗା ଖେଳାଳି ହୋଇଥିବାବେଳେ ଶ୍ରେୟସ ଆୟର ଦ୍ୱିତୀୟ ମହଙ୍ଗା ଖେଳାଳି ହୋଇଥିଲେ। ଅନ୍ୟପକ୍ଷରେ, କେତେଜଣ ଭାରତୀୟ ଖେଳାଳି ମେଗା ନିଲାମରେ କୌଣସି କ୍ରେତା ମଧ୍ୟ ପାଇଲେ ନାହିଁ। ସେଠାରେ ତିନିଜଣ ଖେଳାଳି ଅଛନ୍ତି ଯେଉଁମାନେ ଏକଦା ଆଇପିଏଲରେ ଚେନ୍ନାଇ ସୁପର କିଙ୍ଗସ ଏବଂ କେକେଆର୍ ଭଳି ଦଳ ପାଇଁ ଖେଳିଥିଲେ, କିନ୍ତୁ ନିଲାମରେ ବିକ୍ରି ହୋଇନଥିଲେ, ଏହା ପରେ ଲାଗୁଛି ଯେପରି ଏହି ତିନୋଟି ଷ୍ଟାର ଖେଳାଳିଙ୍କ ଆଇପିଏଲ କ୍ୟାରିୟର ସମାପ୍ତ ହୋଇଛି। ଆଇପିଏଲ ୨୦୨୫ ନିଲାମରେ ଭାରତୀୟ ଷ୍ଟାର ଅଲରାଉଣ୍ଡର ଶାର୍ଦ୍ଦୁଲ ଠାକୁର ବିକ୍ରି ହୋଇନଥିବା ସମସ୍ତଙ୍କୁ ଆଶ୍ଚର୍ଯ୍ୟ କରିଛି। ସୂଚନାଯୋଗ୍ୟ, ସେ ଦୀର୍ଘ ସମୟ ଧରି ଆଘାତ ସହ ସଂଘର୍ଷ କରୁଥିଲେ। ଏହି କାରଣରୁ ନିଲାମରେ କୌଣସି ଦଳ ତାଙ୍କୁ କିଣି ନଥିଲେ। ଆଇପିଏଲ ୨୦୨୫ ମେଗା ନିଲାମରେ କେହି ଭାରତୀୟ ଦ୍ରୁତ ବୋଲର ଉମେଶ ଯାଦବଙ୍କୁ କିଣି ନାହାଁନ୍ତି। ସେ ଦୀର୍ଘ ଦିନ ଧରି ଟିମ ଇଣ୍ଡିଆରୁ ବାହାରି ଆସିଛନ୍ତି। ଏହି କାରଣରୁ କୌଣସି ଦଳ ତାଙ୍କ ଉପରେ ଆତ୍ମବିଶ୍ୱାସ ପ୍ରକାଶ କରିନଥିଲେ। ଆଇପିଏଲ ୨୦୨୫ ନିଲାମରେ କେହି ଭେଟେରାନ ସ୍ପିନର ପୀୟୁଷ ଚାୱଲା କିଣି ନାହାଁନ୍ତି । ତାଙ୍କୁ ଦୀର୍ଘ ଦିନ ଧରି କେବଳ ଆଇପିଏଲ ଖେଳୁଥିବା ଦେଖିବାକୁ ମିଳିଛି।

# ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ

## ଲଲଙ୍କ ନାଁରେ...

ନେଇ ଗାଳିଗୁଲଜ କରିଥିଲେ। ତାଙ୍କୁ ମାଡ଼ ମଧ୍ୟ ମାରିଥିଲେ ବୋଲି ଅଭିଯୋଗକାରିଣୀ ସାମଲ ଯାଜପୁର ଥାନାରେ ଲିଖିତ ଅଭିଯୋଗ କରିଥିଲେ। ଏହି ଅଭିଯୋଗକୁ ଭିତ୍ତିକରି ଯାଜପୁର ଥାନାରେ ୪୭୫/୨୦୨୪ ନମ୍ବରରେ ମାମଲା ରୁଜୁ ହୋଇଛି। ଶୁକ୍ରବାର ଏହାର ତଦନ୍ତ ଦାୟିତ୍ୱ ଏସ୍‌ଡିପିଓ କୈଳାସ ଚନ୍ଦ୍ର ସେଠୀଙ୍କୁ ଦିଆଯାଇଛି। ଏସ୍‌ଡିପିଓ ଏହି ଜାତିଆଣ ମାମଲା ସମ୍ପର୍କରେ କୋର୍ଟଙ୍କୁ ଅବଗତ କରାଇଛନ୍ତି। ଏହି ମାମଲାକୁ ମିଶାଇ ଲଲଙ୍କ ବିରୋଧରେ ମୋଟ ୫ଟି କେସ୍ ରୁଜୁ ହୋଇଛି। ଗୋଟିଏ ମାମଲାରେ ଶୁକ୍ରବାର ଜାମିନ ପାଇଥିବାବେଳେ ଅନ୍ୟ ମାମଲା ପାଇଁ ସେ ଜେଲରୁ ମୁକୁଳି ପାରିନାହାନ୍ତି।

ସୂଚନାଥାଉ କି, ବିରଜା ମନ୍ଦିର ନିକଟରେ କେଉଁ ପୁରୁଣା ସମୟରୁ ପ୍ରତି ଗୁରୁବାର ଓ ରବିବାର 'ବିରଜା ହାଟ' ଚାଲିଆସୁଥିଲା। ଏହାକୁ ହାଇଟେକ୍ ମଡେଲରେ ତିଆରି କରିବାକୁ ବିଜେଡି ସରକାର ୨୦୨୩ରେ ନିଷ୍ପତ୍ତି ନେଇଥିଲେ। ତଦନୁଯାୟୀ ହାଟକୁ ଅନ୍ୟ ଜାଗାକୁ ସ୍ଥାନାନ୍ତର ହୋଇଥିଲା। କିନ୍ତୁ ନୂଆ ସ୍ଥାନରେ ହାଟ ବ୍ୟବସାୟ ଭଲ ନ ହେବାରୁ କ୍ଷୁଦ୍ର ବ୍ୟବସାୟୀ ଏବଂ ଚାଷୀମାନେ ବିରୋଧ କରି ଅନେକ ଥର ଜିଲା ପ୍ରଶାସନର ଦ୍ୱାରସ୍ଥ ହୋଇଥିଲେ। ଫଳରେ ପୁରୁଣା ସ୍ଥାନରେ ହାଟ ଚଳାଇବାକୁ ଜିଲା ପ୍ରଶାସନ ଅନୁମତି ଦେଇଥିଲା। ଏହାକୁ ବିଜେଡି ବିରୋଧ କରି ନଭେମ୍ବର ୨୦ ତାରିଖରେ ରାସ୍ତାରୋକୋ କରାଯାଇଥିବାବେଳେ ୨୧ ତାରିଖରେ ହାଟକୁ ବନ୍ଦ କରିବାକୁ ଉଦ୍ୟମ ହୋଇଥିଲା। ଏଥିଯୋଗୁ ହିଂସା ଘଟିଥିଲା।

## ଚ୍ୟାଲେଞ୍ଜକୁ ...

ପଟେଲଙ୍କୁ ଉପଯୁକ୍ତ ଶ୍ରଦ୍ଧାଞ୍ଜଳି ମିଳିପାରିବ। ସମ୍ମିଳନୀରେ ଆତଙ୍କବାଦ ମୁକାବିଲା, ବାମପନ୍ଥୀ ଉଗ୍ରବାଦ, ସାଇବର ଅପରାଧ, ଆର୍ଥିକ ନିରାପତ୍ତା, ପ୍ରବାସନ, ଉପକୂଳ ସୁରକ୍ଷା ଏବଂ ନିଶା କାରବାର ସମେତ ଜାତୀୟ ନିରାପତ୍ତା ସହ ଜଡ଼ିତ ବର୍ତ୍ତମାନ ଏବଂ ଭବିଷ୍ୟତର ଆହ୍ୱାନ ଉପରେ ଗଭୀର ଆଲୋଚନା ହୋଇଥିଲା। ବାଂଲାଦେଶ ଓ ମିଆଁମାର ସୀମାରେ ଉପୁଜିଥିବା ନିରାପତ୍ତା ସମସ୍ୟା, ସହରାଞ୍ଚଳ ପୁଲିସର ଧାରା ଏବଂ ମନ୍ଦ ଉଦ୍ଦେଶ୍ୟପୂର୍ଣ୍ଣ ଗୁଜବ ସୃଷ୍ଟି ଭଳି ସମସ୍ୟାର ମୁକାବିଲା ପାଇଁ ରଣନୀତି ଉପରେ ପ୍ରାଧାନ୍ୟ ଦିଆଯାଇଥିଲା। ନୂତନ ଭାବେ ପ୍ରଣୟନ ହୋଇଥିବା ତିନୋଟି ପ୍ରମୁଖ ଅପରାଧିକ ଆଇନର କାର୍ଯ୍ୟକାରିତା, ପଦକ୍ଷେପ ଓ ପୁଲିସରେ ସର୍ବୋତ୍ତମ ଅଭ୍ୟାସ ତଥା ପଡ଼ୋଶୀ ଅଞ୍ଚଳର ସୁରକ୍ଷା ସ୍ଥିତିର ସମୀକ୍ଷା କରାଯାଇଥିଲା। ପ୍ରଧାନମନ୍ତ୍ରୀ ସମ୍ମିଳନୀର କାର୍ଯ୍ୟକାଳ ସମୟରେ ମୂଲ୍ୟବାନ ଦୃଷ୍ଟିକୋଣ ଉପସ୍ଥାପନ କରିଥିଲେ ଏବଂ ଭବିଷ୍ୟତ ପାଇଁ ଏକ ରୋଡ୍ ମ୍ୟାପ୍ ପ୍ରସ୍ତୁତ କରିଥିଲେ।

ସମ୍ମିଳନୀରେ ସ୍ୱରାଷ୍ଟ୍ର ମନ୍ତ୍ରୀ, ପ୍ରଧାନମନ୍ତ୍ରୀଙ୍କ ପ୍ରମୁଖ ସଚିବ, ଜାତୀୟ ସୁରକ୍ଷା ପରାମର୍ଶଦାତା, ସ୍ୱରାଷ୍ଟ୍ର ମନ୍ତ୍ରୀ ଏବଂ ସ୍ୱରାଷ୍ଟ୍ର ସଚିବ ପ୍ରମୁଖ ଉପସ୍ଥିତ ଥିଲେ। ହାଇବ୍ରିଡ୍ ଫର୍ମାଟରେ ଅନୁଷ୍ଠିତ ଏହି ସମ୍ମିଳନୀରେ ସମସ୍ତ ରାଜ୍ୟ/କେନ୍ଦ୍ରଶାସିତ ଅଞ୍ଚଳର ପୁଲିସ ମହାନିର୍ଦ୍ଦେଶକ/ମହାନିରୀକ୍ଷକ ଏବଂ ସିଏପିଏଫ/ସିପିଓର ମୁଖ୍ୟମାନେ ବ୍ୟକ୍ତିଗତ ଭାବେ ଯୋଗ ଦେଇଥିଲେ। ଏହାବ୍ୟତୀତ ସମସ୍ତ ରାଜ୍ୟ/କେନ୍ଦ୍ରଶାସିତ ଅଞ୍ଚଳରୁ ବିଭିନ୍ନ ବରିଷ୍ଠ ପାହ୍ୟାର ପ୍ରାୟ ୭୫୦ରୁ ଅଧିକ ଅଧିକାରୀ ଆଭାସୀ ମାଧ୍ୟମରେ ଯୋଗ ଦେଇଥିଲେ।

## ବିନା ଖାଦ୍ୟ...

ଏ ବାବଦରେ କୌଣସି ପ୍ରତିକ୍ରିୟା ଦେଇନାହିଁ। ଏକ ପୋଷ୍ଟରେ ଯାତ୍ରୀ ଅଭିଯୋଗ କରିଛନ୍ତି ଯେ ତାଙ୍କୁ ହଇରାଣ କରାଯାଉଛି ଏବଂ ଏହି ବିମାନରେ କେବଳ ୟୁଏଇ, ବ୍ରିଟେନ ଏବଂ ଆମେରିକାର ଯାତ୍ରୀ ରହିଛନ୍ତି। ଯାତ୍ରୀମାନେ କହିଛନ୍ତି ଯେ କୁଏତରେ ଅବତରଣ କରିବା ପୂର୍ବରୁ ସେମାନଙ୍କର ବିମାନ ୟୁ- ଟର୍ନ ନେଇଥିଲା। ଅବତରଣ କରିବାର ୨୦ ମିନିଟ ପୂର୍ବରୁ ବିମାନ ଡାଇଭର୍ସନ ଘୋଷଣା କରାଯାଇଥିଲା ଏବଂ ଏକ ଇଞ୍ଜିନରେ ନିଆଁ ଲାଗିଯାଇଥିଲା।

## ମୁରୁଗେସନ...

ଗୁରୁତ୍ୱବହନ କରୁଛି। କେନ୍ଦ୍ରରେ ଅନୁମୋଦନ ପାଇଥିବା ପ୍ରକଳ୍ପଗୁଡ଼ିକୁ ରାଜ୍ୟସ୍ତରରେ ମଞ୍ଜୁରି ଦେବା ଉପରେ ମଧ୍ୟ କେନ୍ଦ୍ର ସରକାର ଗୁରୁତ୍ୱ ଦେଉଛନ୍ତି। ଏହି ବର୍ଷଗୁଡ଼ିକରେ ଓଡ଼ିଶା ସରକାର ଦ୍ରୁତ ମଞ୍ଜୁରି ପାଇଁ ପ୍ରଶଂସିତ ହୋଇଛନ୍ତି। ଡ.ମୁରୁଗେସନଙ୍କ ନିଯୁକ୍ତି ଯୋଗୁଁ ଏ ଦିଗରେ ଅନେକ ଆଶା ସୃଷ୍ଟି ହୋଇଛି।

## ଫେରିବେ...

ଡିଏସପି ଭାବେ କାର୍ଯ୍ୟରତ। ଏଣୁ ଟ୍ରେନିଂ ସେଣ୍ଟର ନୁହେଁ, ବରଂ ଏଭଳି ଅଫିସରଙ୍କ ହାତରେ ଗୁରୁଦାୟିତ୍ୱ ଦେବାକୁ କୁଆଡେ ଚାହୁଁଛନ୍ତି ପିନାକ। ସେହିପରି ଦୁଇଦିନ ତଳେ ଡିସିପି ରାଙ୍କରେ ଭୁବନେଶ୍ୱର ଫେରିଛନ୍ତି ତପନ ମହାନ୍ତି। ତପନ ପୂର୍ବରୁ ଅତିରିକ୍ତ ଏସ୍‌ପି ବଡଗଡ଼ ଭାବେ କାର୍ଯ୍ୟରତ ଥିଲେ। କମିଶନରେଟ ପୋଲିସରେ ତାଙ୍କର ଅନେକ ଅଭିଜ୍ଞତା ପୂର୍ବରୁ ରହିଛି। ସେହିପରି ଭୁବନେଶ୍ୱର ସହ ପୁରୁଣା ସମ୍ପର୍କ ଥିବା ରବି ଶତପଥୀଙ୍କୁ କ୍ରାଇମବ୍ରାଞ୍ଚ ସ୍ପେଶାଲ ଟାସ୍କଫୋର୍ସର ଏସ୍‌ପି ଭାବେ ଗୁରୁ ଦାୟିତ୍ୱ ମିଳିଛି। ଏସବୁ ଦେଖିଲେ ଅଭିଜ୍ଞ ପୁରୁଖାଙ୍କୁ ନୂଆ ସରକାର ପୋଲିସିଂ ବ୍ୟବସ୍ଥାରେ ଏକ ଲିଡ୍ ରୋଲ ଦେବାକୁ ଲକ୍ଷ୍ୟ ରଖିଥିବା ଜଣାପଡୁଛି।

## ଇ-ଚାଲାଣ ...

ପରିକଳ୍ପନା କରୁଛନ୍ତି ରାଜ୍ୟ ସରକାର। ପରିବହନ ମନ୍ତ୍ରୀ ବିଭୁତି ଭୂଷଣ ଜେନା କହିଛନ୍ତି, ଗଲା ୪ ବର୍ଷରେ ଇ-ଚାଲାଣ ବାବଦକୁ ଅର୍ଥ ଓଟିଏସ୍‌ରେ ଆଦାୟ କରାଯିବା ପରେ ନିୟମ କଡ଼ାକଡ଼ି ହେବ। ପରବର୍ତ୍ତୀ ସମୟରେ ଅର୍ଥ ଆଦାୟ ପାଇଁ କୋର୍ଟରୁ ସମନ ମଧ୍ୟ ପହଞ୍ଚିବ। ପରିବହନ ବିଭାଗ ତଥ୍ୟ କହୁଛି ୨୦୨୦ରୁ ଚଳିତ

ବର୍ଷ ମେ ମାସ ଭିତରେ ଟ୍ରାଫିକ୍ ନିୟମ ଉଲ୍ଲଂଘନ ଅଭିଯୋଗରେ ମୋଟ ୫୬ ଲକ୍ଷ ୮୧ ହଜାର ୯୯୩ଟି ଇ-ଚାଲାଣ କଟାଯାଇଥିଲା। ସେ ଭିତରୁ ଏବେ ବି ୨୯ ଲକ୍ଷ ୭୭ ହଜାର ୭୧୮ଟି ଚାଲାଣ ବାବଦକୁ ଜରିମାନା ଅର୍ଥ ଆଦାୟ ହୋଇପାରିନି, ଯାହା ବିଭାଗ ପାଇଁ ମୁଣ୍ଡ ବିନ୍ଧାର କାରଣ ପାଲଟିଛି। ଏତେ ପରିମାଣରେ ଇ-ଚାଲାଣ କେମିତି କଟାଗଲା ଏବଂ ଚାଲାଣ ବାବଦକୁ ଜରିମାନା ଅର୍ଥ କାହିଁକି ଅନାଦେୟ ରହିଲା, ତାର କାରଣ ଦର୍ଶାଇଛନ୍ତି ସଡ଼କ ସୁରକ୍ଷା କର୍ମୀ ରବି ଶତପଥୀ। ତାଙ୍କ ମତରେ ଦୁର୍ଘଟଣା ରୋକିବାକୁ ପରିବହନ ଓ ପୁଲିସ ବିଭାଗ କେବଳ ଗାଡ଼ି ଚାଳକଙ୍କଠାରୁ ଫାଇନ୍ କାଟିବାକୁ ହିଁ ମୁଖ୍ୟ କାମ ଭାବି ନେଇଥିଲେ। ଆଉ ଏ ଭିତରେ ବହୁ ସଂଖ୍ୟାରେ ଫାଇନ ଅନାବଶ୍ୟକ ଭାବେ କଟାଯାଇଛି।

# ହାତୀ ଆକ୍ରମଣରେ ବନକର୍ମଚାରୀ ମୃତ, ୨ ଗୁରୁତର

ବଲାଙ୍ଗୀର, ୧।୧୨ (ସଂଚାର ବ୍ୟୁରୋ): କଣ୍ଟାବାଞ୍ଜି ରେଞ୍ଜ ଅନ୍ତର୍ଗତ ଢୋଲମାନ୍ଦଲ ସେକ୍‌ସନର ବାନ୍ଧନପାଲି ଗାଁ ନିକଟରେ ରବିବାର ଏକ ଦନ୍ତାହାତୀ ଆକ୍ରମଣରେ ଜଣେ ବନ କର୍ମଚାରୀଙ୍କ ମୃତ୍ୟୁ ଘଟିଛି। ଅନ୍ୟ ଦୁଇ ବନ କର୍ମଚାରୀ ଗୁରୁତର ଆହତ ହୋଇଛନ୍ତି। ମୃତ ବନ କର୍ମଚାରୀ ହେଲେ ରୂପେଶ ଛତ୍ରିଆ। ଦୁଇ ଗୁରୁତର ବନ କର୍ମଚାରୀ ହେଲେ ପ୍ରଶାନ୍ତ ନାୟକ ଏବଂ ତାରେଶ୍ୱର ରଣା। ଏହି ଦୁଇ ବନ କର୍ମଚାରୀ ବଲାଙ୍ଗୀର ଭୀମଭୋଇ ମେଡିକାଲ କଲେଜ ଆଣ୍ଡ ହସ୍ପିଟାଲରେ ଚିକିତ୍ସିତ ହେଉଛନ୍ତି। ବାନ୍ଧନପାଲି ଅଞ୍ଚଳରେ ଏକ ଦନ୍ତାହାତୀ ବୁଲୁଥିବା ଖବର ପାଇବା ପରେ ସକାଳେ କଣ୍ଟାବାଞ୍ଜି, ବଙ୍ଗୋମୁଣ୍ଡା ଓ ଲାଠୋର ରେଞ୍ଜର ବନ କର୍ମଚାରୀମାନେ ହାତୀ ଟ୍ରାକିଂ କରୁଥିଲେ। ଜଙ୍ଗଲ ଭିତରେ ଟ୍ରାକିଂ କରୁଥିବାବେଳେ ସେମାନେ ହଠାତ୍ ଦନ୍ତାହାତୀ ସହ ମୁହାଁମୁହିଁ ହୋଇଥିଲେ। ଦନ୍ତାଟି ପ୍ରୋଟେକଶନ୍ ସ୍କ୍ୱାଡ୍ ଉପରେ ଆକ୍ରମଣ କରିଥିଲା। ଏଥିରେ ରୂପେଶ, ପ୍ରଶାନ୍ତ ଓ ତାରେଶ୍ୱର ଗୁରୁତର ଆହତ ହୋଇଥିଲେ। ସେମାନଙ୍କୁ ପ୍ରଥମେ କଣ୍ଟାବାଞ୍ଜି ହସ୍ପିଟାଲ ଓ ପରେ ବଲାଙ୍ଗୀର ଭୀମଭୋଇ ମେଡିକାଲ କଲେଜ ହସ୍ପିଟାଲକୁ ଅଣାଯାଇଥିଲା।

# ଦୁଗ୍ଧ ଚାଷୀଙ୍କୁ ଅଧିକ ଦର ଦେଉଛନ୍ତି ଘରୋଇ ସଂସ୍ଥା

**ଭୁବନେଶ୍ୱର, ୧।୧୨:** ରାଜ୍ୟରୁ ଦୁଗ୍ଧ ସଂଗ୍ରହ କରୁଥିବା ଘରୋଇ ସଂସ୍ଥାଗୁଡିକ ସରକାରୀ ସଂସ୍ଥା ଓମ୍‌ଫେଡ୍ ତୁଳନାରେ ଚାଷୀଙ୍କୁ ଅଧିକ ଅର୍ଥ ପ୍ରଦାନ କରୁଛନ୍ତି। କେଉଁ ସଂସ୍ଥା ଲିଟର ପ୍ରତି ଅଧିକ ୨ଟଙ୍କା ପ୍ରଦାନ କରୁଛି ତ ଆଉ କିଏ ୪ରୁ ୬ଟଙ୍କା ଦେଉଛି। ଖୋଦ୍ ରାଜ୍ୟ ମତ୍ସ୍ୟ ଓ ପ୍ରାଣିସମ୍ପଦ ମନ୍ତ୍ରୀ ନିକଟରେ ବିଧାନସଭାରେ ଏହି ସୂଚନା ଦେଇଛନ୍ତି। ମନ୍ତ୍ରୀଙ୍କ ସୂଚନା ଅନୁଯାୟୀ ଚାଷୀଙ୍କ ଠାରୁ ଓମଫେଡ୍ ସହିତ ପ୍ରଗତି ମିଲ୍କ ଓ ମିଲ୍କ ମନ୍ତ୍ର ନାମକ ଦୁଇଟି ସଂସ୍ଥା ଦୈନିକ ଦୁଗ୍ଧ ସଂଗ୍ରହ କରୁଛନ୍ତି। ଓମଫେଡ୍‌ର ଦୁଗ୍ଧ ସଂଗ୍ରହ ପରିମାଣ ୫.୪୦ ଲକ୍ଷ କିଲୋରୁ ଅଧିକ ଥିବାବେଳେ ପ୍ରଗତି ସଂସ୍ଥା ୩.୧୫ଲକ୍ଷ ଲିଟର ଏବଂ ମିଲ୍କ ମନ୍ତ୍ରୀ ୧ଲକ୍ଷ ଲିଟର ଦୁଗ୍ଧ ସଂଗ୍ରହ କରୁଛି। ଓମଫେଡ୍ ଦୁଗ୍ଧ ଚାଷୀଙ୍କୁ କ୍ଷୀର ଲିଟର ପ୍ରତି ୩୪ ରୁ ୩୬ ଟଙ୍କା ପ୍ରଦାନ କରୁଥିବାବେଳେ ପ୍ରଗତି ମିଲ୍କ ଲିଟର ପ୍ରତି ଦେଉଛି ୪୦ ଟଙ୍କା। ସେହିଭଳି ମିଲ୍କ ମନ୍ତ୍ର ଦେଉଛି ଲିଟର ପ୍ରତି ୩୬ ଟଙ୍କା। ବିଜେପି ବିଧାୟକ ଟଙ୍କଧର ତ୍ରିପାଠୀ ପଚାରିଥିବା ପ୍ରଶ୍ନର ଉତ୍ତରରେ ପ୍ରାଣି ସମ୍ପଦ ମନ୍ତ୍ରୀ ଗୋକୁଳାନନ୍ଦ ମଲ୍ଲିକ ବିଧାନସଭାରେ ଏହି ସୂଚନା ଦେଇଛନ୍ତି।

ସୂଚନା ଅନୁଯାୟୀ ରାଜ୍ୟରେ ଦୈନିକ ମୁଣ୍ଡପିଛା ୩୦୦ ମିଲିଗ୍ରାମ ଦୁଗ୍ଧ ଆବଶ୍ୟକ ଥିବାବେଳେ ୨୦୨୨-୨୩ ବର୍ଷରେ ରାଜ୍ୟରେ ୨୪୭୬.୪୨ ହଜାର ମେଟ୍ରିକ ଟନ୍ ଦୁଗ୍ଧ ଉତ୍ପାଦନ ହୋଇଛି। ଦୁଗ୍ଧ ଉତ୍ପାଦନ କ୍ଷେତ୍ରରେ ସବୁଠାରୁ ଆଗରେ ରହିଛି କଟକ ଜିଲ୍ଲାରେ। ଏହି ଜିଲ୍ଲାରୁ ୩୭୩ ହଜାର ଟନ୍ ଦୁଗ୍ଧ ଉତ୍ପାଦନ ହୋଇଥିବାବେଳେ ପୁରୀରୁ ୨୧୮, ଜଗତ୍‌ସିଂହପୁରରୁ ୨୧୬, କେନ୍ଦ୍ରାପଡ଼ାରୁ ୧୩୫, ଯାଜପୁରରୁ ୧୨୯, ଭଦ୍ରକରୁ ୧୨୩, ବାଲେଶ୍ୱରରୁ ୧୧୯, ବଲାଙ୍ଗିରରୁ ୧୦୯, ଖୋରଧାରୁ ୧୦୭, ବରଗଡ଼ରୁ ୧୦୪ ହଜାର ମେଟ୍ରିକ ଟନ୍ ଦୁଗ୍ଧ ଉତ୍ପାଦନ ହୋଇଥିଲା। ତେବେ ଦୁଗ୍ଧ ଉତ୍ପାଦନ କ୍ଷେତ୍ରରେ ସବୁଠାରୁ ପଛରେ ରହିଛି ଦେବଗଡ଼ ଜିଲ୍ଲା। ଏହି ଜିଲ୍ଲାରେ ଦୁଗ୍ଧ ଉତ୍ପାଦନ ୧୦ହଜାର ମେଟ୍ରିକ ଟନ୍ ଛୁଇଁ ପାରିନାହିଁ। ଅନ୍ୟ ସମସ୍ତ ଜିଲ୍ଲାରେ ଦୁଗ୍ଧ ଉତ୍ପାଦନ ଦୁଇ ଅଙ୍କରେ ସୀମିତ ଥିବା ମନ୍ତ୍ରୀଙ୍କ ଉତ୍ତରରୁ ଜଣାପଡ଼ିଛି। ତେବେ ରାଜ୍ୟରେ ଦୁଗ୍ଧ ଉତ୍ପାଦନ ବୃଦ୍ଧି ଲାଗି ରାଜ୍ୟ ସରକାର ଅନେକଗୁଡ଼ିକ ପଦକ୍ଷେପ ଗ୍ରହଣ କରିଥିବା ମନ୍ତ୍ରୀ ଦର୍ଶାଇଛନ୍ତି। ସେଥି ମଧ୍ୟରେ ମୁଖ୍ୟମନ୍ତ୍ରୀ କାମଧେନୁ ଯୋଜନା ଅନ୍ୟତମ। ଏଥିରେ ଗୋପାଳନ ସହିତ ମଇଁଷି ପାଳନ ପାଇଁ ଚାଷୀମାନଙ୍କୁ ଆର୍ଥିକ ସହାୟତା ଯୋଗାଇ ଦିଆଯାଉଛି। ଏଥି ସହିତ ମାଈ ବାଛୁରୀ ପାଳନ ଯୋଜନା, ଗୋ-ବୀମା ଯୋଜନା, ସବୁଦିନିଆ ଘାସ ଚାଷ, ଆଜୋଲା ଚାଷ, ସବୁଜ ଘାସ ଉଦ୍ୟୋଗୀ କାର୍ଯ୍ୟକ୍ରମ ଆଦି କାର୍ଯ୍ୟକାରୀ ହେଉଛି।

### ମଣ୍ଡେଇ ମହୋତ୍ସବ -୨୦୨୪

## ପାରମ୍ପରିକ ଖାଦ୍ୟ ପ୍ରତିଯୋଗିତା



**ନବରଙ୍ଗପୁର, ୧।୧୨ (ସଂଚାର ବ୍ୟୁରୋ):** ଆଜି ସ୍ଥାନୀୟ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ପରିସରରେ ମଣ୍ଡେଇ ମହୋତ୍ସବ -୨୦୨୪ ପାଳନ ଉପଲକ୍ଷେ ପାରମ୍ପରିକ ଖାଦ୍ୟ ପ୍ରତିଯୋଗିତାକୁ ଜିଲ୍ଲାପାଳ ତଥା ଉତ୍ସବ ଅଧ୍ୟକ୍ଷ ଙ୍କ ମହାପାତ୍ର ଆନୁଷ୍ଠାନିକ ଭାବେ ଉଦଘାଟନ କରିଛନ୍ତି। ଚଳିତ ବର୍ଷ ନବରଙ୍ଗପୁରର ଆଦିବାସୀ ପରମ୍ପରା ତଥା ଖାଦ୍ୟକୁ ଲୋକାଭିମୁଖୀ କରିବା ନିମନ୍ତେ ପାରମ୍ପରିକ ଖାଦ୍ୟ ପ୍ରତିଯୋଗିତା ଆୟୋଜନ କରାଯିବା ନିମନ୍ତେ ସ୍ଥିର କରାଗଲା। ଉକ୍ତ ଖାଦ୍ୟ ପ୍ରତିଯୋଗିତା ରେ ଅନ୍ୟତମ ଅତିଥି ଭାବେ ଅତିରିକ୍ତ ଜିଲ୍ଲାପାଳ ମହେଶ୍ୱର ଚନ୍ଦ୍ର ନାୟକ, ଅତିରିକ୍ତ ଜିଲ୍ଲାପାଳ ( ରେଭିନ୍ୟୁ) ନବୀନ ଚନ୍ଦ୍ର ନାୟକ,ସି ଡି ଓ ଜିଲ୍ଲା ପରିଷଦ ବିରଞ୍ଚି ନାରାୟଣ ଦରୱାନ, ଉପ ଜିଲ୍ଲାପାଳ ପ୍ରକାଶ ମିଶ୍ର ଙ୍କ ସମେତ ଡି ଆଇ ପି ଆର୍ ଓ ମନୋଜ କୁମାର ବେହେରା, ଡି ଏସ ଏସ ଓ ସୁଧାଂଶୁ ପାତ୍ର, ଜିଲ୍ଲା ସଂସ୍କୃତି ଅଧିକାରୀ ଘାସିଆ ହରିଜନ, ଡି ପି ଓ ହିମାଂଶୁ ପଟ୍ଟନାୟକ,ସହକାରୀ ଜିଲ୍ଲାପାଳ ଆଶୁତୋଷ ପାତ୍ର ପ୍ରମୁଖ ଉପସ୍ଥିତ ଥିଲେ। ଖାଦ୍ୟ ପ୍ରତିଯୋଗିତା ରେ ତେନ୍ତୁଳିଖୁଣ୍ଟି ବ୍ଲକ୍ ର ସମ୍ପୃକ୍ତି ପାତ୍ର , ମା ଭଣ୍ଡାର ଘରଣୀ ସ୍ୱୟଂ ସହାୟକ ଗୋଷ୍ଠୀ, ପାପଡାହାଣ୍ଡି ବ୍ଲକ ର ସମ୍ପୃକ୍ତି ପାତ୍ର , ମା ମାଣିକେଶ୍ୱରୀ ସ୍ୱୟଂ ସହାୟକ ଗୋଷ୍ଠୀ, ମା ବିରଜା ଏସ ଏଚ ଜି,ବାଲ ଗୋପାଳ ଏସ ଏଚ ଜି, ନବରଙ୍ଗପୁର ପୌରପାଳିକା ର ବୃଦ୍ଧ ଗୌରିଆ, ସିଦ୍ଧ ଭୈରବୀ ଏସ ଏଚ ଜି, ଲକ୍ଷ୍ମୀ ନାରାୟଣ ଏସ ଏଚ ଜି, ଜିହବାରପା ଏସ ଏଚ ଜି,ଅନନ୍ୟା କେଶରୀ ଗ୍ରୁପ,ଗାୟତ୍ରୀ ଏସ ଏଚ ଜି, କାମାକ୍ଷି ଏସ ଏଚ ଜି, ବିର ହନୁମାନ ଏସ ଏଚ ଜି ଏଭଳି ୨୦ ଟି ମହିଳା ଦଳ ଖାଦ୍ୟ ପ୍ରତିଯୋଗିତା ରେ ଭାଗ ନେଇଥିଲେ।ପାଯ୍ସ ମାଣ୍ଡିଆ, ବାଜରା, ଚାଉଳ, ସୁଜି, ଅଟାରେ ପ୍ରସ୍ତୁତି ପିଠା,କାକରା,ପକୁଡି, କେକ୍, ଖିରି, ଭଳି ସୁସ୍ୱାଦୁ ପାରମ୍ପରିକ ଖାଦ୍ୟ ପ୍ରଦର୍ଶନ କରିଥିଲେ । ଏହି ଖାଦ୍ୟ ପ୍ରତିଯୋଗିତାର ପରିଚାଳନାରେ ଡି ଏସ ଡବ୍ଲ୍ୟୁ ଓ ତ୍ରପୌଟୀ କର୍ଣ୍ଣ, ଡି ପି ସି ମିଶନ ଶକ୍ତି ନିରଞ୍ଜନ ଟାଂଗ ରାଜ୍ୟ ସହଯୋଗ କରିଥିଲେ। ବିଚାରପତି ରୂପେ ଡି ପି ଓ ହିମାଂଶୁ ପଟ୍ଟନାୟକ, ଡି ଏସ ଏସ ଓ ସୁଧାଂଶୁ ପାତ୍ର ଏବଂ ଡି ପି ଏମ, ଓ ଏଲ ଏମ ସୁସ୍ମିତା ସାମନ୍ତରାୟ କାର୍ଯ୍ୟ ନିର୍ବାହ କରିଥିଲେ। ଉତ୍କୃଷ୍ଟ ପ୍ରତିଯୋଗୀଙ୍କୁ ମଣ୍ଡେଇ ମହୋତ୍ସବ ରେ ପୁରସ୍କୃତ କରାଯିବ।

### ବ୍ଲକ ଅଧ୍ୟକ୍ଷଙ୍କ ଅନ୍ୟାୟ ଓ ବିଜେଡିର ଗୁଣ୍ଡାରାଜ

## ଲୋକଙ୍କ ମଧ୍ୟରେ ତୀବ୍ର ଅସନ୍ତୋଷ

**ରାୟଗଡା, ୧।୧୨ (ସଂଚାର ବ୍ୟୁରୋ):** ରାମନାଗୁଡ଼ା ବ୍ଲକର ଅଧ୍ୟକ୍ଷ ରବି ଗମାଙ୍ଗଙ୍କ ଦ୍ୱାରା ନିରୀହ ଲୋକଙ୍କ ଉପରେ ହେଉଥିବା ଅତ୍ୟାଚାର ଏବଂ ଜବରଦଖଲ କାର୍ଯ୍ୟରେ ତାଙ୍କର ସଜାଗ ଭୂମିକା ସାଧାରଣ ଲୋକଙ୍କ ମଧ୍ୟରେ ଗଭୀର ଅସନ୍ତୋଷ ସୃଷ୍ଟି କରିଛି। ତାଙ୍କର ଲୋଭ ଓ ସତ୍ତାର ମଦମାତାଳ ଆଚରଣ କେବଳ ଏକ ଗ୍ରାମର ସାମାଜିକ ସଂଖାଳନକୁ ଭଙ୍ଗ କରୁନାହିଁ, ବରଂ ସରକାରୀ ଯୋଜନା ଗୁଡ଼ିକୁ ଗୋଷ୍ଠୀଗତ ଲାଭ ନିମନ୍ତେ ଭୁଲ୍ ଉପଯୋଗ କରାଉଛି । ରାୟଗଡା ଜିଲ୍ଲା ରାମନାଗୁଡା ବ୍ଲକ କୁଜେନ୍ଦ୍ରି ପଞ୍ଚାୟତର ନାରାୟଣଗୁଡ଼ା ଗ୍ରାମର ପଟ୍ଟା ହିତାଦିକାରୀ ସଉରା ବାମାଇ, ସଉରା ଗୁରୁ, ସଉରା ଗଲେଇ, ସଉରା ବୁଲୁ , ଏହି ମାନଙ୍କ ପଟ୍ଟା ଜାଗା ଉପରେ ଜବରଦଖଲ ହେବା ଓ ତାହାରେ ପ୍ରଧାନମନ୍ତ୍ରୀ ଆବାସ ଯୋଜନାର ଘର ନିର୍ମାଣ ଚାଲିଥିବା ଘଟଣା ସ୍ପଷ୍ଟ ଭାବେ ଦେଖାଉଛି ଯେ ସାଧାରଣ ଲୋକଙ୍କ ଅଧିକାର ସୁରକ୍ଷା କରିବାରେ ରବି ଗମାଙ୍ଗ ନିଜ କର୍ତ୍ତବ୍ୟ ପୂରଣ କରିପାରୁ ନାହାଁନ୍ତି । ପ୍ରତିରୋଧ କରୁଥିବା ଖାତାଧାରୀଙ୍କୁ ଧମକ ଦେବା, ଦୁର୍ବ୍ୟବହାର କରିବା, ଏବଂ ଗ୍ରାମ ଛାଡ଼ି ଯିବାକୁ ବାଧ୍ୟ କରିବା ଭଳି ଚରମ ଅନ୍ୟାୟ ତାଙ୍କର ଗୁଣ୍ଡାଗିରିର ଚର୍ଚ୍ଚା ଆକର୍ଷଣ କରିଛି । ଅଧ୍ୟକ୍ଷ ହେବାକୁ ଲୋଭରେ ଦଳ ବଦଳାଇ ଚେୟାରମ୍ୟାନ୍ ପଦ ଦଖଲ କରିବାରୁ ଆରମ୍ଭ କରି, ବିଜେଡି ରେ ସାମିଲ ହୋଇ ନିଜର ଗୁଣ୍ଡାରାଜ ସ୍ଥାପିତ କରିବାକୁ ଯେଉଁ ରବି ଗମାଙ୍ଗ ପ୍ରୟାସ କରୁଛନ୍ତି, ସେଥିପାଇଁ ସାଧାରଣ ଲୋକ ମଧ୍ୟରେ ତାଙ୍କ ପ୍ରତି ନିନ୍ଦା ତିବ୍ର ରୂପ ନେଇଛି। ସେ ବ୍ଲକ ଅଧ୍ୟକ୍ଷ ହେବା ସତ୍ତ୍ୱେ ଗ୍ରାମର ସମସ୍ୟା ସମାଧାନ କରିବାରେ ବିଫଳ ହୋଇ ସମସ୍ୟାକୁ ଅଧିକ ଜଟିଳ କରିବାରେ ଲାଗିଛନ୍ତି । ସରକାର ଏବଂ ଜିଲ୍ଲା ପ୍ରଶାସନଙ୍କୁ ନିବେଦନ, ଏଭଳି ଅନ୍ୟାୟ ଓ ଗୁଣ୍ଡାରାଜକୁ ତୁରନ୍ତ ରୋକିବା ପାଇଁ ସାଧାରଣ ରେ ଚର୍ଚ୍ଚା ଚାଲିଛି ।

## ବରଗଡ ଜିଲ୍ଲାରେ ଧାନ କିଣାବିକା ଦଲାଲ ମୁକ୍ତ ନୁହେଁ

**ବରଗଡ଼, ୧।୧୨ (ସଂଚାର ବ୍ୟୁରୋ):** ବରଗଡ଼ ଜିଲାରେ ଧାନ କିଣାବିକା ଦଲାଲ ମୁକ୍ତ ନୁହେଁ କାରଣ ଆଜି ଗୁଡେସିରା ମାର୍କେଟ ୟାଡ ର ହେମାଳୀ ମାନେ ସିଧା ସଳଖ ଚାଷୀ ର ଧାନ ଅନଲୋଡ଼ ନ ହୋଇ ମିଲ କୁ ଯାଉଛି ବୋଲି ଅତିରିକ୍ତ ଜିଲ୍ଲାପାଳ ଙ୍କୁ ଲିଖିତ ଅଭିଯୋଗ କରିଛନ୍ତି। ଅଭିଯୋଗ ପତ୍ର ରେ ଉଲ୍ଲେଖ କରିଛନ୍ତି ଯେ ମଣ୍ଡି ଆରମ୍ଭ ରୁ ସେମାନେ ହେମାଳୀ କାମ କରି ଗୁଜୁରାଣ ମେଣ୍ଟାଉଥିଲେ। ହେଲେ ଚଳିତ ବର୍ଷ ମଣ୍ଡି ପରିଚାଳକ ଆଉ ଧାନମଣ୍ଡିରେ ଧାନରଖୁ ନାହାଁନ୍ତି ଯେଉଁ ଚାଷୀ ଧାନ ଆଣୁଛନ୍ତି ସିଧାସଳଖ ରାଇସ ମିଲ କୁ କୌଣସି ପରୀକ୍ଷା ନିରୀକ୍ଷା ନ କରି ପଠାଇ ଦେଉଛନ୍ତି। ଯେହେତୁ ଆଗରୁ ଧାନ ଅନଲୋଡ଼ ହୋଇ ପରୀକ୍ଷା କରାଯାଇ ପରେ ମିଲ କୁ ପଠାଯାଉଥିଲା ସେଥିପାଇଁ ହେମାଳୀମାନଙ୍କ ଗୁରୁତ୍ୱ ପୂର୍ଣ୍ଣ ଭୂମିକା ଥିଲା ହେମାଳୀ ମାନେ ଧାନ ଅନଲୋଡ଼ କରୁଥିଲେ ବସ୍ତା ରେ ଭର୍ତ୍ତି କରି ଓଜନ କରି ମିଲ କୁ ପଠାଇବା ପାଇଁ ପୁଣି ଗାଡ଼ିରେ ଲୋଡ଼ କରୁଥିଲେ। ଏହି କାମ କରିବା ପାଇଁ ସରକାରଙ୍କ ନିୟମ ଅନୁସାରେ ଲେବର ମାନଙ୍କୁ ପରିଶ୍ରମିକ ମିଳିଥାଏ ହେଲେ ଚଳିତ ବର୍ଷ ଆଉ ସେହି ମଣ୍ଡି ପରିଚାଳନା କରାଯାଉ ନାହିଁ ସିଧା ସଳଖ ଧାନ ରାଇସ ମିଲ କୁ ଯାଉଛି। ତେଣୁ ମଣ୍ଡି ପରିଚାଳକ ହେମାଳୀ ମାନଙ୍କୁ ମଣ୍ଡି ନ ଆସିବା ପାଇଁ କହିଛନ୍ତି ବୋଲି ଅଭିଯୋଗ ପତ୍ର ରେ ଉଲ୍ଲେଖ କରିଛନ୍ତି । ହେମାଳୀ ମାନେ ଦୀର୍ଘ ବର୍ଷ ହେବ ମଣ୍ଡି ରେ କାମ କରି ପରିବାର ପୋଷଣ କରୁଥିଲେ ସେମାନେ ଯିବେ କୁଆଡେ ଏନ୍ୟ ପଟେ ହେମାଳୀ ମାନଙ୍କୁ ଉଛେଦ କରିବାର କ୍ଷମତା ଦେଲା କିଏ ଏବଂ ମଣ୍ଡି ପରିଚାଳନା ହେମାଳୀ ଟଙ୍କା ନେବ କିଏ ବୋଲି ସଂଯୁକ୍ତ କୃଷକ ସଂଗଠନ ଉପଦେଷ୍ଟା ରମେଶ ମହାପାତ୍ରଏବଂ ନିଖିଳ ଓଡିଶା ଗ୍ରାମୀଣ ଚାଷୀ ମୁଲିଆ ସଙ୍ଘ ର କିଶୋର ସାହୁ ଅଭିଯୋଗ କରିଛନ୍ତି ଏବଂ ତୁରନ୍ତ ଏହି ସମସ୍ୟା ର ସାନଧାନ କରିବା ପାଇଁ ନିବେଦନ କରିଛନ୍ତି।ଏହି ଆବେଦନ କରି ଙ୍କ ମଧ୍ୟରେ ମଲିଆ ସାହୁ, ବୁଠି ସାହୁ ବିକ୍ରିମ ସାହୁ, ଭୁବନ ସାହୁ, ମନବୋଧ ସାହୁ, ଗୁରୁଦେବ ସାହୁ, ସୁଦାମ ସାହୁ, ସୁରେନ୍ଦ୍ର ସାହୁ, ଶଙ୍କର ସାହୁ ସମେତ ସମସ୍ତ ହେମାଳୀ ସାମିଲ ଥିଲେ।

### ଥିଲା ବାଲାଙ୍କୁ ଭୂମିହୀନ ପଟ୍ଟା ବାଣ୍ଟୁଛି ମହାକାଳପଡ଼ା ତହସିଲ

## ଯୋଗ୍ୟଙ୍କୁ ଦେବାରେ ବିଳମ୍ବ କାହିଁକି ?

**ମହାକାଳପଡ଼ା, ୧।୧୨ (ସଂଚାର ବ୍ୟୁରୋ):** ଜଣେ ଭୂମିହୀନ ପରିବାରକୁ ମହାକାଳପଡ଼ା ତହସିଲ ପଟ୍ଟା ପ୍ରଦାନ କରିବାରେ ବିଳମ୍ବ କରୁଥିବା ଅଭିଯୋଗ କରିଛନ୍ତି ହିତାଧିକାରୀ। ସୂଚନା ମୁତାବକ ମହାକାଳପଡ଼ା ବ୍ଲକ ଦେଉଳପଡା ପଞ୍ଚାୟତ ଅନ୍ତର୍ଗତ ଅମିରାବାଦ (ବାଙ୍କି ଛନ୍ଦା) ଗ୍ରାମର ପଞ୍ଚାନନ ବେହେରାଙ୍କ ପୁତ୍ର ଯୋଗେନ୍ଦ୍ର ବେହେରା ସେହି ଗ୍ରାମର ଜଣେ ସ୍ଥାୟୀ ବାସିନ୍ଦା। ଜେଜେବାପା ଅମଳରୁ ସେଠାରେ ସରକାରୀ ଜାଗାରେ ଘର କରି ରହି ଆସୁଛନ୍ତି। ହେଲେ ଆଜି ପର୍ଯ୍ୟନ୍ତ ସେ ଭୂମିହୀନ ପଟ୍ଟା ପାଇ ପାରି ନାହାଁନ୍ତି।

ଯୋଗେନ୍ଦ୍ରଙ୍କ ବାପାଙ୍କ ଅମଳ ଯାଇ ଯୋଗେନ୍ଦ୍ରଙ୍କ ପୁଅକୁ ୨୨ ବର୍ଷ ହେଲାଣି ତଥାପି ଭୂମିହୀନ ପଟ୍ଟା ମିଳି ପାରୁନି। ବାରମ୍ବାର ତହସିଲ ଅଫିସ ଦଉଡ଼ି ଦଉଡ଼ି ବେଦମ ହେଲେଣି। ଥରେ ଆବେଦନ କରିଥଲେ ଯେ, ଦିନ ଗଡ଼ି ଗଡ଼ି ଫେଲ୍ ମାରିଲା ପ୍ରୟାସ। ପୁଣି ଏବେ ଭୂମିହୀନ ପଟ୍ଟା ଖଣ୍ଡିଏ ପାଇବା ପାଇଁ ଆବେଦନ



କରିଥିବା ଯୋଗେନ୍ଦ୍ରଙ୍କୁ ତା ୧୩ ଅକ୍ଟୋବର ୨୦୨୪ ମସିହାରେ ରାଜସ୍ୱ ନିରୀକ୍ଷକ ସରଜମିନ ତଦନ୍ତ କରି ସ୍ଥାୟୀ ପ୍ରମାଣପତ୍ର ସମେତ ଏକ ସରକାରୀ ଜମି ଚିହ୍ନଟ କରାଇଛନ୍ତି। ୬୦.୦୪ ଏକର ପରିମିତ ଜମି ଚିହ୍ନଟ କରାଯାଇ ଯୋଗେନ୍ଦ୍ରଙ୍କ ପାଇଁ ନିର୍ଦ୍ଧାରିତ କରାଯାଇଛି। ଯାହାର ପ୍ଲଟ୍ ନମ୍ବର ୧୫୯ ଓ ଖାତା ନମ୍ବର ୪୩୨। ଯୋଗେନ୍ଦ୍ର ଜଣେ ଭୂମିହୀନ ଓ ଦୀନ ମଜୁରିଆ। ତାଙ୍କ ପରିବାରରେ ୩ ଜଣ ସଦସ୍ୟ। ପୁଅ ସଚିତ୍ର ଜଣେ ଆଜନ୍ମ ଅନ୍ଧ। ଭୂମିହୀନ ହେତୁ ସ୍ଥାୟୀ ଘରଟିଏ କରିବା ସମ୍ଭବ ହେଉନାହିଁ। ହେଲେ ତହସିଲ ପ୍ରଶାସନର ଲମ୍ବା ସମୟର ଅବହେଳା ପାଇଁ ପଟ୍ଟା ପାଇବାରୁ ବଞ୍ଚିତ ଅଛନ୍ତି ଯୋଗେନ୍ଦ୍ର।

ଏନେଇ ନିଜର ଦୁଃଖକୁ ସଂଚାର ଆଗରେ ବଖାଣିଛନ୍ତି। ପ୍ରଶ୍ନ ଉଠୁଛି ଅଯୋଗ୍ୟଙ୍କୁ ଭୂମିହୀନ ଦର୍ଶାଇ ଜଙ୍ଗଲ ଜମିକୁ ପଟ୍ଟା କରି ବାଣ୍ଟୁଥିବା ମହାକାଳପଡ଼ା ତହସିଲ ପ୍ରଶାସନ ଜଣେ ପ୍ରକୃତ ହିତାଧିକାରୀଟିକୁ ପଟ୍ଟା ପ୍ରଦାନରେ ବିଳମ୍ବ କରୁଛି କାହିଁକି? ଗରିବ ଲୋକଟି ବୋଲି ଅଣଦେଖା କରୁଛନ୍ତି କି? ତେବେ ଖବର ପ୍ରକାଶ ପରେ ଯୋଗେନ୍ଦ୍ରଙ୍କୁ ତହସିଲ ପ୍ରଶାସନ ଭୂମିହୀନ ପଟ୍ଟା ପ୍ରଦାନ କରୁଛନ୍ତି ନା ନୀରବ ରହୁଛି ତାକୁ ନେଇ ସମସ୍ତେ ଅପେକ୍ଷା କରିଛନ୍ତି ।

## ନଦୀରେ ବୁଡିଗଲା ଶିଶୁ

**ପଟ୍ଟାମୁଣ୍ଡାଇ, ୧।୧୨ (ସଂଚାର ବ୍ୟୁରୋ):** ପଟ୍ଟାମୁଣ୍ଡାଇ ଥାନା ପେଣ୍ଠପାଳ ପଂଚାୟତ ଅନ୍ତର୍ଗତ କୂଳସାହି ଗ୍ରାମରେ ଆଜି ଏକ ଅଭାବନୀୟ ଘଟଣା ଘଟିଯାଇଛି । ନିକଟସ୍ଥ ବ୍ରାହ୍ମଣୀ ନଦୀ କୂଳରେ ଖେଳୁଥିବା ଏକ ୩ବର୍ଷର ଶିଶୁ ନଦୀରେ ବୁଡି ପ୍ରାଣ ହରାଇଛି । ଏହି ଘଟଣା ସ୍ଥାନୀୟ ଅଂଚଳରେ ଆଲୋଡନ ସୃଷ୍ଟି କରିଛି । ପ୍ରକାଶ ଯେ ପଟ୍ଟାମୁଣ୍ଡାଇ ଥାନା ଓ ପେଣ୍ଠପାଳ ପଂଚାୟତ କୂଳସାହି ଗ୍ରାମର ସନ୍ତୋଷ ଆରୁଖଙ୍କ ୩ ବର୍ଷର ଏକମାତ୍ର ଶିଶୁ ପୁତ୍ର କ୍ରିଷ୍ଣା ଆରୁଖ ନଦୀ କୂଳରେ ସାଙ୍ଗ ମାନଙ୍କ ସହିତ ଖେଳୁଥିବା ବେଳେ ଅସାବଧାନତା ବଶତଃ ହଠାତ୍ ନଦୀ ମଧ୍ୟକୁ ଖସି ପଡିଥିଲେ। ଫଳରେ ବ୍ରାହ୍ମଣୀ ନଦୀର ଗଭୀର ଜଳରେ ବୁଡି ମୃତ୍ୟୁ ବରଣ କରିଥିଲା। ଏହି ଖବର ପାଇ ପରିବାର ଲୋକ ଓ ଗ୍ରାମବାସୀ ନଦୀ ମଧ୍ୟରେ ଖୋଜାଖୋଜି କରିବା ପରେ କ୍ରିଷ୍ଣାଙ୍କ ମୃତ ଦେହ ପାଇ ଥିଲେ। ଏକମାତ୍ର ଶିଶୁ ପୁତ୍ରକୁ ହରାଇ ସନ୍ତୋଷ ଆରୁଖଙ୍କ ପରିବାର ଲୋକମାନେ ଦୁଃଖରେ ଭାଙ୍ଗିପଡ଼ି ଥିବାବେଳେ ସମଗ୍ର ଧୋୟା ଅଞ୍ଚଳରେ ଶୋକର ଛାୟା ଖେଳିଯାଇଛି।

## ମଧ୍ୟାହ୍ନ ଭୋଜନ ଚାଉଳରେ ପୋକ ସାଲୁବାଲୁ

### ତାତିଲେ ଅଭିଭାବକ, ପିଲାଙ୍କ ସ୍ୱାସ୍ଥ୍ୟ ବିଗିଡିବା ଆଶଙ୍କା

**ମହାକାଳପଡ଼ା, ୧।୧୨ (ସଂଚାର ବ୍ୟୁରୋ):** ଆଜିର ଛାତ୍ର ଛାତ୍ରୀ ଆସନ୍ତାକାଲିର ଉଜ୍ଜ୍ୱଳ ଭବିଷ୍ୟତ। ସେଥିପାଇଁ ସରକାର ତୃଣମୂଳ ସ୍ତରରୁ ଛାତ୍ରଛାତ୍ରୀମାନଙ୍କ ଅଭିବୃଦ୍ଧି ପାଇଁ ବିଭିନ୍ନ ପ୍ରକାରର ଯୋଜନା ହାତକୁ ନେଉଛନ୍ତି। ହେଲେ କିଛି ଅସାଧୁ ବ୍ୟକ୍ତିମାନଙ୍କ ପାଇଁ ସରକାରଙ୍କ ସୁବିଧାକାରୀ ବ୍ୟବସ୍ଥା କଳଙ୍କିତ ହେବାକୁ ପଡୁଛି।

ପିଲାମାନେ ଶିକ୍ଷା ସହିତ ମାନସିକ ଓ ଶାରୀରିକ ଅଭିବୃଦ୍ଧି ପାଇଁ ସରକାରଙ୍କ ମଧ୍ୟାହ୍ନ ଭୋଜନ ବ୍ୟବସ୍ଥା ଜାରି ରହିଛି। ହେଲେ ମହାକାଳପଡ଼ା ବ୍ଲକ ଜୟଚନ୍ଦ୍ରପୁର ଗ୍ରାମପଞ୍ଚାୟତର ବଜ୍ର ମହାକାଳୀ ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟରୁ ଆସିଛି ସାଙ୍ଘାତିକ ଘଟଣା। ପିଲାମାନଙ୍କୁ





ରୋଷେଇ କରି ଦିଆଯାଉଥିବା ଚାଉଳରେ ପୋକ ସାଲୁବାଲୁ ଖବର ସାମ୍ନାକୁ ଆସିଛି। କୁନିକୁନି ପିଲାମାନେ ଏବାବଦରେ କ'ଣ ବା ଜାଣିବେ। ଘଟଣା ପ୍ରଘଟ ହେବା ପରେ ଆଜି ଅଭିଭାବକ ମାନେ ବିଦ୍ୟାଳୟକୁ ଯାଇ ଯାହା ଦେଖିଲେ ତାହା ଆପଣଙ୍କୁ ଆଶ୍ଚର୍ଯ୍ୟ ଚକିତ କରିବ ନିଶ୍ଚୟ। ମଧ୍ୟାହ୍ନ ଭୋଜନରେ ବ୍ୟବହୃତ ହେବାକୁ ଆସିଥିବା ଚାଉଳରେ ଧଳା ଧଳା ପୋକ ସାଲୁବାଲୁ ହେଉଥିବା ଦେଖିବାକୁ ପାଇ ପ୍ରଧାନଶିକ୍ଷକଙ୍କ ଉପରେ ପ୍ରବଳ ବର୍ଷିଥିଲେ।

ଏଠି ସବୁଠାରୁ ବଡ଼ ପ୍ରଶ୍ନ କୁନିକୁନି ପିଲାମାନଙ୍କ ପାଇଁ ସରକାର ଉନ୍ନତ ମଧ୍ୟାହ୍ନ ଭୋଜନ ବ୍ୟବସ୍ଥା କରାଇବାକୁ ପ୍ରତିଶ୍ରୁତିଓ୍ୱଦ୍ଧ ହୋଇଥିବା ବେଳେ ପୋକ ସାଲୁବାଲୁ ଚାଉଳ ଆସିଲା କେଉଁଠୁ? ବିଦ୍ୟାଳୟ କର୍ତ୍ତୃପକ୍ଷ ଏନେଇ ଅବଗତ ନଥିଲେ ନା ସବୁ ଜାଣି ଶିଆଣା? ପୋକରା ଚାଉଳ ଖାଇ ଯଦି କାହାର କିଛି କ୍ଷତି ହେବ ସେଥିପାଇଁ ଦାୟୀ ରହିବେ ତ ପ୍ରଧାନ ଶିକ୍ଷକ। ଅଭିଭାବକମାନଙ୍କ ହୋହାଲ୍ଲା ପରେ ସମାଧାନ ପାଇଁ ପ୍ରଧାନଶିକ୍ଷକ ପ୍ରତିଶ୍ରୁତି ଦେଇଥିବା ସୂଚନା ମିଳିଛି।

### ସାମ୍ବାଦିକଙ୍କୁ ମରଣାନ୍ତକ ଆକ୍ରମଣ

## କ୍ଷମା ମାଗିଲେ ଅଭିଯୁକ୍ତ

**ମହାକାଳପଡ଼ା, ୧।୧୨ (ସଂଚାର ବ୍ୟୁରୋ):** ଗତ ଶୁକ୍ରବାର ସନ୍ଧ୍ୟା ସମୟରେ ଜଣେ ସାମ୍ବାଦିକଙ୍କୁ ମରଣାନ୍ତକ ଆକ୍ରମଣ ହୋଇଥିବା ମହାକାଳପଡ଼ା ଥାନାରେ ଲିଖିତ ଅଭିଯୋଗ ହୋଇଥିଲା। ଆଜି ମହାକାଳପଡ଼ା ଥାନାରେ ଉଭୟ ପକ୍ଷ ପହଞ୍ଚି ଆପୋଷ ସମାଧାନ କରିଛନ୍ତି। ସୂଚନାଯୋଗ୍ୟ ମାର୍ଶାଘାଇ ବ୍ଲକ୍ ବଡକୂଳ ଗ୍ରାମର ସୁବାଷ ସ୍ୱାଇଁ ଏକ ନିର୍ଦ୍ଦିଷ୍ଟ ସଂସ୍ଥାରେ କେନ୍ଦ୍ରାପଡ଼ା ଜିଲ୍ଲା ପ୍ରତିନିଧି ଭାବରେ କାର୍ଯ୍ୟରତ ଅଛନ୍ତି। ଗତକାଲି ସେ ଜମ୍ବୁ -ମାର୍ଶାଘାଇ ରାସ୍ତା କାର୍ଯ୍ୟ ସମ୍ପର୍କରେ ଏକ ଖବର ପ୍ରସାରଣ ପାଇଁ ଯାଇଥିଲେ। କାର୍ଯ୍ୟ ହେଉଥିବା ସମୟରେ କେହି ନଥିବା ଯୋଗୁଁ ସେ ମୋବାଇଲ ରେ ଫଟୋ ଭିଡିଓ ଉତ୍ତୋଳନ କରି ବିଭାଗୀୟ ଯନ୍ତ୍ରୀଙ୍କୁ ଜଣାଇଥିଲେ। କିଛି ସମୟପରେ ଜଣେ କର୍ମଚାରୀ ସେଠାରେ ପହଞ୍ଚି ଅଶାଳୀନ ଭାଷାରେ ଗାଳିଗୁଲଜ କରିଥିଲେ। ସୁବାଷ ସେଠାରୁ ଆସିବା ପରେ ମହାକାଳପଡ଼ା ପେଟ୍ରୋଲ ପମ୍ପ ପାଖରେ ସ୍ଥାନୀୟ ଅଞ୍ଚଳର କିଛି ବ୍ୟକ୍ତି ସୁବାଷଙ୍କୁ ଅଟକାଇ ମାଡ଼ ମାରି ତାଙ୍କ ମୋବାଇଲ ଛଡ଼ାଇ ନେଇ ଉତ୍ତୋଳନ ହୋଇଥିବା ଫଟୋ ଭିଡିଓ ଡିଲିଟ କରିଦେଇଥିଲେ। ଜୀବନରୁ ମାରିଦେବାକୁ ଧମକ ଦେଇଥିବା ସୁବାଷ ତାଙ୍କ ଏତଲାରେ ଉଲ୍ଲେଖ କରିଥିଲେ। ଅନ୍ୟ ପକ୍ଷରେ ସୁବାଷଙ୍କ ନାମରେ ମଧ ପାଲଟା ଅଭିଯୋଗ କରିଥିଲେ ବିପକ୍ଷ। ଆଜି ଉଭୟପକ୍ଷ ଙ୍କୁ ଡକାଇ ମହାକାଳପଡ଼ା ଥାନାରେ ଆପୋଷ ସମାଧାନ କରାଯାଇଛି। ଧମକ ଚମକ ଓ ମାଡ଼ ମାରିଥିବା ବ୍ୟକ୍ତି ଗତକାଲର ଘଟଣାରେ ନିଜର ଦୋଷ ସ୍ୱୀକାର କରିବା ସହିତ ଭୁଲ୍ ମାଗି ଆଉ କୌଣସି ସମୟରେ ସାମ୍ବାଦିକଙ୍କୁ ଆକ୍ରମଣ କରିବେ ନାହିଁ ବୋଲି ପକ୍ଷ ରଖିଥିଲେ।

## ପ୍ରାଚୀ ଡିଭିଜନ ଉଚ୍ଛେଦ କଲା ବେଆଇନ୍ ସୋଠ ଓ ରାସ୍ତା

**ଫୁଲନଖରା, ୧।୧୨ (ସଂଚାର ବ୍ୟୁରୋ):** ବାରମ୍ବାର ସଂଚାର ଖବର ମାଧ୍ୟମର ପ୍ରସାରଣ ପରେ ତତ୍ପରତା ଦେଖାଇଛି ଜଳ ସମ୍ପଦ ବିଭାଗ । ସଦର ଥାନା ଅନ୍ତର୍ଗତ କୁରାଙ୍ଗ ପ୍ରଧାନ, କୁରାଙ୍ଗ ଶାସନ, ନଗରୀ ପଞ୍ଚାୟତ ଅନ୍ତର୍ଗତ ଗ୍ରାମ ଓ ବାଲିଅନ୍ତା ପଞ୍ଚାୟତ ଅଧୀନରେ ଥିବା ଗ୍ରାମ ଗୁଡିକରେ ପ୍ରାଚୀ ଡିଭିଜନ ଅନ୍ତର୍ଗତ କେନାଲ ନାଳବନ୍ଧରେ ବିନା ଅନୁମତିରେ ଚାଲିଥିବା ବେଆଇନ ରାସ୍ତା ଓ ପୋଲ ନିର୍ମାଣ କରିଥିବା କିଛି ବିଲଡରଙ୍କ ଉପରେ ବାରମ୍ବାର ଖବର ପ୍ରସାରଣ ଦପରେ ପ୍ରାଚୀ ଡିଭିଜନର ଏସ୍.ଇ ରଘୁନାଥ ସ୍ୱାଇଁ ପ୍ରତାପ ନଗରୀ ଅନ୍ତର୍ଗତ ଥିବା କେନାଲକୁ ଯାଇ ତଦନ୍ତ କରିବା ସହ କଞ୍ଚିଲୋ ମାଇନର ଏକ ବେଆଇନ୍ ସୋଠ ବସେଇ ରାସ୍ତା





ନିର୍ମାଣ କରିଥିବା ସ୍ଥାନକୁ ଉଚ୍ଛେଦ କରିବାକୁ ନିର୍ଦ୍ଦେଶ ଦେଇଥିଲେ । ତଦନ୍ତ କରିବାକୁ ଆସିବା ସମୟରେ ଉପସ୍ଥିତ ରହିଥିଲେ ପ୍ରତାପ ନଗରୀ ସବ୍ ଡିଭିଜନର ସହକାରୀ ଯନ୍ତ୍ରୀ , କନିଷ୍ଠ ଯନ୍ତ୍ରୀ ଓ ସେ ଅଞ୍ଚଳର କିଛି ଚାଷୀ । ଦୀର୍ଘ ଦିନ ହେବ ଏପରି କାର୍ଯ୍ୟ କରୁଥିବା ଏବଂ ଚାଷ ଜମିକୁ ପାଣି ଯିବା ବାଟକୁ ଅବରୋଧ କରୁଥିବା ବିଲଡରଙ୍କ ବିରୁଦ୍ଧରେ ଆଇନଗତ କାର୍ଯ୍ୟାନୁଷ୍ଠାନ ନିଆଯିବ ବୋଲି ପ୍ରକାଶ କରିଥିଲେ । ଗତ ଶୁକ୍ରବାର ଦିନ କଞ୍ଚିଲୋ ମାଇନରରୁ ଜବରଦଖଲ ଉଚ୍ଛେଦ ପ୍ରକ୍ରିୟା ଆରମ୍ଭ କରିଛି ପ୍ରଶାସନ।

ଉକ୍ତ ବିଲଡରଙ୍କ ହାତ ବାରିଶି ସାଜିଥିବା କିଛି ଜମି ଦଲାଲ ଉଚ୍ଛେଦକୁ ବିରୋଧ କରୁଥିବା ସହିତ ଜଳ ସମ୍ପଦ ବିଭାଗର ଅଧିକାରୀଙ୍କୁ ଅସାଧୁ ଉପାୟରେ ବିଭିନ୍ନ ଆଡୁ ଚାପ ପକେଇ ରାସ୍ତା ନିର୍ମାଣ କରିବାକୁ ଚେଷ୍ଟା କରୁଛନ୍ତି। ଏହି ଉଚ୍ଛେଦ ପ୍ରକ୍ରିୟା ପରେ ଚାଷୀ ଓ ଭାଗଚାଷୀ ପ୍ରାଚୀ ଡିଭିଜନର ଏସ ଇ.ଙ୍କୁ ଧନ୍ୟବାଦ୍ ଦେବା ସହିତ ପ୍ରାଚୀ ଡିଭିଜନର କେନାଲ ହୋଇଥିବା ଏହି ବେଆଇନ୍ ନିର୍ମାଣ ବ୍ରିଜ, ରାସ୍ତା ଉଚ୍ଛେଦ ପ୍ରକ୍ରିୟାକୁ ଆହୁରି ବ୍ୟାପକ କଲେ ଚାଷୀ ମାନେ ଖୁସି ପ୍ରକଟ କରିବେ ବୋଲି ପ୍ରକାଶ କରିଛନ୍ତି।

### ଉମାଦେଈ ବ୍ରହ୍ମପୁର ସରପଞ୍ଚଙ୍କ ବିରୋଧରେ ଅନାସ୍ଥା

**ବାଲିଅନ୍ତା, ୧।୧୨ (ସଂଚାର ବ୍ୟୁରୋ):** ବାଲିଅନ୍ତା ବ୍ଲକ ଅଧୀନ ଉମାଦେଈ ବ୍ରହ୍ମପୁର ସରପଞ୍ଚ ରମାଲତା ନାୟକଙ୍କ ବିରୋଧରେ ଅନାସ୍ଥା ପ୍ରସ୍ତାବ ଅଣାଯାଇଛି। ପଞ୍ଚାୟତର ଅଧିକାଂଶ ୱାର୍ଡ଼ ସଭ୍ୟ/ ସଭ୍ୟା ଗତକାଲି ଏସଂପର୍କରେ ଭୁବନେଶ୍ୱର ଉପ ଜିଲ୍ଲାପାଳଙ୍କ ନିକଟରେ ଅଭିଯୋଗ କରିଛନ୍ତି। ୱାର୍ଡ଼ ସଭ୍ୟଙ୍କ ଅଭିଯୋଗ ଅନୁସାରେ ସରପଞ୍ଚଙ୍କ କାର୍ଯ୍ୟ ପ୍ରକ୍ରିୟା ସଂପୂର୍ଣ୍ଣ ଆଇନ ବିରୋଧୀ ଏବଂ ଅସନ୍ତୋଷକ ଜନକ ଅଟେ। ୱାର୍ଡ଼ ସଭ୍ୟମାନଙ୍କ ୩ଟି ପ୍ରମୁଖ ଅଭିଯୋଗ ମଧ୍ୟରେ ସରପଞ୍ଚ ୱାର୍ଡ଼ ସଭ୍ୟଙ୍କୁ କିଛି ନଜଣାଇ ମନମୁଖୀ କାର୍ଯ୍ୟ କରୁଅଛନ୍ତି। ଯାହାକି ଉନ୍ନୟନମୂଳକ କାର୍ଯ୍ୟ ବିରୋଧୀ। ଯାହାଫଳରେ ପଞ୍ଚାୟତକୁ ଆସୁଥିବା ଅନୁଦାନ

**ସରପଞ୍ଚଙ୍କ ରିପୋର୍ଟ କାର୍ଡ**

ରାଶି ଖର୍ଚ୍ଚ ହୋଇପାରୁ ନାହିଁ। ଯେଉଁଥି ପାଇଁ କି ୱାର୍ଡ଼ବାସୀଙ୍କ ମଧ୍ୟରେ ଅସନ୍ତାଷ ଦେଖାଦେଇଛି। ଅପରପକ୍ଷରେ ଖବର ପାଇବା ପରେ ଆଜି ପୂର୍ବାହ୍ନରେ ସରପଞ୍ଚ ଏନେଇ ରିପୋର୍ଟ କାର୍ଡ଼ ସୂଚନା ପ୍ରଦର୍ଶନ କରିଛନ୍ତି। ସୁଦର୍ଶନ ଦାରୁପୀଠରେ ଏନେଇ ଆୟୋଜିତ ଏକ ସାମ୍ବାଦିକ ସମ୍ମିଳନୀରେ ଗତ ୨ ବର୍ଷ ୮ ମାସ ମଧ୍ୟରେ ତାଙ୍କ ନେତୃତ୍ୱରେ କରାଯାଇଥିବା ବିଭିନ୍ନ ଉନ୍ନୟନ କାର୍ଯ୍ୟ ସଂପର୍କରେ ରିପୋର୍ଟ କାର୍ଡ଼ରେ ଏ ସଂପର୍କିତ ତଥ୍ୟ ପ୍ରଦାନ କରିଛନ୍ତି। ତାଙ୍କ କାର୍ଯ୍ୟକାଳ ମଧ୍ୟରେ ୯୮ ଲକ୍ଷ ଟଙ୍କା ବ୍ୟୟରେ ଉନ୍ନୀତ ଉଚ୍ଚ ବିଦ୍ୟାଳୟ ସମ୍ଭବ ହୋଇପାରିଛି। ଏହାଛଡ଼ା ଯଶୁଆପୁର ଠାରେ ୩୩ ଲକ୍ଷ ଟଙ୍କା ବ୍ୟୟରେ ଏକ ଉପ ସ୍ୱାସ୍ଥ୍ୟକେନ୍ଦ୍ର ନିର୍ମାଣ, ବିଭିନ୍ନ ୱାର୍ଡ଼ରେ ୨୦ଟି ହାଇମାଷ୍ଟ ଲାଇଟ ଓ ୨୦ଟି କମ୍ୟୁନିଟି ଗୃହ ନିର୍ମାଣ କରାଯାଇଛି।

## ମିଥ୍ୟା ଅଭିଯୋଗକାରୀ ଦମ୍ପତ୍ତିଙ୍କ ନାମରେ ମାମଲା

**ନୟାଗଡ଼, ୧।୧୨ (ସଂଚାର ବ୍ୟୁରୋ):** ମିଥ୍ୟା ଗୁଜବ ମହଙ୍ଗା ପଡିଲା । ମିଥ୍ୟା ଅଭିଯୋଗ କରି ଗୁଜବ ସୃଷ୍ଟି କରିଥିବା ଦମ୍ପତ୍ତିଙ୍କ ନାମରେ ରଣପୁର ଥାନାରେ ମାମଲା ରୁଜୁ ହୋଇଛି । ପୋଲିସ ତଦନ୍ତ କରିବା ପରେ ଦମ୍ପତ୍ତିଙ୍କ ପ୍ରକୃତ ରହସ୍ୟ ପଦାକୁ ଆସିଛି । ମହିଳାଙ୍କ ପେଟରେ ଛୁଆ ନଥିଲା । ନାଟକ କରି ଲୋକଙ୍କ ବାଦ ଅପବାଦରୁ ରକ୍ଷା ପାଇବା ପାଇଁ ପ୍ରଶାସନ ଉପରେ ଦୋଷ ବୋଳିବାକୁ ଚେଷ୍ଟା କରି ନିଜେ ଫସିଗଲେ ସ୍ୱାମୀ ସ୍ତ୍ରୀ ।

ସୂଚନାନୁସାରେ, ଖୋର୍ଦ୍ଧା ଜିଲ୍ଲା ବୋଲଗଡ଼ ବ୍ଲକ ଗୋଡ଼ଭଙ୍ଗା ଗାଁର ବିଜୟ କୁମାର ପରିଡ଼ାଙ୍କ ସହ ଦୁଇ ବର୍ଷ ତଳେ ସୁଧୀସ୍ମିତା ପରିଡ଼ାଙ୍କ ବିବାହ ହୋଇଥିଲା । ତେବେ ବିବାହର ଦୁଇ ବର୍ଷ ହୋଇଥିଲେ ମଧ୍ୟ ପିଲା ଛୁଆ ହୋଇନଥିଲା। କୌଣସି କାରଣ ଯୋଗୁଁ ପିଲା ଛୁଆ ହେଉନଥିଲା। ସେପଟେ ସାହି ପଡିସାଙ୍କ ଟାହି ଟାପରା ଯୋଗୁଁ ସୁଧୀସ୍ମିତାଙ୍କୁ ଅସହ୍ୟ କରିଦେଉଥିଲା ।



ହସ୍ପିଟାଲରୁ ଶିଶୁ ଚୋରି ଘଟଣା

ସେଥିରୁ ରକ୍ଷା ପାଇବା ପାଇଁ ନୂଆ ତରିକା ଆପଣେଇ ନେଇଥିଲେ। ବାରମ୍ବାର ମେଡିକାଲ ଚେକପ ଓ ପେଟରେ କନା ଗୁଡ଼ାଇ ଗର୍ଭବତୀର ନାଟକ ରଚିଥିଲେ। କିନ୍ତୁ ନାଟକ ଅତ୍ୟଧିକ ହୋଇଗଲା । ପେଟରେ କନା ଗୁଡ଼ାଇ ଶୁକ୍ରବାର ରାତିରେ ରାଜସୁନାଖଳା ହସ୍ପିଟାଲକୁ ଆସିଥିଲେ ବୋଲି ସିସିଟିଭିରେ ରେକର୍ଡ ହୋଇଥିଲା। କିନ୍ତୁ ଶନିବାର ସକାଳୁ ସକାଳୁ ସୁଧୀସ୍ମିତା ଶିଶୁ ଜନ୍ମ କରିବାର ନାଟକ କରିଥିଲେ । ଏବଂ କିଛି ସମୟରେ ତାଙ୍କ ଶିଶୁ କେହି ନେଇଯାଇଥିବା ଅଭିଯୋଗ କରି ହସ୍ପିଟାଲ ଉପରେ ବାର୍ଷିଥିଲେ । ହସ୍ପିଟାଲରୁ ଶିଶୁ ଗାଏବ ହେବା ଘଟଣା ଚାଁହୁ ଚାଁହୁ ବ୍ୟାପିଗଲା । ପୋଲିସର ମୁଣ୍ଡ ବ୍ୟଥା ପାଲଟିଯାଇଥିଲା ଶିଶୁ ଗାଏବ ଘଟଣା ।

ତେବେ ପୋଲିସ ଏହାର ତଦନ୍ତ କରି ଆଜି ସ୍ପଷ୍ଟ କରିଛି ଯେ, ତାଙ୍କର କୌଣସି ପିଲା ଛୁଆ ହେବାର ନଥିଲା । ଲୋକ ଅପବାଦରୁ ବର୍ତ୍ତିବା ପାଇଁ ପ୍ରସବ ଜନିତ ଯନ୍ତ୍ରଣାର ନାଟକ କରିଥିଲେ । ପୋଲିସ ଘଟଣାକୁ ଗୁରୁତର ସହ ବିଚାର କରି ଦମ୍ପତ୍ତିଙ୍କ ପ୍ରକୃତ ରହସ୍ୟ ପଦାକୁ ଆଣିଥିଲେ । ବର୍ତ୍ତମାନ ପୋଲିସ ଏଭଳି ଘଟଣାକୁ ଗୁରୁତ୍ୱ ଦେଇ ଦମ୍ପତ୍ତିଙ୍କ ନାମରେ ମିଥ୍ୟା ଅଭିଯୋଗ କରି ଲୋକଙ୍କୁ ଉସକାଇବା ଯୋଗୁଁ ରଣପୁର ଥାନାରେ ମାମଲା ରୁଜୁ କରିଥିବା ନେଇ ବିଶେଷ ସୂତ୍ରରୁ ଜଣାପଡିଛି ।

### ପେଣ୍ଠ ବେଳାଭୂମିରେ ଉଦ୍‌ଘାଟିତ ହେଲା ଇକୋ ରିଟ୍ରିଟ

## ବେଳାଭୂମିର ମଜା ସହ ମିଳିବ ମିନି ଆମାଜନର ଅନୁଭୂତି

**ରାଜନଗର, ୧।୧୨(ସଂଚାର ବ୍ୟୁରୋ) :** ଆଜି ଉଦ୍‌ଘାଟିତ ହୋଇଛି ଭିତରକନିକା ଇକୋ ରିଟ୍ରିଟ। ଭିତରକନିକାର ପେଣ୍ଠ ଠାରେ ଚଳିତବର୍ଷ ଇକୋ ରିଟ୍ରିଟ ଅନୁଷ୍ଠିତ ହେଉଛି। ପେଣ୍ଠ ଇକୋ ରିଟ୍ରିଟ ସ୍ଥଳରେ ଉଦ୍‌ଘାଟନୀ ଉତ୍ସବରେ ମୁଖ୍ୟ ଅତିଥି ଭାବେ ରାଜନଗର ବିଧାୟକ ଧ୍ରୁବ ସାହୁ ଯୋଗଦେଇ ପ୍ରକୃତି, ପର୍ଯ୍ୟଟନ ଶିଳ୍ପର ବିକାଶ ପାଇଁ ଇକୋ ରିଟ୍ରିଟ କାର୍ଯ୍ୟକ୍ରମକୁ ଭୂୟସୀ ପ୍ରଶଂସା କରିବା ସହିତ ଦେଶ ବିଦେଶର ପର୍ଯ୍ୟଟକମାନେ ଅଧିକ ପରିମାଣରେ ଭିତରକନିକା ବିଭବକୁ ଉପଭୋଗ କରିବା ପାଇଁ ଆସିବା ସହିତ ଇକୋ ରିଟ୍ରିଟର ମଜା ନେଇ ପାରିବେ ବୋଲି କହିଥିଲେ। ଉଦଘାଟନ ଉତ୍ସବରେ କେନ୍ଦ୍ରାପଡା ଜିଲ୍ଲାପାଳ ସ୍ମୃତି ରଂଜନ ପ୍ରଧାନ, ଅତିରିକ୍ତ ଜିଲ୍ଲାପାଳ ନିଲୁ ମହାପାତ୍ର,ଅତିରିକ୍ତ ଏସ୍‌ପି ଦେବାଶିଷ ଧଳ, ପର୍ଯ୍ୟଟନ ବିଭାଗର ଅଧିକାରୀ ହିମାଳୟା ତ୍ରିପାଠୀ, ପଞ୍ଚାୟତ ସମିତି ଅଧ୍ୟକ୍ଷା ପ୍ରତିଭା ପାତ୍ର,ବିଡ଼ିଓ ଅଜିତ ନାରାୟଣ ପ୍ରସାଦ ଗିରି, ତହସିଲଦାର ଅଜୟ କୁମାର ମହାନ୍ତି, ଆଇଆଇସି ଅଜୟ କୁମାର ଜେନା, ଜିଲ୍ଲା ପରିଷଦ ସଦସ୍ୟ ସୁରେନ୍ଦ୍ର ପ୍ରସାଦ ରାଉତ, ଏସଡିପିଓ କ୍ଷମା ସାଗର ପଣ୍ଡା , ସରପଞ୍ଚ କୈଳାସ ଚନ୍ଦ୍ର ପରିଡା,ଗୋଲେଖି ଚନ୍ଦ୍ର ସ୍ୱାଇଁ,ଅଶୋକ କୁମାର ମହାନ୍ତି, ସମୀର ସେଠୀ, ସମିତି ସଭ୍ୟ ସଞ୍ଜୟ ସ୍ୱାଇଁ , ବରିଷ୍ଠ ନେତା ଅରୁଣ କୁମାର ସାହୁ, ବିଜୟ ନାୟକ, ସର୍ବେଶ୍ୱର ମହାନ୍ତି, ଦେବେନ୍ଦ୍ର କୁମାର ଜେନା,ଶ୍ରୀକାନ୍ତ ପ୍ରଧାନ,ପ୍ରମୋଦ କୁମାର ପ୍ରଧାନ,ସତ୍ୟବାନ ସେଠୀ ଯୁବ ନେତା ରକେଶ କୁମାର ନାୟକ, ସରୋଜ କୁମାର ରାଉତ,ଦାମୋଦର ମହାନ୍ତି ଓ ବିଭିନ୍ନ ବିଭାଗୀୟ ଅଧିକାରୀ ଏବଂ ସ୍ଥାନୀୟ ନେତୃବୃନ୍ଦଙ୍କ ସହିତ ମାଆମାନେ ଉପସ୍ଥିତ ଥିଲେ।

ଅତିଥି ଭାବେ ଯୋଗଦେଇ ଇକୋ ରିଟ୍ରିଟ ଯେପରି ସଫଳ



ହେବ, ସେଥିପାଇଁ ପ୍ରଶାସନ ପକ୍ଷରୁ ସମସ୍ତ ପଦକ୍ଷେପ ନିଆଯାଇଛି। ଭିତରକନିକାର ଇକୋ ରିଟ୍ରିଟକୁ ଆସିବାକୁ ବୁକିଂ କରିଥିବା ଓ ଇଚ୍ଛା କରିଥିବା ପର୍ଯ୍ୟଟକ ଯେପରି ସକାରାତ୍ମକ ଓ ନିଆରା ଅନୁଭୂତି ନେଇ ଫେରିବେ, ସେଥିପାଇଁ ସମସ୍ତ ପ୍ରସ୍ତୁତି କରାଯାଇଛି । ଅନ୍ୟ ସ୍ଥାନ ଅପେକ୍ଷା ଭିତରକନିକା ଇକୋ ରିଟ୍ରିଟ ପୂର୍ବ ବର୍ଷ ମାନଙ୍କରେ ଅଧିକ ସଫଳ ହୋଇଥିଲା। ଭିତରକନିକା ଇକୋରିଟ୍ରିଟକୁ ଆସୁଥିବା ପର୍ଯ୍ୟଟକମାନେ ଦିନରେ ଭିତରକନିକାରେ ମିନି ଆମାଜନର ଅନୁଭୂତି ସାଉଁଟିବେ ଓ ରାତିରେ ବଂଗୋପସାଗର ବେଳାଭୂମିରେ ନିଆରା ଅନୁଭୂତି ପାଇବେ ବୋଲି ମତବ୍ୟକ୍ତ କରିଥିଲେ।

୨୦୨୦ ମସିହାରେ ପ୍ରଥମଥର ପାଇଁ ଭିତରକନିକାର ନଳିତାପାଟିଆ ଠାରେ ଇକୋ ରିଟ୍ରିଟ ଅନୁଷ୍ଠିତ ହୋଇଥିଲା। ଓଡ଼ିଶାର ଅନ୍ୟ ସ୍ଥାନ ଅପେକ୍ଷା ନଳିତାପାଟିଆ ଇକୋ ରିଟ୍ରିଟ ଅଧିକ ସଫଳ ହୋଇଥିଲା । ଏହାକୁ ଅଧିକ ସଫଳ କରିବା ପାଇଁ ୪ ବର୍ଷ ହେଲା ନଳିତାପାଟିଆ ପରିବର୍ତ୍ତେ ପେଣ୍ଠ ବେଳାଭୂମିରେ ଇକୋ ରିଟ୍ରିଟ ଆୟୋଜନ କରାଯାଉଛି । କୋଣାର୍କ ପରି ପର୍ଯ୍ୟଟକ ମାନେ ପେଣ୍ଠ ବେଳାଭୂମିରେ ରାତ୍ରି ରହଣି ସହିତ ବେଳାଭୂମିର ଶୋଭା ଉପଭୋଗ କରି ପାରୁଛନ୍ତି । ବିଶ୍ୱ ପ୍ରସିଦ୍ଧ ଭିତରକନିକାରେ ଏବେ ଚାଲିଛି ପର୍ଯ୍ୟଟନ ଋତୁ। ଇକୋ ରିଟ୍ରିଟରେ ରହିବାକୁ ବୁକିଂ କରିଥିବା ପର୍ଯ୍ୟଟକଙ୍କୁ ପର୍ଯ୍ୟଟନ ବିଭାଗ ପକ୍ଷରୁ ଜଳପଥ ଓ ସ୍ଥଳପଥରେ ଭିତରକନିକାର ପରିଭ୍ରମଣର ସୁଯୋଗ ଦିଆଯିବ। ଦିନରେ ଭିତରକନିକାର ଶୋଭା ଅନୁଭବ କରିବେ ଓ ରାତିରେ ବେଳାଭୂମିରେ ନିଆରା ଅନୁଭୂତି ଉପଭୋଗ କରିବେ । ଏଠାରେ ପର୍ଯ୍ୟଟକ ମାନେ ସମୁଦ୍ର ସ୍ନାନର ମଜାନେବା ସହ ବଣଭୋଜି କରି ଆତ୍ମତୃପ୍ତିରେ ଫେରିଥାନ୍ତି। ପେଣ୍ଠ ପ୍ରବେଶ ପଥରେ ଆରାଧ୍ୟ ପ୍ରଭୁ ଶ୍ରୀ ବନବିହାରୀଜୀଉ ମନ୍ଦିର ଓ ଶିବମନ୍ଦିର ରହିଛି । ଏଠାରେ ଓଡ଼ିଶାର ପ୍ରଥମ ଓ ଭାରତର ଦ୍ୱିତୀୟ ୫୦୫ ମିଟରର ଜିଓ ସିନ୍ଥେଟିକ ୱାଲ ରହିଛି। ଏଠାରେ ଝାଉଁ ଜଙ୍ଗଲ ସହିତ ସମୁଦ୍ରରେ ୬ ପ୍ରଜାତିର ଡଲଫିନଙ୍କ ଜଳକ୍ରୀଡା ଓ ଟଂଗ ବେଟଂଗର ଦେଶୀ ବିଦେଶୀ ପର୍ଯ୍ୟଟକଙ୍କୁ ଭରପୁର ଆନନ୍ଦ ଦେଇଥାଏ।

### ରାଜ୍ୟସ୍ତରୀୟ କ୍ରିକେଟ୍ ଟୁର୍ଣ୍ଣାମେଣ୍ଟ ଉଦ୍‌ଘାଟିତ

## କିଶୋର ସ୍ପୋର୍ଟିଂ ସେମିଫାଇନାଲରେ

**ନିମାପଡା, ୧।୧୨ (ସଂଚାର ବ୍ୟୁରୋ):** ଏସପି ଫାଉଣ୍ଡେସନ ଦ୍ୱାରା ଆୟୋଜିତ, ଅଲ୍ ଓଡିଶା ନିମାପଡ଼ା ବାରବାଟୀ କପ୍, ୪ର୍ଥ ଟୁବୁଲି ମେମୋରିଆଲ କ୍ରିକେଟ ଟୁର୍ନାମେଣ୍ଟର ଉଦଘାଟନୀ ଦିବସର ପ୍ରଥମ କ୍ୱାଟର ଫାଇନାଲ ମ୍ୟାଚ ଭୁବନେଶ୍ୱରର କିଶୋର ସ୍ପୋର୍ଟିଂ ଏବଂ ନିମାପଡା କ୍ରିକେଟ ଏକାଡେମୀ ମଧ୍ୟରେ ଅନୁଷ୍ଠିତ ହୋଇଥିଲା । କିଶୋର ସ୍ପୋର୍ଟିଂ ଟସ ଜିତି, ଟୁକୁନା ସାହୁ ୭୨ ଓ ନରେନ୍ଦ୍ର ଦାଶଙ୍କ ୫୩ ରନ୍ ସହାୟତାରେ ନିର୍ଦ୍ଧାରିତ ୨୫ ଓଭରରେ ୭ ୱିକେଟ ହରାଇ ୨୫୬ ରନ ସଂଗ୍ରହ କରିଥିଲା। ପ୍ରତିପକ୍ଷ ନିମାପଡା କ୍ରିକେଟ ଏକାଡେମୀ ତରଫରୁ ଜ୍ୟୋତିରଞ୍ଜନ ବିଶ୍ୱାଳ ୩ ଏବଂ ତନ୍ମୟ ସାହୁ ୨ଟି ୱିକେଟ ଅକ୍ତିଆର କରିଥିଲେ ।

ଦିତୀୟାର୍ଦ୍ଧରେ ନିମାପଡା





କ୍ରିକେଟ ଏକାଡେମୀ, ମୟଙ୍କ ପଟନାୟକ ୭୩ ଓ ଆଲୋକ ଜେନାଙ୍କ ୨୧ ରନ ସହାୟତାରେ ୨୪ ଓଭର ଖେଳି ସମସ୍ତ ୱିକେଟ ହରାଇ ୧୬୬ ରନ କରିଥିଲା । ପ୍ରତିପକ୍ଷ ଦଳର ସିଦ୍ଧାନ୍ତ ଜେନା ୪ ଏବଂ ଭବେଶ ଲେଙ୍କା ୪ ୱିକେଟ ନେଇଥିଲେ। କିଶୋର ସ୍ପୋର୍ଟିଂ ୯୦ ରନରେ ବିଜୟୀ ହୋଇ ସେମିଫାଇନାଲରେ ପ୍ରବେଶ କରିଛି । କିଶୋର ସ୍ପୋର୍ଟିଂ ଦଳର ଟୁକୁନା ସାହୁ ଙ୍କୁ, ଅତିଥି ଅଷ୍ଟିନ୍ ପ୍ଲାଇ ଓଡିଶା ମୁଖ୍ୟ ବିଜୟ ମିଶ୍ର ପ୍ଲେୟାର ଅଫ ଦି ମ୍ୟାଚ ଭାବେ ପୁରସ୍କୃତ କରିଥିଲେ । ଆଜିର ମ୍ୟାଚକୁ ପରିଚାଳନା କରିଥିଲେ ଅୟଶକାନ୍ତ ମିଶ୍ର ଓ ସମ୍ବିତ ପଟ୍ଟନାୟକ।

ପୂର୍ବାହ୍ନ ୧୦ ଘଟିକା ସମୟରେ ଉଦ୍‌ଘାଟନୀ ସମାରୋହରେ ମୁଖ୍ୟ ଅତିଥି ଭାବେ ପୂର୍ବତନ ରଣଜି ଟ୍ରଫି ଖେଳାଳି ତଥା ପୂର୍ବତନ ବିଧାୟକ ଲଳିତେନ୍ଦୁ ବିଦ୍ୟାଧର ମହାପାତ୍ର ଯୋଗଦେଇ ଆନୁଷ୍ଠାନିକ ଭାବେ ଟୁର୍ନାମେଣ୍ଟକୁ ଉଦଘାଟନ କରିଥିଲେ । ଅନ୍ୟମାନଙ୍କ ମଧ୍ୟରେ ଅବସରପ୍ରାପ୍ତ ଅଧ୍ୟାପକ ବସନ୍ତ ମହାନ୍ତି, ଜଗତାନନ୍ଦ ସାବୁତ୍, ମେଜର ଅମରେଶ ନନ୍ଦନ ସାହୁ ଏବଂ କ୍ଷୀରୋଦ ରାୟମହାପାତ୍ର ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ ।

ସଂଚାର THE SANCHAR

# ସିଟି salad

## ସୁରଙ୍କ ଧୂମକେତୁ ଅବତାର



ଜୟଦେବ ଭବନ ସମ୍ମୁଖ ବରଗଛଟି ହେଉଛି ବରିଷ୍ଠ ନେତା ସୁର ରାଉତରାୟଙ୍କ ସ୍ଥାନ। ସିଏ ଏଠାରେ ଆସି ପହଞ୍ଚିଲେ ଡିଜିଟାଲ ଗଣମାଧ୍ୟମ ପାଇଁ ଖବର ଅଭାବ ରୁହେନି। ସୁର ବି ସମସ୍ତଙ୍କ ଟିଆରପି ବଢ଼ିଲା ଭଳି ମନ୍ତବ୍ୟ ଦିଅନ୍ତି। ହେଲେ ଏବେ ସୁର ବରଗଛ ଛାଡି ରାଜଧାନୀର ବିଭିନ୍ନ ସଭା ସମିତି ଉପରେ ନଜର ପକାଇଛନ୍ତି। ଆୟୋଜନକାରୀ ନଡାକିଲେ କିଛି ପରବାଏ ନାହିଁ। ଧୂମକେତୁ ଭଳି ପ୍ରବେଶ କରୁଛନ୍ତି ଓ ଭାଷଣ ଦେଇ ଠିକ୍ ଧୂମକେତୁ ଭଳି ପଳାଇ ଯାଉଛନ୍ତି। ନିକଟରେ ରାଜଧାନୀର ବୁଦ୍ଧ ମନ୍ଦିରରେ ଜଣେ ପୂର୍ବତନ ମୁଖ୍ୟମନ୍ତ୍ରୀଙ୍କ ଉପରେ ଆଲୋଚନା ହେଉଥିଲା। ସେଠାରେ ହଠାତ୍ ସୁର ବାବୁ ଆର୍ବିଭାବ ହେଲେ। ଦେଖିଲେ ସଭାପତିଙ୍କ ପାଇଁ ଉଦ୍ଦିଷ୍ଟ ଚଉକିଟି ଖାଲି ପଡିଛି। ସେଠାରେ ବସିଲେ। କାର୍ଯ୍ୟ ବ୍ୟସ୍ତତା ଦେଖାଇ ମାଇକ୍‌ରେ ଦୁଇ ପଦ ଚିରାଚରିତ ଡାଇଲଗ ମାରି ପଳାଇଲେ। ସଭାପତି ଆସିଲା ବେଳକୁ ସୁର ପଳାଇଲେଣି। ସମସ୍ତେ ଭାବିଲେ ସୁର ନିମନ୍ତ୍ରିତ। ହେଲେ ନିମନ୍ତ୍ରଣପତ୍ରରେ ତାଙ୍କ ନାମ ନଥିବାରୁ କିଏ ଡାକିଲା ବୋଲି ପରସ୍ପରକୁ ପଚାରିଲେ। କେହି ଉତ୍ତର ଦେଇପାରିଲେ ନାହିଁ। ଜଣେ କିନ୍ତୁ କହିଲେ, ସିଏ ଏବେ ଧୂମକେତୁ। ସଭା ଦେଖିଲେ ମାଡି ଆସୁଛନ୍ତି। କିଛି କ୍ଷତି କରୁନାହାନ୍ତି, ତେଣୁ ସେଭଳି ବ୍ୟସ୍ତ କିଛି ନାହିଁ।

## ଅରୁଣଙ୍କ ପୁରୀ ବୋଲି



ନୟାଗଡ ବିଧାୟକ ଡକ୍ଟର ଅରୁଣ ସାହୁଙ୍କ ଦୁଇ ପଦ କଥା ଏବେ ଭାରି ଚର୍ଚ୍ଚାରେ। ବିଧାନସଭାରେ ଆଇନ୍‌ଶୃଙ୍ଖଳା ଆଲୋଚନାରେ ଭାଗ ନେଇ ଶାସକଦଳକୁ ନିଶାଣ କଲାବେଳେ ଅରୁଣ ସେମାନଙ୍କୁ ପାନଖିଆ ଛେଚେଲା ପାଟିଆ ବୋଲି ସମ୍ବୋଧନ କରିଥିଲେ। ପାନଖିଆ ଶବ୍ଦଟିକୁ ଅନେକ ବୁଝିଥିଲେ। ହେଲେ ଛେଚେଲା ପାଟିଆ କ'ଣ ବୋଲି ସମସ୍ତେ ପରସ୍ପରକୁ ଆଁ କରି ଅନାଇଥିଲେ। ହେଲେ ଅରୁଣ ଯେତେବେଳେ ବାରମ୍ବାର ଏହି କଥାଟି କହିଲେ ସେତେବେଳେ ଶାସକଦଳର କିଛି ବିଧାୟକ ଏ କଥାଟି କେଉଁ ଅଞ୍ଚଳର ବୋଲି ଖୋଜିବାକୁ ଲାଗିଲେ। ଶେଷରେ ଜଣାପଡିଲା ଏ ଶବ୍ଦଟି ହେଉଛି ପୁରୀ ଅଞ୍ଚଳର। ମାନେ ପୁରୀ ବୋଲି ବାଣୀ। ପୁରୀ ଓ ଆଖପାଖ ଅଞ୍ଚଳରେ ପାନ ସହିତ ପ୍ରବଳ ଖଇର ଖାଇ ପାଟିକୁ ନାଲିକରି ବୁଲୁଥିବା ଲୋକଙ୍କୁ ପାନଖିଆ ଛେଚେଲା ପାଟିଆ ବୋଲି ଲୋକେ କହିଥାନ୍ତି। ଏହି ଲୋକମାନଙ୍କର ପ୍ରାୟତଃ କିଛି କାମ ନଥାଏ। ପାନ ଖାଇ ପାଟି ନାଲିକରି ଗାଁ ଦାଣ୍ଡରେ ବୁଲି ମାମଲତି କରିଥାନ୍ତି। ତେବେ ଅରୁଣ ଏହି ଶବ୍ଦଟି କେଉଁଠୁ ପାଇ ମାର୍କେଟକୁ ଛାଡିଲେ ତାହାକୁ ନେଇ ଆଲୋଚନା ଚାଲିଥିବାବେଳେ କେଉଁ ବିଜେପି କୁଆଡେ ପାନଖିଆ ଛେଚେଲା ପାଟିଆଙ୍କ ହିସାବ ଚାଲିଛି।

## ବିଧାୟକଙ୍କ ଘରଣୀ ସାଜିଛନ୍ତି କ୍ୟାଶିଅର




ଦକ୍ଷିଣ ଓଡିଶାର ଜଣେ ନବାଗତ ବିଧାୟକଙ୍କ ଘରଣୀ ଏବେ ଚର୍ଚ୍ଚାରେ। ବାବୁ ସବୁ କାମ ଦାମ କରୁଥିବାବେଳେ ଘରଣୀଙ୍କ ହାତରେ କିନ୍ତୁ ଭଣ୍ଡାର ଚାବି। ଯିଏ ଯାହା ଦେବ ତାହା ଘରଣୀଙ୍କ ହାତକୁ ଯିବ। ଯାହାକୁ ଯାହା ଦିଆଯିବ ତାହା ବି ଘରଣୀଙ୍କ ହାତରୁ ଯିବ। ତେବେ ଘରଣୀଙ୍କ ହାତକୁ ଅଧିକ ଯାଉଥିବାବେଳେ ଫେରିଥାଏ କମ୍। ନିକଟରେ ବିଧାୟକ ଜଣଙ୍କ ତିନି ଚାରିଜଣ ସରକାରୀ ବାବୁଙ୍କୁ ବଦଳି ପାଇଁ ବଇନା ନେଇଥିଲେ। ହେଲେ ସେମାନଙ୍କର କାମ ସହଜରେ ହେଉନାହିଁ। ଜଣେ ବାବୁଙ୍କର ଧୈର୍ଯ୍ୟଚ୍ୟୁତି ଘଟିବାରୁ ସିଏ କହିଲେ ଆଜ୍ଞା ମୋର ବଦଳି ହେବାର ନାହିଁ, ମାଲ୍ ଟା ଦେଇ ଦିଅନ୍ତୁ। ବିଧାୟକ ଏକଥା ଶୁଣି କାନମୁଣ୍ଡା ଆଉଁଷି କହିଲେ, ପଇସା ଆଉ ଫେରାଇ ହେବନି। ଏହା ଏବେ ମୋ ଘରଣୀଙ୍କ ପାଖରେ। ତାଙ୍କୁ ପଇସା ମାଗିବାକୁ ମୋର ସାହସ ନାହିଁ। ଏକଥା ଶୁଣିବା ପରେ ଆଉ ଦୁଇଜଣ ବାବୁ ନିରବ ରହିଲେ। ତେବେ ବିଧାୟକ ଜଣଙ୍କ ଜଣେ ବାବୁଙ୍କୁ ବଦଳି କରି ତାଙ୍କ ଅଞ୍ଚଳକୁ ଏଡିଏମ୍ ନେବାର ପ୍ରତିଶ୍ରୁତି ଦେଇଥିବାରୁ ତାହା କେବେ କାର୍ଯ୍ୟକାରୀ ହେବ ବାବୁଜଣଙ୍କ ଜାଣିପାରୁ ନାହାନ୍ତି। ବଦଳି ନହେଲେ ଦୁଇ ଲକ୍ଷ ପାଣିରେ ପଡିବ ବୋଲି ବାବୁ ଜଣଙ୍କ ନିଜର ଅତ୍ୟନ୍ତ ବିଶ୍ୱସ୍ତ ଲୋକଙ୍କୁ କହିବାପରେ କଥାଟି ପଦାକୁ ଆସିଛି। ଏହି ଘଟଣା ପରେ ଏବେ କିଛି ବାବୁ ଏବେ ସିଧାସଳଖ ବିଧାୟକଙ୍କ ଘରଣୀଙ୍କ ସହିତ ଯୋଗାଯୋଗ ପାଇଁ ଉଦ୍ୟମ ଚଳାଇଥିବା ସୂଚନା ମିଳିଛି।

## ମେୟରଙ୍କ ଦେଖା ନାହିଁ



ଭୁବନେଶ୍ୱରକୁ ଏବେ କେନ୍ଦ୍ରୀୟ ନେତାଙ୍କ ସୁଅ ଛୁଟୁଛି। ପ୍ରଥମଥର ପାଇଁ ଏଠାରେ ଅନୁଷ୍ଠିତ ସର୍ବଭାରତୀୟ ଡିଜିପି ସମ୍ମିଳନୀ ପାଇଁ ପ୍ରଧାନମନ୍ତ୍ରୀ, ଗୃହମନ୍ତ୍ରୀଙ୍କ ଭଳି ନେତା ଆସିଛନ୍ତି। ବିମାନବନ୍ଦର ଏବେ ସ୍ୱାଗତ ସମ୍ବର୍ଦ୍ଧନାର ସ୍ଥଳୀ ପାଲଟିଛି। ହେଲେ ଏଭଳି ସମୟରେ ଭୁବନେଶ୍ୱର ସହରର ପ୍ରଥମ ନାଗରିକ ତଥା ମେୟରଙ୍କ ଦେଖା ଦର୍ଶନ ନାହିଁ। ପ୍ରୋଟୋକଲ ଅନୁଯାୟୀ ସରକାରୀ ଗସ୍ତରେ ଆସୁଥିବା ପ୍ରଧାନମନ୍ତ୍ରୀ ଓ କେନ୍ଦ୍ରମନ୍ତ୍ରୀମାନଙ୍କୁ ଅନ୍ୟମାନଙ୍କ ସହିତ ମେୟର ଶଙ୍ଖୋଳିବାକୁ ଯାଇଥାନ୍ତି। ସରକାରୀ ବ୍ୟବସ୍ଥାରେ ମେୟରଙ୍କ ସ୍ଥାନ ସବା ଆଗରେ। ହେଲେ ଏଥର ପ୍ରଧାନମନ୍ତ୍ରୀ କିମ୍ବା ଗୃହମନ୍ତ୍ରୀ ଆସିବାବେଳେ ବିମାନବନ୍ଦରରେ ମେୟର ସୁଲୋଚନା ମ୍ୟାଡାମଙ୍କୁ ଦେଖିବାକୁ ମିଳିଲା ନାହିଁ। ଏହାକୁ ନେଇ ଅନେକ ଏବେ ଦ୍ୱନ୍ଦରେ। ମେୟରଙ୍କୁ ଡକରା ଯାଇଥିଲା କି ନାହିଁ ତାହା ଲୋକେ ଜାଣିବାକୁ ଚାହିଁଛନ୍ତି। ରାଜ୍ୟର ସମ୍ମାନ ଦୃଷ୍ଟିରୁ ମେୟର ମହୋଦୟା ଗଣମାଧ୍ୟମକୁ ଆସି ଏହାର ଖୁଲାସା କରିବା ଦରକାର। ସେହିଭଳି ଏତେବଡ ଭବ୍ୟ ଆୟୋଜନ କରିଥିବା ରାଜ୍ୟ ସରକାର ବି ଏ ବାବଦରେ ସ୍ପଷ୍ଟିକରଣ ରଖିବା ଦରକାର। କାରଣ ମେୟରଙ୍କୁ ନିମନ୍ତ୍ରଣ ନକରି ଅପମାନିତ କରାଯିବା ସମଗ୍ର ସହରବାସୀଙ୍କ ପ୍ରତି ଅପମାନ। ତେବେ ଏହି ରହସ୍ୟ ଉପରୁ କେବେ ପରଦା ଉଠିବ ଏବଂ ମେୟର କିମ୍ବା ସରକାରୀ ମୁଖପାତ୍ର କେବେ ପରଦା ଆଢୁଆଳରୁ ଆସି ସ୍ପଷ୍ଟ କରିବେ ତାହାକୁ ଅନେକ ଅପେକ୍ଷା କରିଛନ୍ତି।

## ପରୀକ୍ଷାଗାରରେ ନିଯୁକ୍ତି ଗବେଷଣା

← ପରୀକ୍ଷାଗାର




ପ୍ରଦୂଷଣର ମାତ୍ରା ଜାଣିବାପାଇଁ ରାଜ୍ୟ ରାଜଧାନୀରେ ଥିବା ପରୀକ୍ଷାଗାରରେ ଏବେ ନିଯୁକ୍ତି ଉପରେ ସଫଳ ଗବେଷଣା ଚାଲିଛି। ଗବେଷଣା ଏଭଳି ହୋଇଛି ଯେ ଜଣେ ଅଧିକାରୀଙ୍କ ସମ୍ପର୍କୀୟ ଏହି ବାଟ ଦେଇ ସରକାରୀ ଚାକିରିରେ ପ୍ରବେଶ କରିଯାଉଛନ୍ତି। ପରିବେଶ ଭବନରେ ହେଉଥିବା ଆଲୋଚନା ଅନୁଯାୟୀ ଜଣେ ପୂର୍ବତନ ଅଧିକାରୀଙ୍କ ଶଳା ପ୍ରଥମେ ଏହି ପରୀକ୍ଷାଗାରରେ ଠିକା ନିଯୁକ୍ତି ପାଇଲେ। ପରେ ନିୟମିତ ହୋଇଗଲେ। ଏହାପରେ ଶଳାଭାଉଜ ବି ସେହି ଫର୍ମୁଲାରେ ସରକାରୀ ଚାକିରି ପାଇଗଲେ। ପରେ ଅବଶ୍ୟକ ପୁତୁରା ଜଣଙ୍କ ପରୀକ୍ଷାଗାର ବାଟେ ଆସିଥିଲେ ବି ଠିକଣା ବ୍ୟବସ୍ଥାରେ ଆସିଥିଲେ। ଏବେ ଝିଆରି ଠିକ୍ ଶଳାଙ୍କ ଫର୍ମୁଲାରେ ଆସିଛନ୍ତି। ଗୋଟିଏ ପରିବାରର ତିନି ତିନି ଜଣ ପରୀକ୍ଷାଗାର ବାଟ ଦେଇ ସରକାରୀ ଚାକିରି ପାଇଯିବାପରେ ଏବେ ପରିବେଶ ଭବନର ବାବୁମାନେ ଏହି ପରୀକ୍ଷାଗାରରେ ଅନ୍ୟ ଗବେଷଣା ଅପେକ୍ଷା ନିଯୁକ୍ତି ଗବେଷଣା ଜୋରଦାର ଚାଲିଥିବା କହିଛନ୍ତି। ତେବେ ଜଣେ ପୂର୍ବତନ ବାବୁଙ୍କ ପ୍ରତି କିଏ ଓ କାହିଁକି ଏତେ ଅନୁକମ୍ପା ଦେଖାଉଛି ତାହାର ଟେର୍ କିନ୍ତୁ କେହି ପାଇପାରୁ ନାହାନ୍ତି। ଖାଲି ଯାହା ପରୀକ୍ଷାଗାରକୁ ପ୍ରଶଂସା କରିବାରେ ଲାଗିଛନ୍ତି।

# ମୋଦିଙ୍କ ଓଡ଼ିଶା ଗସ୍ତ:କଂଗ୍ରେସ-ବିଜେପି ମୁହାଁମୁହିଁ

## ରାବଣର ଅହଙ୍କାର ରହି ନ ଥିଲା



ଭୁବନେଶ୍ୱର,୧।୧୨ (ସଂଚାର ବ୍ୟୁରୋ): ରାଜ୍ୟରେ ଦୁଇ ଦୁଇଟି ଆଇନ୍ ଏ ସରକାର ଚାଲାଉଛି। ଗତକାଲି ଆଇନ୍ ମନ୍ତ୍ରୀ ପୃଥିରାଜ୍ ହରିଚନ୍ଦନ ଦେଇଥିବା ମନ୍ତବ୍ୟ ଉପରେ ଜବାବ ରଖିଲା ଯୁବ କଂଗ୍ରେସ। ମନ୍ତ୍ରୀ କହିଥିଲେ କଂଗ୍ରେସ ଦେଶ ବିରୋଧୀ। ହେଲେ କଂଗ୍ରେସ ହେଉଛି ସ୍ୱାଧୀନତା ସଂଗ୍ରାମୀଙ୍କ ଦାୟାଦ ଓ ବିଜେପି ହେଉଛି ଇଂରେଜମାନଙ୍କ ଦାୟଦ ବୋଲି ସାମ୍ବାଦିକ ସମ୍ମିଳନୀରେ ଜବାବ ଦେଇଛନ୍ତି ଯୁବ କଂଗ୍ରେସ ନେତା ୟାସିର ନୱାଜ।

ସେ କହିଚନ୍ତି, ପୃଥ୍ୱୀରାଜ ହରିଚନ୍ଦନ ଯାହା କହିଛନ୍ତି ତାହା ତାଙ୍କର ବାଚାଳାମି। ସେ ସାମ୍ବିଧାନିକ ପଦବୀରେ ଥାଇ ଯେଉଁଭଳି ଅହଙ୍କାରି ଭାଷା କହିଛନ୍ତି ତାହା ହେଉଛି ରାବଣର ଭାଷା, ଅହଙ୍କାରିର ଭାଷା। ସାମ୍ବିଧାନିକ ପଦବୀରେ ରହି ଯେଉଁଭଳି ଭାବେ ବିରୋଧୀଙ୍କୁ ଭର୍ତ୍ସନା କରିଛନ୍ତି ସେଥିରୁ ତାଙ୍କ ଅହଙ୍କାର ଜଣାପଡୁଛି। ରାବଣର ଅହଙ୍କାର ରହି ନ ଥିଲା କହି କଟାକ୍ଷ କରିଛନ୍ତି ୟାସିର ନବାଜ। ସେପଟେ ବିଜେପି ଭୋଟକୁ ଅପହରଣ କରୁଛି। ପୃଥ୍ୱୀରାଜ କଂଗ୍ରେସ ଜିନ୍ କଥା କହୁଛନ୍ତି, ସେ ନିଜ କଥା ଭାବନ୍ତୁ। ବିରୋଧୀଦଳ ହିସାବରେ ଆମେ ଡିଜି ସମ୍ମିଳନୀକୁ ବିରୋଧ କରୁନୁ, ଆମେ ରାଜ୍ୟର ଆଇନ୍ ଶୃଙ୍ଖଳା ବିଷୟରେ ପଚାରିବାକୁ ଯାଇଥିଲୁ। ରାଜ୍ୟପାଳଙ୍କ ପୁଅ ଉପରେ କଣ ଆକ୍ସନ ନିଆଗଲା ? ସରକାରକୁ ଆସୁ ଆସୁ ଦରଦାମ ପ୍ରଭାବରେ ଆମ୍ବଟାକୁଆ ଖାଇ ଲୋକଙ୍କ ମୃତ୍ୟୁ ହେଲା। କିନ୍ତୁ ସେ ଯେଉଁଭଳି ଭାଷା ଆମପ୍ରତି ପ୍ରୟୋଗ କରିଛନ୍ତି ତାହା ଗ୍ରହଣୀୟ ନୁହେଁ। ଆମେ ତାହାକୁ ନିନ୍ଦା କରୁଛୁ।

## ଦିଶାହୀନ କଂଗ୍ରେସ ପ୍ରଳାପ କରୁଛି



ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଲଗାତାର ୩ ଦିନ ଭୁବନେଶ୍ୱରରେ ରହି ବିଭିନ୍ନ ସରକାରୀ ଓ ଦଳୀୟ କାର୍ଯ୍ୟକ୍ରମରେ ଯୋଗଦେଇଛନ୍ତି। ସେ ଓଡ଼ିଶାରେ ୩ ଦିନ ରହିବା ଆମ ପାଇଁ ଗୌରବର ବିଷୟ। ସ୍ୱାଧୀନତା ପରେ ରାଜ୍ୟରେ ପ୍ରଥମ ଥର ପାଇଁ ଡିଜି ସମ୍ମିଳନୀ ଅନୁଷ୍ଠିତ ହୋଇଛି। ସ୍ୱରାଷ୍ଟ୍ର ମନ୍ତ୍ରୀ ଅମିତ ଶାହଙ୍କ ଠାରୁ ଆରମ୍ଭ କରି ସମସ୍ତ ଡିଜି, ଆଇଜି ଓ ଉଚ୍ଚପଦସ୍ଥ ସୁରକ୍ଷା ଅଧିକାରୀମାନେ ଏଥିରେ ଯୋଗଦେଇ ଆଇନଶୃଙ୍ଖଳା ବିଷୟରେ ଆଲୋଚନା କରିଛନ୍ତି। ମୁଖ୍ୟମନ୍ତ୍ରୀ ମୋହନଚରଣ ମାଝୀ ଏତେ ବଡ଼ ସମ୍ମିଳନୀକୁ ସଫଳ ଭାବେ ପରିଚାଳନା କରିବା ଆମ ସମସ୍ତଙ୍କ ପାଇଁ ଗର୍ବର ବିଷୟ ହୋଇଥିଲେ ସୁଦ୍ଧା ଦିଶାହୀନ କଂଗ୍ରେସ ପ୍ରଳାପ କରୁଛି। ମୋହନ ମାଝୀଙ୍କ ନେତୃତ୍ୱରେ ଦେଶର ବିକାଶ ସହ ତାଳ ଦେଇ ରାଜ୍ୟ ମଧ୍ୟ ଆଗେଇ ଚାଲିଥିବା ବେଳେ ଦିଶାହୀନ କଂଗ୍ରେସ ଏହାକୁ ସହି ନ ପାରି ପ୍ରଳାପ କରୁଛି ବୋଲି ବିଜେପି ରାଜ୍ୟ କାର୍ଯ୍ୟାଳୟରେ ଅନୁଷ୍ଠିତ ସାମ୍ବାଦିକ ସମ୍ମିଳନୀରେ ରାଜ୍ୟ ଯୁବମୋର୍ଚ୍ଚା ସଭାପତି ଅଭିଲାଷ ପଣ୍ଡା କହିଛନ୍ତି। ଶ୍ରୀ ପଣ୍ଡା କହିଛନ୍ତି, ୫୦ ବର୍ଷ ପରେ ବି ନିଜକୁ ଯୁବନେତା ବୋଲି କହୁଥିବା କଂଗ୍ରେସର ଜଣେ ଶୀର୍ଷ ନେତା ସାରା ବିଶ୍ୱରେ ବୁଲିବୁଲି ଦେଶର ସଂସ୍କୃତି ଓ ଗରିମାକୁ ତଳେ ପକାଉଛନ୍ତି। ଦେଶର ମର୍ଯ୍ୟାଦା କ୍ଷୁଣ୍ଣ କରିବା ପାଇଁ ସର୍ବଦା ଉଦ୍ୟମ ଜାରି ରଖିଛନ୍ତି। ତାଙ୍କ ପଦାଙ୍କ ଅନୁସରଣ କରି ଯୁବ କଂଗ୍ରେସ ମଧ୍ୟ ସେଭଳି କାର୍ଯ୍ୟ କରୁଛି। ଅତୀତରେ କଂଗ୍ରେସର ଏହି ଯୁବକମାନେ ରାଜ୍ୟରେ ଅନେକ ଆଇନଶୃଙ୍ଖଳା ପରିସ୍ଥିତି ସୃଷ୍ଟି କରିଛନ୍ତି। ଅଶାନ୍ତି, ବିଶୃଙ୍ଖଳା ସୃଷ୍ଟି କରି ଆଇନ୍ ଶୃଙ୍ଖଳାକୁ ହାତକୁ ନେଉଥିବା କଂଗ୍ରେସ ଯୁବସଙ୍ଗଠନର ଆଇନ୍ ଶୃଙ୍ଖଳା ପରିସ୍ଥିତି ବିଷୟରେ କହିବା ଅତ୍ୟନ୍ତ ଲଜ୍ଜାଜନକ ବିଷୟ। ଓଡ଼ିଶା କଂଗ୍ରେସ ଏକ ମୁଣ୍ଡବିହୀନ ନିର୍ଜୀବ ସଙ୍ଗଠନରେ ପରିଣତ ହୋଇଛି। ନେତାମାନେ ପ୍ରଥମେ ଦଳର ମୁଣ୍ଡ ସ୍ଥିର କରନ୍ତୁ। ହୀନ ମନ୍ତବ୍ୟ ଦେଉଥିବା ଦଳର ଯୁବକମାନଙ୍କୁ ବାରଣ କରନ୍ତୁ ନଚେତ୍ ରାଜ୍ୟବାସୀ ଏହାର ଉଚିତ୍ ଜବାବ୍ ଦେବେ। ଏହି ସାମ୍ବାଦିକ ସମ୍ମିଳନୀରେ ରାଜ୍ୟ ଯୁବମୋର୍ଚ୍ଚା ସାଧାରଣ ସମ୍ପାଦକ ସୁଜିତ୍ ସିଂ, ସମ୍ପାଦକ ସୁବ୍ରତ କୁମାର ବିଶ୍ୱାଳ, ପ୍ରଶାନ୍ତ ପାଇକରାଏ ପ୍ରମୁଖ ଉପସ୍ଥିତ ଥିଲେ।

## ୟୁପିରୁ ଆସୁଛି ୩ଶହ ଟ୍ରକ ଆଳୁ



ଭୁବନେଶ୍ୱର,୧।୧୨(ସଂଚାର ବ୍ୟୁରୋ): ଉତ୍ତର ପ୍ରଦେଶରୁ ଆସୁଛି ୩୦୦ ଟ୍ରକ୍ ଆଳୁ। ସୋମବାର ସୁଦ୍ଧା ଉତ୍ତର ପ୍ରଦେଶରୁ ଆସୁଥିବା ଆଳୁ ଓଡ଼ିଶାରେ ପହଞ୍ଚିବ। ଫଳରେ ରାଜ୍ୟରେ ଆଉ ଆଳୁ ସଙ୍କଟ ରହିବନି। ଏହି ସୂଚନା ଦେଇଛନ୍ତି ଖାଦ୍ୟ ଯୋଗାଣ ଓ ଖାଉଟି କଲ୍ୟାଣ ମନ୍ତ୍ରୀ କୃଷ୍ଣଚନ୍ଦ୍ର ପାତ୍ର। ଏହା ସହିତ ସେ ଅସାଧୁ ବ୍ୟବସାୟୀଙ୍କୁ ଚେତାବନୀ ମଧ୍ୟ ଦେଇଛନ୍ତି। ସେ କହିଛନ୍ତି, ଏବେ ଆଳୁ କିଲୋ ୩୫ ଟଙ୍କାରେ ବିକ୍ରି ହେଉଛି। କେଉଁଠି କେଉଁଠି ଅତି ବେଶୀରେ ୪୦ ଟଙ୍କାରେ ବିକ୍ରି ହେଉଛି। ଏନଫୋର୍ସମେଣ୍ଟ ଟିମ୍ ଗଠନ କରାଯାଇଛି। ଯଦି କୌଣସି ବ୍ୟବସାୟୀ ଅଧିକ ଦରରେ ଆଳୁ ବିକ୍ରି କରିବେ, ତା'ହେଲେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ। ମଙ୍ଗଳବାରଠୁ ପଶ୍ଚିମବଙ୍ଗର ଆଳୁ ବ୍ୟବସାୟୀମାନେ ଆନ୍ଦୋଳନ ଡାକରା ଦେଇଥିବା ବେଳେ ମନ୍ତ୍ରୀ ଶ୍ରୀ ପାତ୍ର କହିଛନ୍ତି, ପଶ୍ଚିମବଙ୍ଗରେ ବର୍ତ୍ତମାନ ୭ ଲକ୍ଷ ମେଟ୍ରିକ ଟନ୍ ଆଳୁ ଗଚ୍ଛିତ ଅଛି। ତାଙ୍କର ଚାହିଦା ଅତି ବେଶୀରେ ୫ ଲକ୍ଷ ମେଟ୍ରିକ ଟନ୍। ତେଣୁ ବାକି ୨ ଲକ୍ଷ ମେଟ୍ରିକ ଟନ୍ ଆଳୁ ସେମାନେ ଅନ୍ୟ ରାଜ୍ୟକୁ ଦେଇପାରିବେ। ପଶ୍ଚିମବଙ୍ଗ ବ୍ୟବସାୟୀମାନେ ଓଡ଼ିଶାକୁ ଆଳୁ ପଠାଇବା ପାଇଁ ଚାହୁଁଛନ୍ତି। କାରଣ ବେଶୀ ଦିନ ଆଳୁ ରହିଲେ ପଚିଯିବ। କିନ୍ତୁ ପଶ୍ଚିମବଙ୍ଗ ସରକାର ଅନୁମତି ଦେଉ ନଥିବାରୁ ବ୍ୟବସାୟୀ କ୍ଷତି ସହିବେ। ସେଥିପାଇଁ ପଶ୍ଚିମବଙ୍ଗର ଆଳୁ ବ୍ୟବସାୟୀ ଆନ୍ଦୋଳନକୁ ଓହ୍ଲାଇଛନ୍ତି। ସେ ଆହୁରି କହିଛନ୍ତି, ଭାରତ ଏକ ଗଣତାନ୍ତ୍ରିକ ରାଷ୍ଟ୍ର। ଯେଉଁ ରାଜ୍ୟରେ ଯେଉଁ ସାମଗ୍ରୀ ଅଧିକ ଉତ୍ପାଦନ ହୁଏ, ସେ ରାଜ୍ୟ ଅନ୍ୟ ରାଜ୍ୟକୁ ରପ୍ତାନୀ କରେ। ହେଲେ ପଶ୍ଚିମବଙ୍ଗ ମୁଖ୍ୟମନ୍ତ୍ରୀଙ୍କ ନିଷ୍ପତ୍ତି ଦ୍ୱାରା ଏହି ଭଲ ବାତାବରଣ ଉପରେ ଭଙ୍ଗା ପଡୁଛି । ଅନ୍ୟ ରାଜ୍ୟକୁ ଆଳୁ ଦେବେନି ବୋଲି ସେ ଯେଉଁ ନିଷ୍ପତ୍ତି ନେଇଛନ୍ତି, ତାହା ଠିକ୍ ନୁହେଁ। ମମତା ସବୁ ରାଜ୍ୟ ପ୍ରତି ସମଭାବନା ରଖିବା ଦରକାର।

## ବିଏମ୍‌ସିରେ ମହାଘୋଟାଲା

ଭୁବନେଶ୍ୱର,୧।୧୨ (ସଂଚାର ବ୍ୟୁରୋ): ଭୁବନେଶ୍ୱର ମହାନଗର ନିଗମରେ ଏଲଇଡି ଷ୍ଟ୍ରିଟ ଲାଇଟ୍ ଲଗାଇବାର ମୁଖ୍ୟ ଉଦ୍ଦେଶ୍ୟ ଥିଲା ବିଦ୍ୟୁତ ସଞ୍ଚୟ ଓ ମହାନଗର ଷ୍ଟ୍ରିଟ ଲାଇଟ୍ ପାଇଁ ହେଉଥିବା ବିଲ୍ ପଇଠ ମଧ୍ୟ କମ୍ ହେବ। ଏହି ଉଦ୍ଦେଶ୍ୟ ନେଇ ମହାନଗର ନିଗମରେ ପୁରୁଣା ସୋଡିୟମ ଷ୍ଟ୍ରିଟ ଲାଇଟ୍ ବଦଳା ଯାଇ ଏଲଇଡି ଲାଇଟ୍ ଲଗାଗଲା। ଆହୁରି ମଧ୍ୟ ଯେଉଁ ସ୍ଥାନରେ ଷ୍ଟ୍ରିଟ ଲାଇଟ୍ ନଥିଲା ସେହି ସ୍ଥାନ ଗୁଡିକରେ ନୂତନ ଭାବେ ଏଲଇଡି ଷ୍ଟ୍ରିଟ ଲାଇଟ୍ ଅଧିକାରୀଙ୍କ ସୁପାରିସ କ୍ରମେ ଲଗାଗଲା। ଏହି ଏଲଇଡି ଲାଇଟ୍ ଲଗାଯିବା ପରେ ଏହାକୁ ମରାମତି କରିବା ପାଇଁ ୧୩ କୋଟି ରୁ ଉର୍ଦ୍ଧ୍ୱ ଟଙ୍କା ବ୍ୟୟ ହୋଇଛି। ମରାମତି ନାମରେ ବିଏମସି ର ଅଧିକାରୀ, ଯନ୍ତ୍ରୀ ଓ ଠିକାଦାର ଅସାଧୁ ମେଣ୍ଟ ହରିଲୁଟ କରିଥିବାର ଅଭିଯୋଗ ହେଉଛି।

BHUBANESWAR MUNICIPAL CORPORATION BMC

**ଏଲଇଡି ଲାଇଟ୍ ମରାମତି ନାଁରେ ୯ ବର୍ଷରେ ୧୩ କୋଟିରୁ ଉର୍ଦ୍ଧ୍ୱ ଟଙ୍କା ହରିଲୁଟ !**

ପୁରୁଣା ସୋଡିୟମ ଷ୍ଟ୍ରିଟ ଲାଇଟ୍ କୁ ୨ ଟି ପର୍ଯ୍ୟାୟ ରେ ବଦଳା ଯାଇ ଏଲଇଡି ଷ୍ଟ୍ରିଟ ଲାଇଟ୍ ଲଗାଯାଇଛି। ପ୍ରଥମ ପର୍ଯ୍ୟାୟରେ ୨୦ ହଜାର, ଦ୍ୱିତୀୟ ପର୍ଯ୍ୟାୟରେ ୧୫ ହଜାର ଏଭଳି ଭାବେ ମୋଟ ୩୫ ହଜାର ସୋଡିୟମ ଲାଇଟ୍ ବଦଳା ଯାଇଛି। ଏହି ଷ୍ଟ୍ରିଟ ଲାଇଟ୍ ବଦଳାଇବା ପାଇଁ ଗୃହ ଓ ନଗର ଉନ୍ନୟନ ବିଭାଗ ଟେଣ୍ଡର କରି ଅର୍ଥ ଖର୍ଚ୍ଚ କରିଥିଲା। ଏହା ବାଦ୍ ବିଏମ୍‌ସି ୨୦୧୪ ରୁ ୨୦୨୩ ମସିହା ମଧ୍ୟରେ ନୂତନ ଭାବେ ୪୧ ହଜାର ଏଲଇଡି ଷ୍ଟ୍ରିଟ ଲାଇଟ୍ ଲଗାଇଛି। ଖୁଣ୍ଟ, ଏଲଇଡି ଲାଇଟ୍ ଓ ଏହାକୁ ଲଗାଇବା ବାବଦରେ ମହାନଗର ନିଗମ ୯ କୋଟି ୫୯ ଲକ୍ଷ ୪୫ ହଜାର ଟଙ୍କା ବ୍ୟୟ କରିଛି। ମହାନଗର ନିଗମ ଟେଣ୍ଡର ପ୍ରକ୍ରିୟାରେ ଠିକାଦାର ଚୟନ କରାଯାଇଛି ବୋଲି କହୁଛି। କିନ୍ତୁ ଏହି ଟେଣ୍ଡର ପ୍ରକ୍ରିୟାରେ ବ୍ୟାପକ ଅନିୟମିତତା କରାଯାଇଛି।

ମହାନଗର ନିଗମରେ ୨୦୨୩ ଡିସେମ୍ବର ସୁଦ୍ଧା ୭୬ ହଜାର ଏଲଇଡି ଷ୍ଟ୍ରିଟ ଲାଇଟ୍ ଅଛି ବୋଲି ତଥ୍ୟରୁ ଜଣାପଡ଼ିଛି। ଅପରପକ୍ଷରେ ୨୦୧୪ ମସିହା ରୁ ୨୦୨୩ ମସିହା ମଧ୍ୟରେ ଏହି ଲାଇଟ୍ ଗୁଡିକର ମରାମତି ପାଇଁ ୧୩ କୋଟି ୯ ଲକ୍ଷ ୩୧ ହଜାର ଟଙ୍କା ଭୁବନେଶ୍ୱର ମହାନଗର ନିଗମ ଖର୍ଚ୍ଚ କରିଛି। ଏଠାରେ ପ୍ରଶ୍ନ ଉଠିଛି ଯେ ୪୧ ହଜାର ନୂଆ ଷ୍ଟ୍ରିଟ ଲାଇଟ୍ ଲଗାଇବା ପାଇଁ ଯେତିକି ଖର୍ଚ୍ଚ ହୋଇଛି ତାହା ଠାରୁ ଢେର ଗୁଣା ଅଧିକା ମରାମତି ପାଇଁ ଖର୍ଚ୍ଚ ହୋଇଛି। ତେବେ ଷ୍ଟ୍ରିଟ ଲାଇଟ୍ ଲଗାଯାଉ ଯାଉ କଣ ଏହାକୁ ମରାମତି କରାଯାଇଛି ? କେଉଁ କମ୍ପାନୀ ର ଏଲଇଡି ଲାଇଟ୍ ଓ ଖୁଣ୍ଟ ଲଗାଯାଇଛି ଏହାର ୱାରେଣ୍ଟି କେତେ ବର୍ଷ ପର୍ଯ୍ୟନ୍ତ ଥିଲା ? ଯେଉଁ କମ୍ପାନୀ ର ଲଗାଯାଇଛି ବୋଲି ଉଲ୍ଲେଖ ଅଛି ବାସ୍ତବରେ କିନ୍ତୁ ସେହି କମ୍ପାନୀର ଲାଇଟ୍ ଲାଗିନାହିଁ। ଏଥିରେ ନକଲି କରାଯାଇଛି। ଯାହାକି ତଦନ୍ତ ସାପେକ୍ଷ। ଆହୁରି ମଧ୍ୟ ଏହି ଏଲଇଡି ଲାଇଟ୍ ଲଗାଯିବା ଦ୍ୱାରା କେତେ ପରିମାଣର ବିଦ୍ୟୁତ୍ ବିଲ୍ କମିବା ପାଇଁ ସର୍ତ୍ତ ଥିଲା କେତେ କମିଛି ଏହାର ସମୀକ୍ଷା ହେବା ଆବଶ୍ୟକ। ମହାନଗର ନିଗମ ଅଧିକାରୀ ଓ ବିଦ୍ୟୁତ୍ ବିଭାଗର ଯନ୍ତ୍ରୀ ମାନେ ଏହି ଘୋଟାଲାରେ ସାମିଲ ଥିବା ବେଳେ କାଗଜପତ୍ରରେ ମରାମତି ଓ ଲାଇଟ୍ ଲଗାଇବା ନାମରେ କୋଟି କୋଟି ଟଙ୍କା ଚଳୁ କରାଯାଇଥିବାର ଅଭିଯୋଗ ହେଉଛି। ବିଦ୍ୟୁତ୍ ବିଲ୍ କମାଇବା ପାଇଁ ମହାନଗର ନିଗମରେ ଏଲଇଡି ଷ୍ଟ୍ରିଟ ଲାଇଟ୍ ଲଗାଇବାରେ ହୋଇଥିବା ଦୁର୍ନୀତିକୁ ନୂତନ ସରକାର ତଦନ୍ତ କଲେ ବହୁ କେଲେଙ୍କାରି ସାମ୍ନାକୁ ଆସିବ ବୋଲି ମତ ପ୍ରକାଶ ପାଇଛି।

## ଏଥର କଂସ ଭୂମିକାରେ ଭୁବନେଶ୍ୱର ପ୍ରଧାନ



ବରଗଡ଼,୧।୧୨(ସଂଚାର ବ୍ୟୁରୋ): ବିଶ୍ୱ ପ୍ରସିଦ୍ଧ ବରଗଡ଼ ଧନୁଯାତ୍ରାକୁ ନୂଆ କଂସ ମିଳିଛି। ଏଥର ଭୁବନେଶ୍ୱର ପ୍ରଧାନ କଂସ ଭୂମିକାରେ ଅବତୀର୍ଣ୍ଣ ହେବେ। ଧନୁଯାତ୍ରା ସମୟରେ ବରଗଡ଼ ସହରରେ ରାଜ୍ କରିବେ। ଚୟନ କମିଟି ରବିବାର ଭୁବନେଶ୍ୱର ପ୍ରଧାନଙ୍କ ନାମରେ ମୋହର ମାରିଛି। ଶ୍ରୀ ପ୍ରଧାନ ଅନ୍ୟ ୩ ଜଣଙ୍କୁ ପଛରେ ପକାଇ କଂସ ଭୂମିକା ପାଇଁ ବାଜି ମାରିଛନ୍ତି। ସ୍ଥାନୀୟ ବିଜୁ ପଟ୍ଟନାୟକ ଟାଉନ ହଲରେ ଧନୁଯାତ୍ରା କମିଟି ତରଫରୁ ଅଡିସନ କରାଯାଇଥିଲା। ଭୁବନେଶ୍ୱର ପଧାନ, ଜଗଦାନନ୍ଦ ମିଶ୍ର, ଆର୍ତ୍ତତ୍ରାଣ ସୁନାନି ଓ ସୁଶୀଲ ମେହେର ଏଥିରେ ସାମିଲ ହୋଇଥିଲେ। ଏହି ୪ ଜଣ ୨୦୨୨ ମସିହାରେ ଦ୍ୱିତୀୟରୁ ପଞ୍ଚମ ସ୍ଥାନ ମଧ୍ୟରେ ଥିଲେ। ମନୋନିତ ହେବା ପରେ ଶ୍ରୀ ପ୍ରଧାନ କହିଛନ୍ତି, ଧନୁଯାତ୍ରାରେ କଂସ ଭୂମିକା ତୁଲାଇବା ମୋ ପାଇଁ ନୂଆଁ କଥା ନୁହେଁ। ପୂର୍ବରୁ ମଧ୍ୟ ବରଗଡ଼ ମୁକ୍ତାକାଶ ରଂଗମଂଚରେ କଂସ ଭୂମିକାରେ ଅବତୀର୍ଣ୍ଣ ହୋଇଛି। ଚଳିତ ଥର ଚୟନ କମିଟି ମୋ ଉପରେ ଭରସା ରଖିଛି। ବହୁତ ଭଲ ପ୍ରଦର୍ଶନ କରିବି ବୋଲି ଆଶା ରଖିଛି।ସୂଚନାଯୋଗ୍ୟ, ୭୭ତମ ବରଗଡ଼ ଧନୁଯାତ୍ରାର ଶୁଭସ୍ତମ୍ଭ ଡିସେମ୍ବର ୪ରେ ସ୍ଥାପିତ ହେବ। ଏଥର କାର୍ଯ୍ୟକାରୀ କମିଟି ହୃଷିକେଶ ଭୋଇଙ୍କ ସ୍ଥାନ ଅନ୍ୟ ଜଣେ କଳାକାର ନେବେ ବୋଲି ନିଷ୍ପତ୍ତି ହୋଇଥିଲା। ହୃଷିକେଶ ଭୋଇଙ୍କ ବିରୋଧରେ ଲାଞ୍ଚ ଅଭିଯୋଗ ଥିବାରୁ ତାଙ୍କୁ କଂସ ଭୂମିକାରୁ ବାଦ ଦିଆଯାଇଛି।

# ନୌସେନା ଦିବସ ପୂର୍ବରୁ ଫୁଲଡ୍ରେସ୍ ରିହର୍ସାଲ



ପୁରୀ,୧।୧୨ (ସଂଚାର ବ୍ୟୁରୋ): ଆସନ୍ତା ୪ରେ ନୌସେନା ଦିବସ। ପୁରୀ ବେଳାଭୂମିରେ ପରାକ୍ରମ ଦେଖାଇବ ନୌସେନା। ଯୁଦ୍ଧ କୌଶଳ ପ୍ରଦର୍ଶନରେ ନୌସେନା ଯବାନ, ୧୫ ଯୁଦ୍ଧ ଜାହାଜ, ୪୦ ଯୁଦ୍ଧ ବିମାନ ସାମିଲ ହେବେ। ଏହା ପୂର୍ବରୁ ରବିବାର ବ୍ଲୁ ଫ୍ଲାଗ ବିଚରେ ନୌସେନା ପକ୍ଷରୁ ଫୁଲ ଡ୍ରେସ୍ ରିହର୍ସାଲ କରାଯାଇଛି। ସୋମବାର ମଧ୍ୟ ରିହର୍ସାଲ ହେବ। କାର୍ଯ୍ୟକ୍ରମରେ ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ, ରାଜ୍ୟପାଳ ରବିବର ଦାସ, ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ, ତିନି ବାହିନୀ ମୁଖ୍ୟ, ବରିଷ୍ଠ ସେନା ଅଧିକାରୀ ପ୍ରମୁଖଙ୍କ ସମେତ ୭ ହଜାର ୫ ଶହ ଅତିଥି ଯୋଗଦେବେ। କାର୍ଯ୍ୟକ୍ରମକୁ ଗଜପତି ଦିବ୍ୟସିଂହ ଦେବଙ୍କୁ ନିମନ୍ତ୍ରଣ କରାଯାଇଛି।

ପୁରୀରେ ଆଜି ଏକ ସାମ୍ବାଦିକ ସମ୍ମିଳନୀରେ ଆଇଏନ୍‌ଏସ୍ ଚିଲିକାର ଇନଚାର୍ଜ ଦିପକ ଅନିଲ କହିଛନ୍ତି, ୪ ତାରିଖରେ ଚୁଡାନ୍ତ ପ୍ରଦର୍ଶନୀ ରାଷ୍ଟ୍ରପତିଙ୍କ ସମ୍ମୁଖରେ କରାଯିବ। ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ ପୁରୀ ରାଜଭବନରୁ ବ୍ଲୁ ଫ୍ଲାଗ ବିଚରେ ହୋଇଥିବା ସ୍ୱତନ୍ତ୍ର ମଞ୍ଚରେ ଅପରାହ୍ଣ ୩.୫୫ରେ ପହଞ୍ଚିବେ। ସେଠାରେ ନୌସେନା ପକ୍ଷରୁ ସେରିମନିଆଲ ଗାର୍ଡ ପ୍ରଦାନ କରାଯିବ। ୪.୭ରେ ଯୁଦ୍ଧକଳା କୌଶଳ ପ୍ରଦର୍ଶନ କରାଯିବ ଓ ୫.୨୫ରେ କାର୍ଯ୍ୟକ୍ରମ ଶେଷ ହେବ ଓ ରାଷ୍ଟ୍ରପତି ପୁରୀ ରାଜଭବନକୁ ପ୍ରତ୍ୟାବର୍ତ୍ତନ କରିବେ। ସେନା ପକ୍ଷରୁ ୫.୨୫ରେ ଦର୍ଶକଙ୍କ ପାଇଁ ଆକର୍ଷଣୀୟ ଡ୍ରୋନ୍ ଏବଂ ଲେଜର ସୋ' କରାଯିବ। ପୂର୍ବ କାଳରେ ଓଡ଼ିଶାର ନୌବାଣିଜ୍ୟ ଓ ବୀରତ୍ୱର ପ୍ରଥାକୁ ଉଜ୍ଜୀବିତ କରିବା ପାଇଁ ଚଳିତ ବର୍ଷ ପୁରୀ ସମୁଦ୍ରରେ ନୌସେନା ଦିବସ ପାଳନ କରାଯାଉଥିବା ନୌସେନା ଅଧିକାରୀ କହିଛନ୍ତି। ରାଷ୍ଟ୍ରପତିଙ୍କ ସୁରକ୍ଷା ବ୍ୟବସ୍ଥା ନେଇ ପୁରୀ ଏସ୍‌ପି ବିନୀତ ଅଗ୍ରୱାଲ କହିଛନ୍ତି, ପୁରୀ ସହରରେ ୮୫ ପ୍ଲାଟୁନ ପୋଲିସ ଫୋର୍ସ ମୁତୟନ କରାଯିବ। କାର୍ଯ୍ୟକ୍ରମ ଦେଖିବାକୁ ବେଳାଭୂମିରେ ଲକ୍ଷ ଲକ୍ଷ ଦର୍ଶକ ସମବେତ ହେବାର ସମ୍ଭାବନା ରହିଛି। ଭିଡ ନିୟନ୍ତ୍ରଣ, ଟ୍ରାଫିକ ସୁପରିଚାଳନା, ପାର୍କିଂ ସହ ବିଭିନ୍ନ ସୁରକ୍ଷା ବ୍ୟବସ୍ଥା ପାଇଁ ୧୪ ଏସ୍‌ପି ରାଙ୍କର ଅଧିକାରୀ ନିୟୋଜିତ ରହିବେ। ସେମାନଙ୍କୁ ଅତିରିକ୍ତ ଏସପି, ଡିଏସପି ଏବଂ ଇନ୍ସପେକ୍ଟର ରାଙ୍କର ଅଧିକାରୀ ସହଯୋଗ କରିବେ। ୪ ତାରିଖ ଦିନ ଲାଗୁ କରାଯିବ। ଦର୍ଶକମାନେ ଦିଗବାରେଣି ଛକରୁ ଷ୍ଟର୍ଲିଂ ଛକ ଯାଏ ବେଳାଭୂମିରେ ଉପସ୍ଥିତ ରହି ନୌସେନା ଦିବସ ଦେଖିପାରିବେ। ଜିଲ୍ଲାପାଳ ସିଦ୍ଧାର୍ଥ ଶଙ୍କର ସ୍ୱାଇଁ କହିଛନ୍ତି, ଦିନ ୧୦.୧୫ରେ ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ ଶ୍ରୀମନ୍ଦିର ଯାଇ ମହାପ୍ରଭୁଙ୍କୁ ଦର୍ଶନ କରିବେ। ଦିନ ୧୧ ଟା ଯାଏଁ ରାଷ୍ଟ୍ରପତି ଶ୍ରୀମନ୍ଦିରରେ ରହିବା ପରେ ସେଠାରୁ ଗୋପବନ୍ଧୁ ଆୟୁର୍ବେଦ ମହାବିଦ୍ୟାଳୟ ହୀରକ ଜୟନ୍ତୀରେ ଯୋଗ ଦେବେ।। ପରେ ରାଜଭବନ ଯାଇ କିଛି ସମୟ ବିଶ୍ରାମ ନେବା ପରେ ନୌସେନା ଦିବସ କାର୍ଯ୍ୟକ୍ରମରେ ସାମିଲ ହେବେ।

- **କୌଶଳ ପ୍ରଦର୍ଶନ କରିବେ ୧୫ ଯୁଦ୍ଧ ଜାହାଜ ଓ ୪୦ ଏୟାରକ୍ରାଫ୍ଟ**
- **ରାଷ୍ଟ୍ରପତିଙ୍କ ପାଇଁ କଡ଼ା ସୁରକ୍ଷା, ପୁରୀ ଜଗିବେ ୮୫ ପ୍ଲାଟୁନ ଫୋର୍ସ**

## କଳାରେ କଳଙ୍କ

## ଜିଅନ୍ତା ଘୁଷୁରି ଖାଇଲେ ଅଭିନେତା

ବ୍ରହ୍ମପୁର,୧।୧୨ (ସଂଚାର ବ୍ୟୁରୋ): ଗଞ୍ଜାମ ଜିଲା ହିଞ୍ଜିଳିକାଟୁ ବ୍ଲକ ରାଳବ ଗାଁ କାଞ୍ଜିଅଁଳା ଯାତ୍ରା ମଞ୍ଚରେ କଳାକାର ଜିଅନ୍ତା ଘୁଷୁରି ମାରି ଖାଇବା ଓ ସାପ ଖେଳକୁ ନେଇ ଭିଡିଓ ଭାଇରାଲ ହେବାରେ ଲାଗିଛି। ଏହି ଘଟଣାକୁ ନେଇ ବିଭିନ୍ନ ମହଲରେ ତୀବ୍ର ପ୍ରତିକ୍ରିୟା ପ୍ରକାଶ ପାଇଛି। ଏହି ଅମାନବୀୟ ଦୃଶ୍ୟ ଯାତ୍ରା ପେଣ୍ଡାଲରେ ପରିବେଷଣ ବେଳେ ଶତାଧିକ ଦର୍ଶକ ଦେଖିବା ସହ ଭିଡିଓ ଉତ୍ତୋଳନ କରିଥିଲେ। ଏହି ଘଟଣାକୁ ନେଇ ପରିବେଶବିତ୍ ଓ ପଶୁପ୍ରେମୀଙ୍କ ମଧ୍ୟରେ ଉଦ୍‌ବେଗ ପ୍ରକାଶ ପାଇଛି। ଜୀବଜନ୍ତୁଙ୍କ ଉପରେ ନିଷ୍ଠୁରତା ଅନୁଯାୟୀ ଆଇନଗତ କାର୍ଯ୍ୟାନୁଷ୍ଠାନ ନେବା ପାଇଁ ବିଭିନ୍ନ ମହଲରୁ ଦାବି ହୋଇଛି। ଗତ ୨୪ତାରିଖରେ ହିଞ୍ଜିଳି ବ୍ଲକ ରାଳବ ଗାଁରେ କାଞ୍ଜିଅଁଳା ଯାତ୍ରା ମଞ୍ଚରେ ସାପ ଖେଳ ହୋଇଥିଲା। ଏହାର ଏକ ଭିଡିଓ ସୋସିଆଲ ମିଡିଆରେ ଘୂରି ବୁଲୁଛି। ଏ ନେଇ ଏକ୍ସ ଯୋଗେ ପିସିସିଏଫ ୱାଇଲ୍ଡ ଲାଇଫ ନିଟକରେ ଅଭିଯୋଗ ହୋଇଛି। ଉକ୍ତ ଦିନ ଦୁଇଟି ଯାତ୍ରା ମଞ୍ଚରେ ପୌରାଣିକ ରାମାୟଣ ନାଟକ ହୋଇଥିଲା। ପରେ ଗୋଟିଏ ମଞ୍ଚରେ ଏକ ଜିଅନ୍ତା ଘୁଷୁରି ମାରି ଖାଇବା ମଧ୍ୟ ପ୍ରଦର୍ଶନ ହୋଇଥିବା ଅଭିଯୋଗ ହୋଇଛି।କହିଛନ୍ତି।

Printed, Published and owned by Sri Saroj Kumar Nayak of Plot No.495, Nilakantha Nagar, Nayapalli, Bhubaneswar and Printed at Khetramani Printing Press, At - Darakhapatna, Po - Kalyani Nagar, Dist-Cuttack-753013 and Published at Plot No.312, Flat No.003, Greenhigh Appartment, Kharavela Nagar, Bhubaneswar-751001 (Odisha) Ph. No. 9437227777/ 8093008776

Editor: Subhransu Bhusan Kar
ସମ୍ପାଦକ: ଶୁଭ୍ରାଂଶୁ ଭୂଷଣ କର




# ଏଣିକି ଏଟିଏମ୍‌ରୁ ଉଠାଇପାରିବେ ପିଏଫ୍ ଟଙ୍କା !

**ନୂଆଦିଲ୍ଲୀ,୧।୧୨:** ଏଣିକି ପିଏଫ ଟଙ୍କା ଉଠାଇବାକୁ ମାସ ମାସ ଅପେକ୍ଷା କରିବାକୁ ପଡ଼ିବନି । ଏବେ ଏଟିଏମରୁ ତୁରନ୍ତ ଉଠାଇପାରିବେ ପିଏଫ ଟଙ୍କା। ଯଦି ଆପଣ ମଧ୍ୟ ଏକ ବେତନ ପ୍ରାପ୍ତ ଶ୍ରେଣୀ କର୍ମଚାରୀ ଓ ପ୍ରତି ମାସରେ ଆପଣଙ୍କ ବେତନରୁ ପିଏଫ କଟୁଛି, ତେବେ ଏହି ଖବର ଆପଣଙ୍କ ପାଇଁ । କର୍ମଚାରୀଙ୍କ ସୁବିଧା ପାଇଁ ସରକାର ବଡ଼ ଘୋଷଣା କରିଛନ୍ତି।




ଶ୍ରମ ମନ୍ତ୍ରଣାଳୟ ପିଏଫ୍ କଣ୍ଟ୍ରିବ୍ୟୁଶନରେ ପରିବର୍ତ୍ତନ ପାଇଁ ପ୍ରସ୍ତୁତ ହେଉଛି। ଯାହା ଫଳରେ ଅବସର ପରେ କର୍ମଚାରୀଙ୍କ ପେନଶନ ବୃଦ୍ଧି ପାଇବ। ଏହା ବ୍ୟତୀତ ସରକାର ଇପିଏଫ୍‌ଓ ୩.୦ ଯୋଜନା କରୁଛନ୍ତି ବୋଲି ମଧ୍ୟ ଖବର ଆସୁଛି। ପାନ ୨.୦ ଲଞ୍ଚ ହେବାର ଅଳ୍ପ ସମୟ ପରେ କେନ୍ଦ୍ର ସରକାର ବର୍ତ୍ତମାନ ଇପିଏଫ୍‌ଓ ୩.୦ ସ୍କିମ ଆରମ୍ଭ କରିବାକୁ ପ୍ରସ୍ତୁତ ହେଉଛନ୍ତି, ଯେଉଁଥିରେ ଅନେକ ନୂଆ ଫିଚର୍ସ ସାମିଲ ହେବ ବୋଲି ଆଶା କରାଯାଉଛି । ଏଥି ସହିତ, କର୍ମଚାରୀଙ୍କ ପ୍ରୋଭିଡେଣ୍ଟ ଫଣ୍ଡ ସଂଗଠନ (ଇପିଏଫଏ) ପ୍ରୋଭିଡେଣ୍ଟ ଫଣ୍ଡ (ପିଏଫ)ରେ କର୍ମଚାରୀଙ୍କ କଣ୍ଟ୍ରିବ୍ୟୁଶନ ଉପରେ ୧୨ ପ୍ରତିଶତ ଲିମିଟକୁ ହଟାଯାଇପାରେ ।

ରିପୋର୍ଟ ଅନୁଯାୟୀ, କର୍ମଚାରୀମାନେ ଯେକୌଣସି ସମୟରେ ନିର୍ଦ୍ଧାରିତ ଲିମିଟଠାରୁ ଅଧିକ କଣ୍ଟ୍ରିବ୍ୟୁଶନ କରିବାର ସୁବିଧା ପାଇପାରିବେ, ଯାହା ଗ୍ରାହକଙ୍କୁ ଅଧିକ ଫାଇନାନ୍ସିଆଲ ଫ୍ଲେକ୍ସିବିଲିଟି ପ୍ରଦାନ କରିବ । ତଥାପି, କର୍ମଚାରୀଙ୍କ ଦରମା ଆଧାରରେ ନିଯୁକ୍ତିଦାତାର କଣ୍ଟ୍ରିବ୍ୟୁସନ ନିର୍ଣ୍ଣୟ କରାଯିବ, ଯେଉଁ କାରଣରୁ ନିଯୁକ୍ତିଦାତାଙ୍କ ଉପରେ କୌଣସି ଅତିରିକ୍ତ ଆର୍ଥିକ ବୋଝ ପଡ଼ିବ ନାହିଁ ।

ସରକାରଙ୍କ ଏହି ପଦକ୍ଷେପ ଫଳରେ ଗ୍ରାହକମାନେ ସିଧାସଳଖ ଏଟିଏମ ମାଧ୍ୟମରେ ପିଏଫ୍ ରାଶି ଉଠାଇପାରିବେ । ଏଟିଏମ ମାଧ୍ୟମରେ ପିଏଫ୍ ଟଙ୍କା ଉଠାଣକୁ ସୁଗମ କରିବା ପାଇଁ ଶ୍ରମ ମନ୍ତ୍ରଣାଳୟ ମଧ୍ୟ କାର୍ଡ ପ୍ରଦାନ ଉପରେ କାର୍ଯ୍ୟ କରୁଛି। ଏହି ସୁବିଧା ମେ-ଜୁନ ୨୦୨୫ ସୁଦ୍ଧା କାର୍ଯ୍ୟକ୍ଷମ ହେବ ବୋଲି ଆଶା କରାଯାଉଛି, ଯାହା ଇପିଏଫ୍‌ଓ ଗ୍ରାହକଙ୍କ ପାଇଁ ସୁବିଧାକୁ ଆହୁରି ଉନ୍ନତ କରିବ । କେନ୍ଦ୍ର ସରକାର କର୍ମଚାରୀଙ୍କ ପେନଶନ ସ୍କିମ ୧୯୯୫ (ଇପିଏସ୍-୯୫) ରେ ସଂଶୋଧନ ଉପରେ ବିଚାର କରୁଛନ୍ତି। ନଭେମ୍ବର ୨୮ ରେ ଏକ ପିଟିଆଇ ରିପୋର୍ଟରେ ଦର୍ଶାଯାଇଛି ଯେ ଶ୍ରମ ମନ୍ତ୍ରଣାଳୟ କର୍ମଚାରୀମାନଙ୍କୁ ସିଧାସଳଖ ଇପିଏସ୍-୯୫ରେ କଣ୍ଟ୍ରିବ୍ୟୁସନ କରିବାକୁ ଅନୁମତି ଦେବା ପାଇଁ ବିକଳ୍ପ ଅନୁସନ୍ଧାନ କରୁଛି। ଏଥିସହ ସରକାର ଇପିଏଫ କଣ୍ଟ୍ରିବ୍ୟୁସନ ପାଇଁ ଦରମା ସୀମା ବୃଦ୍ଧି କରିବାକୁ ଯୋଜନା କରୁଛନ୍ତି। ୨୦୧୪ ସଂଶୋଧନ ପରେ ଏକ ଦଶନ୍ଧି ମଧ୍ୟରେ ଏହା ପ୍ରଥମ ବୃଦ୍ଧି ହେବ । ୧୦ ବର୍ଷ ପୂର୍ବେ ଏହି ସୀମା ୬,୫୦୦ ରୁ ୧୫,୦୦୦ ଟଙ୍କାକୁ ବୃଦ୍ଧି କରାଯାଇଥିଲା। ଦି ଇକୋନୋମିକ ଟାଇମ୍ସରେ ପ୍ରକାଶିତ ଏକ ରିପୋର୍ଟ ଅନୁଯାୟୀ, ଏହି ନୂଆ ଲିମିଟ ୭,୦୦୦ ରୁ ୨୧,୦୦୦ ଟଙ୍କାକୁ ବୃଦ୍ଧି ପାଇପାରେ, ଯାହାଦ୍ୱାରା କର୍ମଚାରୀମାନଙ୍କ ପାଇଁ ଅବସରକାଳୀନ ସୁବିଧା ସୁନିଶ୍ଚିତ ହେବ ।

# ସମୁଦ୍ରରୁ ଖଣି ଖନନ କରିବ ଭାରତ



**ନୂଆଦିଲ୍ଲୀ,୧।୧୨:** ସମୁଦ୍ର ଭିତରେ ଥିବା ଖଣିରୁ ଗୁରୁତ୍ୱପୂର୍ଣ୍ଣ ଧାତବ ସାମଗ୍ରୀ ଉତ୍ତୋଳନ ହେବ। କେନ୍ଦ୍ର ସରକାର ପ୍ରଥମ ପର୍ଯ୍ୟାୟରେ ୧୩ଟି ଖଣିର ନିଲାମ ପ୍ରକ୍ରିୟା ନିକଟରେ ଆରମ୍ଭ କରିଛନ୍ତି। ଏହାଦ୍ୱାରା ଭାରତର ଜଳସୀମା ମଧ୍ୟରେ ଥିବା ଖଣିଜ ସାମଗ୍ରୀର ଖନନ ଦିଗରେ ଭାରତ ପଦକ୍ଷେପ ନେବା ଆରମ୍ଭ କରିଛି। ଉକ୍ତ ନିଲାମକୁ କେନ୍ଦ୍ର ଖଣି ମନ୍ତ୍ରୀ ଜି କିଶାନ ରେଡ୍ଡିଙ୍କ ସମେତ ମନ୍ତ୍ରାଳୟର ଅନ୍ୟ ଅଧିକାରୀମାନେ ଆରମ୍ଭ କରିଛନ୍ତି। ଭାରତର ସମୁଦ୍ରରେ ଥିବା ଅର୍ଥନୈତିକ ସାମଗ୍ରୀକୁ ଦେଶର ବିକାଶ ଦିଗରେ ଉପଯୋଗ କରାଯାଇ ପାରିବ। ଏଥିସହିତ ବିକଶିତ ଭାରତ ଯାତ୍ରାରେ ଏହା ଏକ ଅଂଶବିଶେଷ ପାଲଟିବ। ବିଶ୍ୱର ଅନେକ ଦେଶ ସମୁଦ୍ରରେ ଖଣି ଖନନ କାର୍ଯ୍ୟ କରୁଛନ୍ତି। ବର୍ତ୍ତମାନ ଭାରତ ଏଥିରେ ସାମିଲ ହେବ। ବ୍ୟବସାୟକୁ ସହଜ କରିବା ପାଇଁ ଖଣି ମନ୍ତ୍ରାଳୟ ଅନେକ ପଦକ୍ଷେପ ନେଉଛି ବୋଲି ମନ୍ତ୍ରୀ ଏହି ଅବସରରେ କହିଛନ୍ତି।

ସମୁଦ୍ରରୁ ସାମଗ୍ରୀ ଉତ୍ତୋଳନ କ୍ଷେତ୍ରରେ ନୂଆ ଯୁଗର ଆରମ୍ଭ ହେଲା। ଭାରତରେ ଇଇଜେଡ୍ (ଏକ୍ସକ୍ଲୁସିଭ ଇକୋନୋମିକ୍ ଜୋନ୍)ରେ ଥିବା ଖଣିଜସାମଗ୍ରୀଗୁଡ଼ିକ ଭିତ୍ତିଭୂମି, ବିଦ୍ୟୁତ ଯାନ ଏବଂ ଅକ୍ଷୟ ଶକ୍ତି, ଆଦି କ୍ଷେତ୍ରରେ ଭାରତକୁ ଆତ୍ମନିର୍ଭରଶୀଳ ଦିଗରେ ଆଗକୁ ନେବ। ଭାରତର ଇଇଜେଡ୍ ୨ ନିୟୁତ ବର୍ଗ କିଲୋମିଟର ପରିବ୍ୟାପ୍ତ ହୋଇଥିବାବେଳେ ଏଥିରେ ବିପୁଳ ଖଣିଜ ସାମଗ୍ରୀ ରହିଥିବା ଅନୁମାନ କରାଯାଉଛି।

# କରାଇ ନିଅନ୍ତୁ ଆଧାର କାର୍ଡ ସମ୍ବନ୍ଧୀୟ କାମ ଏଇ ମାସରେ ସରୁଛି ଡେଡଲାଇନ୍

**ନୂଆଦିଲ୍ଲୀ,୧।୧୨:** ବର୍ଷର ଶେଷ ମାସ ଡିସେମ୍ବର ଆରମ୍ଭ ହୋଇଯାଇଛି। ଚଳିତ ମାସରେ ଅନେକ କାର୍ଯ୍ୟ କରିବାର ଶେଷ ତାରିଖ ମଧ୍ୟ ରହିଛି, ଯେଉଁଥିରେ ଆପଣଙ୍କ ଆଧାର ସମ୍ବନ୍ଧୀୟ କାର୍ଯ୍ୟ ରହିଛି। ମାଗଣାରେ ହେଉଥିବା ଆଧାର କାର୍ଡ ଅପଡେଟ ଡେଡଲାଇନ୍ ଚଳିତ ମାସରେ ଶେଷ ହେଉଛି।




ୟୁନିକ୍ ଆଇଡେଣ୍ଟିଫିକେସନ୍ ଅଥରିଟି ଅଫ୍ ଇଣ୍ଡିଆ (ୟୁଆଇଡିଏଆଇ) ମାଗଣାରେ ଆଧାର ଅପଡେଟ କରିବାର ଶେଷ ତାରିଖ ୧୪ ଡିସେମ୍ବର ୨୦୨୪ ରଖିଛି। ପୂର୍ବରୁ ଏହା ୧୪ ସେପ୍ଟେମ୍ବର ରହିଥିଲା ବେଳେ ପରେ ତିନିମାସ ବୃଦ୍ଧି କରାଯାଇଥିଲା। ନିର୍ଦ୍ଧାରିତ ତାରିଖ ପରେ ଆପଣଙ୍କୁ ଜରୁରି ଅପଡେଟ କରିବାକୁ ଟଙ୍କା ଦେବାକୁ ହେବ। ଆଧାର ସମ୍ବନ୍ଧିତ କୌଣସି ଅପଡେଟ କରିବା ପାଇଁ ଏବେ ୫୦ ଟଙ୍କା ଦେୟ ଦେବାକୁ ପଡୁଛି। ଯାହାକୁ ଏବେ ମଧ୍ୟ ମାଇଁଆଧାର ପୋର୍ଟାଲରେ ମାଗଣାରେ କରାଯାଇପାରିବ। ତେବେ କହିରଖୁ କି ମାଗଣା ଆଧାର ଅପଡେଟ ସୁବିଧା କେବଳ ଅନଲାଇନ୍ ମିଳୁଛି। କିନ୍ତୁ ଆପଣଙ୍କୁ ଯଦି ଆଇରୀସ କିମ୍ବା ବାୟୋମେଟ୍ରିକ ଅପଡେଟ କରିବାକୁ ଥିବ, ସେଥିପାଇଁ ଆଧାର ସେଣ୍ଟରକୁ ଯିବାକୁ ପଡିବ।ଆଧାର ଅପଡେଟ କରିବାର ପ୍ରକ୍ରିୟା ବହୁତ ସରଳ। ଏଥିପାଇଁ ଆପଣଙ୍କୁ ୟୁଆଇଡିଏଆଇ ୱେବସାଇଟ https://uidai.gov.in/ ରେ ଲଗଇନ୍ କରିବାକୁ ପଡିବ। ଏହାପରେ ହୋମ ପେଜରେ ମାଇଁ ଆଧାର ପୋର୍ଟାଲରେ ଯାଇ ରେଜିଷ୍ଟର ମୋବାଇଲ ନମ୍ବର ଉପରେ ଓଟିପି ବ୍ୟବହାର କରି ଲଗଇନ କରନ୍ତୁ। ଏହାପରେ ନିଜର ସମସ୍ତ ତଥ୍ୟ ଯାଞ୍ଚ କରନ୍ତୁ, ଯଦି ତାହା ଠିକ ଅଛି, ତେବେ ଠିକ ଲେଖା ଥିବା ବକ୍ସରେ ଟିକ୍ କରନ୍ତୁ। ସେହିପରି ଡେମୋଗ୍ରାଫିକ ତଥ୍ୟ ଭୁଲ ଥିଲେ ଡ୍ରପ-ଡାଉନ ଡକ୍ୟୁମେଣ୍ଟ ଉପରେ କିକ୍ କରି ଠିକ ଡକ୍ୟୁମେଣ୍ଟ ଅପଲୋଡ଼ କରନ୍ତୁ। ଏହି ଡକ୍ୟୁମେଣ୍ଟକୁ ଜେପିଇଜି, ପିଏନଜି ଏବଂ ପିଡିଏଫ ହୋଇଥିବା ଦରକାର।




# ନଭେମ୍ବରରେ ୧.୮୨ ଲକ୍ଷ କୋଟିର ଜିଏସ୍‌ଟି ସଂଗ୍ରହ

**ନୂଆଦିଲ୍ଲୀ,୧।୧୨:** ଦୀପାବଳି, ଧନତାରେସ, ଛଠ ଓ ବିବାହ ଋତୁ ଯୋଗୁଁ ନଭେମ୍ବର ମାସରେ ଜିଏସଟି ଆଦାୟରେ ଚମତ୍କାର ବୃଦ୍ଧି ଘଟିଛି। ତେବେ ଅକ୍ଟୋବର ମାସ ତୁଳନାରେ ଏହା ହ୍ରାସ ପାଇଛି । ନଭେମ୍ବର ୨୦୨୪ରେ ଜିଏସଟି ଆଦାୟ ଗତ ବର୍ଷ ସମାନ ମାସ ତୁଳନାରେ ୮.୫ ପ୍ରତିଶତ ବୃଦ୍ଧି ପାଇ ୧.୮୨ ଲକ୍ଷ କୋଟି ଟଙ୍କାରେ ପହଞ୍ଚିଛି। ୨୦୨୩ ନଭେମ୍ବରରେ ଜିଏସଟି ଆଦାୟ ୧.୬୮ ଲକ୍ଷ କୋଟି ଥିଲା। ତେବେ ଅକ୍ଟୋବର (୨୦୨୪) ତୁଳନାରେ ନଭେମ୍ବରରେ ଜିଏସଟି ଆଦାୟ ହ୍ରାସ ପାଇଛି। ଅକ୍ଟୋବରରେ ଜିଏସଟି ଆଦାୟ ୧.୮୭ ଲକ୍ଷ କୋଟି ଟଙ୍କା ଥିଲା । ଅର୍ଥ ମନ୍ତ୍ରଣାଳୟ ଜିଏସଟି ସଂଗ୍ରହର ତଥ୍ୟ ଜାରି କରିଛି, ଯାହା ଅନୁଯାୟୀ ୨୦୨୪ ନଭେମ୍ବରରେ ଜିଏସଟି ଆଦାୟ ସମୁଦାୟ ୧ ଲକ୍ଷ ୮୨ ହଜାର କୋଟି ଟଙ୍କା ହୋଇଛି, ଯାହା ପୂର୍ବରୁ ଅକ୍ଟୋବର ମାସରେ ୧ ଲକ୍ଷ ୮୭ ହଜାର କୋଟି ଥିଲା । ଏହି ୧ ଲକ୍ଷ ୮୨ ହଜାର କୋଟି ମଧ୍ୟରୁ କେନ୍ଦ୍ରୀୟ ଜିଏସଟି ୩୪,୧୪୧ କୋଟି ଟଙ୍କା, ରାଜ୍ୟ ଜିଏସଟି ୪୩,୦୪୭ କୋଟି ଟଙ୍କା, ଇଣ୍ଟିଗ୍ରେଟେଡ ଜିଏସଟି ୯୧,୮୨୮ କୋଟି ଟଙ୍କା ଓ ସେସ୍ ଆଦାୟ ୧୩,୨୫୩ କୋଟି ଟଙ୍କା ରହିଥିଲା ।

# 'ପ୍ରତ୍ୟେକ ଆକ୍ରମଣ ଆମକୁ ସୁଦୃଢ଼ କରେ'

**ନୂଆଦିଲ୍ଲୀ,୧।୧୨:** ଆମେରିକାର ନ୍ୟାୟ ବିଭାଗ ଗୌତମ ଆଦାନୀଙ୍କ ସମେତ ୮ଜଣଙ୍କ ବିରୋଧରେ ଲାଞ୍ଚ ପ୍ରଦାନ ସଂକ୍ରାନ୍ତ ଅଭିଯୋଗ ଆଣିବା ପରେ ପ୍ରଥମ ଥର ପାଇଁ ସେ ଆଜି ମୁହଁ ଖୋଲିଛନ୍ତି। ଏହି ଅଭିଯୋଗକୁ ଖଣ୍ଡନ କରିବା ସହ ପ୍ରତ୍ୟେକ ଅଭିଯୋଗ ଆମକୁ ସୁଦୃଢ଼ କରେ ବୋଲି ସେ ମତ ଦେଇଛନ୍ତି। ଜୟପୁରଠାରେ ଆୟୋଜିତ ୫୧ତମ ଜେମ୍ ଆଣ୍ଡ୍ ଜୁଏଲାରି ପୁରସ୍କାର ପ୍ରଦାନ ସମାରୋହରେ ଯୋଗଦେଇ ଶ୍ରୀ ଆଦାନୀ କହିଛନ୍ତି ଯଦିଓ ଆମର ଅନେକ ସଫଳତା ରହିଛି, ଅନେକ ଥର ପାଇଁ ତାଙ୍କ କମ୍ପାନି ଏଭଳି ଆହ୍ୱାନର ସମ୍ମୁଖୀନ ହୋଇନାହିଁ। ତେବେ ପ୍ରତ୍ୟେକ ଆକ୍ରମଣ ଆମକୁ ମଜଭୁତ କରେ ଏବଂ ପ୍ରତ୍ୟେକ ପ୍ରତିବନ୍ଧକ ଆମ ପାଇଁ ଉପରକୁ ଉଠିବାର ପାହାଚ ବୋଲି ସେ କହିଛନ୍ତି। ଆପଣ ଯେତେ ଉପରକୁ ଉଠିବେ ସେତେ ଯାଞ୍ଚ ବା ଅନୁଧ୍ୟାନର ସାମ୍ନା କରିବେ। ଆପଣଙ୍କ ସଫଳତା ସେହି ଯାଞ୍ଚ ବା ଅନୁଧ୍ୟାନରେ ରହିଛି। ବିଦେଶୀ ଦୁର୍ନୀତି ଆଚରଣ ଆଇନ ବା ଏଫସିପିଏ ଅଧୀନରେ ଆଦାନୀ ଗ୍ରୁପର କେହି ଏ ନେଇ ଅଭିଯୋଗ ପାଇନାହାନ୍ତି। କିନ୍ତୁ ନକାରାତ୍ମକ ବିଷୟ ତୀବ୍ର ବେଗରେ ପ୍ରସାରିତ ହୁଏ



ଚାଲେଞ୍ଜ ବି ରହିଛି। କିନ୍ତୁ ଏସବୁ ଚାଲେଞ୍ଜ ଆମକୁ ଭାଙ୍ଗି ଦେଇନାହିଁ, ବରଂ ସେସବୁ ଆମକୁ ଅଧିକ ମଜଭୁତ କରିଛି। ଆମର ନୀତିଗୁଡ଼ିକ ପ୍ରତି ଆମର ବଳିଷ୍ଠ ଅଙ୍ଗୀକାରବଦ୍ଧତା ରହିଛି।

ନିକଟ ଅତୀତରେ ଘଟିଥିବା ଏକ ଘଟଣା ଏହାର ଏକ ଉଦାହରଣ। ଆମେରିକାଠାରୁ ଆମେ କେତେକ ଅଭିଯୋଗ ସମ୍ମୁଖୀନ ହୋଇଛୁ। ପ୍ରଥମ ବୋଲି ସେ କହିଛନ୍ତି। ଗତକାଲି ବିଦେଶ ମନ୍ତ୍ରାଳୟ ପକ୍ଷରୁ ମଧ୍ୟ ଏହି ମାମଲାରେ ମତ ରଖାଯାଇଥିଲା। ଆମେରିକା କର୍ତ୍ତୃପକ୍ଷଙ୍କ ଠାରୁ ଆମେ ଆଦାନୀଙ୍କ ଗିରଫ ନେଇ କୌଣସି ଅନୁରୋଧ ପାଇନାହୁଁ। ରାଜିନାମା ଅନୁଯାୟୀ, ଆମେରିକା ଆମକୁ ଅଭିଯୋଗ ସଂକ୍ରାନ୍ତରେ ପ୍ରମାଣ ଦେବାକୁ ହେବ ବୋଲି ବିଦେଶ ବ୍ୟାପାର ମନ୍ତ୍ରାଳୟ କହିଥିଲା।

# ଏଟିଏଫ୍ ଦର ବଢ଼ିଲା,ମହଙ୍ଗା ହେବ ବିମାନ ଯାତ୍ରା

**ନୂଆଦିଲ୍ଲୀ,୧।୧୨:** ବିମାନ ଯାତ୍ରା ମହଙ୍ଗା ହେବା ନେଇ ଚର୍ଚ୍ଚା ହେଉଛି।ଏହାର କାରଣ ହେଉଛି ଯେ, କ୍ରମାଗତ ଦ୍ୱିତୀୟ ମାସ ପାଇଁ ପେଟ୍ରୋଲିୟମ କମ୍ପାନିଗୁଡିକ ବିମାନରେ ବ୍ୟବହୃତ ଇନ୍ଧନର ଦର ବୃଦ୍ଧି କରିଛନ୍ତି। ଯେଉଁଥିପାଇଁ ବିମାନ କମ୍ପାନିଗୁଡିକର ପରିଚାଳନା କାର୍ଯ୍ୟ ମହଙ୍ଗା ହେବାର ଆଶଙ୍କା ରହିଛି। ଏହା ବିମାନ ଯାତ୍ରୀଙ୍କଠାରୁ ଭଡ଼ା ଆକାରରେ ଅଦାୟ କରାଯିବ। ଏହି ଦୁଇ ମାସ ମଧ୍ୟରେ ବିମାନର ଇନ୍ଧନ ଆଭିଏସନ ଟର୍ବାଇନ ଫୁଏଲ (ଏଟିଏଫ)ର ଦର ବଢ଼ିଛି। ଏଟିଏଫର ଦର ରାଜଧାନୀ ଦିଲ୍ଲୀରେ କିଲୋଲିଟର ପିଛା ୪୨୦୦ ରୁ ଅଧିକ ବୃଦ୍ଧି ପାଇଛି। ଦେଶର ଚାରୋଟି ମେଟ୍ରୋ ବିମାନ ବନ୍ଦରରେ ଏଟିଏଫ୍ ଦରରେ ବୃଦ୍ଧି ଘଟିଛି। ଆଇଓସିଏଲରୁ ମିଳିଥିବା ତଥ୍ୟ ଅନୁଯାୟୀ, ନଭେମ୍ବର ତୁଳନାରେ ଡିସେମ୍ବର ମାସରେ ଜେଟ ଇନ୍ଧନର ଦରରେ ବୃଦ୍ଧି ଘଟିଛି। ଦିଲ୍ଲୀର ଏଟିଏଫ୍ ଦରରେ ୧,୩୧୮.୧୨ ଟଙ୍କା ବୃଦ୍ଧି ଘଟିଛି ଏବଂ ଏହା କିଲୋଲିଟର ପିଛା ୯୧,୮୫୬.୮୪ ଟଙ୍କା ହୋଇଛି। କୋଲକାତାରେ ଜେଟ ଇନ୍ଧନର ଦରରେ ୧,୧୫୮.୮୪ ଟଙ୍କା ବୃଦ୍ଧି ଘଟିଛି ଏବଂ ଏହାର ଦର କିଲୋଲିଟର ପିଛା ୯୪,୫୫୧.୬୩ ଟଙ୍କା ହୋଇଛି। ମୁମ୍ବାଇରେ ଏଟିଏଫ୍ ଦର ୧,୨୧୮.୧୧ ଟଙ୍କା ବଢ଼ି ଏହା କିଲୋଲିଟର ପିଛା



୮୫,୮୬୧.୦୨ଟଙ୍କାକୁ ବୃଦ୍ଧି ପାଇଛି। ଅନ୍ୟପକ୍ଷରେ, ଚେନ୍ନାଇରେ ଏଟିଏଫ୍ ୧,୨୭୪.୩୯ ଟଙ୍କା ବ୍ୟୟବହୁଳ ହୋଇଛି ଏବଂ ଏହାର ଦର କିଲୋଲିଟର ପିଛା ୯୫,୨୩୧.୪୯ ଟଙ୍କା ହୋଇଛି। ଅନ୍ୟପକ୍ଷରେ ଗତ ଦୁଇ ମାସ ମଧ୍ୟରେ ଜେଟ ଇନ୍ଧନର ଦରରେ ବୃଦ୍ଧି ଘଟିଛି। ଆଇଓସିଏଲର ତଥ୍ୟ ଅଧ୍ୟୟନ କରିବା ପରେ ଦିଲ୍ଲୀରେ ଜେଟ ଇନ୍ଧନର ଦାମ୍‌ରେ କିଲୋଲିଟର ପିଛା ୪,୨୫୯.୮୪ ଟଙ୍କା ବୃଦ୍ଧି ଘଟିଛି। ଅନ୍ୟପକ୍ଷରେ କୋଲକାତାରେ ଜେଟ ଇନ୍ଧନ ଦୁଇ ମାସ ମଧ୍ୟରେ ୩,୯୪୦.୮୩ ଟଙ୍କା ବ୍ୟୟବହୁଳ ହୋଇଛି। ମୁମ୍ବାଇରେ ଏଟିଏଫ୍ ଦରରେ ୩,୯୯୪.୮୯ଟଙ୍କା ବୃଦ୍ଧି ଘଟିଛି। ଅନ୍ୟପକ୍ଷରେ ଚେନ୍ନାଇରେ ଜେଟ ଇନ୍ଧନର ଦର କିଲୋଲିଟର ପିଛା ୪,୨୬୭.୦୬ ଟଙ୍କା ବୃଦ୍ଧି ପାଇଛି। କ୍ରମାଗତ ଦୁଇ ମାସ ପାଇଁ ଜେଟ ଇନ୍ଧନ ମହଙ୍ଗା ହେବା ପରେ ବିମାନ ଭଡା ବୃଦ୍ଧି ହେବାର ଆଶଙ୍କା ବଢ଼ିଛି। ଯେକୌଣସି ବିମାନ ଚଳାଚଳ ପାଇଁ ଖର୍ଚ୍ଚର ୪୦ ପ୍ରତିଶତ ଏଟିଏଫ ଅଟେ । ଯଦି ଏଟିଏଫ୍ ମହଙ୍ଗା ହୁଏ ତେବେ ବିମାନ ସେବାଗୁଡିକର ଅପରେସନ୍ ଦର ବଢ଼ିଥାଏ। ଯାହାର ସିଧାସଳଖ ପ୍ରଭାବ ବିମାନ ଭଡା ବୃଦ୍ଧିରେ ଦେଖାଦେଇଥାଏ। ଯାହା ସାଧାରଣ ଯାତ୍ରୀଙ୍କୁ ଦେବାକୁ ପଡିଥାଏ। ଏଭଳି ପରିସ୍ଥିତିରେ ଆସନ୍ତା କିଛି ଦିନ ମଧ୍ୟରେ ବିମାନ ଭଡା ବୃଦ୍ଧି ହୋଇପାରେ ବୋଲି ବିଶେଷଜ୍ଞମାନେ କହିଛନ୍ତି।

# ମାସ ଆରମ୍ଭରୁ ବଢ଼ିଲା ଗ୍ୟାସ୍ ଦର

**ନୂଆଦିଲ୍ଲୀ,୧।୧୨:** ଗ୍ୟାସ ଉପଭୋକ୍ତାଙ୍କ ପାଇଁ ବଡ଼ ଖବର। ଏତିକି ଟଙ୍କା ପର୍ଯ୍ୟନ୍ତ ବଢ଼ିଲା ଏଲପିଜି ଗ୍ୟାସ ସିଲିଣ୍ଡର ଦର । ଆଜି ହେଉଛି ଡିସେମ୍ବର ମାସର ପ୍ରଥମ ଦିନ ଏବଂ ପ୍ରଥମ ଦିନରେ ସାଧାରଣ ଗ୍ରାହକଙ୍କୁ ଝଟକା ଲାଗିଛି। ଆଜି ଏଲପିଜି ଗ୍ୟାସ ସିଲିଣ୍ଡରର ମୂଲ୍ୟ ବୃଦ୍ଧି ପାଇଛି । ସରକାରୀ ତୈଳ କମ୍ପାନୀଗୁଡିକ ପ୍ରତି ମାସର ୧ ତାରିଖରେ ଏଲପିଜି ସିଲିଣ୍ଡରର ମୂଲ୍ୟରେ ପରିବର୍ତ୍ତନ କରନ୍ତି । ଏହା ଅଧୀନରେ ଭାରତୀୟ ତୈଳ ନିଗମ ରବିବାର ଦିନ ଗ୍ୟାସ ସିଲିଣ୍ଡରର ମୂଲ୍ୟ ବୃଦ୍ଧି କରିଛି। ତେବେ ୧୯ କିଲୋଗ୍ରାମ ବ୍ୟବସାୟିକ ଏଲପିଜି ସିଲିଣ୍ଡର ମୂଲ୍ୟରେ ଏହି ବୃଦ୍ଧି କରାଯାଇଛି। ଯେଉଁଠାରେ ଘରୋଇ ଗ୍ୟାସ ସିଲିଣ୍ଡରର ମୂଲ୍ୟ ଯଥା ୧୪.୨ କିଲୋଗ୍ରାମ ସିଲିଣ୍ଡରର ସ୍ଥିର ରହିଛି। ସରକାରୀ ତୈଳ କମ୍ପାନୀଗୁଡିକ ଦ୍ୱାରା ଏଲପିଜି ସିଲିଣ୍ଡରର ମୂଲ୍ୟ ବୃଦ୍ଧି ପରେ ଆଜି ଠାରୁ ତାରିଖରୁ ସାରା ଦେଶରେ ଏହି ନୂଆ ମୂଲ୍ୟ କାର୍ଯ୍ୟକାରୀ ହେବ।ଏପରିକି ତୈଳ କମ୍ପାନୀଗୁଡିକ ବ୍ୟବସାୟିକ ଗ୍ୟାସ ସିଲିଣ୍ଡରର ମୂଲ୍ୟ ବୃଦ୍ଧି କରିଥିଲେ ଏବଂ ଘରୋଇ ଗ୍ୟାସ ସିଲିଣ୍ଡରର ମୂଲ୍ୟ ସ୍ଥିର ରହିଥିଲା। ଡିସେମ୍ବର ୧ ରେ, ରାଜଧାନୀ ଦିଲ୍ଲୀରେ ୧୯ କିଲୋଗ୍ରାମ ଏଲପିଜି ସିଲିଣ୍ଡରର ମୂଲ୍ୟ ୧୬.୫୦ ଟଙ୍କା ବୃଦ୍ଧି ପାଇଛି। ଏହା ପରେ ଏହା ସିଲିଣ୍ଡର ପିଛା ୧୮୧୮.୫୦ ଟଙ୍କାକୁ ବୃଦ୍ଧି ପାଇଲା ।



# କଳାମନ୍ଦିରରେ ଶୀତବସ୍ତ୍ରର ସମ୍ଭାର




**ଭୁବନେଶ୍ୱର,୧।୧୨:** ପ୍ରତି ବର୍ଷ ଭଳି ଚଳିତ ବର୍ଷର ଶୀତଋତୁ ଅବସରରେ ଓଡ଼ିଶାର ସର୍ବପୁରାତନ ଏବଂ ବୃହତ୍ ଶୋ'ରୁମ୍ 'କଳାମନ୍ଦିର'ର ବହୁ ପ୍ରତୀକ୍ଷିତ ଶୀତବସ୍ତ୍ରର ସମ୍ଭାର ସମ୍ପର୍କରେ ଘୋଷଣା କରାଯାଇଛି। ଏପରିକି ଏଠାରେ ସମସ୍ତ ବର୍ଗର ବ୍ୟକ୍ତିବିଶେଷଙ୍କ ପାଇଁ ଶୀତବସ୍ତ୍ର ଉପଲବ୍ଧ ରହିଛି। ଉଲ୍ଲେଖଯୋଗ୍ୟ, ଭୁବନେଶ୍ୱରସ୍ଥିତ କଳାମନ୍ଦିର ଶୋ'ରୁମ୍‌ରେ ସମସ୍ତ ବର୍ଗର ବ୍ୟକ୍ତିବିଶେଷଙ୍କ ପାଇଁ ଶୀତବସ୍ତ୍ର ଉପଲବ୍ଧ ରହିଛି। ଏଠାରେ ପୁରୁଷ, ମହିଳା ଏବଂ ଛୋଟପିଲାଙ୍କ ପାଇଁ ସମସ୍ତ ପ୍ରକାର ଶୀତବସ୍ତ୍ର ଯଥା ସ୍ୱେଟର, କାଡିଗନ୍, ଜ୍ୟାକେଟ୍, ପୁଲ୍‌ଓଭର, ଶାଲ ଓ ଷ୍ଟୋଲ ଭଳି ଅନେକ ପ୍ରକାର ଶୀତବସ୍ତ୍ର ସମ୍ଭାର ସାମିଲ ରହିଛି। ବିଶେଷକରି ଏହାର ମୂଲ୍ୟ ଏବଂ ଭେରାଇଟି ବ୍ରାଣ୍ଡ ପାଇଁ ସବୁବେଳେ ଗ୍ରାହକଙ୍କର ପସନ୍ଦଯୋଗ୍ୟ ହୋଇପାରିଛି। ଏ ସମ୍ପର୍କରେ କଳାମନ୍ଦିର ପରିଚାଳନା ନିର୍ଦ୍ଦେଶକ ରାଜିନ୍ଦର ସିଂ କହିଛନ୍ତି, କଳାମନ୍ଦିରରେ ବିଭିନ୍ନ ପ୍ରକାର ଭେରାଇଟିର ଶୀତବସ୍ତ୍ର ରହିଛି, ଯାହା ଅନ୍ୟ କୌଣସି ଷ୍ଟୋରରେ ମିଳିବା କଷ୍ଟକର ବୋଲି ସେ ବିସ୍ତୃତ ଭାବେ ମତପ୍ରକାଶ କରିଛନ୍ତି।

# ପୂର୍ବତଟ ରେଳପଥ: ୧୦ ବର୍ଷରେ ୫ ଲକ୍ଷ ନୂଆ ନିଯୁକ୍ତି

**ଭୁବନେଶ୍ୱର,୧।୧୨ :** ବର୍ତ୍ତମାନ ସମୟରେ ଭାରତୀୟ ରେଳ ଯାତ୍ରୀ ପରିବହନର ଏକ ପ୍ରମୁଖ ମାଧ୍ୟମ ପାଲଟିଛି। ରେଳପଥରେ ଗମନାଗମନ କରୁଥିବା ଯାତ୍ରୀଙ୍କୁ ଗୁଣାତ୍ମକ ମାନର ଯାତ୍ରୀସେବା ଯୋଗାଇଦେବାକୁ ପୂର୍ବତଟ ରେଳପଥ ପକ୍ଷରୁ ବ୍ୟାପକ ଯୋଜନା ଓ ପଦକ୍ଷେପ ନିଆଯାଇଛି। ଅପରପକ୍ଷରେ ପୂର୍ବତଟ ରେଳପଥ ନେଟ୍‌ୱର୍କରେ ଜାରି ରହିଥିବା ଯାତ୍ରୀସେବା ପୂର୍ବାପେକ୍ଷା ଯଥେଷ୍ଟ ଉନ୍ନତ ହୋଇଛି। ପୂର୍ବରୁ ଯାତ୍ରୀଙ୍କୁ ଦିଆଯାଉଥିବା ବେଡ୍‌ରୋଲ ସେଟ୍‌ଗୁଡିକର ମାନ ସନ୍ତୋଷଜନକ ଥିଲାବେଳେ ବର୍ତ୍ତମାନ ସମୟରେ ଦିଆଯାଉଥିବା ବେଡ୍‌ରୋଲ ବେଶ୍ ଗୁଣାତ୍ମକ ଓ ପରିଷ୍କାର ପରିଚ୍ଛନ୍ନ ରହିଛି। କାରଣ ପୂର୍ବତଟ ରେଳପଥ ରେଳ ନେଟ୍‌ୱର୍କରେ ବର୍ତ୍ତମାନ ଉନ୍ନତ ଲିଲେନ୍ ୱାଶିଂ ସିଷ୍ଟମର ପ୍ରୟୋଗ ସହ ଯାତ୍ରୀମାନଙ୍କ ସ୍ୱଚ୍ଛତା ଓ ଆରାମକୁ ବିଶେଷ ପ୍ରାଧାନ୍ୟ ଦିଆଯାଉଛି। ଏପରିକି ଶୀତତାପ ନିୟନ୍ତ୍ରିତ କୋଚ୍‌ରେ



ଯାତ୍ରା କରୁଥିବା ପ୍ରତ୍ୟେକ ଯାତ୍ରୀ ପରିଷ୍କାର ପରିଚ୍ଛନ୍ନତା ସହ ସ୍ୱଚ୍ଛତା ଏବଂ ସୁପରିଚାଳିତ ଲିଲେନ୍ ଗ୍ରହଣ କରିଥାନ୍ତି। ଉଲ୍ଲେଖଯୋଗ୍ୟ, ପୂର୍ବତଟ ରେଳପଥ ଅଞ୍ଚଳରେ ବର୍ତ୍ତମାନ ୨୪୨୮ଏଲ୍‌ଏଚ୍‌ବି କୋଚ୍ ( ୧୩୨୭ ଏସି ଏବଂ ୧୧୦୧ ନନ୍-ଏସି କୋଚ୍) ସହ ୯୩୮ ଆଇସିଏଫ୍ କୋଚ ( ୨୩୯ ଏସି ଏବଂ ୬୯୯ ନନ୍-ଏସି କୋଚ୍)ର କୋଚ ଚଳାଚଳ କରୁଛି। ଏପରିକି ରେଳ ବୋର୍ଡର ନିର୍ଦ୍ଦେଶାବଳୀ ଅନୁଯାୟୀ ସମସ୍ତ ଶୀତତାପ ନିୟନ୍ତ୍ରିତ କୋଚ୍‌ରେ ଲିଲେନ୍ ରଖିବା ସହ ଯାତ୍ରୀମାନଙ୍କୁ (ଯାତ୍ରୀଙ୍କୁ ଦିଆଯାଇଥିବା ବେଡ୍‌ରୋଲ ସେଟ୍‌ରେ ୨ଟି ବେଡ୍‌ସିଟ୍, ଗୋଟିଏ କମ୍ବଳ, ଗୋଟିଏ ଫେସ୍ ଟାଓ୍ବେଲ, ଗୋଟିଏ ତକିଆ କଭର ଏବଂ ଗୋଟିଏ ତକିଆ) ପରିଷ୍କାର ଓ ତାଜା ସାମଗ୍ରୀ ଯୋଗାଇ ଦିଆଯାଉଛି। ସେହିପରି ଯାତ୍ରୀ ସେବାକୁ ଉନ୍ନତ କରିବା ପାଇଁ ରେଳପଥ ବର୍ତ୍ତମାନ ସତେଜ ଓ ପରିଷ୍କାର ବେଡ୍‌ରୋଲ ଯୋଗାଇଦେଉଛି। ପୂର୍ବରୁ ଦିଆଯାଇଥିବା କମ୍ବଳ ୩ ମାସରେ ଥରେ ବଦଳା ଓ ସଫା ହେଉଥିଲାବେଳେ ବର୍ତ୍ତମାନ ଏହା ପ୍ରତି ମାସରେ ଅତ୍ୟାଧୁନିକ ପ୍ରଣାଳୀରେ ସଫା କରିବା ସହ ବଦଳାଯାଉଛି। ଏପରିକି ଅତ୍ୟାଧୁନିକ ପ୍ରଣାଳୀରେ ବେଡ୍‌ରୋଲ ସାମଗ୍ରୀର ସଫେଇ ସାଙ୍ଗକୁ ଅନ୍ୟାନ୍ୟ ଆନୁଷଙ୍ଗିକ କାର୍ଯ୍ୟ ମଧ୍ୟ କରାଯାଉଛି।

ଭାରତୀୟ ରେଳପଥ କ୍ରମାଗତ ଭାବେ ମାନବ ସମ୍ବଳ (କର୍ମଚାରୀ ନିଯୁକ୍ତି ବୃଦ୍ଧି) ବୃଦ୍ଧି ଦିଗରେ କାର୍ଯ୍ୟ କରୁଛି। ଏପରିକି ୨୦୧୪ରୁ୨୪ ( ୨୦୧୪-୨୦୨୪ ବର୍ଷ) ମଧ୍ୟରେ ରେଳ ବୋର୍ଡ ମୋଟ ୫ ଲକ୍ଷ କର୍ମଚାରୀଙ୍କୁ ନିଯୁକ୍ତ ଦେଇଥିବାବେଳେ ପୂର୍ବ ୧ ଦଶନ୍ଧି ମଧ୍ୟରେ (୨୦୦୪-୨୦୧୪ ବର୍ଷ) କେବଳ ୪ଲକ୍ଷ କର୍ମଚାରୀ ରେଳପଥରେ ନିଯୁକ୍ତି ପାଇଥିଲେ। ଏପରିକି ପୂର୍ବ ୧ ଦଶନ୍ଧି ତୁଳନାରେ ଭାରତୀୟ ରେଳପଥ ଦ୍ୱାରା ପ୍ରଦାନ କରାଯାଇଥିବା ନିଯୁକ୍ତିରେ ଏହା ୨୫% ମାନବ ସମ୍ବଳ ବୃଦ୍ଧି ହୋଇଛି ବୋଲି ରେଳବାଇ ବୋର୍ଡ ପକ୍ଷରୁ ବିସ୍ତୃତ ଭାବେ ଘୋଷଣା କରାଯାଇଛି।

ଉଲ୍ଲେଖଯୋଗ୍ୟ, ଭାରତୀୟ ରେଳପଥ ଇତିହାସରେ ପ୍ରଥମ ଥର ପାଇଁ ଏକ ନିଯୁକ୍ତି କ୍ୟାଲେଣ୍ଡର ପ୍ରକାଶ ପାଇଛି। ଏହି କ୍ୟାଲେଣ୍ଡର ସୂଚୀ ଅନୁଯାୟୀ ରେଳପଥର ସମସ୍ତ ଖାଲି ପଦବୀ ପାଇଁ ବିଜ୍ଞପ୍ତି ଜାରି କରାଯାଇଥିଲା। ଏହି କ୍ୟାଲେଣ୍ଡରର ଯୋଜନା ଅନୁଯାୟୀ ୨୦୨୪ ଫେବୃଆରୀରେ ମୋଟ ୧୮,୭୯୯ ଆସିଷ୍ଟାଣ୍ଟ ଲୋକୋ ପାଇଲଟ୍ (ଏଏଲ୍‌ପି) ପଦବୀ ପାଇଁ ଘୋଷଣା କରାଯାଇଥିଲା। ଏପରିକି ଏଏଲ୍‌ପି ପଦବୀ ପାଇଁ ନିଯୁକ୍ତି ପରୀକ୍ଷା ସାରା ଦେଶରେ ୫ଦିନ ଧରି କରାଯାଇଥିଲା। ଏହି ପରୀକ୍ଷା ମୋଟ ୨୯ ରାଜ୍ୟ, ୧୫୬ ସହର, ୩୪୬ କେନ୍ଦ୍ର ଏବଂ ୩ ଶିଫ୍ଟରେ ଅନୁଷ୍ଠିତ ହୋଇଥିଲା। ସେହିଭଳି କମ୍ପ୍ୟୁଟର ଆଧାରିତ ପରୀକ୍ଷା (ସିବିଟି) କଠୋର ତତ୍ତ୍ୱାବଧାନରେ କରାଯାଇଥିଲାବେଳେ ପ୍ରାର୍ଥୀଙ୍କ ସତ୍ୟତା ନିଶ୍ଚିତ କରିବାକୁ ୯୨% ପ୍ରାର୍ଥୀଙ୍କ ପାଇଁ ଆଧାର ଆଧାରିତ ପରିଚୟ ଯାଞ୍ଚ କରାଯାଇଥିଲା। ଏପରିକି ମୋଟ ୧୮,୭୯୯ ପଦବୀ ପାଇଁ ୧୮.୪ ଲକ୍ଷ ଆଶାୟୀ ପ୍ରାର୍ଥୀ ଆବେଦନ କରିଥିଲେ।

# ଘାରୁଛି ରାସନ କାର୍ଡ କଟିବା ଭୟ



✦ ୧୧ ହଜାରରୁ ଊର୍ଦ୍ଧ୍ୱ କରିନାହାନ୍ତି ଇ-କେୱାଇସି
✦ ଇ -କେୱାଇସି ନ ହେଲେ କଟିବେ ନା ରହିବେ ?

**କାକଟପୁର/ଅସ୍ତରଙ୍ଗ, ୧।୧୨ (ସଂଚାର ବ୍ୟୁରୋ):** ରାସନ କାର୍ଡ କଟିବା ଭୟରେ ଇ -କେୱାଇସି କରୁନାହାନ୍ତି ହିତାଧିକାରୀ। ପ୍ରାୟ ୩ମାସ ହେଲା ଯାଞ୍ଚ କରାଯାଉଥିଲେ ହେଁ, ପୁରୀ ଜିଲ୍ଲା ଅସ୍ତରଙ୍ଗ ବ୍ଲକରେ ମାତ୍ର ୮୩.୬ପ୍ରତିଶତ ଯାଞ୍ଚ କରାଇଛନ୍ତି। ଆହୁରି ୧୧ହଜାର ୩ଶହ ୭୨ଜଣ ହିତାଧିକାରୀ ଇ-କେୱାଇସି ଯାଞ୍ଚ କରାଉନାହାନ୍ତି। ନଭେମ୍ବର ସୁଦ୍ଧା ଯାଞ୍ଚ ଶେଷ କରି ଅଯୋଗ୍ୟଙ୍କୁ ବାଦ ଦେବା ସହ ନୂତନ ହିତାଧିକାରୀ ଯୋଡିବାକୁ ଖାଦ୍ୟ ଯୋଗାଣ ମନ୍ତ୍ରୀ କହିଥିବା ବେଳେ ଏବେ ହଜାର ହଜାର ହିତାଧିକାରୀ ଇ-କେୱାଇସି ନ କରିବା ଆଶ୍ଚର୍ଯ୍ୟ କରିଛି। ନିର୍ଦ୍ଧାରିତ ସମୟ ସୀମା ମଧ୍ୟରେ ଏମାନେ ଇ-କେୱାଇସି ଅପଡେଟ ନ କଲେ ରାସନ କାର୍ଡରୁ ବାଦ ପଡିବେ ନା ରହିବେ ସେ ନେଇ ଆଶଙ୍କା ପ୍ରକାଶ ପାଇଛି।

ପୁରୀ ଜିଲ୍ଲା ଅସ୍ତରଙ୍ଗ ବ୍ଲକ ୧୫ଗୋଟି ପଂଚାୟତରେ ଜାତୀୟ ଖାଦ୍ୟ ସୁରକ୍ଷା ଓ ରାଜ୍ୟ ଖାଦ୍ୟ ସୁରକ୍ଷା ଯୋଜନାରେ ମୋଟ ୬୯ହଜାର ୪ଶହ ୨୯ଜଣ ହିତାଧିକାରୀ ରାସନ କାର୍ଡରେ ଅନ୍ତର୍ଭୁକ୍ତ ହୋଇ ରାସନ ସାମଗ୍ରୀ ପାଉଛନ୍ତି। ନୂଆ ସରକାର ଆସିବା ପରେ ରାସନ କାର୍ଡରେ ଅଯୋଗ୍ୟ ହିତାଧିକାରୀଙ୍କୁ ବାଦ ଦେବାକୁ ଇ-କେୱାଇସି ଯାଞ୍ଚ ଆରମ୍ଭ ହୋଇଥିଲା। ଅଗଷ୍ଟ ୨୨ତାରିଖରୁ ଏହି ପ୍ରକ୍ରିୟା ଆରମ୍ଭ ହୋଇଥିଲା। ୩ମାସ ହେଲା ଇ-କେୱାଇସି ଚାଲିଥିବା ବେଳେ ପୁରୀ ଜିଲ୍ଲା ଅସ୍ତରଙ୍ଗ ବ୍ଲକରେ ମୋଟ ହିତାଧିକାରୀଙ୍କ ମଧ୍ୟରୁ ୮୩. ୬ପ୍ରତିଶତ ଅର୍ଥାତ ୫୮ହଜାର ୫୭ହିତାଧିକାରୀ ଅପଡେଟ କରିସାରିଛନ୍ତି। ଅନ୍ୟପକ୍ଷରେ, ଏହା ଶେଷ କରି ଅଯୋଗ୍ୟଙ୍କୁ ବାଦ ଦେବା ସହ ନୂଆ ଯୋଗ୍ୟ ହିତାଧିକାରୀଙ୍କୁ ନଭେମ୍ବର ସୁଦ୍ଧା ନୂଆ କାର୍ଡ ଯୋଗାଇଦିଆଯିବ ବୋଲି ମନ୍ତ୍ରୀ ଘୋଷଣା କରିଥିଲେ।

ଏହାକୁ ନେଇ ଏବେ ସବୁଠି ଆଶଙ୍କା ପ୍ରକାଶ ପାଇଛି। ପର୍ଯ୍ୟାପ୍ତ ସମୟ ଦିଆଯିବା ପରେ ମଧ୍ୟ ଏତେ ସଂଖ୍ୟକ ହିତାଧିକାରୀ କାହିଁକି ଇ-କେୱାଇସି କରୁନାହାନ୍ତି? ସବୁ ସ୍ତରରେ ଚର୍ଚ୍ଚାର ପ୍ରସଙ୍ଗ ପାଲଟିଛି। କିଛି ଅଯୋଗ୍ୟ ହିତାଧିକାରୀ ତାଲିକାରେ ରହିଥିବା ଆଲୋଚନା ହେଉଛି।ଇ-କେୱାଇସି କରିନଥିବା ସମସ୍ତ ୧୧ହଜାର ୩ଶହ ୭୨ହିତାଧିକାରୀଙ୍କ ସ୍ଥିତି କଣ ହେବ ଅଡୁଆ ସୃଷ୍ଟି କରିଛି। ଏ ନେଇ ଅସ୍ତରଙ୍ଗ ବ୍ଲକ ଯୋଗାଣ ଅଧିକାରୀ ଶିବ ପ୍ରସାଦ ମହାନ୍ତି କହିଛନ୍ତି ଇ-କେୱାଇସି ଚାଲିଛି। ଶେଷ ତାରିଖ କେବେ ସେ ନେଇ କୌଣସି ବିଭାଗୀୟ ନିର୍ଦ୍ଦେଶ ଆସିନାହିଁ। ଯାହା ନିର୍ଦ୍ଦେଶାବଳୀ ଆସିବ ସେହି ଅନୁସାରେ ପଦକ୍ଷେପ ନିଆଯିବ ବୋଲି ସେ ପ୍ରକାଶ କରିଛନ୍ତି।



## ଜବତ ହାଇୱା ଛାଡିବାକୁ ଏସ୍‌ପିଙ୍କ ଉପରେ ଚାପ

**ଜଗତସିଂହପୁର, ୧।୧୨ (ସଂଚାର ବ୍ୟୁରୋ):** ତିର୍ତ୍ତୋଲ ପୋଲିସ ପକ୍ଷରୁ ଏକ ବାଲି ବୋଝେଇ ହାଇୱା ଜବତ ହୋଇଥିବା ଦେଖିବାକୁ ମିଳିଛି। ଜବତ ହାଇୱା ନମ୍ବର ଓଡି ୦୯ ସି ୭୫୮୪କୁ ଛଡାଇବାପାଇଁ ଜନୈକ ବିଜେପି ନେତା ପୋଲିସ ଉପରେ ଚାପ ପ୍ରୟୋଗ କରୁଥିବା ଜଣାପଡିଛି। ଜୈନିକ ବିଜେପି ନେତା ଜଣକ ପ୍ରଭାବଶାଳୀ ବ୍ୟକ୍ତି ଭାବେ ଜିଲ୍ଲା ଆରକ୍ଷୀ ଅଧିକ୍ଷକଙ୍କୁ ରାତି ଅଧରେ ଫୋନ କରି ହାଇୱା ଛଡ଼ାଇବାକୁ ଚାପ ପ୍ରୟୋଗ କରୁଥିବା ନେଇ ଜିଲ୍ଲାରେ ଚର୍ଚ୍ଚା ଜୋର ଧରିଛି। ବେଆଇନି ବାଲି ବୋଝେଇ ହାଇୱାରେ ଦୁର୍ଗା ଦେବୀ ଲେଖାହୋଇଥିବା ବେଳେ ବଡ଼ବିଲ ପଞ୍ଜିକରଣ ବୋଲି ଜଣାପଡିଛି। ଜବତ ହାଇୱା ମାଲିକଙ୍କ ଘନିଷ୍ଠ ସମ୍ପର୍କୀୟ ହେଉଛନ୍ତି ସେହି ବିଜେପି ନେତା। ଯିଏକି ହାଇୱା ମାଲିକଙ୍କ ନାମରେ ଦୁଇ ନମ୍ବର କାମ କରୁଥିବା ଆଲୋଚନା ହେଉଛି।

## ହଜିବାକୁ ବସିଲାଣି କେନ୍ଦରା ଗୀତ



**କଣାସ, ୧।୧୨ (ସଂଚାର ବ୍ୟୁରୋ):** ସମାଜ ଯେତିକି ଅଧୁନିକତା ଆଡକୁ ଆଗେବାର ଲାଗିଲାଣି ସେହିପରି ପୁରାତନ ସଂସ୍କୃତି ଯୋଗୀମାନେ ବୋଲୁଥିବା କେନ୍ଦରା ଗୀତ ଯାନୁ ଘଣ୍ଟିଆ ମାନେ ନିଜ ନିଜ ପେଣ୍ଡାରେ ବଡ ବଡ ଘଣ୍ଟି ବଜାଇ ପର୍ଶୁରାମ ରୂପ ଧାରଣ କରି ଗାଁକୁ ଗାଁ ବୁଲୁଥିବା ଆଉ ଦେଖିବାକୁ ମିଳୁ ନାହିଁ ଆଜି କଣାସ ବଜାରରେ ବ୍ରହ୍ମପୁର ନିକଟ ବଜାପଲ୍ଲୀ ଗ୍ରାମର ବାବୁଲି ରାଉଳ ୪୦ ବର୍ଷ ଦୀର୍ଘ ୧୬୦ କିମି ଅତିକ୍ରମ କରି କଣାସ ବଜାରରେ କେନ୍ଦରା ବଜାଇ ଭଜୁକି ନା ରାମ ନାମରେ ଗୋବିନ୍ଦ ଭଜୁକି ନା ରାମ ଗୀତ ବୋଲି ଭିକ୍ଷା କରି ମାଗୁଥିବା ଦେଖିବାକୁ ମିଳୁଥିଲା। ଏ ସମ୍ପର୍କରେ ବାବୁଲିଙ୍କୁ ପଚାରିବାରୁ ସେ କୁହନ୍ତି ଆମ ଗ୍ରାମରେ ୧୩ ଟି ଯୋଗୀ ପରିବାର ଥିଲେ ମଧ୍ୟ ମାତ୍ର ୩ ଜଣ ପୂର୍ବ ପୁରୁଷର ଏହି ନୀତିକୁ ଅଦରୁଛୁ। ଦିନ ତମାମ ଗ୍ରାମକୁ ଗ୍ରାମ ବୁଲିଲେ ମଧ୍ୟ ୪ ଶହରୁ ୫ ଶହ ଟଙ୍କା ଆଦାୟ ହେଉଛି। ସେଥି ପାଇଁ ଗ୍ରାମର ଅନ୍ୟ ପରିବାର ଗୁଡିକ ଚାକିରି ଓ ମଟର ବ୍ୟବସାୟ କରି ଦିନକୁ ୧ ହଜାର ଟଙ୍କା କମାଉଥିବାରୁ ଏହି ବୃତ୍ତିକୁ ଛାଡିସାରିଲେଣି। ରାଜ୍ୟ ସରକାର ଏହି ପୁରାତନ ସଂସ୍କୃତିକୁ ବଞ୍ଚାଇ ରଖିବା ପାଇଁ କଳାକାର ମାନଙ୍କୁ ଚିହ୍ନଟ କରି ସହାୟତା ପ୍ରଦାନ କରିବାକୁ ଶ୍ରୀ ରାହୁଳ ଦାବୀ କରିଛନ୍ତି।

## ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ଆଗରେ ଶ୍ରମିକଙ୍କ ବିକ୍ଷୋଭ



**ସୁବର୍ଣ୍ଣପୁର, ୧।୧୨ (ସଂଚାର ବ୍ୟୁରୋ):** ରାଜ୍ୟ ସରକାର ମନରେଗା ଯୋଜନା କାମ ଯୋଗାଇ ଦେବା ନିୟମ ଅଛି।ସୁବର୍ଣ୍ଣପୁର ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ଆଗରେ ନିଆରା ଢଙ୍ଗରେ ପ୍ରତିବାଦ କରି ମହିଳା,ପୁରୁଷ ଭାର, ଡଲା, କୋଦାଳ ଧରି ଧାରଣା ଦେଲେ ଓ ବିକ୍ଷୋଭ କଲେ ଶ୍ରମିକ। ସୁବର୍ଣ୍ଣପୁର ଜିଲ୍ଲା ଉଲୁଣ୍ଡା ବ୍ଲକ ବିଶିପଡ଼ା ଗ୍ରାମ ପଞ୍ଚାୟତର ଶ୍ରମିକ ମାନେ ଏଭଳି ଏକ ନିଆରା ଢଙ୍ଗରେ ପ୍ରତିବାଦ କରିଛନ୍ତି। ଯେଉଁଠି ଶ୍ରମିକଙ୍କ କାମ କରିବା ପୁରା ହକ ଥିବା ବଦଳରେ ସେଠାରେ ମେସିନ କରୁଛି କାମ। ଏଠି ଶ୍ରମିକମାନେ କାମ ମାଗି ଗଲେ ଦୂର ସ୍ଥାନକୁ କାମ କରିବାକୁ ଯିବାକୁ କହୁଛନ୍ତି ପଞ୍ଚାୟତ ଥିବା ଅଧିକାରୀ ବାବୁ। ଏହାର ପ୍ରତିବାଦରେ ଜିଲ୍ଲାପାଳ କାର୍ଯ୍ୟାଳୟ ଆଗରେ ବିକ୍ଷୋଭ କରିଛନ୍ତି ଏହି ପଞ୍ଚାୟତର ଶତାଧିକ ମହିଳା ,ପୁରୁଷ ଶ୍ରମିକ। ଶ୍ରମିକ ମାନେ ନିୟମ ଅନୁଯାୟୀ ସି ଫର୍ମ ମାଧ୍ୟମରେ କାମ ମାଗୁଛନ୍ତି ହେଲେ ସଂପୃକ୍ତ ପଞ୍ଚାୟତ ଅଧିକାରୀ ସରପଞ୍ଚଙ୍କ ଇଶାରାରେ ଶ୍ରମିକମାନଙ୍କୁ କାମ ଯୋଗାଇ ନ ଥିବା ଅଭିଯୋଗ କରିଛନ୍ତି ଶ୍ରମିକ ମାନେ। ଏବଂ ମେସିନ ସାହାଯ୍ୟରେ କୋଟି କୋଟି ଟଙ୍କାର ମନରେଗା କାମ କରାଯାଉଥିବା ଅଭିଯୋଗ କରିଛନ୍ତି। ଏନେଇ ଉଲୁଣ୍ଡା ବିଡ଼ିଓଙ୍କୁ ବାରମ୍ବାର ଅଭିଯୋଗ କରିଥିଲେ ହେଁ ଶୁଣୁ ନଥିବାରୁ ବାଧ୍ୟ ହୋଇ ଆଜି କୋଡ଼ି କୋଦାଳ ଡ଼ାଲା ସହ ଏ ନିଆରା ଢଙ୍ଗରେ ପ୍ରତିବାଦ କରିଥିବା କହିଛନ୍ତି ଶ୍ରମିକମାନେ। ଏନେଇ ମୁଖ୍ୟମନ୍ତ୍ରୀ ଙ୍କ ଉଦ୍ଦେଶ୍ୟରେ ସୁବର୍ଣ୍ଣପୁର ଜିଲ୍ଲାପାଳଙ୍କ ଜରିଆରେ ଏକ ଦାବି ପତ୍ର ପ୍ରଦାନ କରିଛନ୍ତି ଏହି ଖଟିଖିଆ ଶ୍ରମିକ।

## ପ୍ରମିଳା ମଲ୍ଲିକଙ୍କ ଦ୍ୱାରା ଦକ୍ଷିଣବନ୍ଧ ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ର ଗୃହର ଶିଳାନ୍ୟାସ



**ଦଶରଥପୁର, ୧।୧୨ (ସଂଚାର ବ୍ୟୁରୋ):** ଗ୍ରାମ୍ୟ ଉନ୍ନୟନ ବିଭାଗ ପକ୍ଷରୁ ଦଶରଥପୁର ବ୍ଲକ ଥାଲକୁଡ଼ି ପଞ୍ଚାୟତସ୍ଥ ଦକ୍ଷିଣବନ୍ଧ ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ର (ନୂତନ ) ନିମନ୍ତେ ଏକ ନୂତନ ଗୃହ ନିର୍ମାଣ ପାଇଁ ଆଜି ଅପରାହ୍ନରେ ଭିତ୍ତିପ୍ରସ୍ତର ସ୍ଥାପନ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ବିଂଝାରପୁର ବିଧାୟିକା ପ୍ରମିଳା ମଲ୍ଲିକ ମୁଖ୍ୟ ଅତିଥିଭାବେ ଯୋଗଦେଇ ନିର୍ମାଣ ହେବାକୁ ଥିବା ନୂତନ ଗୃହ ନିମନ୍ତେ ଭିତ୍ତିପ୍ରସ୍ତର ସ୍ଥାପନ କରିଥିଲେ। ଏହି ଭିତ୍ତିପ୍ରସ୍ତର ସ୍ଥାପନ ଉତ୍ସବରେ ସମ୍ମାନିତ ଅତିଥିଭାବେ ୭ ନମ୍ବର ଜୋନର ଜିଲ୍ଲା ପରିଷଦ ସଭ୍ୟା ନିନାରାଣୀ ସାମଲ, ଥାଲକୁଡ଼ି ସରପଞ୍ଚ ଗୀତାଞ୍ଜଳି ସେଠୀ, ସମିତିସଭ୍ୟା ଅର୍ଚ୍ଚନା ଦାସ, ଥାଲକୁଡ଼ି ପଞ୍ଚାୟତ ବିଯୁଜନତା ଦଳର ସଭାପତି ବିଜୟ ପାତ୍ର, ଥାଲକୁଡ଼ି ପଞ୍ଚାୟତର ଯୁବନେତା ଦୀପକ ବାରିକ, ଥାଲକୁଡ଼ି ପଞ୍ଚାୟତର ପୂର୍ବତନ ସରପଞ୍ଚ ଆନନ୍ଦ ଚନ୍ଦ୍ର ବାରିକ, କମାରଡ଼ିହି ପାକ୍ସ ସଭାପତି ଭାଗିରଥି ସାହୁ, ଦଶରଥପୁର ବ୍ଲକ ଆତ୍ମା ଅଧକ୍ଷ ଅନ୍ନଦା ପାଣ୍ଡବ ଜାଫରପୁର ସରପଞ୍ଚ ସୁରେନ୍ଦ୍ର ବେହୁରିୟା, ବିରିପଟା ପଞ୍ଚାୟତର ବରିଷ୍ଠନେତା ଚିତ୍ତରଞ୍ଜନ ନାୟକ, ବିରିପଟା ପଞ୍ଚାୟତର ପୂର୍ବତନ ସରପଞ୍ଚ ମନୋରଞ୍ଜନ ଦାସ,ବରିଷ୍ଠ ନେତା ରମେଶ ଚନ୍ଦ୍ର ରାଉତ, ପାଲଟପୁର ସମିତିସଭ୍ୟ ଧୀରେନ୍ଦ୍ର ମଲ୍ଲିକ, ଦଶରଥପୁର ବ୍ଲକ ଛାତ୍ର ବିଜେଡି ସଭାପତି ତପନ ରାଉତ,ସମାଜସେବୀ ମହେଶ୍ୱର ଯେନା, ଛାତ୍ର ନେତା ଶଶାଙ୍କ ଶେଖର ନାୟକ, ଛାତ୍ର ନେତା ଚିନ୍ମୟ ମାହୁନ୍ତ, ଥାଲକୁଡ଼ି ପଞ୍ଚାୟତ ଛାତ୍ର ସଭାପତି ନନ୍ଦନ ପୃଷ୍ଟି ପ୍ରମୁଖ ଯୋଗ ଦେଇଥିଲେ।



## ଖମ୍ବେଶ୍ୱରୀପାଲି କଲେଜ ତରଫରୁ ବିଶ୍ୱ ଏଡ଼୍‌ସ ଦିବସ

**ସୋନପୁର, ୧।୧୨ (ସଂଚାର ବ୍ୟୁରୋ):** ସୋନପୁର ବ୍ଲକ ଖମ୍ବେଶ୍ୱରୀପାଲି ସ୍ଥିତ ମାଁ ମାହେଶ୍ୱରୀ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ ର ଯୁବ ରେଡ କ୍ରସ ଓ ରେଡ ରିବନ କ୍ଲବ ତରଫରୁ ବିଶ୍ୱ ଏଡ଼ସ ଦିବସ ପାଳିତ ହୋଇ ଯାଇଅଛି।ଯୁବ ରେଡ କ୍ରସ୍ କାଉନଶିଳର ସୁମନ୍ତ କୁମାର ମିଶ୍ରଙ୍କ ତତ୍ତ୍ୱାବଧାନରେ କଲେଜ ର ସମସ୍ତ ଛାତ୍ର ଛାତ୍ରୀ ମାନଙ୍କୁ ନେଇ ଏକ ସଚେତନତା ରେଲି ମା ମାହେଶ୍ୱରୀ କଲେଜ ଠାରୁ ଖମ୍ବେଶ୍ୱରୀପାଲି ବସ ଷ୍ଟାଣ୍ଡ ପର୍ଯ୍ୟନ୍ତ କରାଯାଇ ଥିଲା। ଛାତ୍ର ଛାତ୍ରୀ ମାନେ ଏଡ଼ସ ରୋଗ ର ଭୟାବହତା,ଏହାର ନିରାକରଣ ଏବଂ ଆମ୍ଭ ମାନଙ୍କ କର୍ତ୍ତବ୍ୟ ବିଷୟରେ ବିଭିନ୍ନ ସ୍ଲୋଗାନ ଦେଇ ସଚେତନତା କରିଥିଲେ। ଶେଷରେ କଲେଜ ଠାରେ ରେ ଏକ ସଭା ଅନୁଷ୍ଠିତ ହୋଇଥିଲା।ଏଥିରେ ବିଶ୍ୱ ଏଡ଼ସ ଦିବସ ଉପଲକ୍ଷେ ଅନୁଷ୍ଠିତ ହୋଇଥିବା ବିଭିନ୍ନ କୃତି ପ୍ରତିଯୋଗୀ ମାନଙ୍କୁ ସାର୍ଟିଫିକେଟ ଓ ଟ୍ରଫି ପ୍ରଦାନ କରା ଯାଇଥିଲା। ଏହି କାର୍ଯକ୍ରମରେ କଲେଜର ଅଧ୍ୟକ୍ଷା ସ୍ୱପ୍ନା ମହାପାତ୍ର, ଅଧ୍ୟାପକ ନାରାୟଣ ନାଏକ, ଖେଳ ଶିକ୍ଷକ ମଦନ ମୋହନ ପୁଟେଲ ଓ ଅନ୍ୟ ମାନଙ୍କ ମଧ୍ୟରେ ଶ୍ରବଣ କୁମାର ମିଶ୍ର, ବେଦବ୍ୟାସ ବାଘ, ସୁନୀଲ ସେଠୀ ଯୋଗଦାନ କରି କାର୍ଯକ୍ରମ କୁ ସହଯୋଗ କରଥିଲେ।

## ଯୋଡା ମହିଳା ମହାବିଦ୍ୟାଳୟରେ ବିଶ୍ୱ ଏଡ଼ସ ଦିବସ



**ଯୋଡା, ୧।୧୨ (ସଂଚାର ବ୍ୟୁରୋ):** ଯୋଡା ମହିଳା ମହାବିଦ୍ୟାଳୟରେ ବିଶ୍ୱ ଏଡସ୍ ଦିବସ ପାଳିତ ହୋଇ ଯାଇଛି । ଏହି ଦିବସ ଉପଲକ୍ଷେ କଲେଜର ରେଡ୍ ରିବନ କ୍ଲବ୍ ତରଫରୁ କଲେଜର ସଭାଗୃହରେ ଛାତ୍ରୀମାନଙ୍କ ପାଇଁ ଏଚଆଇଭି-ଏଡସ୍ ଉପରେ ଏକ ସଚେତନତା ସଭା ଆୟୋଜନ ହୋଇଥିଲା ଓ ଛାତ୍ରୀମାନେ ପରସ୍ପରକୁ ରେଡ ରିବନ ପିନ୍ଧାଇ ସଚେତନ କରିଥିଲେ । ଏହି ସଚେତନତା ସଭାରେ କଲେଜର ଅଧ୍ୟକ୍ଷା ଜୟଶ୍ରୀ ମହାନ୍ତି, ଅଧ୍ୟାପିକା ଗୀତା ମିଶ୍ର, ଅଧ୍ୟାପିକା ଶୁଚିସ୍ମିତା ସିଂ ପ୍ରମୁଖ ଭୟାବହ ଏଡସ୍ ରୋଗ ଉପରେ ବାର୍ତ୍ତା ଦେଇ ଛାତ୍ରୀମାନଙ୍କୁ ସଚେତନ କରାଇ ଥିଲେ । ବକ୍ତାମାନେ ଏଡସ୍ ରୋଗକୁ ଭୟ କର ରୋଗୀକୁ ନୁହେଁ ବୋଲି ମତ ପ୍ରକାଶ କରିଥିଲେ ଏବଂ ମୁଖ୍ୟ ବକ୍ତା ତଥା ଗୃହ ବିଜ୍ଞାନ ବିଭାଗର ଅଧ୍ୟାପିକା ଶୁଚିସ୍ମିତା ସିଂ ଏଡସ୍ କୁ ଜାଣିଲେ ଏଡସ୍ କୁ ଜିଣି ପାରିବା ବୋଲି ନିଜର ମତ ରଖିଥିଲେ । କଲେଜର +3 ୟୁଥ ରେଡ କ୍ରସ କାଉନସିଲ ତଥା ରେଡ ରିବନ୍ କ୍ଲବ ଦାୟିତ୍ୱରେ ଥିବା ଅଧ୍ୟାପକ ଶ୍ରୀ ପବିତ୍ର ମୋହନ କର ସଚେତନତା ସଭାର ମଞ୍ଚ ପରିଚାଳନା କରିଥିଲେ ଓ କଲେଜର +2 ୟୁଥ୍ ରେଡ୍ କ୍ରସ୍ କାଉନସିଲର ତଥା ରେଡ୍ ରିବନ୍ କ୍ଲବ୍ ମୁଖ୍ୟା ଅଧ୍ୟାପିକା ଐଶ୍ୱର୍ଯ୍ୟାମୟୀ ପାତ୍ର ଧନ୍ୟବାଦ ପ୍ରଦାନ କରିଥିଲେ । ବିଶ୍ୱ ଏଡସ୍ ଦିବସ ଉପଲକ୍ଷେ ଛାତ୍ରୀମାନଙ୍କ ମଧ୍ୟରେ ପ୍ରବନ୍ଧ, ବକ୍ତୃତା, କ୍ୱିଜ୍, ଚିତ୍ରାଙ୍କନ,ନାଟକ ଓ ସ୍ଲୋଗାନ ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା ଏବଂ ଏହି ପ୍ରତିଯୋଗିତାର କୃତୀ ଛାତ୍ରୀମାନଙ୍କୁ ସଚେତନତା ସଭା ଶେଷରେ ପୁରସ୍କାର ପ୍ରଦାନ କରାଯାଇଥିଲା ।

## ଭୈରବ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟରେ ବିଶ୍ୱ ଏଡ୍‌ସ ଦିବସ ପାଳିତ

**ବୋରିଗୁମ୍ମା, ୧।୧୨ (ସଂଚାର ବ୍ୟୁରୋ) :** ବୋରିଗୁମ୍ମା ସ୍ଥିତ ଭୈରବ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟରେ ରେଡ ରିବନ କ୍ଲବ ତରଫରୁ ବିଶ୍ୱ ରେଡକ୍ରସ ଦିବସ (୧ ଡିସେମ୍ବର ୨୦୨୪) ପାଳିତ ହୋଇଯାଇଛି । ଏହି କାର୍ଯ୍ୟକ୍ରମରେ ବୋରିଗୁମ୍ମା ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରର ଅଧିକାରୀ ଡ଼.ଦିଲିପ ନାଥ ମୁଖ୍ୟ ଅତିଥି ଭାବେ ଯୋଗ ଦେଇଥିଲେ । ଏହି କାର୍ଯ୍ୟକ୍ରମ ଅଧ୍ୟକ୍ଷ ଦାଶରଥି ଗୌଡଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହୋଇଥିଲା । ଅନ୍ୟ ମାନଙ୍କ ମଧ୍ୟରେ ଅଧ୍ୟାପକ ଡ଼.ପ୍ରଦୀପ କୁମାର ସ୍ୱାଇଁ, ଶ୍ରୀ ସୁଶାନ୍ତ କୁମାର ପଟ୍ଟନାୟକ, ଶ୍ରୀ ମୁରଲୀଧର ଭଞ୍ଜ,ଶ୍ରୀ ବିଶ୍ୱଜିତ ପଣ୍ଡା, ଶ୍ରୀ



ଫକୀର ମୋହନ ସାମନ୍ତ ରାୟ, ଶ୍ରୀ ଗୌରୀ ପ୍ରସାଦ ପଢ଼ାଲ୍, ଶ୍ରୀ ଭାସ୍କର ଚନ୍ଦ୍ର ମହାନ୍ତି, ଶ୍ରୀ ତ୍ରିନାଥ ଦଣ୍ଡସେନା,ଶ୍ରୀ ସାହେବ ଗୌଡ, ଈଶ୍ୱରୀ ପ୍ରଧାନ ପ୍ରମୁଖ ଉପସ୍ଥିତ ଥିଲେ । ଯୁବ ରେଡକ୍ରସ କାଉନସିଲର ଶ୍ରୀ ପଦ୍ମଭୂଷଣ ଦାଶ ସଭା ପରିଚାଳନା କରିଥିଲେ। ବିଶ୍ୱ ରେଡକ୍ରସ ଦିବସରେ ମୁଖ୍ୟ ଅତିଥି, ମୁଖ୍ୟ ବକ୍ତା ଓ ଅଧ୍ୟକ୍ଷ ଛାତ୍ର ଛାତ୍ରୀମାନଙ୍କୁ ଏଚ ଆଇଭି ଏଡ୍‌ସ ଭଳି ଭୟଙ୍କର ରୋଗ ବିଷୟରେ ସଚେତନ କରିଥିଲେ। ଏହି ବିଷୟରେ କଲେଜର ଛାତ୍ର ଛାତ୍ରୀମାନଙ୍କ ଦ୍ୱାରା କୁଇଜ ଓ ଚିତ୍ରାଙ୍କନ ପ୍ରତିଯୋଗିତା କରି ମାନପତ୍ର ଓ ପୁରସ୍କାର ପ୍ରଦାନ ଯାଇଥିଲା । କୁଇଜରେ -ହୀରାଦେଇ ଭତରା ପ୍ରଥମ, ମଥାମଣି ମାଝି ଦ୍ୱିତୀୟ ଓ ଜ୍ୟୋତିସ୍ମିତା ମହାରଣା ତୃତୀୟ ହୋଇଥିଲେ। ଚିତ୍ରାଙ୍କନରେ-ପ୍ରତାପ ଗୌଡ ପ୍ରଥମ,ଦିଲିପ କୁମାର ଭତରା ଓ ସୁରେନ୍ଦ୍ର ଭତ୍ରା ଯୁଗ୍ମ ଦ୍ୱିତୀୟ, ଆଲିମ ହରିଜନ ଓ ଭାରତ ଅମନାତ୍ୟ ଯୁଗ୍ମ ତୃତୀୟ ହୋଇଥିଲେ। ଏହି କାର୍ଯ୍ୟକ୍ରମରେ ଅପରାଜିତା ମାଦଲା ଓ ଏମ୍ ହର୍ଷିତା ଦ୍ୱିତୀୟ ବର୍ଷ ଛାତ୍ରୀଙ୍କୁ ଶ୍ରେଷ୍ଠ ସ୍ୱେଚ୍ଛାସେବୀ ଭାବେ ପୁରସ୍କାର ପ୍ରଦାନ କରାଯାଇଥିଲା । କାର୍ଯ୍ୟକ୍ରମ ଶେଷରେ ଶ୍ରୀ ଅଶୋକ କୁମାର ପଣ୍ଡା ଧନ୍ୟବାଦ ଅର୍ପଣ କରିଥିଲେ ।

## ବ୍ଲକସ୍ତରୀୟ ଶକ୍ତି ସଂରକ୍ଷଣ କୁଇଜ ଓ ସଚେତନତା କାର୍ଯ୍ୟକ୍ରମ

**ବେତନଟୀ, ୧।୧୨ (ସଂଚାର ବ୍ୟୁରୋ):** ସେଣ୍ଟର ଫୋର ଏଭିରାନମେଣ୍ଟାଲ ଷ୍ଟଡି ଓଡିଶା ସରକାରଙ୍କ ସହାୟତାରେ ଜାତୀୟ ଶକ୍ତି ସଂରକ୍ଷଣ ଦିବସ ଉପଲକ୍ଷେ ମହାରାଜା ପ୍ରତାପଚନ୍ଦ୍ର ଉଚ୍ଚ ବିଦ୍ୟାଳୟ ବେତନଟୀରେ ବ୍ଲକ ସ୍ତରୀୟ ଶକ୍ତି ସଂରକ୍ଷଣ କୁଇଜ ଓ ସଚେତନତା କାର୍ଯ୍ୟକ୍ରମ ପ୍ରଧାନ ଶିକ୍ଷକ ଅର୍ଜୁନ ସିଂଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହୋଇ ଯାଇଛି। ଏଥିରେ ୧୪ଟି ବିଦ୍ୟାଳୟର ଛାତ୍ର ଛାତ୍ରୀ ମାନେ ଅଂଶ ଗ୍ରହଣ କରିଥିଲେ। ଏହି ଉପଲକ୍ଷେ ଅନୁଷ୍ଠିତ ପୁରସ୍କାର ବିତରଣ ଉତ୍ସବରେ ମୁଖ୍ୟ ଅତିଥି ଭାବରେ ମୟୂରଭଞ୍ଜ ଜିଲ୍ଲା ଇକୋ କ୍ଲବ ସଂଯୋଜକ ତଥା ମାଷ୍ଟର ଟ୍ରେନର ଡ଼କ୍ଟର ରମାକାନ୍ତ ମହାନ୍ତ ଯୋଗଦାନ କରି ଶକ୍ତି ସଂରକ୍ଷଣ




କୁଇଜ ପ୍ରତି ଯୋଗୀତାରେ ବିଜୟୀ ହୋଇ ପ୍ରଥମ, ଦ୍ୱିତୀୟ ତଥା ତୃତୀୟ ସ୍ଥାନ ଅଧିକାର ଥିବା ଛାତ୍ର ଛାତ୍ରୀ ଯଥା କ୍ରମେ ଅଲିଭା ରାଉତଙ୍କୁ ସାତ ଶହଟଙ୍କା, ହର୍ଷିତ ରାଉତ ପାଞ୍ଚ ଶହ, ଆୟୁଷ କୁମାର ମହାନ୍ତଙ୍କୁ ତିନି ଶହ ଟଙ୍କା ସହିତ ପ୍ରମାଣ ପତ୍ର ପ୍ରଦାନକରିଥିଲେ। ଏଥିରେ ସଠିଲୋ ଉଚ୍ଚ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ତଥା ଜିଲ୍ଲା ସୃଜନୀର ପ୍ରଶିକ୍ଷକ ନରହରି ମହାନ୍ତ, ଇକୋ କ୍ଲବର ଭାରପ୍ରାପ୍ତ ଶିକ୍ଷକ ହେମନ୍ତ କୁମାର ଦାସ,ଏନ ସି ସି ଅଫିସର ପ୍ରକାଶ କୁମାର ଗିରି,ଶିକ୍ଷକ ନିରୋଜ କୁମାର ମହାନ୍ତ,ଶକ୍ତି କ୍ଲବର ଭାରପ୍ରାପ୍ତ ଶିକ୍ଷୟିତ୍ରୀ ମନସ୍ୱୀନୀ ପଟ୍ଟନାୟକ ପ୍ରମୁଖ ସହଯୋଗ କରିଥିଲେ। ଧନ୍ୟବାଦ ଅର୍ପଣ କରିଥିଲେ ଶିକ୍ଷକ ସୁବୋଧ କୁମାର ସାହୁ।

## ଆନନ୍ଦପୁର ମହାବିଦ୍ୟାଳୟର ହୀରକ ଜୟନ୍ତୀ ପ୍ରସ୍ତୁତି




**କେନ୍ଦୁଝର, ୧।୧୨ (ସଂଚାର ବ୍ୟୁରୋ):** ଆନନ୍ଦପୁର ମହାବିଦ୍ୟାଳୟର ୨୯, ୩୦, ୩୧ରେ ଅନୁଷ୍ଠିତ ହୋଉଥିବା ହୀରକ ଜୟନ୍ତୀ ଉତ୍ସବକୁ ସରସ ସୁନ୍ଦର ଓ ଆକର୍ଷଣ କରିବା ସହିତ ମହାସମାରୋହରେ ପାଳନ କରିବା ପାଇଁ ଆଜି ଆନନ୍ଦପୁର ବଡଦାଣ୍ଡ ଠାରେ ଥିବା ଆନନ୍ଦ ଭବନ ଠାରେ ହୀରକ ଜୟନ୍ତୀ କମିଟି ର ସଭାପତି ଶ୍ରୀ ମହେଶ୍ୱର ସାହୁଙ୍କ ସଭାପତିତ୍ୱରେ ଆଲୋଚନା ଏବଂ ପୂର୍ବ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି। ହୀରକ ଜୟନ୍ତୀ ଉତ୍ସବ ଅବସରରେ ସ୍ମରଣିକା ଶାଶ୍ୱତ ପାଇଁ କଲେଜ ସମ୍ପର୍କିତ ଲେଖା, କବିତା ଓ ଗଳ୍ପ ପ୍ରଭୃତି ଡିସେମ୍ବର ମାସ ୧୫ ତାରିଖ ସୁଦ୍ଧା କଲେଜର ପୂର୍ବତନ ଅଧ୍ୟକ୍ଷ ଶ୍ରୀ ରମାକାନ୍ତ ନାୟକଙ୍କ ପାଖକୁ ପଠାଇବା ପାଇଁ ନିଷ୍ପତ୍ତି ହୋଇଛି। ଆନନ୍ଦପୁର କଲେଜର ହୀରକ ଜୟନ୍ତୀ ଉତ୍ସବକୁ ସଫଳ କରିବା ପାଇଁ ପୁରାତନ ଛାତ୍ର ଓ ଛାତ୍ରୀମାନଙ୍କର ଏକ ସମାବେଶ ଆସନ୍ତା ଡିସେମ୍ବର ୧୫ ତାରିଖ ଦିନ ୧୦ ଘଟିକା ସମୟରେ ଆନନ୍ଦପୁର କଲେଜ ପରିସରରେ ଅନୁଷ୍ଠିତ ହେବାକୁ ସ୍ଥିର ହେଇଛି। ପୁରାତନ ଛାତ୍ର ସଂସଦ ର ସଭାପତି ଶ୍ରୀ ରାମଚନ୍ଦ୍ର ସୂର, ରତ୍ନାକର ବାରିକ ଓ ସତ୍ତ୍ୱବ୍ରତ ରାମ ପ୍ରମୁଖଙ୍କୁ ଦାୟିତ୍ୱ ପ୍ରଦାନ କରାଯାଇଛି। ହୀରକ ଜୟନ୍ତୀ ଉତ୍ସବ ରେ ଅତିଥି ମାନଙ୍କୁ ଯୋଗାଯୋଗ ଦାୟିତ୍ୱ ବରିଷ୍ଠ ନେତା ଶ୍ରୀ ଦେବ ଜେନା ଙ୍କୁ ଦାୟିତ୍ୱ ପ୍ରଦାନ କରାଯାଇଛି। ହୀରକ ଜୟନ୍ତୀ ଉତ୍ସବ ର ସମସ୍ତ ପ୍ରକାର ସମନ୍ୱୟ ସହିତ ଯୋଗାଯୋଗ ର ଦାୟିତ୍ୱ ସାମ୍ବାଦିକ ଲୋକନାଥ ସିଂ ଓ ଶତ୍ରୁଘ୍ନ ସାହୁ ଙ୍କୁ ଦିଆଯାଇଛି। ଆନନ୍ଦପୁର କଲେଜ ର ପୂର୍ବତନ ଅଧ୍ୟକ୍ଷ ଶ୍ରୀ ଦିଲ୍ଲୀପ କୁମାର ଦାଶ କୁ ସଂଯୋଗ କରବା ପାଇଁ ନିଷ୍ପତ୍ତି ହୋଇଛି। ଏହି ବୈଠକରେ ସାଧାରଣ ସମ୍ପାଦକ ଶ୍ରୀ ନିରାକାର ଦଳେଇ, ଭଗବାନ ସାହୁ,ପ୍ରଫେସର ପଞ୍ଚାନନ ରାଉତ, ଅଶୋକ କୁମାର ସାହୁ, ବିନୋଦ କୁମାର ମିଶ୍ର, ହରେକୃଷ୍ଣ ପାତ୍ର, ପଦ୍ମନାଭ ପାତ୍ର, ପ୍ରାଣବନ୍ଧୁ ସାହୁ, ରବିନାରାୟଣ ହେତା, ସୋମନାଥ ମିଶ୍ର, କୈଳାଶ ଚନ୍ଦ୍ର ନାୟକ, ରବିନ୍ଦ୍ର କୁମାର ଚାନ୍ଦ, ଅଜୟ କୁମାର ସେଠୀ, ପ୍ରମୁଖ ଙ୍କ ସମେତ ଶତାଧିକ ପୂର୍ବତନ ଛାତ୍ରଛାତ୍ରୀ ମାନେ ଅଂଶଗ୍ରହଣ କରିଥିଲେ।

## ବ୍ୟବସାୟୀ ଗୋପାଳ ପ୍ରସାଦ ଅଗ୍ରୱାଲଙ୍କ ଘରୁ ଚୋରି

**କଳାହାଣ୍ଡି, ୧।୧୨ (ସଂଚାର ବ୍ୟୁରୋ):** କଳାହାଣ୍ଡି ଜିଲ୍ଲା କେସିଙ୍ଗା ସହରରେ ଦିନକୁ ଦିନ ଚୋରି ଡକାୟତି ବଢୁଥିବା ବେଳେ ଏନ୍ ଏଚ ରାସ୍ତା କୁ ଲାଗି କରିଥିବା ଘର ଗୁଡ଼ାକ ମଧ୍ୟ ସୁରକ୍ଷିତ ନ ଥିବା ଜଣା ପଡ଼ିଛି। ସେମିତି ଏକ ଚୋରି ଘଟଣାର ଲିଖିତ ଅଭିଯୋଗ ହୋଇଛି କେସିଙ୍ଗା ଥାନାରେ।ସୂଚନା ଅନୁଯାୟୀ ଗତ ଶନିବାର ରାତିରେ ଇଣ୍ଡିଆନ ପେଟ୍ରୋଲ ପମ୍ପ ପାଖରେ ଥିବା କେସିଙ୍ଗାର ବିଶିଷ୍ଟ ବ୍ୟବସାୟୀ ଗୋପାଳ ପ୍ରସାଦ ଅଗ୍ରୱାଲଙ୍କ ଘରୁ ବଡ଼ ଧରଣର ଚୋରି ହୋଇଛି। ଏକ ବିବାହ କାର୍ଯ୍ୟକ୍ରମରେ ଯୋଗଦେବା ପାଇଁ ପରିବାରର କେବଳ ବଡ଼ ପୁଅ ଓ ବହୁଙ୍କ ବ୍ୟତୀତ ସମସ୍ତେ ବାହାରକୁ ଯାଇଥିବା ବେଳେ ରାତିରେ ଘଟଣା ଘଟିଛି। ବଡ଼ ପୁଅ ଓ ବୋହୂ ଘରର ଉପର ମହଲାରେ ଶୋଇଥିବାରୁ ଚୋରିର ଟେର ମଧ୍ୟ ପାଇଲେ ନାହିଁ। ତାହାର ସୁଯୋଗ ନେଇ ଅଭିଯୁକ୍ତମାନେ ଲିଖିତ ଅଭିଯୋଗ ଅନୁଯାୟୀ ୧୫ ଭରି ସୁନା ଓ ୧୦ ଲକ୍ଷ ଟଙ୍କା ତଳ ଘରେ ଥିବା ନେଇ ଥିବା ଅନୁମାନ କରାଯାଉଛି। କେସିଙ୍ଗା ପୋଲିସକୁ ଅଭିଯୋଗ ହେବାପରେ କେସିଙ୍ଗା ଥାନା ଅଧିକାରୀ ପ୍ରଦ୍ୟୁମ୍ନ ମହାପାତ୍ର ନିଜେ ଘଟଣା ସ୍ଥଳରେ ପହଞ୍ଚି ଚୋରି ଘଟଣାର ତଦନ୍ତ କରିବା ସହ। ବାହାରୁ ସାଇନଟିଫିକ ଟିମ୍ ଓ ସନ୍ଧାନୀ କୁକୁର ର ସାହାଯ୍ୟ ନେଇ ଥିଲେ। ଏଠାରେ ପ୍ରକାଶ ଥାଉକୀ ବ୍ୟବସାୟୀ ଗୋପାଳ ପ୍ରସାଦ ଅଗ୍ରୱାଲଙ୍କ କେସିଙ୍ଗା ବୁଢ଼ାଡଙ୍ଗର ଛକ ଠାରେ ପାୟଲ ନାମକ ଏକ ବିରାଟ କପଡ଼ା ସୋରୁମ୍ ଓ କେସିଙ୍ଗାରେ ଏକ ଜିନ୍ସ ପ୍ୟାଣ୍ଟ କାରଖାନା ମଧ୍ୟ ରହିଛି।ପୋଲିସ ବର୍ତ୍ତମାନ ସି ସି ଟିଭି ସହିତ ଅନେକ ଦିଗରୁ ତଦନ୍ତ କରୁଥିବା ଜଣାପଡିଛି।

# ଠକେଇର ଶିକାର ହେଉଛନ୍ତି ଗ୍ରାହକ



**ଜଗତସିଂହପୁର, ୧।୧୨ (ସଂଚାର ବ୍ୟୁରୋ) :** ଖାଉଟି ସାମଗ୍ରୀ ଅହେତୁକ ମୂଲ୍ୟ ବୃଦ୍ଧି ଗ୍ରାହକଙ୍କ ମେରୁଦଣ୍ଡ ଦୋହଲାଇ ଦେଇଥିବା ବେଳେ ବିଭିନ୍ନ ସାମଗ୍ରୀର ଓଜନରେ ଠକେଇ ଖାଉଟିଙ୍କ ଲାଗି ବୋଝ ଉପରେ ନଳିତା ବିଡା ସଦୃଶ ହୋଇଛି । ଖାଲି ସେତିକି ନୁହେଁ କମ୍ପାନୀ ପ୍ୟାକେଟରେ ସାମଗ୍ରୀ ପରିମାଣରେ ତାରତମ୍ୟ ପରିଲକ୍ଷିତ ହେଉଛି । ଆଖି ସାମ୍ନାରେ ହେଉଛି ସତ କିନ୍ତୁ ଯେଉଁ ଓଜନ ନିକିତି ବା ମେସିନ କଣ୍ଟାରେ କରାଯାଉଛି, ତାହା କେତେ ଠିକ ତାକୁ ଦେଖିବାକୁ କେହି ନାହିଁ । ବୈଧମାପ ବିଜ୍ଞାନ ବା ଲିଗାଲ ମେଟ୍ରୋଲୋଜି ବିଭାଗ ଦୃଢ଼ ପଦକ୍ଷେପ ନେଉନଥିବାରୁ ଦିନକୁ ଦିନ ଠକେଇ ବଢିବାରେ ଲାଗିଛି। ଏଥିରେ କିଛି ଅସାଧୁ ବ୍ୟବସାୟୀ ମାଲେମାଲ ହେଉଥିବା ବେଳେ ଖାଉଟି ତଳିତଳାନ୍ତ ହେଉଛନ୍ତି।

କେତେକ ଅସାଧୁ ବ୍ୟବସାୟୀ ଗ୍ରାହକକୁ ଲୁଟି ବେଶ ଲାଭବାନ ହେଉଥିଲା ବେଳେ ସେମାନଙ୍କୁ ଦଣ୍ଡିତ କରିବା ତ ଦୂରର କଥା ଯାଞ୍ଚ କାର୍ଯ୍ୟ ବି ଠିକ ଢ଼ଙ୍ଗରେ ହେଉନାହିଁ । ପରିବା ଦୋକାନ, ଫଳ ଦୋକାନ, ଆମିଷ, ରାସନ ଦୋକାନରେ ମାତ୍ରାଧିକ ଓଜନରେ ଠକେଇ ହେଉଛି। କେତେକ ବ୍ୟବସାୟୀଙ୍କ ନିକଟରେ ନିକିତି ଥିଲା ବେଳେ ଆଉ କେତେକ ବ୍ୟବସାୟୀଙ୍କ ପାଖରେ ଡିଜିଟାଲ ଓଜନ ମେସିନ ରହିଛି ଯାହା ଫଳରେ ନିକିତିରେ ଗ୍ରାହକଙ୍କୁ ଠକେଇ କରିବା ସୁବିଧା ହେଉଛି । ଗ୍ରାହକଟି ଟିକିଏ ଅନ୍ୟମନସ୍କ ହେଲେ ଠକିଯିବାର ଯଥେଷ୍ଟ ସମ୍ଭାବନା ରହିଛି। ସେହିପରି ନିକିତି ତଳେ ଚୁମ୍ବକ ଲଗାଇ ଓଜନରେ ଠକେଇ କରାଯାଇଥିବା ବେଳେ ସଠିକ ବଟକରା ବଦଳରେ ଘୋରି ହୋଇଯାଇଥିବା ବଟକରା ବ୍ୟବହାର କରାଯାଉଛି । ସେହିଭଳି ପରିବା କ୍ରୟ ବେଳେ ମଧ୍ୟ ସମାନ ଅବସ୍ଥା। ଅନେକ ପରିବା ବ୍ୟବସାୟୀ ତରବର ଭାବେ ସାମଗ୍ରୀ କ୍ରୟ କରୁଥିବା ଗ୍ରାହକକୁ ଠକିବା ପାଇଁ ଉପରୋକ୍ତ ଉପାୟ ଅବଲମ୍ବନ କରୁଛନ୍ତି ।

ଯେଉଁମାନେ ଡ଼ିଜିଟାଲ ଓଜନ ମେସିନ ରଖିଛନ୍ତି, ସେଥିମଧ୍ୟରୁ କେତେକ ମେସିନରେ ଓଜନ ଦେଖାଉଥିବା ସଂଖ୍ୟା(ଡ଼ିସପ୍ଲେ) ଖରାପ କିମ୍ବା ଠିକ ଭାବେ ଦେଖାଯାଉ ନଥିଲେ ବି ସେହି ମେସିନ କଣ୍ଟାରେ ଓଜନ କରାଯାଉଛି । ରାସନ ଦୋକାନରେ ବହୁ ବ୍ୟବସାୟୀ ଗ୍ରାହକଙ୍କ ଠାରୁ ବହୁ ଦୂରରେ ଓଜନ ମେସିନ ରଖିଥିବା ଦେଖିବାକୁ ମିଳୁଛି । ଗ୍ରାହକ ଯେଭଳି ଜାଣିନପାରିବ ସେଥିପାଇଁ ଓଜନ ମେସିନ ସମ୍ମୁଖରେ ରାସନ ସାମଗ୍ରୀ ରଖିଦିଆଯାଉଛି । ବିଶେଷ କରି ଜଗତସିଂହପୁର ଜିଲ୍ଲାର ୮ଟି ବ୍ଲକ ୨ଟି ପୌରାଞ୍ଚଳରେ ପଞ୍ଚାୟତ ସ୍ତରରେ ଗାଁ ଏବଂ ପୌରାଞ୍ଚଳ ଗଳିକନ୍ଦିରେ ଥିବା ଦୋକାନ ଗୁଡିକରେ ଅଧିକାଂଶ ଠକେଇ ହେଉଥିବା ଦେଖିବାକୁ ମିଳୁଛି । ଏହାକୁ ନିୟନ୍ତ୍ରଣ କରିବା ପାଇଁ ଥିବା ବୈଧମାପ ବିଜ୍ଞାନ ବିଭାଗ ନିଷ୍କ୍ରିୟ ପାଲଟିଛି। ଅତ୍ୟାବଶ୍ୟକ ସାମଗ୍ରୀ ମହଙ୍ଗା ମାଡ଼ରେ ଗ୍ରାହକ ହନ୍ତସନ୍ତ ହେଉଥିଲା ବେଳେ ମାନ ଓଜନରେ ଠକେଇ ଗ୍ରାହକଙ୍କ ମେରୁଦଣ୍ଡକୁ ଭାଙ୍ଗି ଦେଉଛି ବୋଲି ଦେଖିବାକୁ ମିଳୁଛି ।